



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-265 •BHUBANESWAR •WEDNESDAY •20 MARCH 2024 •PAGE-16 •₹ 6.00
•ବର୍ଷ-୪୧ •ସଂଖ୍ୟା-୨୬୫ •ଭୁବନେଶ୍ୱର •ବୁଧବାର •୨୦ ମାର୍ଚ୍ଚ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


## ବିଜେଡି-ବିଜେପି ମେଣ୍ଟ ଚର୍ଚ୍ଚା ମଧ୍ୟରେ କାର୍ତ୍ତିକ ପାଣ୍ଡିଆନଙ୍କ ବଡ଼ ବୟାନ

# ଭୋଟ ରାଜନୀତି ଊର୍ଦ୍ଧ୍ୱରେ 'ମେଣ୍ଟ'

- ମେଣ୍ଟ ସମ୍ପର୍କରେ ଆଲୋଚନା ଦେଶ ଓ ରାଜ୍ୟର ବୃହତ୍ତର ସ୍ୱାର୍ଥ ନିମନ୍ତେ ଉଦ୍ଦିଷ୍ଟ
- ତୃତୀୟଥର ପ୍ରଧାନମନ୍ତ୍ରୀ ହେବା ପାଇଁ ମୋଦୀଙ୍କୁ ବିଜେଡିର ଆବଶ୍ୟକତା ନାହିଁ
- ନିର୍ବାଚନରେ ବିଜୟୀ ହେବାକୁ ନବୀନଙ୍କୁ ବିଜେପିର ସହଯୋଗ ଲୋଡ଼ାନାହିଁ
- ଲୋକପ୍ରିୟତା ପାଇଁ ମୁଖ୍ୟମନ୍ତ୍ରୀ ତିନି ଚତୁର୍ଥାଂଶ ଆସନରେ ବିଜୟୀ ହୋଇଛନ୍ତି
- ଦୁଇ ରାଷ୍ଟ୍ରନେତା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ବନ୍ଧୁତ୍ୱ ଅତ୍ୟନ୍ତ ଘନିଷ୍ଠ
- ଆଗକୁ କ'ଣ ଘଟିବ, ତାହା ଠିକ୍ ସମୟରେ ସମସ୍ତେ ଜାଣିପାରିବେ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯ ।୩ (ସମିସ): ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ମେଣ୍ଟକୁ ନେଇ ଚାଲିଥିବା କଳ୍ପନାଜଳ୍ପନା ଜାରି ରହିଛି। ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଚର୍ଚ୍ଚା ହେଉଛି। ମେଣ୍ଟ ସଂକ୍ରାନ୍ତ ଅନେକ କାଳ୍ପନିକ କାହାଣୀ ରାଜନୈତିକ ମହଲରେ ଘୂରି ବୁଲୁଛି। ଏହାରି ମଧ୍ୟରେ ବିଜେଡି ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ 'ମେଣ୍ଟ' ପ୍ରସଙ୍ଗରେ ଟିପ୍ପଣୀ ରାଜ୍ୟର ରାଜନୈତିକ ମାହୋଲକୁ ପୁଣିଥରେ ଉଷ୍ମ କରି ଦେଇଛି। ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ମେଣ୍ଟ ହେବ କି ନାହିଁ, ସେ ସମ୍ପର୍କରେ ସେ କିଛି ସ୍ପଷ୍ଟ ମତ ରଖିନାହାନ୍ତି; ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘନିଷ୍ଠ ସମ୍ପର୍କ ଉପରେ ଆଲୋକପାତ କରି 'ମେଣ୍ଟ' ଭୋଟ ରାଜନୀତିର ଊର୍ଦ୍ଧ୍ୱରେ ବୋଲି ମତ ଦେଇଛନ୍ତି।

ନୂଆଦିଲ୍ଲୀରେ 'ନ୍ୟୁଜ୍ ୧୮' ରାଇଜିଂ ଭାରତ କନ୍‌କ୍ଲେଭ୍‌ରେ ଓଡ଼ିଶାରେ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀଦଳ ବିଜେପି ମଧ୍ୟରେ ସମ୍ଭାବ୍ୟ ମେଣ୍ଟ ସଂକ୍ରାନ୍ତ ଏକ ପ୍ରଶ୍ନରେ ଶ୍ରୀ ପାଣ୍ଡିଆନ ଅତ୍ୟନ୍ତ ସ୍ପଷ୍ଟ ଓ ସରଳ ଭାବରେ ଦେଶ ତଥା ରାଜ୍ୟର ସାମ୍ପ୍ରତିକ ରାଜନୈତିକ ସ୍ଥିତି ଉପରେ ଆଲୋକପାତ କରିଛନ୍ତି। ଓଡ଼ିଶାରେ ୬ଷ୍ଠଥର କ୍ଷମତାସୀନ ହେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ବିଜେପିର ସହଯୋଗ ଆବଶ୍ୟକ ନାହିଁ। ନିକଟରେ ପଞ୍ଚାୟତ ନିର୍ବାଚନରେ ବିଜେଡି ୯୫%ରୁ ▶ପୃଷ୍ଠା-୯



"ଅନେକ ସମୟରେ ରାଜନୈତିକ ଦଳମାନେ ନିର୍ବାଚନ ଜିତିବାକୁ ବା ନିର୍ବାଚନ ଗଣିତକୁ ପ୍ରଭାବିତ କରିବାକୁ ମେଣ୍ଟ କରିଥାନ୍ତି। ମାତ୍ର ଓଡ଼ିଶା କ୍ଷେତ୍ରରେ ଦୁଇ ଜନନାୟକ ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକ ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହୁଁଛନ୍ତି, ଯାହା ରାଷ୍ଟ୍ରନାୟକତ୍ୱର ପରିଚୟ ଦେଉଛି। ନିବିଡ଼ ବନ୍ଧୁତ୍ୱ ଆଧାରରେ ସେମାନେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଏପରି କିଛି ଦେଖୁଛନ୍ତି ଏବଂ ଅନୁଭବ କରୁଛନ୍ତି। ରାଜନୀତି ସହ ଏହାର କୌଣସି ସମ୍ପର୍କ ନାହିଁ। ଏହା ରାଜନୀତିଠାରୁ ବହୁ ଊର୍ଦ୍ଧ୍ୱରେ।"

## ମୁଖ୍ୟମନ୍ତ୍ରୀ ମୋର ଗୁରୁ

- ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ପ୍ରତିବଦ୍ଧତାରେ ଅନୁପ୍ରାଣିତ
- ନବୀନଙ୍କ ନେତୃତ୍ୱରେ ଓଡ଼ିଶାରେ ଆଧ୍ୟାତ୍ମିକ ସରକାର
- ବିଜେଡି ହେଉଛି ରାଜ୍ୟ ବିକାଶ ଓ ରୂପାନ୍ତରଣର ଇଞ୍ଜିନ୍
- ଓଡ଼ିଶାବାସୀ ହିଁ ବାଛିବେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତରାଧିକାରୀ

■ ଭୁବନେଶ୍ୱର, ୧୯।୩ (ସମିସ): ନବୀନ ପଟ୍ଟନାୟକ ହେଉଛନ୍ତି ମୋ ଗୁରୁ। ତାଙ୍କର ନୀତି ଓ ଆଦର୍ଶ ମୋ ପାଇଁ ପ୍ରେରଣାର ସ୍ରୋତ। ତାଙ୍କରି ଦିଗ୍‌ଦର୍ଶନରେ ମୁଁ ରାଜନୀତିରେ ଯୋଗ ଦେଇଛି। ମୁଖ୍ୟମନ୍ତ୍ରୀ କେବେ ବି ରାଜନୀତି ପାଇଁ ରାଜନୀତି କରନ୍ତି ନାହିଁ; ସେ ରାଜନୀତିକୁ ଜନସେବା ବୋଲି ଭବନ୍ତି। ଏହି ତାଙ୍କର ସଫଳତାର ଏକମାତ୍ର ରହସ୍ୟ ଓ ଯେଉଁଥିପାଇଁ କ୍ରମାଗତ ଭାବେ ଅଢେଇ ଦଶନ୍ଧି ଧରି ସେ ଓଡିଶାବାସୀଙ୍କ ଆଶା ଓ ଭରସା ଜିତି ଆସିଛନ୍ତି, ପ୍ରତି ନିର୍ବାଚନରେ ତାଙ୍କ ପ୍ରତି ଓଡିଶାବାସୀଙ୍କ ଭଲପାଇବା ବଢୁଛି ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ନ୍ୟୁଜ-୧୮ର ରାଇଜିଂ ଭାରତ କାର୍ଯ୍ୟକ୍ରମରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସେବାକୁ ହିଁ ରାଜନୀତି ବୋଲି ଭାବନ୍ତି। ଓଡ଼ିଶାବାସୀଙ୍କ ସେବା ଆଉ ଉନ୍ନତି ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ। ରାଜ୍ୟର ସବୁ ଶ୍ରେଣୀର ଲୋକଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅବିଶ୍ରାନ୍ତ ଭାବେ କାମ କରୁଛନ୍ତି। ସେଥିପାଇଁ ପ୍ରତି ଥର ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଜନତାଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ି ବଢ଼ି ଚାଲିଛି। ପ୍ରତି ନିର୍ବାଚନରେ ବିଜେଡିର ଭୋଟ ହାର ବଢୁଛି। ▶ପୃଷ୍ଠା-୯

# ସିଏଏ ଉପରେ ଅଙ୍କୁଶକୁ ସୁପ୍ରିମକୋର୍ଟଙ୍କ ନା

■ ନୂଆଦିଲ୍ଲୀ, ୧୯।୩ (ଏଜେନ୍ସି): ନାଗରିକତା ସଂଶୋଧନ ଆଇନ (ସିଏଏ) ଏବଂ ଏହାର ନିୟମାବଳୀର କାର୍ଯ୍ୟକାରିତା ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ସାରା ଦେଶରେ ସିଏଏ ଲାଗୁ ହେବା ପରେ ଏହାକୁ ବିଭିନ୍ନ ସ୍ତରରେ ବିରୋଧ କରାଯାଇ ଏହା ଉପରେ ରୋକ୍ ଲଗାଇବାକୁ ଉଦ୍ୟମ କରାଯାଇଥିଲା। ଏହିକ୍ରମରେ ସୁପ୍ରିମକୋର୍ଟରେ ୨୩୭ଟି ପିଟିସନ ଦାଏର ହୋଇଥିଲା ବେଳେ ଏଥିମଧ୍ୟରୁ ୨୦ଟିରୁ ଅଧିକ ଆବେଦନରେ ତୁରନ୍ତ ସିଏଏର କାର୍ଯ୍ୟକାରିତା ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ନ୍ୟାୟାଳୟକୁ ନିବେଦନ କରାଯାଇଥିଲା। କିନ୍ତୁ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ମଙ୍ଗଳବାର ଶୁଣାଣି କରି ସିଏଏ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି। ▶ପୃଷ୍ଠା-୯



- ସିଏଏକୁ ବିରୋଧ କରି ସର୍ବୋଚ୍ଚ ନ୍ୟାୟାଳୟରେ ୨୩୭ ପିଟିସନ
- କେନ୍ଦ୍ରକୁ ନୋଟିସ୍ ଜାରି; ଏପ୍ରିଲ ୯ରେ ପରବର୍ତ୍ତୀ ଶୁଣାଣି

# ମାଲାୟାଲମ୍ କବି ପ୍ରଭା ବର୍ମାଙ୍କୁ 'ସରସ୍ୱତୀ ସମ୍ମାନ'

■ ଭୁବନେଶ୍ୱର, ୧୯ । ୩ (ସମିସ): ୨୦୨୩ ମସିହା ପାଇଁ ପ୍ରସିଦ୍ଧ ମାଲାୟାଲମ୍ କବି ପ୍ରଭା ବର୍ମା ପାଇବେ ମର୍ଯ୍ୟାଦାଜନକ ସରସ୍ୱତୀ ସମ୍ମାନ। ମାଲାୟାଲମ୍ ଭାଷାରେ ରଚିତ କବିତା ଗ୍ରନ୍ଥ 'ରୌଦ୍ର ସାତ୍ତ୍ୱିକମ୍' ଏବଂ ୨୦୧୩ରୁ ୨୦୨୨ ମସିହା ମଧ୍ୟରେ ସାହିତ୍ୟ ଜଗତକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ସମ୍ମାନ ପାଇବା ନିମନ୍ତେ ମନୋନୀତ ହୋଇଛନ୍ତି। ଏ ବାବଦରେ ତାଙ୍କୁ ପ୍ରଶଂସାପତ୍ର, ଫଳକ ଓ ୧୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କେ.କେ. ବିର୍ଲା ଫାଉଣ୍ଡେସନ୍ ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ପ୍ରତିବର୍ଷ ନୂଆଦିଲ୍ଲୀସ୍ଥିତ କେ.କେ. ବିର୍ଲା ଫାଉଣ୍ଡେସନ୍ ପକ୍ଷରୁ ଭାରତୀୟ ଭାଷାର ଜଣେ ସାହିତ୍ୟିକଙ୍କ ଏକ ଉଚ୍ଚକୋଟୀର କୃତିକୁ ସରସ୍ୱତୀ ସମ୍ମାନ ପ୍ରଦାନ କରାଯାଇଥାଏ। ୨୦୨୩ ମସିହା ନିମନ୍ତେ ୧୩ସଦସ୍ୟ ବିଶିଷ୍ଟ ମନୋନୟନ କମିଟି ପ୍ରଭା ବର୍ମାଙ୍କ 'ରୌଦ୍ର ସାତ୍ତ୍ୱିକମ୍' ପୁସ୍ତକକୁ ଏହି ସମ୍ମାନ ପାଇବା ପାଇଁ ଚୟନ କରିଛନ୍ତି। ଏହା ଏକ ଆଧୁନିକ ମହାକାବ୍ୟ। ୨୦୨୨ ମସିହାରେ ପ୍ରକାଶିତ ଏହି କବିତା ଗ୍ରନ୍ଥରେ ରାଜନୀତି ଓ କ୍ଷମତା, ବ୍ୟକ୍ତି ଓ ରାଜ୍ୟ, କଳା ଓ ଶକ୍ତି ମଧ୍ୟରେ ଥିବା ▶ପୃଷ୍ଠା-୯






ADITYA MOTORS: CUTTACK, BHUBANESWAR: 7873999400, UTKAL AUTOMOBILES: BHUBANESWAR, CUTTACK: 8929207515, BASANTI AUTO AGENCY: BALASORE: 7574808558, KRISHNA AUTOMOTIVE: ROURKELA: 8929207509, GN AUTONATION: SAMBALPUR: 9311772663, JHARSUGUDA: 9311772664, VISWAJEET UDYOG PVT. LTD.: BERHAMPUR: 9289220868



# ଓଡ଼ିଆଙ୍କ ପରିଚୟ ପଖାଳ

ଆଜି ବିଶ୍ୱ ପଖାଳ ଦିବସ । ପଖାଳର ନିବିଡ଼ତା ଓଡ଼ିଆ ଜାତି ସହ କାହିଁ କେଉଁ କାଳରୁ ଯୋଡ଼ି ହୋଇରହିଛି । ପ୍ରତି ଓଡ଼ିଆଙ୍କର ପସନ୍ଦର ଖାଦ୍ୟ ହେଉଛି ପଖାଳ । ଖରାଦିନ ଆସିଲେ ଖୋଜାପଡ଼େ ପଖାଳ କଂସା । ପଖାଳ ହେଉଛି ସଭିଙ୍କର ପ୍ରିୟ ଖାଦ୍ୟ । ଆମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରିୟ ପଖାଳ । ଶ୍ରୀମନ୍ଦିରର ଟଙ୍କ ତୋରାଣି ଏହାର ପ୍ରମାଣ । ଖରାଦିନେ ପଖାଳ କଂସାରେ ହିଁ ଓଡ଼ିଆଙ୍କୁ ଶାନ୍ତି ମିଳିଥାଏ । ଓଡ଼ିଶାରେ ପଖାଳର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏଥିପାଇଁ ଓଡ଼ିଆ ଜାତିର ଏକ ଅନନ୍ୟ ବିଶେଷତ୍ୱ ହେଉଛି ପଖାଳ । ଯେତେ ଯାହା ଖାଇଲେ ବି ପଖାଳ ଟିକେ ଖାଇଦେଲେ ମନକୁ ଶାନ୍ତି ଓ ତୃପ୍ତି ମିଳିଥାଏ । ଖରାଦିନ ହେଉ ଅବା ଅନ୍ୟଦିନ, ଗରିବ ହେଉ ବା ଧନୀ ସମସ୍ତଙ୍କ ଲୋଡ଼ା ପଖାଳ କଂସା । ଉଦୁଉଦିଆ ଖରାବେଳରେ କଂସାଏ ପଖାଳ ଖାଇଦେଲେ କଥା ସରିଲା । ସତେକି ଖରାଦିନର ଅମୃତ ଏହି ପଖାଳ । ଖରାଦିନର ତାତି ବେଳେ ପେଟରେ ଗଣ୍ଡେ ପଖାଳ ପଡିଗଲେ ତା'ର ମଜ୍ଜା ନିଆରା । ତାତିରୁ ଟିକେ ଆରାମ ପାଇବା ପାଇଁ ବା ପେଟ ଗରମ ଓ ଦେହରେ ଜଳୀୟ ଅଂଶ କମିଯିବା ଭଳି ରୋଗର ପ୍ରତିକାର ନିମନ୍ତେ ପଖାଳକୁ ରାମବାଣ ଭଳି ଗ୍ରହଣ କରାଯାଏ । ଏକଦା ଗରିବଙ୍କ ସହଜ ଖାଦ୍ୟ ଭାବେ ପରିଚିତ ଓଡ଼ିଆଙ୍କ ପ୍ରିୟ ପଖାଳ ଏବେ ମାଟିପିଣ୍ଡାରୁ ଯାଇ ପଞ୍ଚତାରକା ହୋଟେଲର ଡାଇନିଂ ଟେବୁଲରେ ଶୋଭା ପାଇଲାଣି । ଆଗକାଳରେ ସିନା ପଖାଳ ସହ ଶୁଖୁଆ ଥିଲା ପାରମ୍ପରିକ ସାଥୀ । ଏବେ କିନ୍ତୁ ପଖାଳ ସହ ଚୂନା ମାଛଭଜା ଓ ଛତୁ ଆଦି ପରଷା ଯାଉଛି । ଏହାକୁ ଦୃଷ୍ଟିରେ ରଖି, ବିଶ୍ୱର କୋଣଅନୁକୋଣରେ ଓଡ଼ିଆଙ୍କର ଏହି ପାରମ୍ପରିକ ଓ ସୁସ୍ୱାଦୁ ଖାଦ୍ୟକୁ ଲୋକପ୍ରିୟ କରାଇବାକୁ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ପଖାଳ ଦିବସ' ଭାବେ ପାଳନ କରାଯାଉଛି । କେବଳ ଓଡ଼ିଶାରେ ରହୁଥିବା ଲୋକ ନୁହଁନ୍ତି, ବରଂ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ଏହି ଦିନ ପଖାଳ ଖାଇ ଏହି ଦିବସ ପାଳନ କରିବା ସହ ଗ୍ରୀଷ୍ମକୁ ମଧ୍ୟ ସ୍ୱାଗତ କରିଥାନ୍ତି । ଓଡ଼ିଶାର ପରମ୍ପରା ଓ ସଂସ୍କୃତି ସହିତ ଜଡ଼ିତ 'ପଖାଳ'କୁ ସାରା ବିଶ୍ୱରେ ପରିଚିତ କରାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ ।

# ବିଶ୍ୱ ଘରଚଟିଆ ଦିବସ



ସହରର ଉଚ୍ଚ ଅଟ୍ଟାଳିକାଗୁଡ଼ିକ ମଧ୍ୟରେ ଆଉ ଶୁଭୁନି ଘରଚଟିଆମାନଙ୍କର କିଚିରିମିଚିରି ଶବ୍ଦ । ଦିନଥିଲା ଏହି ଛୋଟିଆ ପକ୍ଷୀଟି ଗାଁ, ସହର ପ୍ରତ୍ୟେକ ସ୍ଥାନରେ ଦେଖାଯାଉଥିଲେ । ଘରଚଟିଆର କିଚିରିମିଚିରି ଶବ୍ଦ ନ ଥିଲେ ଗାଁ ଗାଁ ପରି ଲାଗେନା । ସରଳ, ନିରୀହ ଏହି ପକ୍ଷୀଟି ସବୁବେଳେ ମଣିଷ ପାଖେପାଖେ ରହି ତା'ର ମନ ଜିଣିବାକୁ ସମର୍ଥ ହୋଇଛି । ଅନେକ ଅଞ୍ଚଳରେ ଘରଚଟିଆକୁ ଶୁଭ ବୋଲି ବିବେଚନା କରାଯାଏ । ସେଥିପାଇଁ କେତେକ ଆଦିବାସୀ ସମ୍ପ୍ରଦାୟରେ ଘରକାନ୍ଥରେ ଘରଚଟିଆ ଚିତ୍ର ଆଙ୍କିଥାନ୍ତି । ପୂର୍ବରୁ ଘରଚଟିଆମାନେ ଚାଳ ଘରଗୁଡ଼ିକରେ ବସା ବାନ୍ଧି ରହୁଥିଲେ, ଅଣ୍ଡାରୁ ଛୁଆ ଫୁଟାଉଥିଲେ । ବସା ତିଆରି ପାଇଁ ବାଛି ନେଉଥିଲେ ଗଳିକନ୍ଦି ଜାଗା । ଏବେ କିନ୍ତୁ ଏହି ପକ୍ଷୀ ବିଲୁପ୍ତି ପଥରେ । ପୋକଜୋକ ଖାଇ ପ୍ରକୃତିର ଭାରସାମ୍ୟ ରକ୍ଷାରେ ସାହାଯ୍ୟ କରୁଥିବା ଘରଚଟିଆ ଏବେ ନିଜେ ଘର ଖୋଜୁଛି । ଘରଚଟିଆର ସୁରକ୍ଷା ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ଘରଚଟିଆ ଦିବସ' ଭାବେ ପାଳନ କରାଯାଏ । ଘରଚଟିଆଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବାରୁ ଏହି ଦିବସ ପାଳନ କରାଯାଉଛି । ଭାରତୀୟ ପରିବେଶବିତ୍ ମହମ୍ମଦ ଦିଲାୱର୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ 'ଦ ନେଚର୍ ଫର୍‌ଏଭର୍ ସୋସାଇଟି' ଦ୍ୱାରା ଏହି ଦିବସ ପାଳନ ଦିଗରେ ପଦକ୍ଷେପ ଆରମ୍ଭ କରାଯାଇଥିଲା । ୨୦୧୦ ମସିହାରେ ପ୍ରଥମ ଥର ପାଇଁ 'ବିଶ୍ୱ ଘରଚଟିଆ ଦିବସ' ପାଳନ କରାଯାଇଥିଲା । ବହୁମାତ୍ରାରେ କୀଟନାଶକ ବ୍ୟବହାର, ଗୃହନିର୍ମାଣ ଢାଞ୍ଚାରେ ପରିବର୍ତ୍ତନ ଓ ଘର ସହ ସଂଲଗ୍ନ ବଗିଚା ହ୍ରାସ ପାଇବା ଯୋଗୁଁ ଏହା ଏକ ବିରଳ ପକ୍ଷୀ ହେବାର ମୁଖ୍ୟ କାରଣ କୁହାଯାଉଛି । ଏହାସହିତ ମୋବାଇଲ୍ ଓ ଟିଭି ଟାୱାରଗୁଡ଼ିକରୁ ହେଉଥିବା ବିକିରଣ ଘରଚଟିଆମାନଙ୍କ ମୃତ୍ୟୁର ଅନ୍ୟତମ କାରଣ ହୋଇଛି । ଘରଚଟିଆମାନଙ୍କୁ ସୁରକ୍ଷା ଦେବା ପାଇଁ ଭାରତବର୍ଷରେ ବିଭିନ୍ନ ରାଜ୍ୟର ଏନ୍‌ଜିଓମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଏକଥା ମନେ ରଖିବା ଉଚିତ ଯେ, ପରିବେଶରୂପୀ ଶରୀରର ଏକ ପ୍ରମୁଖ ଅଙ୍ଗ ହେଉଛି ଘରଚଟିଆ । ଯଦି ବେଳ ଥାଉ ଥାଉ ତା'ର ଯତ୍ନ ନ ନେବା ଆମ ପରିବେଶ ପାଇଁ ଏହା ପ୍ରତିକୂଳ ପରିବେଶ ସୃଷ୍ଟି କରିବ । ତେବେ ସମସ୍ତେ ସଚେତନ ରହିଲେ ଘର ଚଟିଆ ବିଲୁପ୍ତପ୍ରାୟରୁ ପୂର୍ବ ସ୍ଥିତିକୁ ଫେରିଆସିବ ।

# ଜିମ୍‌ରେ ଏଆଇ ଟ୍ରେନର



ଏବେ ସ୍ୱାସ୍ଥ୍ୟ ତଥା ଫିଟ୍‌ନେସ୍ କ୍ଷେତ୍ରରେ ସାମିଲ ହୋଇଛି କୃତ୍ରିମ ବୁଦ୍ଧିମତ୍ତା । ଦିନକୁ ଦିନ ଏଆଇର ଉପଯୋଗ କରୁଥିବା ଫିଟ୍‌ନେସ୍ ଆପ୍ଲିକେସନ୍ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବା ବେଳେ ଅନେକ ଲୋକ ଚାଟ୍‌ଜିପିଟିକୁ ମଧ୍ୟ ନିଜ ପାଇଁ ୱାର୍କଆଉଟ୍ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ କହୁଛନ୍ତି । ଏଭଳି କ୍ଷେତ୍ରରେ ଆମେରିକା ଟେକ୍ସାସ୍‌ରେ ଖୋଲିଛି ଏକ ସ୍ୱତନ୍ତ୍ର ଜିମ୍ । ଏହାର ନାଁ ଲ୍ୟୁମିନ୍ ଫିଟ୍‌ନେସ୍ । ଏଠାରେ ଲୋକେ ଏଆଇ ଟ୍ରେନର୍ ସହିତ ବ୍ୟାୟାମ କରନ୍ତି । ୱାର୍କଆଉଟ୍ ସମୟରେ କରାଯାଉଥିବା ମୁଭ୍‌ମେଣ୍ଟ ଉପରେ ଏଆଇ ଟ୍ରେନର କଥା ମାଧ୍ୟମରେ ଫିଡ୍‌ବ୍ୟାକ୍ ଦେଇଥାଏ । ସେହିପରି ଜିମ୍ କାନ୍ଥରେ ଏଲ୍‌ଇଡି ସ୍କ୍ରିନ୍ ଲାଗିଛି । ଏହି ସ୍କ୍ରିନ୍ ମାଧ୍ୟମରେ ଏଆଇ ପର୍ସନାଲ ଟ୍ରେନର ଏକକାଳୀନ ୧୪ ଜଣଙ୍କୁ ଟ୍ରେନିଂ ପ୍ରଦାନ କରିବାକୁ ସକ୍ଷମ । ସେହିପରି ପ୍ରତ୍ୟେକ ଲୋକଙ୍କର ନିଜସ୍ୱ ଏକ ଷ୍ଟେସନ ରହିଛି । ସ୍କ୍ରିନ୍ ପଛରେ ଲାଗିଥିବା ସେନ୍‌ସର୍ ଜଣେ ବ୍ୟକ୍ତି କରୁଥିବା ବ୍ୟାୟାମଗୁଡ଼ିକ ଓ ସେ ବ୍ୟବହାର କରୁଥିବା ବ୍ୟାୟାମ ଉପକରଣ ଯଥା ଡମ୍ବେଲ, ସ୍କିପିଂ ଦଉଡ଼ି ଆଦିକୁ ଟ୍ରାକ୍ କରେ । ତା'ସହ ୱାର୍କଆଉଟ୍ କରିବା ସମୟରେ ହେଡ୍‌ଫୋନ୍ ମାଧ୍ୟମରେ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇଥାଏ । ଜିମ୍‌ରେ ଲାଗିଥିବା ସେନ୍‌ସର ପ୍ରତ୍ୟେକ ଲୋକଙ୍କୁ ମନିଟର କରେ । ତା'ସହ ଏହାକୁ ଉପଯୋଗ କରାଯାଇ ଯଦିଓ ମାନବ ଟ୍ରେନର ବିକଳ୍ପ ଖୋଜାଯାଉ ନାହିଁ, ତଥାପି ସେମାନଙ୍କୁ ଉନ୍ନତମାନର ତାଲିମ ଦେବା ପାଇଁ ଏକ ଉପକରଣ ପ୍ରଦାନ କରାଯାଉଥିବା ଜିମ୍ ସିଇଓ ବ୍ରେଡନ ବିନ୍ କହିଛନ୍ତି । ତେବେ ବିଶେଷଜ୍ଞଙ୍କ ଅନୁସାରେ ଏଆଇକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ, ଏହା ଲୋକଙ୍କୁ ବ୍ୟାୟାମ କରିବା

## ଆଜିର ଇତିହାସ

- ୧୬୦୨- ୟୁନାଇଟେଡ୍ ଇଷ୍ଟ ଇଣ୍ଡିଆ କମ୍ପାନି ଅଫ୍ ନେଦରଲ୍ୟାଣ୍ଡର ସ୍ଥାପନା ।
- ୧୯୨୦-ଲଣ୍ଡନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ବିମାନ ଉଡ଼ାଣ ଆରମ୍ଭ ।
- ୧୯୭୭-ଇନ୍ଦିରା ଗାନ୍ଧୀ ଲୋକସଭା ନିର୍ବାଚନରେ ପରାଜିତ ହେଲେ ।
- ୧୯୮୨- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା ।
- ୨୦୧୪- ଲେଖକ ଖୁସୱନ୍ତ ସିଂହଙ୍କ ଦେହାନ୍ତ ।
- ୨୦୧୬- ଆମେରିକାର ରାଷ୍ଟ୍ରପତି ବାରାକ୍ ଓବାମା କ୍ୟୁବାରେ ପହଞ୍ଚିଲେ ।

# ବୃକ୍ଷରୋପଣ, ସୁରକ୍ଷା ଉଦ୍ଦେଶ୍ୟରେ

## ୧୬ ଘଣ୍ଟା ଗଛକୁ ଆଲିଙ୍ଗନ କଲେ ଯୁବତୀ



ବୃକ୍ଷ ହିଁ ଜୀବନ । ବୃକ୍ଷ ବିନା ଜୀବଜଗତ ଅସମ୍ଭବ । ସୁସ୍ଥ ପରିବେଶ ପାଇଁ ବୃକ୍ଷର ଆବଶ୍ୟକତା ଅଧିକ ରହିଥିବାବେଳେ ଅଧିକାଂଶ ପ୍ରକୃତିର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତି । ଏହାସହ ସମାଜରେ ଅନ୍ୟମାନଙ୍କୁ ଗଛ ଲଗାଇବା ଓ ଏହାର ଉପକାରିତା ବିଷୟରେ ବୁଝାନ୍ତି । ଆଫ୍ରିକୀୟ ଦେଶ ଉଗାଣ୍ଡାର ରାଜଧାନୀ କମ୍ପାଲାରେ ରହୁଥିବା ୨୯ ବର୍ଷୀୟା ପରିବେଶବିତ୍ ଫେଥ୍ ପେଟ୍ରିସିୟା ଏରିୟୋକୋଟ ଅନ୍ୟ ଲୋକଙ୍କୁ ଗଛ ଲଗାଇବା ଏବଂ ସେଗୁଡ଼ିକର ସୁରକ୍ଷା କରିବା ଉଦ୍ଦେଶ୍ୟରେ ଗୋଟିଏ ବୃକ୍ଷକୁ ଅଧିକ ସମୟ ଆଲିଙ୍ଗନ କରି ଏକ ନୂଆ ରେକର୍ଡ କରିଛନ୍ତି । ସେ ଏହି ବୃକ୍ଷକୁ ୧୬ ଘଣ୍ଟା ୬ସେକେଣ୍ଡ ଧରି ଆଲିଙ୍ଗନ କରିଥିଲେ । ଫେଥ୍ କୁହନ୍ତି, ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବାରେ ଗଛର ପ୍ରମୁଖ ଭୂମିକା ରହିଛି । ତେବେ ଶହ ଶହ ବୃକ୍ଷ ମଧ୍ୟରୁ ଗୋଟିଏ ବୃକ୍ଷକୁ ଆଲିଙ୍ଗନ କରିବା ଉଦ୍ଦେଶ୍ୟରେ ବାଛିବା ତାଙ୍କ ପାଇଁ ବେଶ୍ କଷ୍ଟକର ଥିଲା । ଶେଷରେ ତାଙ୍କୁ ଗୋଟିଏ ଗଛ ଦେଖି ସେହି ଗଛଟି ତାଙ୍କ ପାଇଁ ତିଆରି ହୋଇଥିବା ଅନୁଭବ ହୋଇଥିଲା ବୋଲି ସେ କହିଛନ୍ତି । ତେବେ ଏହି ରେକର୍ଡ କରିବା ସମୟରେ ଫେଥ୍ ଆଦୌ ବ୍ରେକ୍ ନେଇ ନ ଥିଲେ । ଗୋଟିଏ ମାସ ମଧ୍ୟରେ ଏହା ଥିଲା ତାଙ୍କର ତୃତୀୟ ପ୍ରୟାସ । ଦୁଇ ଥର ହାର ମାନିବା ପରେ ସେ ତୃତୀୟ ପ୍ରୟାସରେ ଗଛକୁ ଆଲିଙ୍ଗନ କରି ରେକର୍ଡ କରିଥିଲେ । ତେବେ ତୃତୀୟ ପ୍ରୟାସରେ ମାତ୍ର ୯ ଘଣ୍ଟା ପରେ ସେ ହାର୍ ମାନିଯାଉଥିବା ବେଳେ ଗଛ ଠାରୁ ତାଙ୍କୁ ଅଧିକ ସମୟ ଠିଆ ହେବା ପାଇଁ ପ୍ରେରଣା ମିଳିଥିବା କଥା ଫେଥ୍ କୁହନ୍ତି । ସେ କୁହନ୍ତି, ଗଛର ଭାବନା ଶକ୍ତି ରହିଛି । ମଣିଷ କେଉଁ ପରିସ୍ଥିତି ଦେଇ ଗତି କରୁଛି ତାହା ଗଛ ଜାଣିପାରେ । ତାଙ୍କ ରେକର୍ଡ ବିଷୟରେ ଜାଣିବା ପରେ ପ୍ରତ୍ୟେକ ଲୋକ ଗଛ ଲଗାଇବେ ବୋଲି ଫେଥ୍ ଆଶା ରଖିଛନ୍ତି ।

# ଝୁଲନ୍ତା ଫୁଟବଲ୍ ପଡ଼ିଆ

ବିଶ୍ୱର ପ୍ରତ୍ୟେକ ଦେଶ ଏବେ ଟେକ୍ନୋଲଜି ଦ୍ୱାରା ନିଜର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଲାଗିଛନ୍ତି । ଏହି କ୍ରମରେ ଚୀନ୍‌ରେ ଏପରି ଏକ ଫୁଟବଲ୍ ମୈଦାନ୍ ତିଆରି କରାଯାଇଛି, ଯାହା ଅନେକଙ୍କୁ ଚକିତ କରିବ । ଏହି ଫୁଟବଲ ପଡ଼ିଆର ସ୍ୱତନ୍ତ୍ରତା ଏହା ଯେ, ଯେଉଁମାନେ ନିର୍ଭୀକ ସେମାନେ ହିଁ ଏହି ଖେଳ ପଡ଼ିଆରେ ଖେଳିପାରିବେ । ସବୁଠୁ ଆଶ୍ଚର୍ଯ୍ୟର କଥା ଯେ, ସାଧାରଣତଃ ଖେଳ ପଡ଼ିଆ ମାଟି ବା ଚଟାଣରେ ହୋଇଥିବାବେଳେ ଏହି ଫୁଟବଲ ଗ୍ରାଉଣ୍ଡ ଦୁଇଟି ପାହାଡ଼ ମଝିରେ ଝୁଲନ୍ତା ଅବସ୍ଥାରେ ରହିଛି । ନେଟ୍ ଦ୍ୱାରା ଏହାକୁ ତିଆରି କରାଯାଇଛି । ନିକଟରେ ଏହି ଫୁଟବଲ୍ ମୈଦାନର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଏଠାରେ ଲୋକେ ବେଶ୍ ହସଖୁସିରେ ଫୁଟବଲ୍ ଖେଳୁଥିବାର ଭିଡିଓରେ ଦେଖାଯାଇଛି ।



# ସାଉଥ୍‌ରେ ଡେବ୍ୟୁ କରିବେ ରଣବୀର



ଏଇ କିଛି ବର୍ଷ ହେଲାଣି ସାଉଥ୍‌ର ଆଗଧାଡ଼ିର ନିର୍ଦ୍ଦେଶକମାନେ ବଲିଉଡ୍‌ରେ ଏବଂ ବଲିଉଡ୍‌ର ଖ୍ୟାତନାମା ନିର୍ଦ୍ଦେଶକମାନେ ସାଉଥ୍‌ରେ କାମ କରିବା ଏକ ଟ୍ରେଣ୍ଡ ପାଲଟିଛି । ଗତବର୍ଷ କିଙ୍ଗ୍ ଖାନ୍ ଶାହାରୁଖ୍ ଦକ୍ଷିଣ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏଟ୍‌ଲିଙ୍କ ସହ 'ଯବାନ୍' ଫିଲ୍ମରେ କାମ କରିଥିଲେ । ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ଏବେ ରଣବୀର ସିଂହ ମଧ୍ୟ ସାଉଥ୍ ଫିଲ୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି । ଦକ୍ଷିଣର ଜଣାଶୁଣା ନିର୍ଦ୍ଦେଶକ ପା ରଞ୍ଜିତ୍‌ଙ୍କର ଏକ ଆକ୍ସନ୍ ଫିଲ୍ମରେ ରଣବୀର କାମ କରିବେ । ବିଗତ କିଛି ମାସ ହେଲାଣି ରଞ୍ଜିତ୍ ଓ ରଣବୀରଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଛି । ରଣବୀର ମଧ୍ୟ ଏହି ଫିଲ୍ମ କରିବାକୁ ବେଶ୍ ଆଗ୍ରହୀ ଥିବା ଜଣାପଡ଼ିଛି । ଫିଲ୍ମର କାହାଣୀ ବିର୍ସା ମୁଣ୍ଡାଙ୍କ ଉପରେ ଆଧାରିତ ବୋଲି କୁହାଯାଉଛି । ଚଳିତବର୍ଷ ମଧ୍ୟ ଆଡ଼କୁ ଏହାର ସୁଟିଂ ଆରମ୍ଭ ହେବ । ତେବେ ଏନେଇ ବିଧିବଦ୍ଧ ଭାବେ ରଞ୍ଜିତ୍ କି ରଣବୀର କୌଣସି ସୂଚନା ଦେଇନାହାନ୍ତି । ରଣବୀରଙ୍କ କାମ କଥା କହିବାକୁ ଗଲେ ସେ ଆଦିତ୍ୟ ଧରଙ୍କ ଏକ ଆକ୍ସନ୍ ଫିଲ୍ମରେ ନଜର ଆସିବେ । ଏହାବାଦ୍ ସେ 'ଡନ୍-୩' ରେ ମଧ୍ୟ ଲିଡ୍ ରୋଲରେ ଦେଖାଯିବେ ।

# ନିଜ ସହ କଥାହେଲେ ବଢ଼େ ଆତ୍ମବିଶ୍ୱାସ !

ଅଧିକାଂଶ ଲୋକଙ୍କର ନିଜ ସହ କଥାହେବା (ସେଲଫ୍ ଟକ୍) ଅଭ୍ୟାସ ରହିଛି । ସେମାନଙ୍କର ଏହି ଅଭ୍ୟାସକୁ ଅନେକ ପାଗଳାମି ବୋଲି ଭାବନ୍ତି । ଏପରିକି ମାନସିକ ସ୍ତରରେ ଏଭଳି ଲୋକ ଠିକ୍ ନ ଥିବା କୁହାଯାଏ । କିନ୍ତୁ ନିଜ ସହ ନିଜେ କଥା ହେବା କୌଣସି ବିକାର ନୁହେଁ । ସେହିପରି ଅନେକ ଗବେଷଣାରୁ ଜଣାପଡ଼ିଛି ଯେ, ନିଜ ସହ ନିଜେ କଥା ହେଉଥିବା ଲୋକ ମାନସିକ ସ୍ତରରେ ବେଶ୍ ମଜଭୁତ୍ ହୋଇଥାନ୍ତି । ଏହା ସହ ନିଜ ଭିତରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ । ତା'ସହ ଜଣେ ଯଦି ନିରାଶ ମଧ୍ୟରେ ଗତି କରୁଛି କିମ୍ବା ଅନ୍ୟ କାହା ସହ କଥା ହେବାକୁ ଇଚ୍ଛା କରୁ ନାହିଁ, ତେବେ ସେଲଫ୍ ଟକ୍ ଅଭ୍ୟାସରେ ନିଜକୁ ପକାଇବା ଭଲ । ସେଲ୍‌ଫ ଟକ୍ କାର୍ଯ୍ୟକ୍ଷମତା ଓ ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣିଥାଏ । ଏହାବାଦ୍ ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ସାଙ୍ଗକୁ ଅବସାଦ ହ୍ରାସ ପାଏ । ନିଜ ସହ କଥା ହେବା ଦ୍ୱାରା ନିର୍ଣ୍ଣୟ ନେବା କ୍ଷମତାରେ ଉନ୍ନତି ପରିଲକ୍ଷିତ ହୁଏ । ଏପରିକି ଏହା ବିପରୀତ ପରିସ୍ଥିତିରେ ସକାରାତ୍ମକ ଚିନ୍ତାଧାରାରେ ରହିବାରେ ସାହାଯ୍ୟ କରେ ।



## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ । ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ । ପ୍ରିୟଜନଙ୍କଠାରୁ ଉପହାର ପାଇବେ ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଜମି ବିବାଦ ମାମଲା ସମାଧାନ ହେବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । କାଳୀ ମା'ଙ୍କ ପୂଜା କରନ୍ତୁ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ । ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ । ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ । ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ । ଧାର୍ମିକ ଯାତ୍ରା କରିପାରନ୍ତି ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । କମ୍ ସମୟରେ ଅଧିକ କାମ କରିବେ । ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ । ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ । ନିବେଶ ପାଇଁ ଅନୁକୂଳ ସମୟ ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ । ବିବାହ ପ୍ରସ୍ତାବ ଆସିବ ।

**କୁଳଡିହା ଅଭୟାରଣ୍ୟରେ ଶିକାରୀଙ୍କ ଉପଦ୍ରବ**

# ଶିକାରୀ ଗୁଳିରେ ୨ ବନ କର୍ମଚାରୀ ଗୁରୁତର

**ବାଲେଶ୍ୱର/ନୀଳଗିରି,୧୯ ।୩(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଶିକାର ପାଇଁ ବାଧା ଦେବାରୁ ଶିକାରୀଙ୍କ ଗୁଳିରେ ୨ଜଣ ବନ କର୍ମଚାରୀ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସେମାନେ ହେଲେ, ଫରେଷ୍ଟଗାର୍ଡ ସିଂରାୟ ହେମ୍ବ୍ରମ୍, ସବୁଜ ବାହିନୀ କର୍ମଚାରୀ କ୍ଷୀତିଶ ପରିଡ଼ା ଓ ବିରଞ୍ଚି ଜେନା। ସେମାନଙ୍କୁ ପ୍ରଥମେ ନୀଳଗିରି ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଦୁଇଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟାରେ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, କୁଳଡିହା ୱାଇଲ୍ଡ ଲାଇଫ୍ ରେଞ୍ଜ ଅନ୍ତର୍ଗତ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟ ବିଟ୍ କେନ୍ଦୁନାଳ ଗାଁ ନିକଟସ୍ଥ ଜଙ୍ଗଲରେ ବନବିଭାଗର କର୍ମଚାରୀ ନାଇଟ ପାଟ୍ରୋଲିଂ କରୁଥିବା ବେଳେ ଦୁଇଜଣ ଶିକାରୀ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲ ଭିତରେ ପଶିଥିବା ଜାଣି ପାରିଥିଲେ। ବନ କର୍ମଚାରୀ ସେମାନଙ୍କୁ ପିଛା କରି ଅଭୟାରଣ୍ୟର ଧନସୁଆ ଚତୁରୀ ନିକଟରେ ଅଟକାଇଥିଲେ। ତେବେ ଧରାପଡ଼ିଯିବା ଭୟରେ ଶିକାରୀଦ୍ୱୟ ବନ କର୍ମଚାରୀଙ୍କ ଉପରକୁ ଅତର୍କିତ ଗୁଳି ଚାଳନା କରିଥିଲେ। ଏଥିରେ ରାତି ପାଟ୍ରୋଲିଂ ଦାୟିତ୍ୱରେ ଥିବା ଜଣେ ଫରେଷ୍ଟଗାର୍ଡ ଓ ଦୁଇଜଣ ସବୁଜ ବାହିନୀ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ପରେ ରାତି ଅନ୍ଧାରର ସୁଯୋଗ ନେଇ ଶିକାରୀମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଉପସ୍ଥିତ ବନ କର୍ମଚାରୀମାନେ ଅତ୍ୟନ୍ତ ସାହସିକତାର ସହ ଦୁଇ ଶିକାରୀଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିବାରେ ସକ୍ଷମ ହୋଇଥିଲେ। ଶିକାରୀଦ୍ୱୟ ହେଲେ, ନୀଳଗିରି ଥାନା ଶ୍ୟାମସୁନ୍ଦରପୁର କଣ୍ଟାବଣିଆ ଗ୍ରାମର ଗୁନା ସିଂ (୩୦) ଓ ବରମ୍ପପୁର ଥାନା ଅନ୍ତର୍ଗତ ସିଆଡ଼ିମାଳ ଗ୍ରାମର ସନିଆ ସିଂ (୪୦)। ବନବିଭାଗ ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ, ଏଭଳି ଏକ ସମ୍ବେଦନଶୀଳ ଏବଂ ପ୍ରଥମଥର ପାଇଁ କୁଳଡିହା ଅଭୟାରଣ୍ୟରେ ଘଟିଥିବା ଖବର ପାଇ ବାରିପଦାରୁ ଅତିରିକ୍ତ ବନ ସଂରକ୍ଷକ ତପନ ପରିଡ଼ା ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି।



- **ଦୁଇଜଣଙ୍କୁ କଟକ ସ୍ଥାନାନ୍ତର, ଅନ୍ୟ ଜଣେ ଆହତ ବାଲେଶ୍ୱରରେ ଚିକିତ୍ସାଧୀନ**
- **ଦୁଇ ଶିକାରୀଙ୍କୁ ଗିରଫ କଲା ବନ ବିଭାଗ**
- **ଘଟଣାସ୍ଥଳ ପରିଦର୍ଶନ କଲେ ଅତିରିକ୍ତ ବନ ସଂରକ୍ଷକ**

# 'ହାତ' ଛାଡ଼ିଲେ ବିଧାୟକ ଅଧିରାଜ



**ଭୁବନେଶ୍ୱର, ୧୯ ।୩ (ସମିସ):** କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ। ସେ ଦଳର ସମସ୍ତ ପଦପଦବୀ ସହ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଥିବା ସଂକ୍ରାନ୍ତ ଚିଠି ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଖଡ଼ିଆଳବାସୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ସେ କଂଗ୍ରେସ ଛାଡ଼ୁଥିବା ନିଜ ଇସ୍ତଫା ପତ୍ରରେ ଅଧିରାଜ ଉଲ୍ଲେଖ କରିଛନ୍ତି। ସେ ତାଙ୍କ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି ଯେ ଗତ୨୫ ବର୍ଷ ହେବ ନିଷ୍ଠାର ସହ ଉଭୟ ଦେଶ ଓ ରାଜ୍ୟ ପାଇଁ କାର୍ଯ୍ୟ କରିଛନ୍ତି। କଂଗ୍ରେସ ଏଥିପାଇଁ ସୁଯୋଗ ଦେଇଥିବାରୁ ସେ କୃତଜ୍ଞ। ମାତ୍ର ତାଙ୍କ ଅଞ୍ଚଳବାସୀଙ୍କ ନିଷ୍ପତ୍ତି ଆଧାରରେ ସେ କଂଗ୍ରେସ ତ୍ୟାଗ କରୁଛନ୍ତି।

ଅନ୍ୟପକ୍ଷରେ ସେ ଆଗାମୀ ନିର୍ବାଚନ ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ପ୍ରସଙ୍ଗକୁ ଅଧିରାଜ ଅସ୍ୱୀକାର କରିନାହାନ୍ତି। ସେ କହିଛନ୍ତି ଯେ ଆଗାମୀ କାର୍ଯ୍ୟପନ୍ଥା ନେଇ କର୍ମକର୍ତ୍ତାଙ୍କ ସହ ଆଲୋଚନା ଜାରି ରହିଛି। ଆଲୋଚନା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ୨୦୨୪ ନିର୍ବାଚନ ସେ ନିଶ୍ଚୟ ଲଢ଼ିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟରେ କଂଗ୍ରେସର ସ୍ଥିତି ଦୁର୍ବଳ ହୋଇଛି। ମାତ୍ର କଂଗ୍ରେସର କୌଣସି ନେତାଙ୍କ ସହ ତାଙ୍କର ମନାନ୍ତର ନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଏହି ସମୟରେ ଅନେକ ନେତା ଦଳ ଛାଡ଼ନ୍ତି, ମାତ୍ର ଏହା କଂଗ୍ରେସ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। କଂଗ୍ରେସରୁ ପ୍ରାର୍ଥୀ ହେବାକୁ ବହୁ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି ବୋଲି ଶରତ କହିଛନ୍ତି।

# ହାଇକୋର୍ଟ ୱେବସାଇଟ୍‌ରେ ସୂଚିତ ହେବ ମାମଲାର ତ୍ରୁଟି

**କଟକ,୧୯ ।୩(ସମିସ):** ଯଦି କୌଣସି ମାମଲାରେ ତ୍ରୁଟି ଦେଖାଯାଏ, ତେବେ ଏହି ତ୍ରୁଟି ହାଇକୋର୍ଟର ୱେବ୍‌ସାଇଟ୍‌ରେ ସୂଚିତ କରାଯିବ। ସେହିପରି ଏହି ମାମଲାର ରେକର୍ଡ ଏକ ପୃଥକ୍ ବିଭାଗ ଯଥା କମ୍ପ୍ୟୁଟର ଫାଇଲ୍ (ଡିଫେକ୍ଟ ଶାଖା)ରେ ରଖାଯିବ। କୋର୍ଟର ୱେବସାଇଟ୍‌ରେ ତ୍ରୁଟି ବିଷୟରେ ସୂଚନା ଦିଆଯିବାର ଏକ ମାସ ଭିତରେ ସଂପୃକ୍ତ ଓକିଲ କିମ୍ବା ପକ୍ଷଙ୍କ ଦ୍ୱାରା ମାମଲାରେ ରହିଥିବା ତ୍ରୁଟି ସୁଧାରାଯାଇପାରିବ। ଏ ସଂକ୍ରାନ୍ତରେ ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ସେହିପରି ନୂତନ ପଞ୍ଜୀକରଣ ବ୍ୟବସ୍ଥା ଅଧୀନରେ କୋର୍ଟରେ ଦାଖଲ ହୋଇଥିବା ମାମଲାରେ ଚିହ୍ନଟ ହୋଇଥିବା ତ୍ରୁଟିକୁ ପରିବର୍ତ୍ତିତ ଷ୍ଟାଣ୍ଡିଂ ଆଦେଶନାମା ପ୍ରକାଶ ତାରିଖଠାରୁ ଏକ ମାସ ମଧ୍ୟରେ ହଟାଯିବ।

# ସାରା ରାଜ୍ୟରେ ବର୍ଷା, କୋହଲା ପାଗ

**ଭୁବନେଶ୍ୱର, ୧୯ ।୩ (ସମିସ):** ସାରା ରାଜ୍ୟରେ କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହିଛି। ମଙ୍ଗଳବାର ଦିନତମାମ ରାଜ୍ୟରେ ଏଭଳି ସ୍ଥିତି ଯୋଗୁଁ ଅଧିକାଂଶ ସ୍ଥାନରେ ତାପମାତ୍ରା ପ୍ରାୟ ୫-୭ ଡିଗ୍ରୀ ପର୍ଯ୍ୟନ୍ତ ତଳକୁ ଖସିଛି। ଏହାଦ୍ୱାରା ତାତି ଓ ଗୁଳୁଗୁଳିରୁ ସାମୟିକ ଆଶ୍ୱସ୍ତି ମିଳିଥିଲେ ମଧ୍ୟ ବର୍ଷାର ପ୍ରଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଗତ ୩୬ ଘଣ୍ଟାରେ ଯାଜପୁରରେ ସର୍ବାଧିକ ୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ହୀରାକୁଦରେ ୩୦ ମିମି, ଦାରିଙ୍ଗବାଡ଼ି ୨୬, ଝାରସୁଗୁଡ଼ାରେ ୨୪, ଢେଙ୍କାନାଳରେ ୨୧, ସମ୍ବଲପୁର ଓ ସୁନ୍ଦରଗଡ଼ରେ ୧୭, ତାଳଚେର ୧୫, ଦେବଗଡ଼ ୧୪ ଓ ଅନୁଗୁଳରେ ୧୦ ମିମି ବର୍ଷା ରେକର୍ଡ କରାଯାଇଛି। ଏହାବ୍ୟତୀତ ଅନ୍ୟ ଅଞ୍ଚଳଗୁଡ଼ିକରେ ମଧ୍ୟ ବର୍ଷାର ପରିମାଣ ୧-୧୦ ମିମି ମଧ୍ୟରେ ରେକର୍ଡ କାରଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ଭଳି ବୁଧବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ଏଭଳି ପାଗ ଜାରି ରହିବ। ମୁଖ୍ୟତଃ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ପବନ ବହିବାର ଥିବା ବେଳେ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼ ଓ ଜଗତ୍‌ସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭-୧୧ସେମି) ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରାଯାଇଛି। ରାଜ୍ୟ ଉପରେ ବର୍ତ୍ତମାନ ଏକ ନିମ୍ନଚାପ ଓ ଘୁରୁଚାପବଳୟର ପ୍ରଭାବ ରହୁଛି। ଯେଉଁଥିପାଇଁ ସୋମବାର ରାତିଠାରୁ ଉତ୍ତର ଓଡ଼ିଶା ବିଭିନ୍ନ ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଦିନତମାମ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ତେବେ ବର୍ତ୍ତମାନ ବର୍ଷା ଯୋଗୁଁ ତାପମାତ୍ରା ହ୍ରାସ ହୋଇଛି। ମଙ୍ଗଳବାର ୭ଟି ସ୍ଥାନରେ ତାପମାତ୍ରା ୨୭ ଡିଗ୍ରୀ ତଳେ ରହିଥିବା ବେଳେ ୨୩.୮ ଡିଗ୍ରୀ ସହ ଢେଙ୍କାନାଳରେ ରାଜ୍ୟର ଦିନର ତାପମାତ୍ରା ସବୁଠାରୁ କମ୍ ରେକର୍ଡ ହୋଇଛି। ଏହି ସ୍ଥିତି ଆହୁରି ୨-୩ ଦିନ ଜାରି ରହିବା ସହ ୨୨ ତାରିଖଠାରୁ ତାପମାତ୍ରା ଧୀରେଧୀରେ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ୨୨ରୁ ୨୮ ତାରିଖ ପରେ କିଛି ଜିଲ୍ଲାରେ ତାପମାତ୍ରା ୪-୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ଓ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ନିକଟତର ହେବ।




- **ଯାଜପୁରରେ ଢାଳିଲା ୬୬ ମିମି**
- **୨୩ ଡିଗ୍ରୀକୁ ଖସିଗଲା ଦିନ ତାପମାତ୍ରା**
- **ଆସନ୍ତାକାଲି ବି ରହିବ ସମାନ ସ୍ଥିତି**
- **୨୨ ପରେ ତାପମାତ୍ରା ୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ**

**ଏସ୍‌ସିବିରେ ନୂଆ ଜୀବନ ପାଇଲେ ଯୁବକ**

# ପିଠିରୁ ବାହାରିଲା କାଠଖଣ୍ଡ

**କଟକ,୧୯ ।୩(ସମିସ):** ଏସ୍‌ସିବି ମେଡିକାଲର କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍) ବିଭାଗରେ ଏକ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଜଣେ ଯୁବକଙ୍କ ପିଠିରେ କାଠ ଖଣ୍ଡ ପଶି ରହିଥିଲା। ପ୍ରାୟ ୫ ଘଣ୍ଟାର ଅସ୍ତ୍ରୋପଚାର ପରେ ଯୁବକଙ୍କ ପିଠିରୁ କାଠ ଖଣ୍ଡ କଢ଼ାଯାଇଛି। ସିଟିଭିଏସ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଏହି ଅସ୍ତ୍ରୋପଚାର କରିଛନ୍ତି। ଡାକ୍ତର ପଟ୍ଟନାୟକଙ୍କ କହିବା ଅନୁସାରେ, ଏହି ଅସ୍ତ୍ରୋପଚାର ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ରହିଥିଲା। ଗଭୀର ଆଘାତ ଯୋଗୁଁ ଯୁବକଙ୍କ ଶରୀରରେ ସଂକ୍ରମଣ ହେବାର ସମ୍ଭାବନା ମଧ୍ୟ ଥିଲା। କିନ୍ତୁ କୌଣସି ସଂକ୍ରମଣ ପରିଲକ୍ଷିତ ହୋଇନାହିଁ। ସେ ବିପଦମୁକ୍ତ ଅଛନ୍ତି ବୋଲି ଡାକ୍ତର କହିଛନ୍ତି।

ଘଟଣାରୁ ପ୍ରକାଶ ଯେ ମୟୂରଭଞ୍ଜ ଉଦଳା ଅଞ୍ଚଳର ଅମ୍ବୋଦର ମାରାଣ୍ଡି (୧୭) ରବିବାର ସନ୍ଧ୍ୟାର ମହୁଲ ଫୁଲ ତୋଳିବା ପାଇଁ ଗଛରେ ଚଢ଼ିଥିଲେ। ଦୁର୍ଭାଗ୍ୟବଶତଃ ସେ ଗଛରୁ ଖସି ପଡ଼ିବା ଯୋଗୁଁ ତାଙ୍କ ପିଠିରେ ଗଛର ଏକ ଡାଳ ଭାଙ୍ଗି ପଶି ଯାଇଥିଲା। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଅମ୍ବୋଦରଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ସଂକଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯାଇଥିଲା। କାଜୁଆଲିଟିରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଅମ୍ବୋଦରଙ୍କୁ ସିଟିଭିଏସ୍ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ସିଟିଭିଏସ୍ ବିଭାଗୀୟ ମୁଖ୍ୟ ଡାକ୍ତର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ ହୋଇଥିଲା। ଯେଉଁଥିରେ ଆନାସ୍ଥେସିଆ, ୟୁରୋଲୋଜି, ଜେନେରାଲ ସର୍ଜନ ଓ ହୃଦ୍‌ରୋଗ ବିଭାଗର ଡାକ୍ତରମାନେ ରହିଥିଲେ। ସୋମବାର ରାତି ୯ଟାରୁ ବିଳମ୍ବିତ ରାତି ୨ଟା ପର୍ଯ୍ୟନ୍ତ ଅସ୍ତ୍ରୋପଚାର କରାଯାଇ ତାଙ୍କ ପିଠିରୁ କାଠଖଣ୍ଡକୁ କଢ଼ାଯାଇଥିଲା।



**ସିଟିଭିଏସ୍ ବିଭାଗରେ ସଫଳ ଅସ୍ତ୍ରୋପଚାର**

## ଲୋକକଥା



ଅହଂକାରର ଏ ପରବତ ସତେ
ରୁଷିଆର ରାଷ୍ଟ୍ରପତି,
ପୁଣି ବିଶ୍ୱଯୁଦ୍ଧ ଧମକ ଦେଲେଣି
ଭୋଟ ଗଲାପରେ ଜିତି !
ଆଗକୁ କିହେବ ସ୍ଥିତି,
କେତେ ଅହଂକାର ଏ ଧରାବକ୍ଷରୁ
ହୋଇ ଯାଇଅଛି ଇତି !!

# ବ୍ରହ୍ମପୁରରୁ ଅପମିଶ୍ରିତ ମସଲା କାରଖାନା ଠାବ

**୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ, ମାଲିକ ଗିରଫ**

**ବ୍ରହ୍ମପୁର, ୧୯ ।୩ (ସମିସ):** ନକଲି ଘିଅ, ଗୁଟ୍‌ଖା, ଆଚାର ପରେ ଏବେ ବ୍ରହ୍ମପୁରରେ ନକଲି ତଥା ଅପମିଶ୍ରିତ ମସଲା ଗୁଣ୍ଡର ସନ୍ଧାନ ପାଇଛି ପୁଲିସ। ବଡ଼ବଜାର ଥାନା ଅନ୍ତର୍ଗତ ବ୍ରଜରାଜନଗର ଚତୁର୍ଥ ଲାଇନ୍‌ରେ ଥିବା ଏକ ଗୋଦାମରେ ଚଢ଼ଉ କରି ପୁଲିସ ବିପୁଳ ପରିମାଣର ଅପମିଶ୍ରିତ ମସଲା ଗୁଣ୍ଡ ଓ ସରଞ୍ଜାମ ଜବତ କରିଛି। ଏହାସହ ଗୋଦାମ ମାଲିକ ଶିବଶଙ୍କର ସାହୁଙ୍କୁ ପୁଲିସ୍ ଗିରଫ କରିଛି।

ସୂଚନାଯୋଗ୍ୟ ଯେ ଦୀର୍ଘଦିନ ଧରି ଏଠାରେ ଅପମିଶ୍ରିତ ମସଲା ପ୍ରସ୍ତୁତି ହେଉଥିବା ନେଇ ସୂଚନା ପାଇ ବଡ଼ବଜାର ଥାନା ପୁଲିସ ପକ୍ଷରୁ ମଙ୍ଗଳବାର ଚଢ଼ଉ ହୋଇଥିଲା। ଗୋଦାମରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଓ ମସଲା ଗୁଣ୍ଡକୁ ଅପମିଶ୍ରିତ କରି ବଜାରରେ ବିକ୍ରି କରାଯାଉଥିବା ପୁଲିସ ଜାଣିବାକୁ ପାଇଥିଲା। ସେହି କ୍ରମରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏସ୍‌ଆଇ ରଞ୍ଜିତ କୁମାର ଦାଶ ଓ ଥାନାର ଅନ୍ୟ କର୍ମଚାରୀମାନେ ବ୍ରଜରାଜନଗର ଚତୁର୍ଥ ଲାଇନ୍‌ରେ ଶିବଶଙ୍କର ସାହୁଙ୍କ ଗୋଦାମରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଗୋଦାମରୁ ବହୁ ପରିମାଣର ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଜିରା ଗୁଣ୍ଡ, ଗରମ ମସଲା, ଖଡ଼ଗପୁର ମସଲା, ସିନଥିକ କଲର ପାଉଡର୍ ଓ ଧନିଆଗୁଣ୍ଡ ଆଦିକୁ ଜବତ କରିଛି। ଜବତ ସାମଗ୍ରୀର ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ଅନୁମାନ କରିଛି। ଏଠାରେ ବିଭିନ୍ନ ସାମଗ୍ରୀ ମିଶାଇ ମସଲାକୁ ଅପମିଶ୍ରିତ କରି ବଜାରକୁ ବିକ୍ରି ପାଇଁ ଛାଡୁଥିଲେ। ବ୍ରହ୍ମପୁର ସହର ସମେତ କନ୍ଧମାଳ, ଗଜପତି ଓ ରାୟଗଡ଼ା ସମେତ ବିଭିନ୍ନ ସ୍ଥାନକୁ ଏହି ଅପମିଶ୍ରିତ ମାଲ ଯାଉଥିବା ପୁଲିସ ତଦନ୍ତରେ ଜଣାପଡ଼ିଛି। ତେବେ ଏହି କାରବାରରେ କେବଳ ଶିବ ସାହୁ ଅଥବା ଅନ୍ୟ କାହାର ହାତ ରହିଛି, ସେନେଇ ମଧ୍ୟ ପୁଲିସ ତଦନ୍ତ ଜାରି ରଖିଛି।

**ବିଜେପି ନିର୍ବାଚନ କମିଟି ବୈଠକ ୨୨ରେ**

# ଦିଲ୍ଲୀରେ ରାଜ୍ୟ ବିଜେପି ନେତାଙ୍କ ଟିକଟ କସରତ୍

**ଭୁବନେଶ୍ୱର,୧୯ ।୩(ସମିସ):** ଆସନ୍ତା ୨୨ ତାରିଖରେ ନୂଆଦିଲ୍ଲୀରେ ବିଜେପି ନିର୍ବାଚନ କମିଟି (ସିଇସି) ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଓଡ଼ିଶା ସମେତ ଅନ୍ୟ କିଛି ରାଜ୍ୟର ଆସନ ସମ୍ପର୍କରେ ଆଲୋଚନା ହେବ। ଏଥିପାଇଁ ଦିଲ୍ଲୀରେ ରାଜ୍ୟ ବିଜେପି ସଭାପତିଙ୍କ ସହ ବହୁ ନେତା ଦିଲ୍ଲୀରେ ଡେରା ପକାଇଛନ୍ତି। ବିଜେପି ପକ୍ଷରୁ ଘୋଷିତ ପ୍ରଥମ ଦୁଇ ପର୍ଯ୍ୟାୟରେ ପ୍ରାର୍ଥୀ ସୂଚୀରେ ଓଡ଼ିଶାର କୌଣସି ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ। ତେଣୁ ପରବର୍ତ୍ତୀ ସୂଚୀରେ ଓଡ଼ିଶାର ପ୍ରାର୍ଥୀମାନଙ୍କ ନାମ ରହିବ ବୋଲି ରାଜ୍ୟ ବିଜେପି ନେତାମାନେ ଆଶା ବାନ୍ଧିଛନ୍ତି।

ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ବିଜେପିର କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି ଏବଂ ଏଥିରେ ଓଡ଼ିଶାର ବିଭିନ୍ନ ଆସନ ସମ୍ପର୍କରେ ପୁଣିଥରେ ଆଲୋଚନା ହୋଇଛି। ରାଜ୍ୟ ବିଜେପି ପକ୍ଷରୁ ରଖାଯାଇଥିବା ପ୍ରାର୍ଥୀ ତାଲିକା ଉପରେ ମଧ୍ୟ ବିଚାର ବିମର୍ଶ କରାଯାଇଛି। ବୈଠକରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସିଇସିକୁ ପଠାଯିବ ଓ ଏହାପରେ ସିଇସି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ଏହାପରେ ସିଇସି ପ୍ରାର୍ଥୀ ତାଲିକାକୁ ମୋହର ମାରିବ ବୋଲି ସୂଚନା ମିଳିଛି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଂଗଠନ ସମ୍ପାଦକ ମାନସ ମହାନ୍ତି, ପ୍ରଭାରୀ ସୁନୀଲ ବଂଶଲ, ନିର୍ବାଚନ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଏବଂ ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସମେତ ରାଜ୍ୟ ବିଜେପି ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ବିଜେପି ପ୍ରାର୍ଥୀ ସୂଚୀ ସମ୍ପର୍କରେ ପ୍ରତିକ୍ରିୟା ରଖି ବରିଷ୍ଠ ବିଧାୟକ ପ୍ରଦୀପ୍ତ ନାୟକ କହିଛନ୍ତି ଯେ ରାଜ୍ୟର ସମସ୍ତ ୨୧ ଲୋକସଭା ଏବଂ ୧୪୭ ବିଧାନସଭାରେ ଲଢ଼ିବା ପାଇଁ ଆମେ ଆଗରୁ ପ୍ରସ୍ତୁତ ଅଛୁ। ରାଷ୍ଟ୍ରୀୟ ସଭାପତି ଏବଂ ପ୍ରଧାନମନ୍ତ୍ରୀ ଯଦି ଚାହିଁବେ, ତାହେଲେ ମେଣ୍ଟ ହୋଇପାରେ। ଶେଷ ନିଷ୍ପତ୍ତି ଶୀର୍ଷ ନେତୃତ୍ୱ ନେବେ ବୋଲି ସେ କହିଛନ୍ତି। ସେହିପରି ବିଜେଡି ବିଧାୟକ ସୁଧୀର ସାମଲ କହିଛନ୍ତି ଯେ ମେଣ୍ଟ ସମ୍ପର୍କରେ ମୋତେ ଜଣାନାହିଁ। ତେବେ କର୍ମୀ ଏବଂ ଭୋଟରମାନେ ବିଜୁ ଜନତା ଦଳ ସହ ଅଛନ୍ତି। ସେମାନେ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଜିତାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସୁଧୀର କହିଛନ୍ତି।







## ଜେଡିୟୁ ଛାଡ଼ିଲେ ଫାତମି

ପାଟନା, ୧୯।୩ (ଏଜେନ୍ସି): ଲୋକସଭା ନିର୍ବାଚନ ପାଇଁ ଏନ୍‌ଡିଏ ସହ ଆସନ ବୁଝାମଣା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ବଡ଼ ଝଟ୍‌କା ଲାଗିଛି। ତାଙ୍କ ଦଳ ଜେଡିୟୁର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଲି ଅସରଫ ଫାତମି ଦଳରୁ ଇସ୍ତଫା ଦେଇଛନ୍ତି। ସେ ଆରଜେଡିରେ ସାମିଲ ହୋଇ ଦରଭଙ୍ଗାରୁ ନିର୍ବାଚନ ଲଢ଼ିବାର ସମ୍ଭାବନା ରହିଛି। ଫାତମି କହିଛନ୍ତି ଯେ ବିହାରରେ ଏକ ଭଲ ସରକାର ଚାଲିଥିଲା। ଏକ ଭଲ ଯୋଡି (ନୀତୀଶ-ତେଜସ୍ୱୀ) କାମ କରୁଥିଲେ। ଏମାନେ ଦଳର ବାହାରେ ଏବଂ ଭିତରେ ଦେଶକୁ ବଞ୍ଚାଇବା ପାଇଁ ଆମକୁ କହିଥିଲେ। କିନ୍ତୁ ସେ ଅଚାନକ ପଟ ପରିବର୍ତ୍ତନ କରିଦେଇଥିଲେ। ଏ ସବୁଥିରେ ଅସନ୍ତୋଷ ପ୍ରକାଶ କରି ସେ ଇସ୍ତଫା ଦେଇଛନ୍ତି।



## ୫.୭୩ କୋଟିର ସୁନା ଜବତ

ନାଲଗୋଣ୍ଡା, ୧୯।୩ (ଏଜେନ୍ସି): ଲୋକସଭା ନିର୍ବାଚନ ପାଇଁ ଦେଶରେ ଆଚରଣ ବିଧି କାର୍ଯ୍ୟକାରୀ ହୋଇଛି। ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ନିର୍ବାଚନ କମିଶନ ସୁରକ୍ଷାବ୍ୟବସ୍ଥା ଏବଂ ଗାଡ଼ି ତଲାସୀକୁ କଡ଼ାକଡ଼ି କରାଯାଇଛି। ଏହି ଭଳି ଏକ ତଲାସୀ ଅଭିଯାନ ସମୟରେ ତେଲଙ୍ଗାନା ମିରିୟାଲଗୁଡ଼ା-୧ ଥାନା ଅଞ୍ଚଳରୁ ସୋମବାର ସକାଳେ ନାଲଗୋଣ୍ଡା ପୁଲିସ ୫.୭୩ କୋଟି ଟଙ୍କାର ସୁନା ଜବତ କରିଛି। ଏସ୍‌ଏଚ୍‌ଓ ସୁଧାକର କହିଛନ୍ତି ଯେ ଏକ ଗାଡ଼ିରେ ଏହି ସୁନା ମିରିୟାଲଗୁଡ଼ାରୁ ଖମାମ ଚାଲାଣ ହେଉଥିଲା। ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଏବେ ମାମଲାର ତଦନ୍ତ ଜାରି ରହିଛି। ଏହା ପୂର୍ବରୁ ଇସି ନିର୍ବାଚନ ତାରିଖ ଘୋଷଣା କରି ଟଙ୍କା ଏବଂ କ୍ଷମତା ବ୍ୟବହାର ଉପରେ କଟକଣା ଲଗାଇବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିବା କହିଥିଲେ। ଗତ ୧୧ ବିଧାନସଭା ନିର୍ବାଚନରେ ୩,୪୦୦ କୋଟି ଟଙ୍କା ଜବତ ହୋଇଥିବା ସୂଚନା ଦେଇଥିଲେ।

## ବିନୟ କୁମାର ରୁଷରେ ଭାରତର ରାଷ୍ଟ୍ରଦୂତ

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଆଜି ରୁଷ ପାଇଁ ଭାରତର ନୂଆ ରାଷ୍ଟ୍ରଦୂତ(ଅମ୍ବାସଡାର) ଭାବେ ଅଭିଜ୍ଞ ଆଇଏଫଏସ ଅଫିସର ବିନୟ କୁମାରଙ୍କୁ ନିଯୁକ୍ତ କରିଛନ୍ତି। ବିନୟ କୁମାର ଏଥିପୂର୍ବରୁ ଆଫଗାନିସ୍ତାନ ଓ ମ୍ୟାଁମାରରେ ଭାରତର ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ନିର୍ବାହନ କରିଛନ୍ତି। ସେ ୧୯୯୨ ବ୍ୟାଚ୍ ଆଇଏଫଏସ ଅଫିସର। ରାଷ୍ଟ୍ରଦୂତ ହେବା ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ ସେ ଯୁଗ୍ମସଚିବ ଭାବେ କାର୍ଯ୍ୟ କରିଛନ୍ତି। ପୁଣି ସେ ନ୍ୟୁୟର୍କରେ ଥିବା ଜାତିସଂଘରେ ଭାରତର ସ୍ଥାୟୀ ମିଶନରେ ମଧ୍ୟ ବରିଷ୍ଠ କୂଟନୀତିଜ୍ଞ ଭାବେ କାର୍ଯ୍ୟକରିଛନ୍ତି। ଭାରତର କୂଟନୀତିଜ୍ଞମାନେ ମସ୍କୋ, ୱାଶିଂଟନ, ଲଣ୍ଡନ, ଟୋକିଓ ଓ କାନବେରାରେ ପୋଷ୍ଟିଂକୁ ଟପ୍ ପୋଷ୍ଟିଂ ବିଚାରିଥାନ୍ତି। ରୁଷର ୟୁକ୍ରେନ୍ ଆକ୍ରମଣକୁ ନେଇ ଭାରତର ନୀତିକୁ ପାଶ୍ଚାତ୍ୟ ଦେଶମାନେ ସମାଲୋଚନା କରୁଛନ୍ତି। ଏବେଳରେ ମସ୍କୋରେ ଭାରତର ରାଷ୍ଟ୍ରଦୂତ ଭାବେ ନୂଆ ନିଯୁକ୍ତି ପାଇଥିବା ବିନୟ କୁମାରଙ୍କୁ ଯଥେଷ୍ଟ ବିଜ୍ଞତା ଓ ସାବଧାନତାର ସହ କାର୍ଯ୍ୟକରିବାକୁ ପଡ଼ିପାରେ।



## ସଞ୍ଜୟ ମୁଖାର୍ଜୀ ପଶ୍ଚିମବଙ୍ଗ ଡିଜିପି

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ସଞ୍ଜୟ ମୁଖାର୍ଜୀଙ୍କୁ ରାଜ୍ୟର ନୂଆ ପୁଲିସ୍ ମହାନିର୍ଦ୍ଦେଶକ(ଡିଜିପି) ଭାବେ ନିଯୁକ୍ତି ଦେବାକୁ ଇଲେକ୍ସନ୍ କମିଶନ୍ ଅଫ୍ ଇଣ୍ଡିଆ ଆଜି ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗ ପୁଲିସ୍ ମହାନିର୍ଦ୍ଦେଶକ(ଡିଜିପି) ଓ ଗୁଜରାଟ, ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ-ଏହି ୬ଟି ରାଜ୍ୟର ଘରୋଇ ବା ଗୃହ ବିଭାଗ ସଚିବଙ୍କୁ ଅପସାରଣ(ଟ୍ରାନ୍ସଫର) କରିବାକୁ ଇଲେକ୍ସନ୍ କମିଶନ ଅଫ୍ ଇଣ୍ଡିଆ(ଇସିଆଇ) ଗତକାଲି ନିର୍ଦ୍ଦେଶ ଦେଇଥିଲେ।



ଏତଦବ୍ୟତୀତ, ମିଜୋରାମ ଓ ହିମାଚଳ ପ୍ରଦେଶର ସାଧାରଣ ପ୍ରଶାସନ ବିଭାଗର ସଚିବଙ୍କୁ ମଧ୍ୟ ଟ୍ରାନ୍ସଫର୍ କରାଯାଇଛି। ବ୍ରିହନମୁମ୍ବାଇ ମୁନିସିପାଲ କମିଶନର ଇକବାଲ ସିଂହ ଚହଲ, ଅତିରିକ୍ତ କମିଶନର ଓ ଉପକମିଶନରମାନଙ୍କୁ ମଧ୍ୟ ଟ୍ରାନ୍ସଫର୍ କରିବାକୁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଦାୟିତ୍ୱ ସହ ସଂପୃକ୍ତ ଅଫିସର ଯଦି ଗୋଟିଏ ସ୍ଥାନରେ ୩ବର୍ଷ ରହିଥିବେ କିମ୍ବା ତାଙ୍କ ନିଜ ଜିଲ୍ଲାରେ ଥିବେ ତେବେ ତାଙ୍କୁ ଟ୍ରାନ୍ସଫର୍ କରାଯାଉ ବୋଲି ସିଇସି ସମସ୍ତ ରାଜ୍ୟର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ପ୍ରଦୀପ ଶର୍ମାଙ୍କୁ ଆଜୀବନ ଜେଲ୍

ମୁମ୍ବାଇ, ୧୯ ।୩(ଏଜେନ୍ସି)




ମୁମ୍ବାଇ ପୁଲିସର ପୂର୍ବତନ ଏନକାଉଣ୍ଟର ସ୍ପେସାଲିଷ୍ଟ ପ୍ରଦୀପ ଶର୍ମାଙ୍କୁ ବମ୍ବେ ହାଇକୋର୍ଟ ମଙ୍ଗଳବାର ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଚାକିରି ଜୀବନକାଳରେ ପ୍ରଦୀପ ୧୧୨ଜଣ ଗ୍ୟାଙ୍ଗଷ୍ଟରଙ୍କୁ ଏନକାଉଣ୍ଟରରେ ନିପାତ କରିଥିବା କୁହାଯାଉଛି। ୨୦୦୬ରେ ଏକ ମିଥ୍ୟା ଏନକାଉଣ୍ଟରରେ ଛୋଟା ରାଜନ ଗ୍ୟାଙ୍ଗର ସଦସ୍ୟ ରାମନାରାୟଣ ଗୁପ୍ତା ଓରଫ ଲକ୍ଷ୍ମଣ ଭୈୟାକୁ ହତ୍ୟା କରିଥିବା ଅପରାଧରେ ପ୍ରଦୀପଙ୍କୁ ଏହି ଦଣ୍ଡାଦେଶ ମିଳିଛି। ଏହି ମାମଲାରେ ମୁମ୍ବାଇର ଏକ ଅଦାଲତରେ ପ୍ରଦୀପ ୧୧ବର୍ଷ ତଳେ ଦୋଷମୁକ୍ତ ହୋଇଥିଲେ। ଅଣ୍ଡରୱାର୍ଲଡ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଅଗଷ୍ଟ ୨୦୦୮ ରେ ପ୍ରଦୀପଙ୍କୁ ଚାକିରୀରୁ ବହିଷ୍କାର କରାଯାଇଥିଲା। କିନ୍ତୁ ମହାରାଷ୍ଟ୍ର ପ୍ରଶାସନିକ ଟ୍ରିବ୍ୟୁନାଲର ଆଦେଶକ୍ରମେ ମେ ' ୨୦୦୯ରେ ସେ ତାଙ୍କ ଚାକିରୀ ଫେରିପାଇଥିଲେ। ୨୦୦୬ରେ ମିଥ୍ୟା ଏନକାଉଣ୍ଟରରେ ରାମନାରାୟଣ ଗୁପ୍ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୨୦୧୦ରେ ପ୍ରଦୀପଙ୍କୁ ଗିରଫ କରାଯାଇଥିଲା। ପ୍ରାୟ ୪ବର୍ଷ ଜେଲରେ ରହିବା ପରେ ୨୦୧୩ରେ ସେ ଦୋଷମୁକ୍ତ ହୋଇ ଜେଲରୁ ଛାଡ଼ ପାଇଥିଲେ। ୨୦୧୭ରେ ସେ ପୁଲିସ ଫୋର୍ସରେ ପୁନଃବାହଲ ହୋଇଥିଲେ। ତାଙ୍କୁ ଥାନେ ପୁଲିସର ଆଣ୍ଟି ଏକ୍ସଟରସନ ସେଲ'ର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ୨୦୧୯ ଜୁଲାଇରେ ସେ ପୁଲିସ୍ ଚାକିରୀରୁ ଇସ୍ତଫା ଦେଇ ସେତେବେଳେ ଅବିଭକ୍ତ ଥିବା ଶିବ ସେନାରେ ଯୋଗଦେଇଥିଲେ। ମୁମ୍ବାଇର ନାଲାସୋପାରା ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ଶିବସେନା ଟିକେଟରେ ନିର୍ବାଚନ ଲଢ଼ି ହାରିଥଲେ। ୨୦୨୧ରେ ମୁକେଶ ଅମ୍ବାନୀଙ୍କ ଘର ଆଣ୍ଟିଲିଆ ନିକଟରେ ବିସ୍ଫୋରକ ରଖାଯାଇଥିବା ମାମଲାରେ ତାଙ୍କ ନାମ ଉଠିବାରୁ ଓ ମନସୁଖ ହିରେନ୍ ହତ୍ୟା ମାମଲାରେ ସଂପୃକ୍ତ ଥିବାରୁ ପ୍ରଦୀପଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଗିରଫ କରିଥିଲା। ସେ ରାମନାରାୟଣ ଗୁପ୍ତା ହତ୍ୟା ମାମଲାରେ ଜିଲ୍ଲା କୋର୍ଟରେ ଦୋଷମୁକ୍ତ ହୋଇଥିଲେ କିନ୍ତୁ ସେହି ରାୟକୁ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ହାଇକୋର୍ଟ ଆଜି ତାଙ୍କୁ ଦୋଷୀ ରାୟ ଦେଇ ଆଜୀବନ କରାଦଣ୍ଡାଦେଶ ଶୁଣାଇଛନ୍ତି।

### ପ୍ରଦୀପ ଶର୍ମା କିଏ

ପ୍ରଦୀପ ହେଉଛନ୍ତି ମହାରାଷ୍ଟ୍ର ପୁଲିସର ବହୁ ଚର୍ଚ୍ଚିତ ୧୯୮୩ ବ୍ୟାଚ୍ ଅଧିକାରୀ ଯେଉଁ ବ୍ୟାଚ୍‌ରେ ପ୍ରଦୀପଙ୍କ ବ୍ୟତୀତ ବିଜୟ ସଲାସକର,ପ୍ରଫୁଲ ଭୋସଲେ,ରବିନ୍ଦ୍ର ଆଙ୍ଗେରେ ଏବଂ ବିନାୟକ ସାଉଦେଙ୍କ ଭଳି ଯୁବ ପୁଲିସ ଅଧିକାରୀ ସାମିଲ ଥିଲେ।ଏମାନେ ମୁମ୍ବାଇ ଅଣ୍ଡରୱାର୍ଲଡ ସାମ୍ରାଜ୍ୟ ବିରୋଧରେ ଲଢେଇ କରିଥିଲେ।ଦାଉଦ ଇବ୍ରାହିମ୍,ଛୋଟା ରାଜନ,ଅରୁଣ ଗ୍ୱାଲି, ଅମର ନାଏକ ଗ୍ୟାଙ୍ଗ ଭଳି ମୁମ୍ବାଇରେ ଉତ୍ପାତ କରୁଥିବା ବହୁ ଗ୍ୟାଙ୍ଗ ବିରୋଧରେ ଅପରେସନ ଚଳାଇଥିଲେ।୧୯୯୯ରେ ପ୍ରଦୀପ ଛୋଟା ରାଜନର ସହଯୋଗୀ ବିନୋଦ ମାଟ୍‌କରକୁ ନିପାତ କରିଥିଲା ବେଳେ ସେହିବର୍ଷ ଦାଉଦ ଗୋଷ୍ଠୀର ଅନ୍ୟତମ ପ୍ରମୁଖ ସଦସ୍ୟ ସାଦିକ କାଲିଆକୁ ମଧ୍ୟ ଏନକାଉଣ୍ଟର କରିଥିଲେ।ସେହିପରି ୨୦୦୩ରେ ପ୍ରଦୀପ ଲସ୍କର-ଏ-ତୋଏବା ଆତଙ୍କବାଦୀ ଗୋଷ୍ଠୀର ୩ ଆତଙ୍କବାଦୀଙ୍କୁ ଗୋରେଗାଓଁରେ ଏନକାଉଣ୍ଟର କରିଥିଲେ।ଏମାନଙ୍କ ମଧ୍ୟରେ ଦୁଇ ଜଣ ପାକିସ୍ତାନୀ ନାଗରିକ ଥିଲେ। କିନ୍ତୁ ଅଣ୍ଡରୱାର୍ଲଡ ସହ ଲିଙ୍କ ରଖିବା ଅଭିଯୋଗରେ ତାଙ୍କୁ ୨୦୦୮ରେ ଚାକିରିରୁ ବିଦା କରିଦିଆଯାଇଥିଲା। ହେଲେ ମହାରାଷ୍ଟ୍ର ପ୍ରଶାସନିକ ଟ୍ରିବ୍ୟୁନାଲ ନିଷ୍ପତ୍ତିକ୍ରମେ ସେ ପୁଣି ୨୦୦୯ରେ ନିଜ ପଦବୀକୁ ଫେରିଥିଲେ।

● ଦେଶରେ ଶହେରୁ ଊର୍ଦ୍ଧ୍ୱ ବୟସର ୨.୧୮ ଲକ୍ଷ ଭୋଟର

## ପ୍ରଥମ ନିର୍ବାଚନରୁ ଭୋଟ ଦେଲେଣି ୧୦୪୯ ବୟୋଜ୍ୟେଷ୍ଠ

ପ୍ରୟାଗରାଜ, ୧୯।୩ (ଏଜେନ୍ସି)



ଦେଶ ନିର୍ବାଚନମୁହାଁ ହୋଇଛି। ସାଧାରଣ ନିର୍ବାଚନରେ ମତଦାନକୁ ନେଇ ଯୁବ ଭୋଟରଙ୍କଠାରୁ ଆରମ୍ଭ କରି ବୟୋଜ୍ୟଷ୍ଠଙ୍କ ମଧ୍ୟରେ ଆଗ୍ରହ ଦେଖାଦେଇଛି। ଏହା ମଧ୍ୟରେ ଭୋଟରଙ୍କୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏବେ ପ୍ରୟାଗରାଜର ଭୋଟର ଚର୍ଚ୍ଚାରେ ଅଛନ୍ତି। ଏଠାକାର ୪୬ ଲକ୍ଷ ଭୋଟରଙ୍କ ମଧ୍ୟରେ ୧୦୪୯ ଜଣ ବୟୋଜ୍ୟଷ୍ଠ (ସୁପର ସିନିୟର) ସାମିଲ ଅଛନ୍ତି। ଏମାନଙ୍କ ବୟସ ୧୦୦ରୁ ୧୨୦ ମଧ୍ୟରେ ରହିଛି। ଏହି ବୟସ୍କ ବ୍ୟକ୍ତିମାନେ ଭାରତରେ ବ୍ରିଟିଶ ଶାସନର ଅନ୍ତ ସହିତ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କଠାରୁ ନେଇ ନରେନ୍ଦ୍ର ମୋଦୀଙ୍କ ରାଜନୈତିକ ଯାତ୍ରା ଦେଖିଛନ୍ତି। ସ୍ୱାଧୀନ ଭାରତର ପ୍ରଥମ ନିର୍ବାଚନ (୧୯୫୨) ରୁ ଆଜି ପର୍ଯ୍ୟନ୍ତ ସବୁ ନିର୍ବାଚନରେ ଭୋଟ ଦେଇ ଆସୁଛନ୍ତି । ନିର୍ବାଚନ କମିଶନ ଜାରି କରିଥିବା ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ୧୦୦ରୁ ୧୦୯ ବର୍ଷ ବୟସ ମଧ୍ୟରେ ୪୧୪ ପୁରୁଷ ଏବଂ ୪୪୦ ମହିଳା ଭୋଟର ସାମିଲ ଅଛନ୍ତି। ସେହିପରି ୧୧୦ରୁ ୧୧୯ ବର୍ଷ ବୟସ ମଧ୍ୟରେ ୩ ପୁରୁଷ ଏବଂ ୧୦ ମହିଳା ଅଛନ୍ତି। ୧୨୦ରୁ ଅଧିକ ବୟସର ୪୪ ପୁରୁଷ ଏବଂ ୩୮ ମହିଳା ସାମିଲ ଅଛନ୍ତି । ସାରା ଦେଶରେ ୧୦୦ରୁ ଅଧିକ ବୟସର ପ୍ରାୟ ୨ ଲକ୍ଷ ୧୮ ହଜାର ଭୋଟର ଅଛନ୍ତି । ଚଳିତ ଥର ନିର୍ବାଚନରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏମାନେ ଘରେ ବସି ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟ ଦେଇପାରିବେ ।

ସୂଚନା ଅନୁଯାୟୀ ପ୍ରୟାଗରାଜ ହନୁମାନଗଞ୍ଜ ତହସିଲ ଅନ୍ତର୍ଗତ କରନପୁର ଗ୍ରାମର ୧୦୩ ବର୍ଷୀୟ ଦମ୍ପତି ଭାଗବତି ପ୍ରସାଦ ଯାଦବ ଏବଂ ତାଙ୍କ ପତ୍ନୀ କଳାବତୀ ୧୯୫୨ରୁ ଭୋଟ ଦେଇ ଆସୁଛନ୍ତି। ଉଭୟେ ଚଳିତ ବର୍ଷ ମଇ ୨୫ରେ ମଧ୍ୟ ଭୋଟଦାନ କରିବାକୁ ଆଶା ରଖିଛନ୍ତି। ଭାଗବତି ପ୍ରସାଦ ନିଜ ସ୍ତ୍ରୀକୁ ଉତ୍ତମ ବନ୍ଧୁ କହିଛନ୍ତି। ସେ ତାଙ୍କ ସହ ସବୁ କିଛି ସେୟାର କରନ୍ତି। କିନ୍ତୁ ପତ୍ନୀ କାହାକୁ ଭୋଟ ଦେଉଛନ୍ତି ତାହା ଏ ପର୍ଯ୍ୟନ୍ତ ତାଙ୍କୁ କହିନାହାନ୍ତି। କଳାବତୀ ପ୍ରଥମେ ନେହେରୁଙ୍କୁ ପସନ୍ଦ କରୁଥିଲେ, କିନ୍ତୁ ଏବେ ନେତା ବଦଳାଇ ଦେଇଛନ୍ତି ବୋଲି ପ୍ରସାଦ ହସି ହସି କହିଛନ୍ତି। ସେହପରି ଚକ ମରାପଟିର ୧୦୪ ବର୍ଷୀୟ ଗୁଲାବି ଦେବୀ ଅନେକ ଥର ଭୋଟ ଦେଇଥିବା କହିଛନ୍ତି।

ବାବା ରାମଦେବଙ୍କ ବିରୋଧରେ ଅଦାଲତ ଅବମାନନା ନୋଟିସ୍

## ହାଜର ହେବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୯।୩(ଏଜେନ୍ସି)

ଯୋଗଗୁରୁ ବାବା ରାମଦେବ ଏବଂ ପତଞ୍ଜଳି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ବିରୋଧରେ ସୁପ୍ରିମକୋର୍ଟ ଅଦାଲତ ଅବମାନନା ନୋଟିସ୍ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଉଭୟଙ୍କୁ କୋର୍ଟରେ ହାଜର ହେବାକୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ପତଞ୍ଜଳି ଆୟୁର୍ବେଦର ବିଭ୍ରାନ୍ତିକର ବିଜ୍ଞାପନ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହା ପୂର୍ବରୁ ସୁପ୍ରିମକୋର୍ଟ ବାବା ରାମଦେବଙ୍କୁ ନୋଟିସ ଜାରି କରି କୋର୍ଟରେ ହାଜର ହେବାକୁ କହିଥିଲେ। ସେହିପରି ବିଭ୍ରାନ୍ତିକର ବିଜ୍ଞାପନ ସମ୍ପର୍କରେ ତିନି ସପ୍ତାହ ମଧ୍ୟରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ଏବଂ ରାମଦେବ ଉତ୍ତର ରଖିବାକୁ କହିଥିଲେ। ସୁପ୍ରିମକୋର୍ଟ ପତଞ୍ଜଳିର ବିଜ୍ଞାପନ ପ୍ରକାଶନ ଉପରେ ମଧ୍ୟ ରୋକ ଲଗାଇଥିଲେ। କିନ୍ତୁ ଏହାସତ୍ତ୍ୱେ ପତଞ୍ଜଳି ଆୟୁର୍ବେଦ ପକ୍ଷରୁ ବିଜ୍ଞାପନ ପ୍ରକାଶନ କରାଯାଇଥିଲା। ଏଭଳି ପରିସ୍ଥିତିରେ ଜଷ୍ଟିସ ହିମା କୋହଲିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଏ ସମ୍ପର୍କରେ ଉଭୟଙ୍କ ଠାରୁ ଜବାବ ମାଗିଥିଲେ। କିନ୍ତୁ ସେମାନେ କୌଣସି ଉତ୍ତର ନ ଦେବାକୁ ଉଭୟଙ୍କୁ ଅଦାଲତରେ ହାଜର ହେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



## ଜେଏମ୍‌ଏମ୍ ଛାଡ଼ି ବିଜେପିରେ ସୀତା ସୋରେନ



ରାଞ୍ଚି,୧୯।୩(ଏଜେନ୍ସି): ଲୋକସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଝାଡ଼ଖଣ୍ଡ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ନିର୍ବାଚନ ପୂର୍ବରୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) କୁ ଝଟକା ଲାଗିଛି। ଦଳୀୟ ବିଧାୟିକା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭାଉଜ ସୀତା ସୋରେନ ଜେଏମଏମର ସମସ୍ତ ପଦବୀରୁ ଇସ୍ତଫା ଦେଇଥିବା ଖବର ସାମ୍ନାକୁ ଆସିଛି । କେବଳ ସେତିକି ନୁହେଁ, ସୀତା ନିଜ ଦଳ ଛାଡି ମଙ୍ଗଳବାର ବିଜେପିରେ ସାମିଲ ହେବା ଘଟଣା ଏଠାକାର ରାଜନୈତିକ ମହଲକୁ ବିସ୍ମିତ କରିଛି। ଉଲ୍ଲେଖଯୋଗ୍ୟ ଯେ, ଜେଏମଏମ ପ୍ରତିଷ୍ଠାତା ଶିବୁ ସୋରେନଙ୍କ ଦିବଂଗତ ବଡ଼ ପୁଅ ଦୁର୍ଗା ସୋରେନଙ୍କ ପତ୍ନୀ ହେଉଛନ୍ତି ସୀତା ସୋରେନ୍। ସେ ବିଗତ ୧୫ ବର୍ଷ ହେଲେ ଦଳୀୟ ନେତୃତ୍ୱକୁ ନେଇ ଅସନ୍ତୁଷ୍ଟ ରହିଥିଲେ। ତେବେ ନିକଟରେ ହେମନ୍ତ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦେବା ପରେ ଚମ୍ପାଇ ସୋରେନଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ନେଇ ସୀତା ଅଧିକ କ୍ରୋଧିତ ଥିଲେ ବୋଲି କୁହାଯାଉଛି। ସେ ଦୁମକାର ଜାମା ବିଧାନସଭା ଆସନରୁ ତିନିଥର ବିଧାୟିକା ହୋଇଥିଲା ବେଳେ ବର୍ତ୍ତମାନ ମଧ୍ୟ ବିଧାୟିକା ରହିଥିଲେ। ତେବେ ବିଜେପିରେ ସାମିଲ ହେବା ପୂର୍ବରୁ ସୀତା ଏହିପଦବୀରୁ ଇସ୍ତଫା ଦେଇଛନ୍ତି।

## ଇଡି ସମନ ବିରୋଧରେ ହାଇକୋର୍ଟ ଗଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧୯।୩ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ସମସ୍ତ ସମନକୁ ବିରୋଧ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଆବେଦନ ଉପରେ ବୁଧବାର ଶୁଣାଣି ହେବ। ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଇଡି ଏ ପର୍ଯ୍ୟନ୍ତ କେଜ୍ରିୱାଲଙ୍କ ୯ ଥର ସମନ ଜାରି କରିସାରିଲାଣି। ସେହିପରି ଦିଲ୍ଲୀ ଜଳ ବୋର୍ଡ (ଡିଜେବି) ଟେଣ୍ଡର ମାମଲାକୁ ନେଇ ଗୋଟିଏ ସମନ ପଠାଇଛି। କିନ୍ତୁ କେଜ୍ରିୱାଲ କୌଣସି ଥର ଯାଞ୍ଚ ଏଜେନ୍ସି ନିକଟରେ ହାଜର ହୋଇନାହାନ୍ତି। ଡିଜେବି ମାମଲାରେ ତାଙ୍କୁ ସୋମବାର ହଜାର ହେବାକୁ କୁହାଯାଇଥିଲା। କିନ୍ତୁ ସେ ଯାଇ ନ ଥିଲେ। ତେବେ ମଦ ନୀତି ମାମଲାରେ ତାଙ୍କୁ ଗୁରୁବାର ହାଜର ହେବାକୁ କୁହାଯାଇଛି। ଡିଜେବି ମାମଲାରେ ଇଡି ଜାରି କରିଥିବା ସମନକୁ ଆମ ଆଦମୀ ପାର୍ଟି (ଆପ୍) ପକ୍ଷରୁ ବେଆଇନ କୁହାଯାଇଥିଲା। ଇଡି ବିଜେପି ମାଧ୍ୟମରେ କେଜ୍ରିୱାଲଙ୍କୁ ନିଶାଣ କରୁଥିବା ଅଭିଯୋଗ କରିଥିଲା। ଅନ୍ୟପକ୍ଷରେ ଦିଲ୍ଲୀ ମଦ ଦୁର୍ନୀତି ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ବିଚାରପତି ଏମକେ ନାଗପାଲଙ୍କ ବଦଳି ହୋଇଯାଇଛି। ତାଙ୍କ ସ୍ଥାନରେ ବିଚାରପତି କାବେରୀ ବାବେଜାଙ୍କୁ ନିଯୁକ୍ତି କରାଯାଇଛି।

ଭାରତ ତୃତୀୟ ସର୍ବାଧିକ ପ୍ରଦୂଷିତ ଦେଶ

## ଦିଲ୍ଲୀ ସର୍ବାଧିକ ପ୍ରଦୂଷିତ ରାଜଧାନୀ

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି)



ଭାରତ ୨୦୨୩ରେ ବିଶ୍ୱର ତୃତୀୟ ସର୍ବାଧିକ ପ୍ରଦୂଷିତ ଦେଶ। ସର୍ବାଧିକ ପ୍ରଦୂଷିତ ଦେଶ ତାଲିକାରେ ବାଂଲାଦେଶ ସର୍ବାଗ୍ରେ ରହିଥିବା ବେଳେ ପାକିସ୍ତାନ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ୱିସ୍ ଫାର୍ମ ଆଇକ୍ୟୁ ଏୟାର ପକ୍ଷରୁ ୧୩୪ଟି ଦେଶର ୭୮୧୨ଟି ଲୋକେସନରେ ଥିବା ୩୦ହଜାର ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନରୁ ସଂଗୃହୀତ ଡାଟାକୁ ନେଇ ପ୍ରସ୍ତୁତ ୱାର୍ଲଡ ଏୟାର କ୍ୱାଲିଟି ରିପୋର୍ଟରେ ଏହା ଲେଖାଯାଇଛି। ଆଜି ପ୍ରକାଶିତ ଏହି ରିପୋର୍ଟରେ ସୂଚନା ରହିଛି ଯେ ୨୦୨୩ରେ ଭାରତର ପିଏମ୍ ୨.୫ ବାର୍ଷିକ ହାରାହାରି ୫୪.୪ଏମଜି / କ୍ୟୁବିକ୍ ମିଟର ଥିବା ବେଳେ ପାକିସ୍ତାନର ୭୩.୭ ଓ ବାଂଲାଦେଶର ୭୯.୯ ଏମଜି /କ୍ୟୁବିକ୍ ମିଟର ରହିଥିଲା। ୨୦୨୨ରେ ଭାରତର ପିଏମ୍ ୨.୫ ବାର୍ଷିକ ହାରାହାରି ୫୩.୩ଏମଜି /କ୍ୟୁବିକ୍ ମିଟର ଓ ୨୦୨୧ରେ ୫୮.୧ଏମଜି /କ୍ୟୁବିକ୍ ମିଟର ରହିଥିଲା। ବିଶ୍ୱର ସର୍ବାଧିକ ପ୍ରଦୂଷିତ ୫୦ ନଗରୀର ତାଲିକାରେ ଭାରତର ୪୨ଟି ନଗରୀ ରହିଛି। ୟୁନିଅନ୍ ଟେରିଟୋରୀ ଅଫ୍ ଦିଲ୍ଲୀ ହେଉଛି ବିଶ୍ୱର ତୃତୀୟ ସର୍ବାଧିକ ପ୍ରଦୂଷିତ ରାଜଧାନୀ(ପିଏମ୍ ୨.୫ ବାର୍ଷିକ ହାରାହାରି ୧୦୨.୧ଏମଜି /କ୍ୟୁବିକ୍ ମିଟର)। ନୂଆଦିଲ୍ଲୀ ହେଉଛି ବିଶ୍ୱର ଷଷ୍ଠ ସର୍ବାଧିକ ପ୍ରଦୂଷିତ ଅଞ୍ଚଳ(ପିଏମ୍ ୨.୫ ବାର୍ଷିକ ହାରାହାରି ୯୨.୭ଏମଜି /କ୍ୟୁବିକ୍ ମିଟର)। ବେଗୁସରାଇ ଭାରତର ସର୍ବାଧିକ ପ୍ରଦୂଷିତ ସହର(ପିଏମ୍ ୨.୫ ବାର୍ଷିକ ହାରାହାରି ୧୧୮.୯ଏମଜି /କ୍ୟୁବିକ୍ ମିଟର)। ଭାରତର ସର୍ବାଧିକ ପ୍ରଦୂଷିତ ସହର ।ଲଇକାରେ ଦ୍ୱିତୀୟ ସ୍ଥାନରେ ରହିଛି ଗୁଆହାଟି(ପିଏମ୍ ୨.୫ ବାର୍ଷିକ ହାରାହାରି ୧୦୫.୪ଏମଜି / କ୍ୟୁବିକ୍ ମିଟର)। ୧୩୪ଟି ଦେଶ ମଧ୍ୟରୁ ଅଷ୍ଟ୍ରେଲିଆ, ଇସ୍ତୋନିଆ, ଫିନଲ୍ୟାଣ୍ଡ, ଗ୍ରେନେଡା, ଆଇସଲ୍ୟାଣ୍ଡ, ମରିସସ୍ ଓ ନ୍ୟୁଜିଲ୍ୟାଣ୍ଡ-ଏହି ୭ଟି ଦେଶ ୱାର୍ଲଡ ହେଲଥ୍ ଅର୍ଗାନାଇଜେସନ ନିର୍ଦ୍ଧାରଣ କରିଥିବା ଏୟାର କ୍ୱାଲିଟି ମାନକ (ପିଏମ୍ ୨.୫ ବାର୍ଷିକ ହାରାହାରି ୫ଏମଜି /କ୍ୟୁବିକ୍ ମିଟର) କୁ ପୂରଣ କରୁଛନ୍ତି।

ଏନଡିଏରେ ମିଳିଲାନି ଆସନ

# ଇସ୍ତଫା ଦେଲେ କେନ୍ଦ୍ରମନ୍ତ୍ରୀ ପଶୁପତି ପାରସ

ପାଟନା,୧୯।୩(ଏଜେନ୍ସି)



କେନ୍ଦ୍ରମନ୍ତ୍ରୀ ପଶୁପତି କୁମାର ପାରସ ମଙ୍ଗଳବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଲୋକସଭା ନିର୍ବାଚନକୁ ନେଇ ବିହାରରେ ଆସନ ବୁଝାମଣା ପାଇଁ ଏନଡିଏ ଅନ୍ୟ ଦଳ ସହ ମେଣ୍ଟ କରିଥିଲେ ହେଁ ଏଥିରେ ପଶୁପତି ପାରସଙ୍କ ଦଳକୁ ସାମିଲ କରାଯାଇ ନାହିଁ। ଯାହାକୁ ନେଇ ପଶୁପତି କୁମାର ଏନଡିଏ ନେତାଙ୍କ ଉପରେ ଖଡଗହସ୍ତ ହୋଇଛନ୍ତି। ଏହିକ୍ରମରେ ସେ ମନ୍ତ୍ରୀପଦରୁ ଇସ୍ତଫା ଦେବା ସହ ଆସନ ବଣ୍ଟନ ନେଇ ତାଙ୍କ ଦଳ ଅନ୍ୟାୟର ସମ୍ମୁଖୀନ ହୋଇଛି ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିହାରରେ ୪୦ଟି ଲୋକସଭା ଆସନ ମଧ୍ୟରୁ ବିଜେପି ୧୭, ଜେଡିୟୁ ୧୬ ଏବଂ ଚିରାଗ ପାଶୱାନଙ୍କ ନେତୃତ୍ୱ ଆରଏଲଏସପି ୫ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକ ଜନତା ଦଳ ଏବଂ ଜିତନ ରାମ ମାଞ୍ଝିଙ୍କ ଦଳ 'ହାମ' ଗୋଟିଏ ଲେଖାଏଁ ଆସନରେ ଲଢେଇ କରିବେ। କିନ୍ତୁ ଏନଡିଏରେ ପଶୁପତି କୁମାର ପରାସଙ୍କ ନାମ ସାମିଲ କରାଯାଇ ନଥିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି।

● ଏନ୍‌ଡିଏରେ ସାମିଲ ହେବ ଏମଏନଏସ୍

## ଅମିତ ଶାହଙ୍କୁ ଭେଟିଲେ ରାଜ୍ ଠାକ୍‌ରେ

ମୁମ୍ବାଇ,୧୮।୩(ଏଜେନ୍ସି): ରାଜ୍ ଠାକରେଙ୍କ ମହାରାଷ୍ଟ୍ର ନବ ନିର୍ମାଣ ସେନା(ଏମଏନଏସ୍) ଏନଡିଏରେ ସାମିଲ ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଔପଚାରିକ ଭାବେ ଏ ସମ୍ପର୍କରେ କୌଣସି ଘୋଷଣା କରାଯାଇ ନଥିଲେ ହେଁ ଦଳୀୟ ମୁଖ୍ୟ ରାଜ୍ ଥାକରେ ମଙ୍ଗଳବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିବା ଘଟଣାକୁ ନେଇ ଏ ସମ୍ପର୍କରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ବିଜେପି ଜାତୀୟ ସାଧାରଣ ସଂପାଦକ ବିନୋଦ ତ୍ୱଡେଙ୍କ ସହ ରାଜ୍ ଠାକ୍‌ରେ ସୋମବାର ଦିଲ୍ଲୀରେ ପହଞ୍ଚିଥିଲେ। ଏହାପରେ ମଙ୍ଗଳବାର ସେ ଶାହଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହାପୂର୍ବରୁ ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ଭେଟି ଆଲୋଚନା କରିଥିଲେ।



## ବାପା ଗାଳି କରିବାରୁ ବିବିଏ ଛାତ୍ରୀଙ୍କ ଆତ୍ମହତ୍ୟା

ନାଗପୁର, ୧୯।୩ (ଏଜେନ୍ସି): ମହାରାଷ୍ଟ୍ର ନାଗପୁରର ସିଦ୍ଧି କଲୋନୀରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଜଙ୍କ୍ ଫୁଡ୍ ଖାଇବାକୁ ନେଇ ବାପା ଗାଳି କରିବାରୁ ଯୁବତୀ ଭୂମିକା ବିନୋଦ ଧାନୱାନୀ (୧୯) ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ସେ ବ୍ୟାଚେଲର ଅଫ ବିଜନେସ ଆଡମିନିଷ୍ଟ୍ରେସନ (ବିବିଏ) ପଢୁ ଥିଲେ। ତାଙ୍କର ଥାଇରଏଡ ସମସ୍ୟା ଥିଲା। ଏହା ସତ୍ତ୍ୱେ ଜଙ୍କଫୁଡ୍ ଖାଇବାରୁ ବାପା ତାଙ୍କୁ ଗାଳି କରିଥିଲେ। ଏହାକୁ ନେଇ ସେ ଚିନ୍ତାରେ ଥିଲେ। ପରେ ରୋଷେଇ ଘରେ ଏକ ଲମ୍ବା ପୋଷାକ ବ୍ୟବହାର କରି ଫାଶୀ ଦେଇଥିଲେ।

## ପୃଥକ ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିପାତ

ନୂଆଦିଲ୍ଲୀ, ୧୯।୩ (ଏଜେନ୍ସି): ମହାରାଷ୍ଟ୍ରରେ ପୁଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୩୬ ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଥିବା ନକ୍ସଲ ବର୍ଗିସ, ଡିଭିଏସଏମ ମଙ୍ଗତୁ, କୁରସାଙ୍ଗ ରାଜୁ ଏବଂ କୁଡିମେଟ୍ଟା ଭେଙ୍କଟେଶ ନିପାତ ହୋଇଥିଲେ। ସୂଚନା ଅନୁଯାୟୀ ତେଲଙ୍ଗାନା ଷ୍ଟେଟ କମିଟିର କିଛି ହାର୍ଡକୋର ମାଓବାଦୀ ଛତିଶଗଡ଼-ମହାରାଷ୍ଟ୍ର ସୀମାର ଗଡଚିରୋଲିରେ ଲୁଚିଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା। ଏହି ଆଧାରରେ ଏଏସପି ଯତିଶ ଦେଶମୁଖଙ୍କ ନେତୃତ୍ୱରେ ମହାରାଷ୍ଟ୍ର ସି-୬୦ କମାଣ୍ଡୋଜ ଏବଂ ସିଆରପିଏଫ ଟିମ୍ ମଙ୍ଗଳବାର ସକାଳେ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଦାନ୍ତେୱାଡ଼ା-ବିଜାପୁର ଜିଲ୍ଲାର କିରନ୍ଦୁଲ ଅଞ୍ଚଳରେ ହୋଇଥିବା ସଂଘର୍ଷରେ ଜଣେ ମହିଳା ସମେତ ୨ ନକ୍ସଲ ନିପାତ ହୋଇଛନ୍ତି।

# ଅଦିନିଆ ବର୍ଷାରେ ପରିବା ଚାଷ ପ୍ରଭାବିତ

**ରେଢ଼ାଖୋଲ/ଯୁଯୁମୁରା ୧୯।୩ (ସମିସ)**

ଗତ କିଛିଦିନ ଧରି ହୋଇଥିବା ଲଗାଣବର୍ଷାରେ ରେଢାଖୋଲ ଓ ଯୁଯୁମୁରା ଅଞ୍ଚଳରେ ହୋଇଥିବା ପରିବା ଚାଷ ପ୍ରଭାବିତ ହୋଇଛି। ଝିପିଝିପି ବର୍ଷା ଜମିରେ ପନିପରିବା ଚାଷ କରି ଫସଲ କ୍ଷତି ଭରଣା କରିବା ଲାଗି ଆଶା ବାନ୍ଧିଥିଲା। କିନ୍ତୁ ଏବେ ଏ ଅଦିନିଆ ବର୍ଷା ଚାଷୀକୁ ବିଚଳିତ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରୋଗପୋକ ଦାଉରୁ ପରିବା ଫସଲକୁ ରକ୍ଷା କରିବା ଲାଗି ବ୍ଲକ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟକୁ ପରାମର୍ଶ ପାଇଁ



ଲାଗିରହିବା ଯୋଗୁଁ ବିଭିନ୍ନ ପନିପରିବା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। କୋହଲା ପାଗ ଯୋଗୁଁ ରୋଗ ପୋକଙ୍କ ଉପଦ୍ରବ ବୃଦ୍ଧି ପାଇବର ଭୟ ରହିଛି। ବିଶେଷକରି ଫୁଲକୋବି ଓ ପତ୍ରକୋବିରେ ଫିମ୍ପି ଜାତୀୟ ରୋଗ ପୋକ ଦେଖାଦେବାର ସମ୍ଭାବନା ରହିଛି। ଜୀବାଣୁ ସଂକ୍ରମଣର ମଧ୍ୟ ଭୟ ରହିଛି। ବାଇଗଣ ଫସଲରେ ମଧ୍ୟ ପୋକ ଲାଗିଥିବାରୁ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଦେଖାଦେଇଛି। ଅପରପକ୍ଷେ ବିଲରେ ପାଣି ଜମିବା ଫଳରେ କୋଶଳା, ପାଳଙ୍ଗ, ଧନିଆ ଓ ବିନ୍ ଆଦି ଫସଲ ପଚିଯିବ। ପନିପରିବା ଫସଲରୁ ଲାଭ ଆଶା କରୁଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇବସିଛନ୍ତି। ଗତ ମାସରେ ମଧ୍ୟ ଦୁଇଦିନ ଧରି ଲଗାଣବର୍ଷା ଯୋଗୁଁ କ୍ଷେତରେ ୫୦ପ୍ରତିଶତ ଧାନଫସଲ ପଚିଯାଇଥିଲା, ନଷ୍ଟ ହୋଇଯାଇଥିଲା। ତେଣୁ ଡିପ ଯାଉଛନ୍ତି। ହେଲେ ସୁବିଧା ଓ ସହଯୋଗ ମିଳିପାରୁ ନାହିଁ। ଜିଲ୍ଲାସ୍ତରୀୟ ବରିଷ୍ଠ କୃଷି ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଚଳିତବର୍ଷ ବିଭିନ୍ନ ବ୍ଲକରେ ପ୍ରାୟ ୧୨୦ହେକ୍ଟରରୁ ଅଧିକ ଜମିରେ ପନିପରିବା ଫସଲ କରାଯାଇଛି। ଚାଷୀଙ୍କୁ ଏନେଇ ଆବଶ୍ୟକ ପିଆଜ ତଥା ଅନ୍ୟାନ୍ୟ ପରିବା ମଞ୍ଜି ଯୋଗାଇ ଦିଆଯାଇଥିଲା। ଡିସେମ୍ବର ସୁଦ୍ଧା ପୋତାଯାଇଥିବା ପିଆଜ ଗଛ ହୋଇଯାଇଥିବାରୁ ଗଛ କ୍ଷତି ହେବନାହିଁ। ହେଲେ ଅନ୍ୟ ଫସଲ ନଷ୍ଟ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି। ଫସଲକୁ ଫିମ୍ପି ରୋଗ ଓ ପୋକ ସଂକ୍ରମଣ ଦାଉରୁ ରକ୍ଷା କରିବା ପାଇଁ କୀଟନାଶକ ଔଷଧ ସ୍ପ୍ରେ' କରୁଛନ୍ତି, ଖର୍ଚ୍ଚାନ୍ତ ହେଉଛନ୍ତି। ହେଲେ ଲାଭ ନିୟନ୍ତ୍ରଣ ହୋଇ ପାରୁନାହିଁ। ଯେଉଁଠି ପାଣି ଜମିରହୁଛି ସେଠାରେ ଫସଲ ନଷ୍ଟ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି।

## ଗତ ବର୍ଷାର କ୍ଷତିପୂରଣ ଆଜି ମଧ୍ୟ ମିଳିନଥିବା ଅଭିଯୋଗ

**ସମ୍ବଲପୁର, ୧୯।୩(ସମିସ):** ସମ୍ବଲପୁର ଜିଲ୍ଲାରେ ଗତ ଖରିଫରେ ବର୍ଷାଜନିତ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରିଥିଲେ। ରାଜ୍ୟ ସରକାର କ୍ଷତିପୂରଣ ବାବଦକୁ ଟଙ୍କା ମଧ୍ୟ ଦେଇଛନ୍ତି। ହେଲେ ଚାଷୀଙ୍କୁ ମଳୁନାହିଁ ବୋଲି ଅଭିଯୋଗ ହେଉଛି। ଜିଲ୍ଲାର ସମସ୍ତ ବ୍ଲକରେ ଚାଷୀମାନଙ୍କୁ ସିଧାସଳଖ ଆକାଉଣ୍ଟରେ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିବା ବେଳେ ଧନକଉଡ଼ା ବ୍ଲକ ଓ ମହାନଗର ଅଞ୍ଚଳର ଚାଷୀମାନେ ଏପର୍ଯ୍ୟନ୍ତ କ୍ଷତିପୂରଣ ପାଇନାହାନ୍ତି। ଜାଣିଶୁଣି ଧନକଉଡ଼ା ଓ ମହାନଗର ନିଗମ ଅଞ୍ଚଳକୁ ବାଦ୍ ଦିଆଯାଇଥିବା ଅଭିଯୋଗ ହେଉଛି। ଧନକରଡ଼ା ବ୍ଲକର କ୍ଷତିଗ୍ରସ୍ତ ଚାଷୀଙ୍କ ସକାଶେ ୧ କୋଟି ୨୨ ଲକ୍ଷ ୧୭ ହଜାର ୭୩୦ ଟଙ୍କା କ୍ଷତିପୂରଣ ରାଶି ଆସିଥିବା ସୂଚନା ମିଳିଛି। ଚାଷୀ ବାରମ୍ବାର ଜରୁରୀକାଳୀନ କାର୍ଯ୍ୟାଳୟ ତହସିଲ କାର୍ଯ୍ୟାଳୟ ଓ ବ୍ୟାଙ୍କକୁ ଦୌଡ଼ିଲେ ମଧ୍ୟ କ୍ଷତିପୂରଣ ରାଶି ପାଇନାହିଁ। ଇନ୍‌ପୁଟ୍ ସବ୍‌ସିଡି ଆକଳନର ମାସକ ମଧ୍ୟରେ ମିଳିଯିବା କଥା ତାହା ମଧ୍ୟ ପାଇନାହାନ୍ତି। ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ରମେଶଚନ୍ଦ୍ର ମିଶ୍ରଙ୍କ କହିଛନ୍ତିଯେ, ଇନପୁଟ୍ ସବସିଡିକୁ ନେଇ ଚାଷୀମାନେ ସଦର ତହସିଲଦାର କାର୍ଯ୍ୟାଳୟ ଘେରାଉ କରିଥିଲେ। ସେତେବେଳେ ତହସିଲଦାର ଶୀଘ୍ର ବ୍ୟାଙ୍କରେ କ୍ଷତିପୂରଣ ରାଶି ଜମା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଚାଉଁରପୁର ଓ ଏ.କଟାପାଲି ଚାଷୀଙ୍କୁ ଦିଆଯାଇଛି। ଧନକରଡ଼ା ଓ ମହାନଗରର ଅନ୍ୟ ଚାଷୀମାନଙ୍କୁ ମିଳିନାହିଁ। ଏହାକୁ ନେଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଜାମର ମହାନ୍ତିଙ୍କୁ ମଧ୍ୟ ଅଭିଯୋଗ କରାଯାଇଥିଲା। ଅଦିନିଆ ବର୍ଷା ସମୟରେ କ୍ଷୟକ୍ଷତି ଆକଳନରୁ ବହୁ ଚାଷୀ ବଞ୍ଚିତ ରହିଛନ୍ତି। ଏହା ସଠିକ୍ ଭାବେ କରାଯାଇ ନଥିବା ଅଭିଯୋଗ କରିଥିଲେ। ସଙ୍ଗଠନର ଉପସଭାପତି ସୁଶାନ୍ତ ପଣ୍ଡା, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଦିଲାପ ସାହୁ, ଅଶ୍ୱିନା ହୋତା, ସନ୍ତୋଷ ଭୋଇ, ଗଣେଶ ମହରମ, ସୌମ୍ୟଭୂଷଣ ସାହାଣୀ, ନିରଞ୍ଜନ ସାହୁ, ଯୋଗେଶ ଭୋଇ, ତରଣୀସେନ ଭୋଇ, ପ୍ରେମରାଜ ସାହୁ, ସନତ ମିଶ୍ର ପ୍ରମୁଖ ବହୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି।



## କାଳବୈଶାଖୀ; ପଶ୍ଚିମ ଓଡ଼ିଶାରେ ଜନଜୀବନ ପ୍ରଭାବିତ

# ବରଗଡ଼ରେ ୧.୫୫ ଲକ୍ଷ ୱାଟ୍ ବଜ୍ରପାତ ରେକର୍ଡ

**ସମ୍ବଲପୁର, ୧୯।୩ (ସମିସ):** କାଳବୈଶାଖୀର ପ୍ରଭାବରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ସୋମବାର ରାତି ଓ ଆଜି ଦିନ ତମାମ ଘଡ଼ଘଡ଼ି ସହିତ ବର୍ଷା ଲାଗି ରହିଛି। ସମ୍ବଲପୁର ସମେତ ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ କଳାହାଣ୍ଡି ଜିଲ୍ଲାରେ ଘଡ଼ଘଡ଼ି ସହିତ ବର୍ଷା ପବନ ହୋଇଥିବା ସୂଚନା ମିଳିଛି। ପଶ୍ଚିମ ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧରେ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ପୂର୍ବରୁ ଲୋକଙ୍କ ପାଣିପାଗ ବିଭାଗ ସତର୍କ କରିଥିଲା। ଓଡ଼ିଶାର କେତେକ ସ୍ଥାନରେ ରେକର୍ଡ କରାଯାଇ ଥିବା ବିପଜ୍ଜନକ ବଜ୍ରପାତ ମଧ୍ୟରୁ ବରଗଡ଼ ଜିଲ୍ଲାର ଏକ ସ୍ଥାନରେ ୧, ୫୫, ୦୦୦ ୱାଟ୍ ରେକର୍ଡ କରାଯାଇଛି। ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ନବରଙ୍ଗପୁର ଜିଲ୍ଲାର ଜନସାଧାରଣଙ୍କୁ ଆଗମୀ ୨-୩ ଘଣ୍ଟା ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ବର୍ଷା ପବନ ଯୋଗୁଁ ଅନେକ ସ୍ଥାନରେ ବିଜୁଳି ସରବରାହ ବାଧାପ୍ରାପ୍ତ ମଧ୍ୟ ହୋଇଥିବା ସୂଚନା ମିଳିଛି।

## ୮ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ



**ରେଢ଼ାଖୋଲ, ୧୯।୩(ସମିସ):** ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ମଙ୍ଗଳବାର ପୁଲିସ ୮କେଜି ଗଞ୍ଜେଇ ଜବତ କରିବା ସହିତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମେଦିନାପୁର ଜିଲ୍ଲାର କୋଲଘାଟ୍ ବାସିନ୍ଦା ୟକତ ପାଖିର(୩୭) ଓ ଫସ୍କୁର ବାସିନ୍ଦା ମୂର୍ଷିଦା ବିବି(୪୦)। ସୂଚନାଯୋଗ୍ୟ, ଅଭିଯୁକ୍ତ ଦ୍ୱୟ ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ କରୁଥିବା ନେଇ ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଏସ୍‌ଆଇ ଅସୀମା ଏକ୍କା ସଦଳବଳ ଚଢ଼ଉ କରିଥିଲେ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନା କେସ ନଂ ୭୭/୨୪ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସବିତା ବାଲା ସେଠୀ ସୂଚନା ଦେଇଛନ୍ତି।

## ସୁନା ଚେନ୍ ଲୁଟ୍ ଉଦ୍ୟମ; ଜଣେ ଅଟକ, ଜଣେ ଫେରାର

**କୁଚିଣ୍ଡା,୧୯।୩(ସମିସ):** କୁଚିଣ୍ଡା ଜନଗହଳିପୂର୍ଣ୍ଣ ସହରରେ ଦିନକୁ ଦିନ ଚୋରି, ଡକାୟତି ଛିନ୍‌ତାଇ ବଢ଼ିବାରେ ଲାଗିଲାଣି। ମଙ୍ଗଳବାର ଏପରି ଏକ ଘଟଣା ଘଟିଛି ଟାଉନ ହଲ ସମ୍ମୁଖରେ। ମଙ୍ଗଳବାର ରାଉରକେଲା ଅଞ୍ଚଳର କିଛି ମହିଳା ଓ ପୁରୁଷ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କୁଚିଣ୍ଡା ଟାଉନ ହଲ୍‌କୁ ଆସିଥିବାବେଳେ ଟାଉନ ହଲ ସମ୍ମୁଖରେ ଛିଡ଼ା ହୋଇଥିଲେ। ସେହି ସମୟରେ କେନ୍ଦ୍ରାପଡ଼ାରୁ ୨ଜଣ ଯୁବକ କୁଚିଣ୍ଡା କୋର୍ଟକୁ ସାକ୍ଷୀ ଦେବାକୁ ପଲସର ବାଇକ୍‌ରେ ଆସିଥିଲେ। ସେମାନେ ଟାଉନ ହଲ୍ ସମ୍ମୁଖରେ ଛିଡ଼ା ହୋଇଥିବା ମହିଳାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଫେରାର ଉଦ୍ୟମ କରୁଥିବା ବେଳେ ଜଣକୁ ସ୍ଥାନୀୟ ଲୋକଙ୍କ ସହାୟତରେ କାବୁ କରି କୁଚିଣ୍ଡା ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ଅନ୍ୟ ଜଣେ ଫେରାର ମାରିଥିଲେ। କାବୁ କରାଯାଇଥିବା ଯୁବକ ଠାରୁ ସୁନା ଚେନ ଉଦ୍ଧାର କରିବା ପରେ ପୁଲିସ ନିଜ ହେପାଜତରେ ନେଇ ଡାକ୍ତରଖାନାରେ ଡାକ୍ତରୀ ପରୀକ୍ଷା କରାଯାଇଛି। ଦିନକୁ ଦିନ କୁଚିଣ୍ଡାରେ ମଧ୍ୟ ଲୁଟ୍‌ତରାଜ ବଢ଼ିବାକୁ ଲାଗିଲାଣି। କୁଚିଣ୍ଡା ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଗଲେ ସାମାନ୍ୟ ଅଶ୍ୱସ୍ତୀ ମିଳନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ତାଲିମ ଶିବିର



**କୁଚିଣ୍ଡା, ୧୯।୩(ସମିସ):** କୁଚିଣ୍ଡା ମହାବିଦ୍ୟାଳୟଠାରେ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ତାଲିମ ଶିବିରରେ ସର୍ବମୋଟ ୧୩୩୩ ଜଣ ପ୍ରିଜାଇଡିଂ ଓ ପୁଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ଏହି ତାଲିମ ଶିବିରରେ ୮୭ ଜଣ ପ୍ରିଜାଇଡିଂ ଅଧିକାରୀ, ପ୍ରଥମ ପୁଲିଂ ଅଧିକାରୀ ୨୪୪ଜଣ, ଦ୍ୱିତୀୟ ପୁଲିଂ ଅଧିକାରୀ ୨୩୮ ଜଣ, ତୃତୀୟ ପୁଲିଂ ଅଧିକାରୀ ୩୫୪ ଜଣ, ଚତୁର୍ଥ ପୁଲିଂ ଅଧିକାରୀ ୨୦୩ଜଣ ଓ ପଞ୍ଚମ ପୁଲିଂ ଅଧିକାରୀ ୨୦୭ଜଣଙ୍କୁ ନେଇ କୁଚିଣ୍ଡା କଲେଜର ପୁରୁଣା ବ୍ଲକରେ ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା କୁଚିଣ୍ଡା ଉପଜିଲ୍ଲାପାଳ ହେମସାଗର ଭୋଇ, ସହକାରୀ ନିର୍ବାଚନ ଅଧିକାରୀ ଭାସ୍କର ଚନ୍ଦ୍ର ବେହେରା, ଏଆରଓ ଦିଲ୍ଲୀପ କୁମାର ପ୍ରଧାନ, ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ, କୁଚିଣ୍ଡା ବିଡିଓ ନିରଞ୍ଜନ ସା, ହରେକୃଷ୍ଣ ବରିହା ତହସିଲଦାର ଜମନକିରା, କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ, ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, କୁଚିଣ୍ଡା ଏବିଡିଓ ସହଦେବ ନନ୍ଦ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। କିପରି ନିର୍ବାଚନକୁ ଅବାଧ, ନିରପେକ୍ଷ, ଶାନ୍ତିଶୃଙ୍ଖଳାର ସହ କିପରି ନିର୍ବାଚନ ହୋଇପାରିବ ସେ ନେଇ ତାଲିମ ଦିଆଯାଇଥିଲା।

## ମାଛ ଚାଷ ସବ୍‌ସିଡି ଟଙ୍କା ହଡ଼ପ୍ ଅଭିଯୋଗ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସ୍ୱୟଂସହାୟକ ଗୋଷ୍ଠୀ

**ରେଙ୍ଗାଲି, ୧୯।୩(ସମିସ):** ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସଂପାଦକ ମାଛଚାଷ ସବ୍‌ସିଡି ଟଙ୍କା ହଡ଼ପ କରିଥିବାର ଅନ୍ୟ ସଦସ୍ୟମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତ ଅନ୍ତର୍ଗତ ଭୁଲିଆଟିକ୍ରା ଗ୍ରାମରେ ଥିବା ଜୟ ମା ଭବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମରେ ଥିବା ଭୁଲିଆ କଟାକୁ ମାଛଚାଷ କରିବା ପାଇଁ ପଞ୍ଚାୟତରୁ ୫ବର୍ଷ ପାଇଁ ୫୦ହଜାର ଟଙ୍କାରେ ଲିଜ୍ ନେଇଛନ୍ତି। ସେହି କଟାରେ ମାଛ ଚାଷ ବାବଦରେ ଓଡ଼ିଶା ସରକାରଙ୍କ ତରଫରୁ ସବ୍‌ସିଡି ବାବଦକୁ ତା.୨୦।୦୧।୨୦୨୪ରେ ଜୟ ମା ଭବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ଏକାଉଣ୍ଟ୍ ନଂ - ୮୪୦୦୬୦୩୫୭୪୮ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ କତରବଗାକୁ ୮୦୮୫୦୦ ଟଙ୍କା ଆସିଥିଲା। କିନ୍ତୁ ଗ୍ରୁପ୍‌ର ସଭାପତି ଓ ସଂପାଦକ ଚଞ୍ଚକତା କରି ଗ୍ରୁପ୍‌ର ଅନ୍ୟ ୮ ଜଣ ସଦସ୍ୟ ଜାଲି ଦସ୍ତଖତ ମାରି ଓ ଫରଜରି ବୈଠକ କରି ସବ୍‌ସିଡି ଟଙ୍କାରୁ ୮୦୮୦୦୦ ଟଙ୍କା ରାଜେଶ ରଜପାଲିଆ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଏକାଉଣ୍ଟ୍ ନଂ ୦୮୪୦୦୭ ୯୩୮୩୩ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ ଟେକରି ପଡ଼ାକୁ ଟ୍ରାନସଫର କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଜିଲ୍ଲାପାଳ ଓ ଭିଜିଲାନ୍ସରେ ଅଭିଯୋଗ କଲାପରେ ଯେଉଁ ବ୍ୟକ୍ତିଙ୍କ ଏକାଉଣ୍ଟକୁ ଟଙ୍କା ଟ୍ରାନସଫର ହୋଇଥିଲା ସେହି ଏକାଉଣ୍ଟରୁ ପୂରା ୮ଲକ୍ଷ ୮ହଜାର ଟଙ୍କା ସ୍ୱୟଂ ସହାୟକ ଗୋଷ୍ଠୀ ଏକାଉଣ୍ଟକୁ ଆସିଯାଇଥିଲା। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଏହି ହେରଫେରରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଦାବି କରିଛନ୍ତି।

# ହୋଲି ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

**ସମ୍ବଲପୁର, ୧୯।୩(ସମିସ):** ହୋଲି ପାଳନକୁ ନେଇ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ହୋଲି ପର୍ବ ପାଳନ ସମୟରେ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଆଇନ ଶୃଙ୍ଖଳା ବଜାୟ ରଖିବା, ହୋଲି ସମୟରେ ପାନୀୟ ଜଳରେ ନିର୍ଦ୍ଧାରିତ ଟ୍ୟାଙ୍କର ଭର୍ତ୍ତି କରି ପାନୀୟ ଜଳ ଯୋଗାଣ, ପରିମଳ ପାଇଁ ପ୍ରଯୋଗ କରାଯାଉଥିବା ଡ୍ରେନ୍ ଓ ଜୀବାଣୁନାଶକ ସଫା କରିବା, ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଚଳାଇବା, ଆମ୍ବୁଲାନ୍ସର ବ୍ୟବସ୍ଥା, ବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଜରୁରୀକାଳୀନ ପରିସ୍ଥିତିରେ ଯୋଗଦେବା ପାଇଁ ଅଗ୍ନିଶମ ୟୁନିଟ୍ ପ୍ରସ୍ତୁତ ରଖିବା ଉପରେ ଆଲୋଚନା, ସମ୍ବଲପୁରରେ ଯେପରି ବେଆଇନ ମଦ ବିକ୍ରି ନ ହୁଏ ସେଥିପାଇଁ ଚଢ଼ାଉ, ଟ୍ରାଫିକ୍ ଓ ପୁଲିସ ବ୍ୟବସ୍ଥା ଓ ସଚେତନତା ଅଭିଯାନ ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକରେ ଡିଏସ୍ପି, ଡି.ଆଇ.ବି ବାଲେଶ୍ୱର ଗିଧି, ଡାକ୍ତର ଅଶୋକ କୁମାର ଦାସ ଓ ଡେପୁଟି କଲେକ୍ଟର ଐଶ୍ୱର୍ଯ୍ୟ ପୃଷେଠ ଉପସ୍ଥିତ ଥିଲେ।



## ବିକାଶ ଚନ୍ଦ୍ରଙ୍କୁ ନୂଆ ଦାୟିତ୍ୱ

**ସମ୍ବଲପୁର, ୧୯।୩(ସମିସ):** ରାଉରକେଲା ଅମର ଭବନ ଠାରେ ବଜରଙ୍ଗଦଳ ଓ ବିଶ୍ୱହିନ୍ଦୁ ପରିଷଦର ୨ ଦିନିଆ ପ୍ରାନ୍ତଃ କାର୍ଯ୍ୟକାରିଣି ବୈଠକ ଚଳିତ ମାସ ୧୬ ଓ ୧୭ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଜରଙ୍ଗ ଦଳ ଓଡ଼ିଶା ପଶ୍ଚିମର ବିଭିନ୍ନ ଜିଲ୍ଲାର ନୂତନ ପଦାଧିକାରୀଙ୍କୁ ନୂତନ କରି ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ସମ୍ବଲପୁର ଜିଲ୍ଲାରେ ବଜରଙ୍ଗ ଦଳ ସମ୍ବଲପୁର ମହାନଗର ସଂଯୋଜକ ଭାବରେ ବିକାଶ ଚନ୍ଦ୍ର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି।



ଏହାସହ ବଜରଙ୍ଗଦଳ ସମ୍ବଲପୁର ଜିଲ୍ଲା ସହ ସଂଯୋଜକ ପ୍ରମୋଦ ଛନ୍ଦ, ଜିଲ୍ଲା ମିଳନ କେନ୍ଦ୍ର ପ୍ରମୁଖ କିସୋର ପାଡି, ଜିଲ୍ଲା ଗୋ ସୁରକ୍ଷା ପ୍ରମୁଖ ଅଙ୍କିତ ସିଂ, ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ଅମିତ ସୋନି, ଜିଲ୍ଲା କଳୋପାସନ ପ୍ରମୁଖ ରୋହିତ ଝୁରିଆ, ଜିଲ୍ଲା ସୁରକ୍ଷା ପ୍ରମୁଖ ଦିପକ ଦାହାରେଙ୍କୁ ନୂତନ କରି ଦାୟିତ୍ୱ ଦିଆଯାଇଛି। ସୂଚନା ଅନୁସାରେ ବିକାଶ ଚନ୍ଦ୍ର ବେହେରା ପୂର୍ବରୁ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲାର ସହ ସମ୍ପାଦକ ଭାବରେ କାର୍ଯ୍ୟ କରିଛନ୍ତି।

## ଡାକ୍ତର ସଞ୍ଜୀବ ମିଶ୍ର ସମ୍ମାନିତ

**ସମ୍ବଲପୁର, ୧୯।୩(ସମିସ):** ଭିମସାର୍‌ରେ ସହକାରୀ ପ୍ରଫେସର ଯୁବ ଡାକ୍ତର ସଞ୍ଜିବ କୁମାର ମିଶ୍ରଙ୍କୁ ହିମାଚଳ ପ୍ରଦେଶର ମାନାଲିରେ ଭାରତୀୟ ଜନସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଛି। ସେଠାରେ ଅନୁଷ୍ଠିତ ଏହି ସଂଗଠନର ଜାତୀୟ ସମ୍ମିଳନୀରେ ଡ.ମିଶ୍ରଙ୍କୁ ସମ୍ମାନଜନକ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାଜରେ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟରେ ଗୁରୁତର ସମସ୍ୟା ସୃଷ୍ଟି କରୁଥିବା ରୋଗର ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥା ସଂକ୍ରାନ୍ତରେ ପ୍ରଭାବୀ ଜନସଚେତନତା ସୃଷ୍ଟିରେ ଅନୁଷ୍ଠାନ ର ଅବଦାନ ପାଇଁ ତାଙ୍କୁ ଏହି ଜାତୀୟ ସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଡ଼. ମିଶ୍ର ଭାରତୀୟ ଜନସ୍ୱାସ୍ଥ୍ୟ ସଂଗଠନର ଜଣେ ଉତ୍ସର୍ଗୀକୃତ କାର୍ଯ୍ୟକର୍ତ୍ତା। ସେ ଓଡ଼ିଶା ରାଜ୍ୟ ଶାଖାର ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି।




## ଭିମ୍‌ସାର, ଡିଏଚ୍‌ଏଚ୍‌ର ବିକଳ ଚିତ୍ର

# ଛାତରୁ ସିଲିଂ ଖସୁଛି, ଭିତରେ ପାଣି ଭାସୁଛି

**ସମ୍ବଲପୁର, ୧୯।୩(ସମିସ)**

ସମ୍ବଲପୁର ଜିଲ୍ଲାର ପ୍ରମୁଖ ମେଡିକାଲ ଭାବରେ ଜିଲ୍ଲା ସଦର ଡାକ୍ତରଖାନା ଓ ଭିମସାର ମେଡିକାଲକୁ ବୁଝାଏ। ଭିମସାର ଉପରେ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟ ବାହାର ରୋଗୀ ନିର୍ଭର କରନ୍ତି। ରାଜ୍ୟ ସରକାର ମେଡିକାଲକୁ ରୂପାନ୍ତରଣ କରିବାକୁ ଏବେ ୯୫୦ କୋଟି ଟଙ୍କା ଘୋଷଣା କରିଛନ୍ତି। ପୂର୍ବରୁ କୋଟି ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମିର ବିକାଶ ଓ ଅନୁସାଙ୍ଗିକ ବ୍ୟବସ୍ଥା କରାଯାଇଛି। ରୋଗୀସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ହେଲେ ନିମ୍ନମାନର କାମ ହୋଇଥିବାରୁ ଏବେ ସମସ୍ୟା ସୃଷ୍ଟି ହେଉଛି। ରୋଗୀମାନଙ୍କ ସୁବିଧା ପାଇଁ ହଲ ଗୁଡିକରେ ସିଲିଂ କରାଯାଉଛି। ବଡ଼ ବଡ଼ କୁଲର ଲଗାଯାଇଛି। ପ୍ରତି ଘଣ୍ଟାରେ ସଫାସୁତୁରା କରି ରଖାଯାଉଛି। ହେଲେ ଏବେ ରୋଗୀ ଜୀବନ ବିପଦରେ। ପ୍ରାୟ ସବୁ ୱାର୍ଡରେ ଲଗାଯାଇଥିବା ସିଲିଂ ଖସୁଥିବା ବେଳେ ଅଧା ଖୋଲାମେଲା ହୋଇଯାଇଛି। ପୁରଷ ଅସ୍ଥୀଶଲ୍ୟ ବିଭାଗ ୱାର୍ଡ ନମ୍ବର ୪ରେ ଏଭଳି ହୋଇଥିବା ଦେଖାଦେଇଛି। ରୋଗୀମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୋଇଥିବା ସମୟରେ କେତେବେଳେ ପଡ଼ିଗଲେ ଜୀବନ ଚାଲିଯିବ ବୋଲି କହିଛନ୍ତି। ଏହାର ମରାମତି କରାଯାଉ ନ ହେଲେ ଏହାକୁ ସମ୍ପୂର୍ଣ୍ଣ ଭାବେ ଖୋଲି ନୂଆଁ କରାଯାଉ ବୋଲି ଦାବି କରିଛନ୍ତି। ଅନ୍ୟପଟେ ଜିଲ୍ଲା ସଦରଡାକ୍ତର ଖାନାରେ ଏବେ ନୂଆଁ କାମ ହୋଇଛି। ରେଗୀଙ୍କ ପାଇଁ ବାହାରେ ବସିବା, ଲାଇନ ସମୟରେ ସୁବିଧା ପାଇଁ ଉପରେ ସେଟ ତିଆରି କରିବା, ଭଲ ପାର୍କି ବ୍ୟବସ୍ଥା କରାଯାଇଛି। ଏହାସହ ଓପିଡି ଟିକେଟ ପାଇଁ ମେସିନ ଖଞ୍ଜା





ଯାଇଛି। ରଙ୍ଗରେ ଚକାଚକ, ଲାଇଟ୍ ବ୍ୟବସ୍ଥା ହୋଇଛି। ହେଲେ କିଛି ଲାଭ ମିଳିଲା ନାହିଁ। ସମାନ୍ୟ ବର୍ଷାରେ ଛାତରୁ ପାଣି ପଡୁଛି। ପାଣି ଏତେ ପରିମାଣରେ ପଡୁଛି ଯେ, ମେଡିକାଲ ବର୍ହିବିଭାଗ ଓ ଟିକେଟ୍ କାଉଣ୍ଟର, ନିରାମୟ କାଉଣ୍ଟର, ଲାଇନରେ ଛିଡା ହେବା ସ୍ଥାନରେ ପାଣି ଭାସୁଛି। ଆଜି ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟମାନେ ସମସ୍ୟାର ସମ୍ମୁଖୀନ ହୋଇ ଅଭିଯୋଗ କରିଥିଲେ। ପୂର୍ବରୁ ଭଲ ଥିଲା। ଯଦି ସୁବିଧା ପାଇଁ ନିର୍ମାଣ କରିବାର ଥିଲା ତାହାହେଲେ କାମର ମାନ ଉପରେ କାହିଁକି ଗୁରୁତ୍ୱ ଦିଆଯାଉ ନାହିଁ। ସରକାର ଟଙ୍କାକୁ କାମ କରୁଥିବା ସଂସ୍ଥା, ଠିକାଦାର ମିଳିମିଶି ଚଲୁ କରୁଛନ୍ତି। ଉପଯୁକ୍ତ ଡିଜାଇନ, ପ୍ଲାନିଂ ନ କରି ମନମୁଖୀ ଭାବେ ଟଙ୍କା ସାରିବା ଉଦ୍ୟେଶରେ କାମ କରିବାରୁ ଏଭଳି ସମସ୍ୟା ହୋଇଛି ବୋଲି ସୂର୍ଯ୍ୟ ପାଣିଗ୍ରାହୀ, ମୁକେଶ କୁମାର ଜରିୱାଲ, ସଞ୍ଜୟ ଶଡ଼ଙ୍ଗୀ, ଦେଓ କିରଣ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସିଡିଏମଓ କହିଛନ୍ତି ଯେ, ଘଟଣାକୁ ନେଇ ଅବଗତ ଅଛି। ଆସନ୍ତାକାଲି କାମ କରୁଥିବା ବିଭାଗ ସହିତ ଏ ନେଇ ଆଲୋଚନା କରାଯିବ। କାମ ନୂତନ ଭାବେ ହୋଇଛି। ହେଲେ କେଉଁ କାରଣରୁ ପାଣି ଭାସୁଛି ତାହା ଯାଞ୍ଚ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।

## ଦାଦନ ଶ୍ରମିକଙ୍କ ସକାଶେ ସ୍ୱତନ୍ତ୍ର ଅଭିଯାନ

# ଶତପ୍ରତିଶତ ମତଦାନ ଲାଗି ପ୍ରଶାସନର ଲକ୍ଷ୍ୟ

**ନୂଆପଡା,୧୯।୩(ସମିସ)**

ନୂଆପଡା ଭଳି ଏକ ଉପାନ୍ତ ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନରେ କିପରି ଶତ ପ୍ରତିଶତ ମତଦାନ ହୋଇପାରିବ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି। ଜିଲ୍ଲାପାଳ ହେମକାନ୍ତ ସୟ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ନୂଆପଡା ଏକ ଦାଦନ ପ୍ରବଣ ଜିଲ୍ଲା ହୋଇଥିବା ହେତୁ ଭୋଟର କିପରି ତାଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିପାରିବେ ସେଥିପାଇଁ ମଧ୍ୟ ପ୍ରୟାସ କରାଯାଇଛି। ଜିଲ୍ଲାରେ ମୋଟ ୬୦୩ଟି ବୁଥ୍ ରହିଛି। ଏଥିରେ ମୋଟ ୪ଲକ୍ଷ ୯୪ହଜାର ୪୪୬ଜଣ ମତଦାତା ରହିଛନ୍ତି। ଏଥିରୁ କିପରି ଶତ ପ୍ରତିଶତ ମତଦାତା ଠିକ୍ ଭାବେ ମତଦାନ କରିପାରିବେ ସେଥିପାଇଁ ପ୍ରୟାସ କରାଯାଇଛି। ଏଥିପାଇଁ ଗତ ମାସେ ଧରି ଜିଲ୍ଲାବ୍ୟାପି ସମସ୍ତ ବୁଥ୍ ଅଞ୍ଚଳରେ ଭିଭିପ୍ୟାଟ୍ ଧରି ପ୍ରଶାସନିକ କର୍ମଚାରୀମାନେ ମକ୍ ପୁଲିଂ କରିଥିଲେ। ମୋବାଇଲ ଡେମୋନଷ୍ଟ୍ରେସନ ଭ୍ୟାନ ଜିଲ୍ଲାବ୍ୟାପି ପରିକ୍ରମା କରିଥିଲା। ଏହା ମୋଟ ୬୦୩ଟିରୁ ୫୫୧ଟି ପୁଲିଂ ସେଣ୍ଟରରେ ପ୍ରଦର୍ଶିତ ହୋଇଥିବାବେଳେ ନୂଆପଡା ଜିଲ୍ଲା ହେଡକ୍ୱାର୍ଟରରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମେତ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଇଭିଏମ ଡେମୋନଷ୍ଟ୍ରେସନ ସେଣ୍ଟରରେ ମୋଟ ୨୫୬୮ଜଣ ମତଦାତା ମକ ପୋଲ କରିଥିଲେ। ନୂଆପଡା ଜିଲ୍ଲାରୁ ଅନ୍ୟାନ୍ୟ ଜିଲ୍ଲା ତଥା ରାଜ୍ୟକୁ ଶ୍ରମିକମାନେ ଦାଦନ ଖଟିବାକୁ ଯାଇଛନ୍ତି। ସେମାନଙ୍କ ପରିବାର ସର୍ଭେ କରାଯାଇଛି। ମତଦାନବେଳେ ଯେମିତି ସମସ୍ତେ ଭାଗ ନେଇପାରିବେ ସେଥିପାଇଁ ସଚେତନ କରାଯାଇଛି। ଶ୍ରମିକମାନଙ୍କୁ ଯଦି କୌଣସି ନେତା କିମ୍ବା ଦଳ ଅସାଧୁ ଉପାୟରେ ଭ୍ରମିତ କରିବାର ଅପଚେଷ୍ଟା କରନ୍ତି ତାହା ହେଲେ ସେମାନଙ୍କ ଉପରେ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ନୂଆପଡ଼ାରେ ମତଦାନ କରିବେ ଏସ୍‌ପି

**ନୂଆପଡା,୧୯।୩(ସମିସ):** ସମସ୍ତ ମତଦାତା ରାଜ୍ୟ କିମ୍ବା ଦେଶର ଯେକୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି ସେମାନେ ନିଜର ମତଦାନ ଠିକ ଭାବରେ କରିପାରିବେ। ଏଥିପାଇଁ ନିଜ ନିଜର ଭୋଟର ପରିଚୟ ପତ୍ର ସ୍ଥାନାନ୍ତର କରିପାରିବେ। ନୂଆପଡା ଏସପି ଜି.ଆର. ରାଘବେନ୍ଦ୍ର ଏହା କରିଛନ୍ତି। ସେ ନିଜେ ତାଙ୍କ ଭୋଟ୍ ପରିଚୟ ପତ୍ରକୁ ଆନ୍ଧ୍ରପ୍ରଦେଶରୁ ନୂଆପଡା ସ୍ଥାନାନ୍ତର କରିଛନ୍ତି। ଏଠାରେ ସେ ତାଙ୍କର ମତଦାନ ସାବ୍ୟସ୍ତ କରିବେ। ସୂଚନାଯୋଗ୍ୟ, ସରକାରୀ କିମ୍ବା ବେସରକାରୀ କର୍ମଚାରୀ ନିଜ ନିଜର ମତଦାନ କରିବାରୁ ବଞ୍ଚିତ ରହିଥାନ୍ତି; ହେଲେ ଏଥର ଅନଲାଇନରେ ଏହା ସ୍ଥାନାନ୍ତର କରିବାର ସୁବିଧା ଦିଆଯାଇଛି। ଏହାକୁ ସମସ୍ତେ ଆଗକୁ ଆସି କରିବାକୁ ଏସପି ଆହ୍ୱାନ କରିଛନ୍ତି।

## ଖରିଆରରୋଡ୍, ନୂଆପଡ଼ା ସହରରେ ଫ୍ଲାଗ୍‌ମାର୍ଚ୍ଚ

ନୂଆପଡା,୧୯।୩(ସମିସ): ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ସରିଛି। ଖୁବ୍ କମ୍ ଦିନ ମଧ୍ୟରେ ନିର୍ବାଚନ ହେବ। ଏଥି ସକାଶେ ଜିଲ୍ଲାର ବିଭିନ୍ନ ଜାଗାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ମଙ୍ଗଳବାର ଜିଲ୍ଲାର ଖରିଆରରୋଡ ଏବଂ ନୂଆପଡା ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଖରିଆରରୋଡରେ ଥାନାଧିକାରୀ ଗୁରୁଦେବ କର୍ମୀଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏସ୍‌ଡିପିଓ ଅମ୍ରିତପାଲ ସିଂ, ସୁନୀଲ ପଟେଲ, ସିଆରପିଏଫ, ଡିଭିଏଫ ସହ ପୁଲିସ ବଳ ସାମିଲ ହୋଇଥିଲେ। ସେହିଭଳି ନୂଆପଡାରେ ଆୟୋଜିତ ଫ୍ଲାଗମାର୍ଚ୍ଚରେ ସିଆରପିଏଫ ଡେପୁଟି କମାଣ୍ଡାଣ୍ଟ ଧନରାମ ଯାଦବ, ଏସ୍‌ଡିପିଓ ଅମ୍ରିତପାଲ ସିଂ ପ୍ରମୁଖ ସାମିଲ ହୋଇଥିଲେ।



## କୋମନା ଲୋକ ମହୋତ୍ସବ ଉପଲକ୍ଷେ କବିତା ଆସର



**କୋମନା,୧୯ ।୩(ସମିସ):** କୋମନା ଅଞ୍ଚଳର କଳା ସଂସ୍କୃତି, ଲୋକଗୀତ ତଥା ଲୋକ ପରମ୍ପରାକୁ ବଜାୟ ରଖିବା ପାଇଁ କୋମନା ଲୋକ ମହୋତ୍ସବ ଆୟୋଜିତ ହୋଇଛି। ଏହି ଅବସରରେ ମହୋତ୍ସବ ପ୍ରାଙ୍ଗଣରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ଆୟୋଜନ କମିଟି ସଭାପତି ଜଗଦିଶ ଚନ୍ଦ୍ର ଦୁରିଆଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ବୋଡେନ ବ୍ଲକର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଇନ୍ଦ୍ରମଣି ପାଣିଗ୍ରାହୀ, କେନ୍ଦ୍ରାପଡା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ଅପର୍ଣ୍ଣା ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ଠାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ କୋଶଲୀ ପତ୍ରିକା କରଚା ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ଡ. ଦୀପକ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଯୁବକବି ସୁନୀଲ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ନେଇ ସଚେତନତା ରଥ ପରିକ୍ରମା

କୋମନା,୧୯ ।୩(ସମିସ): ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ହରିଶଙ୍କର ପୀଠରେ ୩୧ରୁ ୫ ତାରିଖ ପର୍ଯ୍ୟନ୍ତ କୁଲତା ସମାଜର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଏକ ସଚେତନତା ରଥ ପଡୋଶୀ ନୂଆପଡା ଜିଲ୍ଲାର ଗାଁ ଗାଁରେ ପରିଭ୍ରମଣ କରୁଛି। ଏହି ଜିଲ୍ଲାରେ ବସବାସ କରୁଥିବା କୁଲତା ଜାତିର ଜାତି ତଥା ବନ୍ଧୁ ବାନ୍ଧବକୁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିବେଦନ କରାଯାଇଛି। ରଥକୁ ଗାଁ ଗାଁରେ ଭବ୍ୟ ସ୍ୱାଗତ କରାଯାଉଛି।

## ସିନାପାଲି ନୂଆ ବିଡିଓଙ୍କୁ ସମ୍ବର୍ଦ୍ଧନା



**ସିନାପାଲି,୧୯ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ନୂତନ ବିଡ଼ିଓ ଭାବେ ଅବିନାଶ ଲାକ୍ରା ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଟିଟଲାଗଡରେ ଡେପୁଟି କଲେକ୍ଟର ଥିଲେ। ଏଠାରେ ଥିବା ବିଡ଼ିଓ ସର୍ବେଶ୍ୱର ଜାଲଙ୍କ ଅନ୍ୟତ୍ର ବଦଳି ହେବା ପରେ ସେ ଯୋଗ ଦେଇଛନ୍ତି। ତେବେ ସିନାପାଲି ବ୍ଲକ ବିଜେଡି ତରଫରୁ ସଭାପତି ଗରୁଡଧ୍ୱଜ ବେହେରା, ସମ୍ପାଦକ ଦଇତାରୀ ମେହେର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ମହେନ୍ଦ୍ର ସୁନାନୀ, ଭରୁଆମୁଣ୍ଡା ପଞ୍ଚାୟତ ସରପଞ୍ଚ ବିରଞ୍ଚି ଜଗତ, ଅଶୋକ ନାୟକ, ହେରାମ୍ବ ବାଗ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବ୍ଲକର ବିଭିନ୍ନ ବିଭାଗ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଭାଲୁ ଆକ୍ରମଣରେ ଯୁବକ ଆହତ

**କୋକସରା,୧୯ ।୩(ସମିସ):** କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ଅଧୀନ ବରାଡଙ୍ଗା ଗ୍ରାମର ଜଣେ ଯୁବକ ମଙ୍ଗଳବାର ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ଆହତ ଯୁବକ ବରାଡଙ୍ଗା ଗ୍ରାମର ନକୁଳ ମାଝୀ(୩୪)। ସେ ସକାଳୁ କମଲ ନଦୀ ନିକଟରେ ଥିବା ନିଜ ଚାଷ ଜମିକୁ ମହୁଲ ଫୁଲ ଗୋଟାଇବା ପାଇଁ ଯାଇଥିଲେ। ମହୁଲ ସଂଗ୍ରହ କରୁଥିବା ସମୟରେ ପଛପଟୁ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। କୌଶଳକ୍ରମେ ନକୁଳ ଭାଲୁ କବଳରୁ ନିଜକୁ ବଞ୍ଚେଇ ନେଇଥିଲେ। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ୫ ବାପଛେଉଣ୍ଡ ପିଲାଙ୍କ ଦାୟିତ୍ୱ ନେବ ପ୍ରଶାସନ



**ବେହେରା/ଧର୍ମଗଡ,୧୯ ।୩(ସମିସ):** ଧର୍ମଗଡ ବ୍ଲକ୍ ଛଞ୍ଚାଣ ବାହାଲି ପଞ୍ଚାୟତ ପଲସପାଣି ଗ୍ରାମର ୫ ବାପା ଛେଉଣ୍ଡ ଝିଅଙ୍କ ପାଖରେ ଶିଶୁ ସୁରକ୍ଷା ବିଭାଗ ପହଞ୍ଚିଛି। ସ୍ୱର୍ଗତ ରାଧେ ପୁଝାରୀଙ୍କ ୫ ଝିଅ ତୀରାସ ପୁଝାରୀ (୧୪), ଦୁର୍ମିଳା ପୁଝାରୀ (୧୨), ନିଲାବତୀ (୧୦), ଗୋଲାପି (୮), ନିଲୁ (୬)ଙ୍କ ଲାଳନପାଳନ କଥା ପ୍ରଶାସନ ବୁଝିବ ବୋଲି କଥା ଦେଇଛି।

ମାନସିକ ସ୍ଥିତି ହରାଇ ନିକଟରେ ରାଧେ ଆତ୍ମହତ୍ୟା କରିଛନ୍ତି। ଏଣୁ ୫ ପିଲାଙ୍କୁ ନେଇ ଅତି ନୀୟ ଭାବେ ତାଙ୍କ ସ୍ତ୍ରୀ ଇନ୍ଦ୍ରା ପୁଝାରୀ ଲାଳନପାଳନ କରୁଛନ୍ତି। ସାଙ୍ଗରେ ପୁଣି ବୁଢ଼ୀ ଶାଶୁ ଅମ୍ବିକା ପୁଝାରୀଙ୍କ ଦାୟିତ୍ୱ। ଏ ନେଇ ଖବର ପ୍ରକାଶ ପରେ ମଙ୍ଗଳବାର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଗୁରୁ ପ୍ରସାଦ ନାଏକ, ସୁଧାଂଶୁ ଶେଖର ମହାପାତ୍ର, ଚାଇଲ୍ଡ ଲାଇନ ସଦସ୍ୟ ଦୁଷ୍ମନ୍ତ କେତକୀ, ଜାଗେଶ୍ୱର ନିଆଲ, ଡଗ ମାଲ୍ୟା ନାଏକ ପ୍ରମୁଖ ଏହି ପରିବାର ପାଖରେ ପହଞ୍ଚିଥିଲେ। ୫ଝିଅଙ୍କ ଅସୁବିଧା ବୁଝିବା ସହ ସେମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ। ଏପରିକି ପାଠ ପଢା ପାଇଁ ମା' ଓ ଛୁଆଙ୍କ ଇଚ୍ଛା ଅନୁଯାୟୀ ଜୟନ୍ତପୁର କନ୍ୟାଶ୍ରମରେ ଥଇଥାନ କରାଯିବା ନେଇ ଉପରସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ଶିଶୁ ସୁରକ୍ଷା ବିଭାଗ କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର କହିଛନ୍ତି।

## ଘାଟିରେ ଅଟୋ ଓଲଟି ୭ ଗୁରୁତର

**ମ.ରାମପୁର,୧୯ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଏମ୍ ରାମପୁର ବ୍ଲକର ଦେଢଗୁଲି ପଞ୍ଚାୟତ ଜାମୁଲି ଘାଟିରେ ଏକ ଅଟୋ ଓଲଟି ୫ଜଣ ଗୁରୁତର ଆହତ ହୋଇଛନ୍ତି। ଏମାନେ ହେଲେ ସାରେଙ୍ଗପଡା ଗାଁର କରେଲି ମାଝୀ, ମିଖାଲା ବେନିଆ, ନିଳେନ୍ଦ୍ରି ବେନିଆ, ପଟାଙ୍ଗି ଗାଁର ସମାଲି ମାଝୀ, ବ୍ରଜ ହରିଜନ। ଏମାନେ ଏକ ବିବାହ ଭୋଜିରେ ଯୋଗ ଦେବାକୁ ସାରେଙ୍ଗପଡା ଗାଁରୁ ମାସ୍କାପୁଡି ଗାଁକୁ ଅଟୋରେ ଯାଉଥିବଲେ।

## ଲିଟିଗୁଡ଼ାରେ ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ

**ହାତୀବନ୍ଧା,୧୯ ।୩(ସମିସ):** ସିନାପାଲି ବ୍ଲକ ଲିଟିଗୁଡା ବସ୍ତି ପଡାରେ ଷୋହଳ ପ୍ରହର ଅଖଣ୍ଡ ବିଶ୍ୱଶାନ୍ତି ନାମଯଜ୍ଞ ଶେଷ ହୋଇଛି। ନାମ ଯଜ୍ଞ କମିଟି ସଭାପତି ଚକିତ ନାଗ ପରିଚାଳନା କରିଥିବାବେଳେ ସମ୍ପାଦକ ରମେଶ ମେହେର, ପଣ୍ଡିତ ଜକ୍ତା ନନ୍ଦ ଦାସ ଗଣେଶ ଦାସ, ସନ୍ଦୀପ ଦା. ପଞ୍ଚାନନ ଶତପଥୀ, ମହେନ୍ଦ୍ର ଦାସ ପ୍ରମୁଖ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଏହି ନାମଯଜ୍ଞରେ ବରଗାଁ, କୌଡ଼ାଲା, ଝରିଆପଡା, ଲିଟିଗୁଡା, କୋକପଦର, ଫରସରା, ମହେନ୍ଦ୍ରପୁର, ବାହାବଳ, ଗୁଡୁରଗୁମା ନାମ ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ସୁଷମା ମେହେର ଓ ଭୀଷ୍ମରାଜ ମେହେର କର୍ତ୍ତା ଥିଲେ। ରମାକାନ୍ତ ବଛା, ବସନ୍ତ ମେହେର, ସଞ୍ଜୟ ମେହେର, ଅନିରୁଦ୍ଧ ନାଗ, ଦୁର୍ଜନ ଘିଭେଲା, ଚୈତନ୍ୟ ନାଗ, ପରମାନନ୍ଦ ନାଗ ପ୍ରମୁଖ ସହଯୋଗ କରିଥିଲେ।

## ମା' ତାରିଣୀ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ

**ଭବାନୀପାଟଣା,୧୯ ।୩(ସମିସ):** ସ୍ଥାନୀୟ ପୁରୁଣାପଡାସ୍ଥିତ ମା' ତାରିଣୀ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିରାଟ କଳସ ଯାତ୍ରା ବାହାରିଥିବା ବେଳେ ସନ୍ଧ୍ୟାରେ ଶୁଭାଧିବାସ ଅନୁଷ୍ଠିତ ହୋଇଥିଲା। ସଂଜୀବ ପ୍ରଧାନ, ମଧୁସ୍ମିତା ପ୍ରଧାନ କର୍ତ୍ତା ଥିଲେ। ଜୋନ୍ସ ମହାରଣା, ରୋହିଣୀକାନ୍ତ ଚଲାନ, ପ୍ରସନ୍ନ ମହାରଣା, ଭାବଗ୍ରାହୀ ମହାରଣା, ରାଧେଶ୍ୟାମ ବେହେରା, ଦେବରାଜ ପ୍ରଧାନ, ସୁବାସ ପ୍ରଧାନ, ମନମୋହନ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଯାମି ସ୍ୱାଇଁ, ଗୋପାଳ ମହାରଣା, କୈଳାଶ ପ୍ରଧାନ, ପ୍ରସନ୍ନ ମହାରଣା, ବିକାଶ ପ୍ରଧାନ, ସୁଶାନ୍ତ ବିଶ୍ୱାଳ, ଶ୍ୟାମ ସୁନ୍ଦର ମହାରଣା, ଗଙ୍ଗାଧର ଶବର, କୁନା ମହାଖୁଡ଼, ଦୀପକ ମହାଖୁଡ଼ ଇନ୍ଦ୍ରଜିତ ମହାଖୁଡ଼, ସଞ୍ଜୟ ମହାରଣା, ପୂଜକ ବୁଲୁ ମୁଣ୍ଡ, କିଶୋର ସ୍ୱାଇଁ, ରବି ମହାଖୁଡ଼, ଭଗବାନ ମହାରଣା, ବସନ୍ତ ପ୍ରଧାନ, ସୁଦାମ ମହାରଣା, ଲଳିତା ନାଏକ, ସଂଯୁକ୍ତା ପ୍ରଧାନ, ରାଧେଶ୍ୟାମ ବିଶ୍ୱାଳ, ବୃନ୍ଦାବନ ବାବା, ପୂଜକ ସନାତନ ବାବା ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।



## ଜାତୀୟ ଶିକ୍ଷା ନୀତି ଉପରେ ତାଲିମ

# ଓଡ଼ିଶାରୁ ୪୭ ଜଣ ମାଷ୍ଟର ଟ୍ରେନର ଯୋଗ ଦେଲେ




**ନୂଆପଡା,୧୯ ।୩(ସମିସ):** ଜାତୀୟ ଶିକ୍ଷା ନୀତି-୨୦୨୦ର ମାର୍ଗଦର୍ଶନରେ ମାଧ୍ୟମିକ ବିଦ୍ୟାଳୟସ୍ତରରୁ ଧନ୍ଦାମୂଳକ ଶିକ୍ଷାକୁ ସାଧାରଣ ଶିକ୍ଷା ବ୍ୟବସ୍ଥାରେ ସଂଯୋଗୀକରଣ କରିବା ପାଇଁ ଭୋପାଳସ୍ଥିତ ପିଏସଏସ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ତରଫରୁ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୪୭ ଜଣ ମାଷ୍ଟର ଟ୍ରେନର ଯୋଗ ଦେଇଥିଲେ; ଯେଉଁଥିରେ କୁଲିଆବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୁଣସାଗର ଭୋଇ ଓ ବୋଇରଭଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୋପାଳ ଭବତୋଷ ଦାଶ ସାମିଲ ହେବାର ସୁଯୋଗ ପାଇଥିଲେ।

## ପ୍ରବଳ ଘଡ଼ଘଡ଼ି ସହ କୁଆପଥର ବର୍ଷା

# କୋମନା ଲୋକ ମହୋତ୍ସବର ଉଦ୍‌ଯାପନୀ ସମାରୋହ ବାତିଲ

**କୋମନା,୧୯ ।୩(ସମିସ):** ନୂଆପଡା ଜିଲ୍ଲା କୋମନା ଅଞ୍ଚଳରେ ପ୍ରବଳ ଘଡଘଡି ସହ କୁଆପଥର ଓ ବର୍ଷା ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ପବନ ଯୋଗୁଁ ବଡ ବଡ ଗଛ ଭାଙ୍ଗି ଯାଇଛି। କୋମନା ଲୋକ ମହୋତ୍ସବର ମଞ୍ଚ ପ୍ରଭାବିତ ହୋଇଛି। ଏଣୁ ମଙ୍ଗଳବାର ସଂଧ୍ୟାରେ ହେବାକୁ ଥିବା ଉଦ୍‌ଯାପନୀ ସମାରୋହକୁ ମହୋତ୍ସବ କମିଟି ବାତିଲ କରିଛି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ଲଡୁଗାଁ,୧୯ ।୩(ସମିସ): କୋକସରା ଥାନା ଜୟନ୍ତପୁର ଗ୍ରାମର ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ନାବାଳକକୁ ବାଳ ସ୍ୱଧାରଗୃହକୁ ପଠାଇଛି। ଖୁଣ୍ଟିଆ ପଞ୍ଚାୟତ ମିର୍ଜାପୁର ବନ୍ଧପଡା ଗ୍ରାମର ଜଣେ ୧୭ ବର୍ଷର ଜଣେ ନାବାଳକ ନାବାଳିକା ସହ ପ୍ରେମ ସମ୍ପର୍କ ରଖି ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ନାବାଳିକାର ମା' ଅଭିଯୋଗ କରିଛନ୍ତି। ଗତ ୧୫ ତାରିଖ ସନ୍ଧ୍ୟାରେ ଶୌଚ ପାଇଁ ଯାଇ ନ ଫେରିବାରୁ ନାବାଳିକାଙ୍କ ଘର ଲୋକେ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ପାଇବାରୁ ୧୭ରେ ଝିଅ ନିଖୋଜ ଥିବା ନେଇ କୋକସରା ଥାନାରେ ନାବାଳିକାର ମା' ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ପଡୋଶୀ ବନ୍ଧପଡା ଗାଁର ନାବାଳକକୁ ଆଣି ପଚରାଉଚରା କରିଥିଲା। ନାବାଳିକାକୁ ଉଦ୍ଧାର କରି ଡାକ୍ତରି ମାଇନା କରିଥିଲା। ନାବାଳିକାର ବୟାନ ରେକର୍ଡ ପରେ ନାବାଳକକୁ ବାଳ ସ୍ୱଧାର ଗୃହକୁ ପଠାଇଛି।

# ଷ୍ଟାଡିୟମ ପାଇଁ ଜମି ଦାନ କଲେ ସିଙ୍ଗଝରର ଗୌନ୍ତିଆ ପରିବାର

**ସିନାପାଲି,୧୯ ।୩ (ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସିଙ୍ଗଝରରେ ବୁଢ଼ାରଜା ଷ୍ଟାଡିୟମ ନିର୍ମାଣ ପାଇଁ ସିଙ୍ଗଝର ଗ୍ରାମର ଗୌନ୍ତିଆ ପରିବାର ଜମି ଦାନ କରିଛନ୍ତି। ଏଭଳି ମହତ କାର୍ଯ୍ୟ ପାଇଁ ସିଙ୍ଗଝର ତଥା ସିନାପାଲି ଅଞ୍ଚଳର ଜନସାଧାରଣ କୃତଜ୍ଞତା ଜଣାଇବା ସହ ସାରା ପରିବାରକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ସିଙ୍ଗଝର ଏକ ସର୍ବପୁରାତନ ଐତିହାସିକ ଗ୍ରାମ। ଏଠାରେ କ୍ରୀଡ଼ାର ମହାକୁମ୍ଭ ଆୟୋଜିତ ହୋଇ ସାରା ନୂଆପଡ଼ା କାହିଁକି ସୀମାନ୍ତ ଛତିଶଗଡ଼ରେ ମଧ୍ୟ ବେଶ୍ ସୁନାମ ଅର୍ଜନ କରିଛି। ଏଠାରେ ଆବଶ୍ୟକ ସରକାରୀ ଜାଗା ନ ଥିବାରୁ ବିଭିନ୍ନ ସମୟରେ ବ୍ୟକ୍ତିଗତ ଜାଗାରେ କ୍ରୀଡା ମହାକୁମ୍ଭ ଆୟୋଜିତ ହେଉଥିଲା। ଏହି ପ୍ରତିଯୋଗୀତାରେ ଅନେକ ପ୍ରାସାସନିକ ଅଧିକାରୀ ତଥା ରାଜନେତା ଆସି ଷ୍ଟାଡିୟମ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ; ହେଲେ ଆବଶ୍ୟକ ଜାଗା ନ ଥିବାରୁ ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରତିବନ୍ଧକ ଦେଖା ଦେଇଥିଲା। ପରିଶେଷରେ ସିଙ୍ଗଝର ଗ୍ରାମର ଗୌନ୍ତିଆ ସ୍ୱର୍ଗତ ନୀଳାମ୍ବର ମାଝିଙ୍କ ନାମରେ ଥିବା ଜମିକୁ ତାଙ୍କ ପତ୍ନୀ ଓ ସପରିବାର ସରକାରଙ୍କୁ ଦାନ ସୂତ୍ରରେ ପ୍ରଦାନ କରିବା ପାଇଁ ଚିନ୍ତା କରିଥିଲେ। ସିଙ୍ଗଝର ଗ୍ରାମରୁ ମାତ୍ର ୩୦୦ ମିଟର ଦୂରରେ ଥିବା କୋଟାମାଳ ଯିବା ରାସ୍ତା ଉପରେ ଥିବା ୪ ଏକର ୬ ଡିସିମିଲ ଜାଗାକୁ ଦାନ ସୂତ୍ରରେ ପ୍ରଦାନ କରିଛନ୍ତି। ଖଡିଆଳସ୍ଥିତ ସବ୍ ରେଜିଷ୍ଟ୍ରି ଅଫିସରେ ପରିବାର ସଦସ୍ୟ ଉପସ୍ଥିତ ରହି ସରକାରଙ୍କୁ କ୍ରୀଡାର ବିକାଶ ଓ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଦାନ କରିଥିବା ନେଇ ପରିବାର ସଦସ୍ୟ ପ୍ରକାଶ କରିଛନ୍ତି। ଏହି ଜମି ଦାନ ସମୟରେ ସ୍ୱର୍ଗତ ନୀଳାମ୍ବର ମାଝିଙ୍କ ପତ୍ନୀ ସାବିତ୍ରୀ ମାଝି, ବଡ଼ ପୁଅ ଚୂଡ଼ାମଣି ମାଝି, ଗାୟତ୍ରୀ ଦଳପତି, ଟିକି ଦେଇ ମାଝି, ଧରଣୀଧର ମାଝି, ଗୌରୀ ଶଙ୍କର ମାଝି, କେଦାରନାଥ ମାଝି, ଦ୍ରୋପଦି ମଝୀ, ପ୍ରବୀଣ ଚନ୍ଦ୍ର ମାଝି, ଦମୟନ୍ତୀ ଛତ୍ରିଆ, ସ୍ୱର୍ଗତ ମାଝିଙ୍କ ବଡ ଝିଅ ସ୍ୱର୍ଗତ ବସନ୍ତ ମଞ୍ଜରି ମାଝିଙ୍କ ସ୍ୱାମୀ ଅନନ୍ତରାମ ମାଝି, ପୁଅ ଚନ୍ଦନ ମାଝି, ଚିନ୍ମୟ ମାଝି ଝିଅ ପଲ୍ଲବୀ ମାଝି ଓ ତନୁଶ୍ରୀ ମାଝିଙ୍କ ସମେତ ତାଙ୍କ ପରିବାର ଉପସ୍ଥିତ ଥିଲେ। ଏହି ମହତ କାର୍ଯ୍ୟ ପାଇଁ ସିଙ୍ଗଝର ପଞ୍ଚାୟତର ଜନସାଧାରଣ, ସିଙ୍ଗଝର ସ୍ପୋର୍ଟିଂ ଆସୋସିଏସନ୍ ଓ ଜୟଶ୍ରୀ ବୀଣାପାଣି ଯୁବକ ସଂଘର ଦୀର୍ଘ ବର୍ଷର ପ୍ରୟାସ ପରେ ସଫଳତା ମିଳିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।






# ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତାର ହାତ ବଢ଼ାଇଲେ ସମାଜସେବୀ

**ବରଗଡ଼,୧୯।୩ (ସମିସ):** ଦିନ ଦୁଇଟା ବେଳେ ବରଗଡ଼ର ବାନ୍ଧୁଟିକ୍ରା ଛକ ପାଖରେ ଏକ ବ୍ୟକ୍ତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ସମାଜସେବୀ ସଂଘମିତ୍ରା ପଟେଲ ଖବର ପାଇ ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଡାକ୍ତରଖାନା ପହଞ୍ଚାଇବାରେ ସହାୟତା କରିଥିଲେ। ଦୁଇ ଜଣ ଯୁବକଙ୍କ ସହାୟତାରେ ଅନୁପମା ଭୋଇ, ଅଞ୍ଜିଳି ଓ ସଂଘମିତ୍ରା ପଟେଲ ଏକ ଟେମ୍ପୋ ସାହାଯ୍ୟରେ ଉକ୍ତ ବ୍ୟକ୍ତିଙ୍କୁ ଟାଉନ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ବ୍ୟକ୍ତି ଜଣଙ୍କ ମୁଣ୍ଡ ଫାଟି ଯାଇଥିବାରୁ ୩/୪ଟି ଷ୍ଟିଚ ଲାଗିଛି। ଚିକିତ୍ସା ପରେ ସମାଜସେବୀ ସଂଘମିତ୍ରା, ଅନୁପମା ଓ ଅଞ୍ଜିଳି ତାଙ୍କୁ ଟେମ୍ପୋ ସାହାଯ୍ୟରେ ଜର୍ଜ ହାଇସ୍କୁଲ ପାଖରେ ଥିବା ତାଙ୍କର ଘରକୁ ନେଇ ଛାଡିଥିଲେ। ସହର ଭିତରେ ରାସ୍ତା ଉପରେ ଗାଡ଼ି ମଟର ରଖି ଟ୍ରାଫିକ ସମସ୍ୟା ଯୋଗୁଁ ପ୍ରତିଦିନ ଏମିତି ଛୋଟବଡ ଦୁର୍ଘଟଣା ମାନ ଘଟୁଛି। ସମସ୍ତେ ସଚେତନ ହେବା ସହ ଟ୍ରାଫିକ ନିୟମକୁ ମାନି ଚଳନ୍ତୁ ବୋଲି ବରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀ କହିଛନ୍ତି। ଟ୍ରାଫିକ ନିୟମ ମାନୁ ନ ଥିବାରୁ ଏମିତି ଦୁର୍ଘଟଣା ସବୁବେଳେ ଘଟୁଥିବା ସେ ପ୍ରକାଶ କରିଛନ୍ତି।



# ଧାନବିକ୍ରି ପଞ୍ଜୀକରଣ ଅବଧି ବୃଦ୍ଧି ଦାବିକଲା ସଂଯୁକ୍ତ କୃଷକ ସଂଗଠନ

**ବରଗଡ଼, ୧୯।୩(ସମିସ)**

ବରଗଡ଼ ଜିଲ୍ଲାରେ ଆଗାମୀ ରବିଋତୁ ଧାନ ବିକ୍ରି ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ସଂଯୁକ୍ତ କୃଷକ ସଂଗଠନ ତରଫରୁ ଦାବି କରାଯାଇଛି। ଏନେଇ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ଲିଖିତ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ଅନ୍ୟ ବର୍ଷ ତୁଳନାରେ ଚଳିତବର୍ଷ ବହୁତ କମ ଚାଷୀ ପଞ୍ଜିକୃତ ହୋଇଛନ୍ତି। ବିଗତ ବର୍ଷ ୮୫ ହଜାର ଚାଷୀ ଧାନ ବିକ୍ରି କରିଥିଲେ, ହେଲେ ଚଳିତ ବର୍ଷ ବର୍ତମାନ ସୁଦ୍ଧା ମାତ୍ର ୫୫ ହଜାର ଚାଷୀ ପଞ୍ଜିକୃତ ହୋଇଛନ୍ତି। ଯେଉଁ ଚାଷୀ ପଞ୍ଜିକୃତ ହୋଇପାରିବେ ନାହିଁ ସେମାନେ ଧାନ ବିକ୍ରି ବ୍ୟବସ୍ଥାରୁ ବାହାର ହୋଇଯିବେ, ଅର୍ଥ ସେମାନେ ସରକାରୀ ମୂଲ୍ୟରେ ଧାନ ବିକ୍ରି କରିପାରିବେ ନାହିଁ। ସରକାରୀ ମୂଲ୍ୟରେ ଧାନ ବିକ୍ରି କରି ଚାଷୀଙ୍କୁ ଯଦି ଲାଭାନ୍ୱିତ ହେଉନାହିଁ ତାହାହେଲେ ଚାଷୀର କୌଣସି ଦୋଷ ନ ଥାଇ ଖୋଲା ବଜାରରେ କମ ମୂଲ୍ୟରେ ଧାନ ବିକ୍ରି କରିବ କାହିଁକି ବୋଲି ପ୍ରଶ୍ନ କରାଯାଇଛି। ବିଗତ ଦିନରେ ସୋସାଇଟି କର୍ମଚାରୀ ନିଜ ହକ ଅଧିକାର ପାଇଁ ଆନ୍ଦୋଳନ କଲେ ସେଥିପାଇଁ କୃଷକମାନେ ପଞ୍ଜୀକରଣରୁ ବଞ୍ଚିତ ହେବା କେତେଦୂର ଯୁକ୍ତିଯୁକ୍ତ ? ଏଣୁ କୃଷକ ସଂଗଠନ ତରଫରୁ ଏହି ସମସ୍ୟା ପ୍ରସଙ୍ଗରେ ଆଗରୁ ଶାସନ ପ୍ରଶାସନକୁ ଅବଗତ କରିଥିଲେ। ସେହି ସମୟରେ ପ୍ରଶାସନ କୌଣସି ଅସୁବିଧା ହେବ ନାହିଁ ବୋଲି କହିଥିଲେ ସେଥିପାଇଁ ୧୦ ଦିନ ସମୟ ବୃଦ୍ଧି କରି ସମସ୍ତ ଚାଷୀଙ୍କୁ ପଞ୍ଜୀକରଣ କରିବାର ସୁଯୋଗ ଦିଆଯାଉ। ଯଦି କୌଣସି ଚାଷୀ ଧାନ ବିକ୍ରି କାର୍ଡ ତିଆରିରୁ ବଞ୍ଚିତ ହେଲେ ସଂଯୁକ୍ତ କୃଷକ ସଂଗଠନ ରାଜାରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦିଆଯାଇଛି। ସେହିପରି ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟରେ ତାଲା ପକାଇ ଚାଲୁଥିବା ଆନ୍ଦୋଳନ ସପ୍ତମ ଦିନରେ ପହଞ୍ଚିଥିବା ବେଳେ ମଙ୍ଗଳବାର ବିଜେପୁର, ବରଗଡ଼ କୃଷକ ସଙ୍ଗଠନ ଏହାର ନେତୃତ୍ୱ ନେଇଥିଲେ। ସୁବାସ ପଧାନ, ସୁଶାନ୍ତ ଗଡ଼ତିଆ, ମହେନ୍ଦ୍ର ପଧାନ, ନୀଳମଣି ଗଡ଼ତିଆ, ନିଶାମଣୀ ପଧାନ, କ୍ଷେତ୍ରମୋହନ ସାହୁ, ଲୋକନାଥ ପଧାନ, ନିରଞ୍ଜନ ପଧାନ, ପ୍ରଶାନ୍ତ ସାହୁ, ସନ୍ତୋଷ ଦୋରା, ସୁନୀଲ ପଧାନ, ସୁରେଶ ନିକେଣ୍ଟି, ଯୁଧିଷ୍ଠିର ସାହୁ, ଏକାଦଶିଆ ସାହୁ, ରମେଶ ମହାପାତ୍ର, ଉପନ୍ନ ଭୋଇ ଉପସ୍ଥିତ ଥିଲେ।

# 'ପଞ୍ଜୀକରଣ ସମୟରେ ବିଦ୍ୟୁତ୍ ବିଲ୍ ବାଧ୍ୟତା ନୁହେଁ'

**ବରଗଡ଼, ୧୯।୩ (ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଉର୍ଦ୍ଧୁନା ପ୍ରାଥମିକ କୃଷି ସମବାୟ ସମିତିଠାରେ ଚାଷୀମାନଙ୍କ ଦ୍ୱିତୀୟ ଦିନର ଆନ୍ଦୋଳନ ଧାରଣା ପରେ ସମବାୟ କର୍ତ୍ତୃପକ୍ଷ ଏବଂ ଧାନ ବିକ୍ରି ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ଉପଭୋକ୍ତା ନମ୍ବର ଦେଲେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରାଯିବ ବୋଲି କହିଥିଲେ। ଏହି ପ୍ରକ୍ରିୟାରେ ବର୍ତ୍ତମାନର ବିଦ୍ୟୁତ୍ ବିଲ୍‌କୁ ବାଧ୍ୟତାମୂଳକ କରାଯିବ ନାହିଁ ବୋଲି ମଧ୍ୟ ଅଧିକାରୀ ସ୍ତରରେ ଆଶ୍ୱାସନା ଦିଆଯାଇଛି। ଫଳରେ ହିତାଧିକାରୀ ମହଲରେ ଆଶ୍ୱସ୍ତୀ ପ୍ରକାଶ ପାଇଛି।

ଏହାକୁ ନେଇ ଉର୍ଦ୍ଧୁନା ସୋସାଇଟିର ବିଭିନ୍ନ ଗାଁର ଶତାଧିକ ଚାଷୀ କାର୍ଯ୍ୟାଳୟକୁ ଘେରି ଧାରଣାରେ ବସିଥିଲେ। କିଛି ସମୟ ପରେ ପାକ୍ସ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା ହେବା ପରେ ସେମାନେ ଚାଷୀମାନଙ୍କ ଦାବିକୁ ମାନି ନେଇଥିଲେ। କେନ୍ଦ୍ର ସରକାର ଧାନ ବିକ୍ରି ବ୍ୟବସ୍ଥା ଏତେ ଜଟିଳ ଏବଂ କେନ୍ଦ୍ରୀକରଣ କରିଦେଇଛନ୍ତି ଯେ ଚାଷୀମାନେ ଅଫିସ ଅଫିସ ଦୌଡ଼ି ହଇରାଣ ହରକତ ହେଉଛନ୍ତି। ଗୋଟିଏ ପେଟେ ଟାଟା କଂପାନୀର ଅଘୋଷିତ ବିଜୁଳି କାଟ୍‌ରେ ଚାଷୀମାନଙ୍କ ଚିନ୍ତା ବଢିଯାଉଥିବା ବେଳେ ଲୋ-ଭୋଲ୍ଟେଜ୍ ପାୱାର କଟ ଯୋଗୁଁ ଚାଷୀର କିଆରୀ ଶୁଖିଯାଇ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବାକୁ ଯାଉଛି। ଏପରି ପରିସ୍ଥିତିରେ ଚାଷୀମାନଙ୍କୁ ବର୍ତ୍ତମାନର ବିଜୁଳି ବିଲ୍ ନହେଲେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରାଯିବ ନାହିଁ ବୋଲି କୁହାଯାଉଛି। ଚାଷୀମାନଙ୍କ ଆନ୍ଦୋଳନ ପରେ ବର୍ତ୍ତମାନର ବିଦ୍ୟୁତ ବିଲକୁ ବାଧ୍ୟତାମୂଳକ କରାଯିବ ନାହିଁ ବୋଲି ଉପରିସ୍ଥ ଅଧିକାରୀମାନେ କହିବା ପରେ ମଧ୍ୟ କିଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପାକ୍ସ କର୍ମଚାରୀ ଏହାକୁ କାର୍ଯ୍ୟକାରୀ କରୁ ନ ଥିଲେ। ଚାଷୀମାନଙ୍କ ଧାରଣା ପରେ ସମବାୟ କର୍ତ୍ତୃପକ୍ଷ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ଉପଭୋକ୍ତା ନମ୍ବରରେ ପଞ୍ଜୀକରଣ କରିବାକୁ ରାଜି ହୋଇଥିଲେ। କାର୍ଯ୍ୟକ୍ରମରେ ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସଂପାଦକ ହର ବଣିଆଁ, ଆଶିଷ ମାଝୀ, ତରଣି ଭୁଏ, ଇନ୍ଦ୍ରଜିତ ମାଝୀ, ରାମଚନ୍ଦ୍ର ବିଶ୍ୱାଳ ଏବଂ କଳାକାହ୍ନୁ ନାଏକଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ବରଗଡ଼ ବ୍ଲକ୍ ବିଜେଡି ସଭାପତିଙ୍କ ପିତୃ ବିୟୋଗ

**ବରଗଡ଼, ୧୯।୩(ସମିସ):** ବରଗଡ଼ ବ୍ଲକ ବିଜେଡି ସଭାପତି ତଥା ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ପିତା ବିପିନ ବିହାରୀ ନାଏକଙ୍କ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛି ଦିନ ହେଲା ସେ ଅସୁସ୍ଥ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବର ପାଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ୍ ସଭାପତି ନରେନ୍ଦ୍ର ପ୍ରଧାନ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ନେତା ନବୀନ ସାବତ, ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗୋବିନ୍ଦପୁର ଗ୍ରାମକୁ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ସେ ତାଙ୍କ ପଛରେ ଦୁଇ ପୁଅ ପ୍ରଫୁଲ୍ଲ ଓ ସଞ୍ଜୀବ ତଥା ପରିବାରବର୍ଗଙ୍କୁ ଛାଡି ଯାଇଛନ୍ତି। ଗୋବିନ୍ଦପୁର ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡପୁଅ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ ମୁଖାଗ୍ନି ପ୍ରଦାନ କରିଥିଲେ।



# ବିଜେପି ଯୁବନେତାଙ୍କ ଅକାଳ ବିୟୋଗ

**ପଦ୍ମପୁର,୧୯।୩ (ସମିସ):** ଭାରତୀୟ ଜନତା ପାର୍ଟି ପଦ୍ମପୁର ଉପଖଣ୍ଡ ସାପଲହର ଗ୍ରାମର ଜଣେ ସକ୍ରିୟ ଯୁବନେତା ଉତ୍କଳ ପଟେଲଙ୍କ ୩୮ ବର୍ଷ ବୟସରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସକାଳେ ବରଗଡ଼ରୁ ମରଶରୀର ପହଞ୍ଚିବା ପରେ ନିଜ ଗାଁ ସାପଲହରଠାରେ ଅନ୍ତିମ ସଂସ୍କାର କରାଯାଇଛି। ଏହି ସମୟରେ ଗାଁର ଓ ବିଜେପିର ଶହ ଶହ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ। ତାଙ୍କ ପରିବାର ବର୍ଗଙ୍କ ସହ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଶବକୁ କାନ୍ଧ ଦେଇଥିଲେ। ୮ମ ଶ୍ରେଣୀରେ ପାଠ ପଢୁଥିବା ଉତ୍କଳ ପଟେଲଙ୍କ ପୁଅ କ୍ରିଷ୍ଣା ପଟେଲ ବାପାଙ୍କ ମରଶରୀରରେ ମୁଖାଗ୍ନି ଦେଇଥିଲେ।



# ଭୁଟାନ ପ୍ରଧାନମନ୍ତ୍ରୀଙ୍କୁ ସମ୍ବଲପୁରୀ ବାନ୍ଧକଳା ଉପହାର

**ବରପାଲି, ୧୯।୩ (ସମିସ):** ବରପାଲିର ବିଶିଷ୍ଟ ସମ୍ବଲପୁରୀ ବାନ୍ଧଶିଳ୍ପୀ ଦମ୍ପତି ଭୁଟାନ ପ୍ରଧାନମନ୍ତ୍ରୀ ଦସୋ ତେହେରିଙ୍ଗ ତୋବେଗଙ୍କୁ ଶ୍ରୀଜଗନ୍ନାଥ ଦେବଙ୍କ କାନ୍ଥଟଙ୍ଗା ସମ୍ବଲପୁରୀ ବାନ୍ଧକଳା ନମୁନା ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ମୁମ୍ବାଇସ୍ଥିତ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ସ୍ୱଦେଶ କର୍ମଶାଳାରେ ଭୁଟାନ ପ୍ରଧାନମନ୍ତ୍ରୀ ଦସୋ ତେହେରିଙ୍ଗ ତୋବେଗ ପରିଦର୍ଶନରେ ପହଞ୍ଚିଥିଲେ। ଓଡ଼ିଶା ଇକତ ମଣ୍ଡପରେ ପ୍ରଧାନମନ୍ତ୍ରୀ ତୋବେଗ ପହଞ୍ଚିଲା ପରେ ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧକଳା ଶିଳ୍ପୀ ଦମ୍ପତି ମକରଧ୍ୱଜ ମେହେର ଓ ସୁକାନ୍ତି ମେହେରଙ୍କଠାରୁ ବାନ୍ଧକଳା ଉପହାର ଗ୍ରହଣ କରିବା ସହ ସମ୍ବଲପୁରୀ ବୟନକଳା, ଇକତ କାର୍ଯ୍ୟଶୈଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ମେହେର ଦମ୍ପତି ଅତିଥିଙ୍କୁ ଶ୍ରୀଜଗନ୍ନାଥଙ୍କ ବାନ୍ଧକଳା ଅର୍ପଣ ଓ ତାଙ୍କର ଉତ୍ସାହ ଭରା ଭାବକୁ ନେଇ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ମନେ କରୁଥିବା ଜଣାଇଛନ୍ତି।



# ବରଗଡ଼ ରକ୍ତଭଣ୍ଡାରରେ ରକ୍ତ ଅଭାବ; ଜରୁରୀ ସେବା ପ୍ରଭାବିତ

**ବରଗଡ଼, ୧୯।୩(ସମିସ):** ବିଗତ କିଛିଦିନ ହେବ ବରଗଡ଼ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହୋଇଛି। ପ୍ରାୟତଃ ଗ୍ରୀଷ୍ମ ପ୍ରଭାବ ଯୋଗୁଁ ଏପରି ସ୍ଥିତି ଉପୁଜିଥିବା ବେଳେ ବର୍ତମାନ ରକ୍ତଭଣ୍ଡାରରେ ଥିବା ରକ୍ତ ଆଉ ଦୁଇ ତିନି ଦିନ ମଧ୍ୟରେ ଶେଷ ହୋଇଯିବ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ମାର୍ଚ୍ଚ ମାସରୁ ହିଁ ବରଗଡ଼ ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖିବାକୁ ମିଳିଛି। ବରଗଡ଼ ରକ୍ତଭଣ୍ଡାରରେ ମଙ୍ଗଳବାର ଏ ପଜିଟିଭ, ଏବି ପଜିଟିଭ, ଏ ନେଗଟିଭ, ବି ନେଗଟିଭ, ଓ ନେଗଟିଭ ଏବଂ ଏବି ନେଗଟିଭ ରକ୍ତ ଉପଲବ୍ଧ ନାହିଁ। କେବଳ ଓ ପଜିଟିଭ, ବି ପଜିଟିଭ ରକ୍ତ ପାଖାପାଖି ୪୫ ୟୁନିଟ ଥିବା ସୂଚନା ମିଳିଛି। ତେବେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମେତ ସହରାଞ୍ଚଳ ଡାକ୍ତରଖାନାରେ ପ୍ରତ୍ୟହ ୫୦ରୁ ୬୦ ଜଣ ରୋଗୀଙ୍କୁ ରକ୍ତର ଆବଶ୍ୟକତା ପଡୁଛି। ସେଥିମଧ୍ୟରୁ ପ୍ରସୂତି, ସିକିଲିନ୍, ଥାଲାସେମିଆ ରୋଗୀଙ୍କୁ ରକ୍ତଭଣ୍ଡାରରୁ ମାଗଣାରେ ଯୋଗାଇ ଦିଆଯାଇଛି। ଅପରପକ୍ଷେ ବର୍ତମାନ ସ୍ଥିତିରେ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଅନୁଷ୍ଠିତ ସ୍ୱେଚ୍ଛାକୃତ ଭାବରେ ହେଉଥିବା ରକ୍ତଦାନ ଶିବିରଗୁଡିକ କମିବାକୁ ଲାଗିଥିବା ବେଳେ ଆଗାମୀ ଦୁଇ ତିନି ମଧ୍ୟରେ ବରଗଡ଼ ରକ୍ତଭଣ୍ଡାରର ଗଚ୍ଛିତ ସମସ୍ତ ରକ୍ତ ସରିଯିବାର ଆଶଙ୍କା ରହିଛି। ପ୍ରାୟତଃ ମାର୍ଚ୍ଚ, ଏପ୍ରିଲ ଏବଂ ମଇ ମାସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରଗୁଡିକ ମଧ୍ୟ ବହୁତ କମ ସଂଖ୍ୟାରେ ଆୟୋଜିତ ହୋଇଥାଏ। ଏପରିସ୍ଥିତିରେ ଜନସାଧାରଣ ସ୍ୱେଚ୍ଛାକୃତ ଭାବରେ ବରଗଡ଼ ରକ୍ତଭଣ୍ଡାରରେ ରକ୍ତଦାନ କରିବାକୁ ବିଭିନ୍ନ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ନିବେଦନ କରାଯାଇଛି।




# ସଂସ୍କାର ଇଣ୍ଟରନ୍ୟାସ୍‌ନାଲ ସ୍କୁଲରେ ଯୋଗ ଶିବିର

**ବରଗଡ଼, ୧୯।୩(ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ତରଫରୁ ଭଟଲି ରୋଡ୍‌ସ୍ଥିତ ସ୍ୱାମୀ ନିରଞ୍ଜନାନନ୍ଦ ଯୋଗ ସଂସ୍ଥାନରେ ଛଅ ଦିନ ବ୍ୟାପୀ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରାବାସରେ ରହୁଥିବା ଅଷ୍ଟମ ଶ୍ରେଣୀର ୨୮ ଜଣ ଛାତ୍ର ଓ ୧୨ଜଣ ଛାତ୍ରୀ ପ୍ରତିଦିନ ସଂସ୍ଥାନ ପ୍ରମୁଖ ସ୍ୱାମୀ ବିଜ୍ଞାନାନନ୍ଦଙ୍କ ମାର୍ଗଦର୍ଶନରେ କୁଶଳତାପୂର୍ବକ ଯୋଗାଭ୍ୟାସ କରିଥିଲେ। ସ୍ୱାମୀଜୀ ଜଣେ ପରିପକ୍ୱ ଓ ବରିଷ୍ଠ ଜୀବନ ଗୁରୁ ଅଟନ୍ତି। ଯିଏକି ଯୋଗଭ୍ୟାସ ସହ ଜୀବନ ଜିଇଁବାର ଶୈଳୀ ମଧ୍ୟ ବତାଇଥିଲେ। ଛାତ୍ରଛାତ୍ରୀ ମାନଙ୍କର ଜୀବନଚର୍ଯ୍ୟା କିପରି ହେବାକଥା ସେ ସଂମ୍ପର୍କରେ ଅନେକ ଜ୍ଞାନ ପ୍ରଦାନ କରିଥିଲେ। ଶିବିରର ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ସୁମନ ସାଓ୍ୱଡିଆ, ସଂସ୍ଥାନ ପ୍ରମୁଖ ସ୍ୱାମୀ ବିଜ୍ଞାନାନନ୍ଦଜୀ, ସଂସ୍ଥାନ ସଦସ୍ୟା ଶ୍ରୀମତୀ ରୀତା ତୁଲୀ, ଲକିଜୀ, ମଞ୍ଜୁଜୀ, ବିଦ୍ୟାଳୟର ଯୋଗ ଶିକ୍ଷକ ସୁଭାଷ ଶାସ୍ତ୍ରୀ, କ୍ରୀଡା ଶିକ୍ଷକ ଧୀରଜ ସାର, ଗଗନ ସାର, ଏଲିଜାବେଥ ମ୍ୟାମ, ଲିଲିମା ମ୍ୟାମ, କୁଜୁର ମ୍ୟାମ ଏବଂ ବିଦ୍ୟାର୍ଥୀ ମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ମାନେ ଯୋଗାଭ୍ୟାସ କରିବା ସହ ଭାରତୀୟ ସନାତନ ସଂସ୍କୃତିର ଅନ୍ତର୍ଗତ ବିଭିନ୍ନ ମନ୍ତ୍ର ସାଧନା, ଗାୟତ୍ରୀ ମନ୍ତ୍ର, ପ୍ରାଣାୟାମ, ତାଡାସନ, ଚକିଚାଳନା, ନୌକାଚାଳନା, ସୂର୍ଯ୍ୟନମସ୍କାର, ଯୋଗନିଦ୍ରା କ୍ରିୟା ଆଦି କରାଯାଇଥିଲା। ପ୍ରତିଦିନ ପୂର୍ବ ଦିନର ଯୋଗ ଶିବିରଗୁଡ଼ିକର ପୁନରାଭ୍ୟାସ କରାଯାଉଥିଲା। ସମାପନ ଉତ୍ସବରେ ଯଜ୍ଞ କରିବା ସହ ୧୦୧ ମହାମୃତ୍ୟୁଞ୍ଜୟ ମନ୍ତ୍ରର ଜପ କରାଯାଇ ପ୍ରସାଦ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଚେୟାରମେନ ଶ୍ରୀ ସାଓ୍ୱଡିଆ ଛାତ୍ରଛାତ୍ରୀ ମାନଙ୍କୁ ଆଗାମୀ ଦିନରେ ଆସୁଥିବା ପ୍ରତିକୂଳ ହେଉ କି ଅନୁକୂଳ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଶାରୀରିକ ତଥା ମାନସିକ ସ୍ତରରେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ପାଠପଢ଼ା ସହିତ ନିଜର ସଭ୍ୟତା ଓ ସଂସ୍କୃତି ସହ ଯୋଡି ରହିବା ସହ ନୈତିକ ମୂଲ୍ୟବୋଧ ଆଧାରିତ ଜୀବନ ବିତାଇବା ସହ ସର୍ବଦା ନିଜ ପରିବାର, ସମାଜ ତଥା ଦେଶର ହିତ ପାଇଁ ଚିନ୍ତା କରିବା ଉଚିତ ବୋଲି ସେ ମତପୋଷଣ କରିଥିଲେ। ସ୍ୱାମୀଜୀ ନିଜର ବହୁମୂଲ୍ୟ ସମୟ ଏବଂ ସତଜ୍ଞାନ ପ୍ରଦାନ କରିଥିବାରୁ ବିଦ୍ୟାଳୟ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।



# କେନାଲରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବରଗଡ଼, ୧୯।୩(ସମିସ):** ମଙ୍ଗଳବାର ସକାଳେ ବରଗଡ଼ ମୁଖ୍ୟ କେନାଲରେ ଗାଧୋଉଥିବା ବେଳେ ବୁଡ଼ି ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ବରଗଡ଼ ସଦର ବ୍ଲକ ସୟାଁ ଗ୍ରାମର ଅନୀଲ ମହାପାତ୍ର (୨୪) ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଅନୀଲ କେନାଲରେ ଗାଧୋଉଥିବା ବେଳେ ହଠାତ ବୁଡି ଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଓ ପୁଲିସ ପହଞ୍ଚି ବହୁତ ଖୋଜାଖୋଜି ପରେ ଦେଓଗାଁ କେନାଲ ବ୍ରିଜ ନିକଟରେ ମୃତଦେହ ଉଦ୍ଧାର କରିଥିଲେ। ସଦର ଥାନା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ଝଡ଼ବର୍ଷାରେ ଭାଙ୍ଗିଲା ଗଛ; ଯାତାୟାତ ବାଧାପ୍ରାପ୍ତ

**ବରଗଡ଼, ୧୯।୩(ସମିସ):** ସୋମବାର କାଳବୈଶାଖୀ ପ୍ରଭାବରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଝଡବର୍ଷା ପ୍ରଭାବରେ ନାହିଁ ନ ଥିବା କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ବିଭିନ୍ନ ସ୍ଥାନରେ ପନିପରିବା ଚାଷ ନଷ୍ଟ ହୋଇଥିବା ବେଳେ ଝଡ ବର୍ଷା ଯୋଗୁଁ ଗଛ ଗୁଡିକ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା। ବରଗଡ଼ ସହରର ହସପିଟାଲ ରୋଡରେ ଏକ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ବେଳେ ଉକ୍ତ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଏହାସହ ଉକ୍ତ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ମଙ୍ଗଳବାର ସକାଳୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ରାସ୍ତା ଉପରୁ ସେଗୁଡିକୁ ସଫା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ତେବେ ମଙ୍ଗଳବାର ମଧ୍ୟ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବା ବେଳେ ପନିପରିବା ଚାଷ ବ୍ୟାପକ କ୍ଷତି ହେବାର ଆଶଙ୍କା ଦେଖାଦେଇଛି।



# ହିମାଦ୍ରି ନଗରବାସୀଙ୍କ ଜବରଦଖଲ ଉଚ୍ଛେଦ ଦାବି

**ବରପାଲି, ୧୯।୩ (ସମିସ):** ବରପାଲି ଶୀତଳଷଷ୍ଠୀ ମହୋତ୍ସବ କମିଟି ପକ୍ଷରୁ ମନୋନୀତ ହିମାଦ୍ରି ନଗରବାସୀ ରାସ୍ତା ଓ ମଣ୍ଡପର ସୁବ୍ୟବସ୍ଥା ପାଇଁ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଏନଏସି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଇଛନ୍ତି। ସ୍ଥାନୀୟ ଶିବାଜୀ କ୍ଲବ ପ୍ରାଙ୍ଗଣରେ ମାଁ ପାର୍ବତୀଙ୍କ ପୂଜାମଣ୍ଡପ ନିର୍ମାଣ ସକାଶେ କମିଟି ଦ୍ୱାରା ନିର୍ଦ୍ଧାରଣ ହୋଇଯାଇଛି। ହେଲେ କ୍ଲବ ସଂଯୁକ୍ତ ରାସ୍ତା ଜବରଦଖଲ ହୋଇ ସଂକୁଚିତ ଅବସ୍ଥାରେ ବର୍ତ୍ତମାନ ରହିଛି। ଏଣୁ କମିଟି ଏନଏସି ପ୍ରଶାସନକୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାର ପ୍ରଶସ୍ତୀକରଣ କାମ ହାତକୁ ନେବାପାଇଁ ଦାବି ଜଣାଇଛି। ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭୂବନ ଶତପଥୀଙ୍କୁ ଦାବୀପତ୍ର ପ୍ରଦାନ ମାଧ୍ୟମରେ ଶିବାଜୀ କ୍ଲବ ସଦସ୍ୟମାନେ ଏନେଇ ଆଲୋଚନା କରିଥିଲେ। ଶୀତଳଷଷ୍ଠୀ ଯାତ୍ରା ସମୟରେ ହଜାର ହଜାର ଭକ୍ତଙ୍କ ସମାଗମ ଦୃଷ୍ଟିରୁ ଯାତାୟାତରେ ବାଧା ସୃଷ୍ଟି କରିବ। ପୂର୍ବରୁ ମଧ୍ୟ ବହୁବାର ରାସ୍ତାର ପ୍ରଶସ୍ତୀକରଣ ଓ ଜବରଦଖଲ ହଟାଇବା ପାଇଁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏନ୍ଏସି ତୁରନ୍ତ ପଦକ୍ଷେପ ଗ୍ରହଣ ନେଉ ବୋଲି କହିଥିଲେ। ତୁରନ୍ତ ସମାଧାନର ବାଟ ନଖୋଲିଲେ ଆଗାମୀ ଦିନରେ ଅଭିଯୋଗକାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଆପାଣାଇବାକୁ ବାଧ ହେବେ ବୋଲି ଶିବାଜୀ କ୍ଲବ ସଦସ୍ୟମାନେ ଲିଖିତ ଜଣାଇଛନ୍ତି। ପାର୍ବତୀ ବିବାହ ମହୋତ୍ସବ କମିଟି ସଭାପତି ବିଜୁ ମେହେର, ଉପସଭାପତି ପଞ୍ଚା ମେହେର, ସଂପାଦକ ଧର୍ମରାଜ ସିଂ ବରିହା, କନ୍ୟାପିତା ପରମେଶ୍ୱର ମେହେର, ଆକାଶ ମେହେର, ହେମଚନ୍ଦ୍ର ମେହେର, ଗୋବିନ୍ଦା ମେହେର, ବାବଲୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



# ଗଣମାଧ୍ୟମ ଓ ରାଜନୀତି ପରସ୍ପର ପରିପୂରକ

## ପଞ୍ଚାୟତ ମହାବିଦ୍ୟାଳୟରେ 'ରାଜନୀତି, ଗଣତନ୍ତ୍ର ଓ ଗଣମାଧ୍ୟମ' ଆଲୋଚନାଚକ୍ର

**ବରଗଡ଼, ୧୯।୩(ସମିସ)**

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପୂର୍ବାହ୍ନରେ 'ରାଜନୀତି-ଗଣତନ୍ତ୍ର ଓ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ତଥା ବିଭାଗୀୟ ମୁଖ୍ୟ ଡ. ସୁବଳ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଲୋଚନାରେ ପ୍ରାଧାପକ ଡ. ବିଜୟ ନାଗ ଭିତ୍ତି ନିବନ୍ଧ ଉପସ୍ଥାପନ କରିଥିଲେ। ଭାରତୀୟ ଗଣତନ୍ତ୍ରର ସୁରକ୍ଷା ପାଇଁ ନିରପେକ୍ଷ ଗଣମାଧ୍ୟମର ଆବଶ୍ୟକତା ରହିଛି। ଗଣତନ୍ତ୍ର ଓ ଗଣମାଧ୍ୟମ ଉଭୟେ ପରସ୍ପରର ପରିପୂରକ। ଗଣମାଧ୍ୟମକୁ ବାଦ୍‌ଦେଇ ସୁଦୃଢ଼ ଗଣତନ୍ତ୍ରର ପରିକଳ୍ପନା କରାଯାଇ ପାରିବ ନାହିଁ। ମାତ୍ର ସାଂପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ନିରପେକ୍ଷତା ଓ ବିଶ୍ୱସ୍ତନୀୟତା ହ୍ରାସ ପାଉଛି ବୋଲି ଡ. ନାଗ ମନ୍ତବ୍ୟ ଦେଇଥିଲେ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଙ୍କିତା ସିକନ୍ଦର, ହରଭଜନ ନାଏକ, ଭୂମିକା ସାହୁ, ବିବେକ ବିଶ୍ୱାଳ, ମାନସ ଦାଶ, ସିଦ୍ଧେଶ୍ୱର ମେହେର ଓ ଶୁଭମ ବିତ୍ରିଆ ପ୍ରମୁଖ ଅଭିମତ ରଖିଥିଲେ। ଆଲେଚନା ସମୟରେ ଅଧିକାଂଶ ବିଭିନ୍ନ ସାମାଜିକ ଓ ରାଜନୈତିକ ପ୍ରସଙ୍ଗରେ ଗଣମାଧ୍ୟମର ନିରପେକ୍ଷତା, ନିଷ୍କ୍ରିୟତା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଅନେକ ସମୟରେ ଜନମତକୁ ବିଭ୍ରାନ୍ତ କରିବା ପାଇଁ ପେଡ୍ ନିଉଜ ଓ ମିଥ୍ୟା ଉପରେ ସତ୍ୟର ପୁଟଦିଆ ଖବର ପରିବେଷଣ ଶୈଳୀକୁ ସମାଲୋଚନା କରିଥିଲେ। ଗଣମାଧ୍ୟମ ତରଫରୁ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ହୋତା ପ୍ରକାଶ କରିଥିଲେ ଯେ ସଂପ୍ରତି ଗଣମାଧ୍ୟମ ଓ ରାଜନୈତିକ ଦଳ ଉଭୟ ଶକ୍ତି କର୍ପୋରେଟ ଜଗତର ପ୍ରଭାବରୁ ମୁକ୍ତ ନୁହନ୍ତି। ଏହା ଫଳରେ ସାମ୍ବାଦିକତାରେ ନିରପେକ୍ଷତା ରହିପାରୁ ନାହିଁ। ଗଣମାଧ୍ୟମ ଚାପ ପ୍ରୟୋଗର ଏକ ସ୍ରୋତ ହେବା ପରିବର୍ତ୍ତେ ଏବେ ଖୋଦ ଗଣମାଧ୍ୟମ ଏବେ ଚାପରେ ରହିଛି। ବର୍ଷକୁ ବର୍ଷ ବିଶ୍ୱବ୍ୟାପି କରାଯାଉଥିବା ଫ୍ରିଡ଼ମ ଅଫ ପ୍ରେସ ଇଣ୍ଡେକ୍ସରେ ଭାରତର ରାଙ୍କ ନିମ୍ନଗାମୀ ହେଉଛି। ତେବେ ସୋସିଆଲ ମିଡିଆର ନିୟନ୍ତ୍ରଣ ପାଇଁ ଏ ପର୍ଯ୍ୟନ୍ତ ଦେଶରେ ଆଇନଗତ ବିଧି ବ୍ୟବସ୍ଥା ହୋଇ ନଥିବାରୁ ଏବଂ ଇଣ୍ଟରନେଟ ସର୍ଭରଗୁଡ଼ିକ ଭାରତ ବାହାରେ ଥିବାରୁ ଏହା ଉପରେ ଅଙ୍କୁଶ ଲଗାଇବା ଭାରତ ସରକାରଙ୍କ ଉପରେ ସମ୍ଭବପର ହୋଇନାହିଁ। ବହୁଳ ଭାବରେ ବୁଦ୍ଧିଜୀବୀ ମାନେ ଯଦି 'ସିଟିଜେନ ଜର୍ଣ୍ଣାଲିଜମ'ରେ ସକ୍ରିୟ ଭୂମିକା ନିଭାଇବେ ଉଭୟ ଗଣମାଧ୍ୟମ ଓ ରାଜନୀତିକୁ ଏହା ବ୍ୟବସ୍ଥିତ କରିପାରିବ। ସେହିପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଡିପ୍‌ଫେକ୍‌ର ବ୍ୟବହାରକୁ ସମାଲୋଚନା କରାଯାଇଥିଲା। ଗଣମାଧ୍ୟମକୁ ଯେତେ ନିରପେକ୍ଷ ଓ ସୃଜନଶୀଳ ରଖାଯାଇପାରିବ ସମସ୍ତଙ୍କର ପାଇଁ ମଙ୍ଗଳକର ହେବ ବୋଲି ସାମ୍ବାଦିକ ହୋତା ମନ୍ତବ୍ୟ ଦେଇଥିଲେ। ରାଜନୀତି ବିଜ୍ଞାନର ପିଜି ଛାତ୍ର କରନ ସିକନ୍ଦର ଏହି ସେମିନାରକୁ ପରିଚାଳନା କରିଥିଲେ।



ଜୀବନର ପ୍ରତିକ୍ଷଣକୁ ଉପଭୋଗ କରିବାର କଳା ଘରଚଟିଆମାନଙ୍କଠାରୁ ଶିଖିବା ଉଚିତ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## କୋଟିଆରେ ଆନ୍ଧ୍ରର ପୁଣି ପୁରୁଣା ବେମାରୀ

# ନିର୍ବିବାଦ ମତଦାନ ନିର୍ବାଚନ କମିଶନଙ୍କ ଦାୟିତ୍ୱ

ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଥିବା କୋରାପୁଟ ଜିଲ୍ଲାର ବିବାଦୀୟ ୨୧ ଖଣ୍ଡ କୋଟିଆ ଗ୍ରାମପୁଞ୍ଜରେ ଭୋଟ୍‌ଗ୍ରହଣ ନେଇ ପୁନର୍ବାର ଏକ ସମସ୍ୟା ଦେଖାଦେଇଛି। ଏଥର ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ନିର୍ବାଚନ କମିଶନଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସାତ ପର୍ଯ୍ୟାୟ ବିଶିଷ୍ଟ ଲୋକସଭା ନିର୍ବାଚନ ମଧ୍ୟରୁ ଓଡ଼ିଶାରେ ଦକ୍ଷିଣାଞ୍ଚଳର ଚାରିଟି ଲୋକସଭା ଆସନ ଯଥା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ବ୍ରହ୍ମପୁର ଲୋକସଭା ଆସନରେ ମେ' ୧୩ ତାରିଖ ଅର୍ଥାତ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବ। ସେହି ତାରିଖରେ ସମ୍ପୃକ୍ତ ଲୋକସଭା ଆସନ ଅଧୀନ ବିଧାନସଭା କ୍ଷେତ୍ରଗୁଡ଼ିକରେ ମଧ୍ୟ ଭୋଟ ନିଆଯିବ। ସେହି ଏକା ତାରିଖ ଅର୍ଥାତ ମେ' ୧୩ରେ ଆନ୍ଧ୍ର ପ୍ରଦେଶର ସମସ୍ତ ୨୫ ଲୋକସଭା ଏବଂ ୧୭୫ ବିଧାନସଭା କ୍ଷେତ୍ରରେ ଗୋଟିଏ ଦିନରେ ଭୋଟ୍ ଗ୍ରହଣ କରିବାକୁ କମିଶନ ସ୍ଥିର କରିଛନ୍ତି। ତେଣୁ ଗୋଟିଏ ଦିନରେ ଭୋଟ୍ ହେଉଥିବାରୁ କୋରାପୁଟ ଜିଲ୍ଲା ପ୍ରଶାସନ କୋଟିଆ ଗ୍ରାମପୁଞ୍ଜକୁ ନେଇ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବା ସ୍ୱାଭାବିକ। କାରଣ ଏହି ୨୧ ଖଣ୍ଡ ବିବାଦୀୟ ଗ୍ରାମ ଉପରେ ଆନ୍ଧ୍ର ପ୍ରଶାସନ ତାହାର ବେଆଇନ ଅଧିକାର ସାବ୍ୟସ୍ତ କରିବା ପାଇଁ ସବୁବେଳେ ଚେଷ୍ଟା କରିଚାଲିଛି। ଏହା ବିବାଦୀୟ ଥିବାରୁ ପୂର୍ବରୁ ଏସବୁ ଗ୍ରାମର କେତେକ ଲୋକ ଉଭୟ ରାଜ୍ୟର ଭୋଟରେ ଭାଗ ନେଉଥିଲେ। ସେଥିପାଇଁ ତାରିଖ ଅଲଗା ଥିବାରୁ ବିଶେଷକିଛି ଅସୁବିଧା ହେଉ ନଥିଲା। ଏବେ ଗୋଟିଏ ତାରିଖରେ ଭୋଟ୍ ହେଉଥିବାରୁ ଦୁଇ ରାଜ୍ୟ ପ୍ରଶାସନ ସେଠାରେ ବୁଥ୍ ସ୍ଥାପନ କରିବା ସହିତ ଆନ୍ଧ୍ର ତରଫରୁ ମତଦାନ କରାଇବାକୁ ଉଦ୍ୟମ କରୁଛନ୍ତି। ଏହାଫଳରେ ଉଭୟ ପକ୍ଷ ମଧ୍ୟରେ ବିବାଦ ଓ ଉତ୍ତେଜନା ସୃଷ୍ଟି ହେବା ସ୍ୱାଭାବିକ। ଜଣେ ନାଗରିକ ଗୋଟିଏ ତାରିଖରେ ଏକାଧିକ ରାଜ୍ୟରେ ଏକାଧିକ ନିର୍ବାଚନରେ ଭାଗ ନେବା ଲୋକ ପ୍ରତିନିଧି ଆଇନର ଖୋଲାଖୋଲି ଉଲ୍ଲଂଘନ। ତେବେ ଏଥର କୋଟିଆ ଆଉ ଏକ ସମସ୍ୟାର ସମ୍ମୁଖୀନ, ଯାହା କୋରାପୁଟ ଜିଲ୍ଲା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିବ।

କୋରାପୁଟ ଜିଲ୍ଲାପାଳଙ୍କ କହିବା ଅନୁସାରେ ଓଡ଼ିଶା ପକ୍ଷରୁ କୋଟିଆ ପଞ୍ଚାୟତରେ ନଅଟି ପୋଲିଂ ବୁଥ୍ ସ୍ଥାପନ କରାଯାଉଛି। ବିବାଦୀୟ ଗ୍ରାମର ଭୋଟରମାନେ ଓଡ଼ିଶା ଦ୍ୱାରା ସ୍ଥାପିତ ଭୋଟ୍ କେନ୍ଦ୍ରରେ ଯେପରି ନିଜର ମତଦାନ କରନ୍ତି, ସେଥିପାଇଁ ସେମାନଙ୍କୁ ଦିଗ୍‌ଦର୍ଶନ ଦିଆଯିବ। ତେବେ ଚିନ୍ତାର ବିଷୟ ହେଉଛି ଆନ୍ଧ୍ର ସରକାରଙ୍କ ଅତିଶୟ ସକ୍ରିୟତା ଓ ଭୋଟରମାନଙ୍କୁ ନିଜ ମତଦାନ କେନ୍ଦ୍ର ଆଡ଼କୁ ଟାଣି ନେବାର ଅତିକ୍ରିୟା। ୨୦୧୯ ସାଧାରଣ ନିର୍ବାଚନ ବେଳେ ଆନ୍ଧ୍ର ସରକାର କୋଟିଆର ଭୋଟରମାନଙ୍କୁ ଗାଡ଼ି ଲଗାଇ ନିଜର ଭୋଟ କେନ୍ଦ୍ରକୁ ବୋହିବାର ବ୍ୟବସ୍ଥା କରିଥିବା ଦେଖା ଯାଇଥିଲା। ଏଥିପାଇଁ ଭୋଟରମାନଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରାଯାଇଥିଲା।

ବିଗତ ଦିନମାନଙ୍କରେ ଓଡ଼ିଶା ସରକାରଙ୍କ ପକ୍ଷରୁ କୋଟିଆ ପଞ୍ଚାୟତରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। କୋଟିଆର ଜଣେ ସରପଞ୍ଚ ଲିଉ ଗମେଲ କହିଛନ୍ତି ଯେ ୨୧ ଖଣ୍ଡ ଗ୍ରାମର ଭୋଟର ଓ ଲୋକଙ୍କର ଓଡ଼ିଶା ପ୍ରତି ଆନୁଗତ୍ୟ ରହିଛି ଏବଂ ସେମାନେ ଏହି ଅଞ୍ଚଳର ବିକାଶ ପ୍ରକ୍ରିୟାରେ ସନ୍ତୁଷ୍ଟ। ଏଥର ସେମାନେ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ଥାପନ ହେବାକୁ ଥିବା ଭୋଟ୍‌ଦାନ କେନ୍ଦ୍ରରେ ନିର୍ବାଚନ ପାଇଁ ଭୋଟ୍ ଦେବେ ଏବଂ ଆନ୍ଧ୍ର ମୁହାଁ ହେବେ ନାହିଁ। ତେବେ ଗତଥର ଭଳି ଆନ୍ଧ୍ର ସରକାର ଭୋଟରମାନଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଆଗୁଆ ନିଜର ଭୋଟ କେନ୍ଦ୍ର ପାଖକୁ ନେଇ ଯିବାର ବ୍ୟବସ୍ଥା ଯେ ନ କରିବ, ଏକଥା କିଏ କହିବ? ଭୋଟରଙ୍କୁ ପ୍ରଭାବିତ କରିବା ଓ ଅନୁଚିତ ଅନୁଗ୍ରହ ଦେଖାଇବା ଧର୍ତ୍ତବ୍ୟ ଅପରାଧ। ଏହାସତ୍ତ୍ୱେ ରାଜନୈତିକ ଦଳମାନେ ତାହା କରନ୍ତି ଏବଂ ଆନ୍ଧ୍ର ତାହାର ପୁରୁଣା ବଦମାସୀ ଦୋହରାଇବା ପ୍ରାୟ ନିଶ୍ଚିତ। ସୁତରାଂ ଏହାକୁ ରୋକିବା ପାଇଁ ଓଡ଼ିଶା ପକ୍ଷରୁ ତଥା ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ସେ ଅଞ୍ଚଳରେ ଆଗୁଆ ପୁଲିସ୍ ବନ୍ଦୋବସ୍ତ ଓ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡ଼ିବ।

କୋଟିଆର ୨୧ ଖଣ୍ଡ ବିବାଦୀୟ ଗ୍ରାମର ଭୋଟରଙ୍କ ସଂଖ୍ୟା ବହୁତ ଅଧିକ ନୁହେଁ। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି - ଏଠାରେ ଜାତୀୟ ନିର୍ବାଚନର ଆଇନ କାନୁନ ଏବଂ ଆମ ରାଜ୍ୟର ଅଧିକାର ଓ ନୀତି ନିୟମ ବାଜିରେ ଲାଗିଛି। ଜବରଦସ୍ତ ଏକ ସୀମାନ୍ତ ଅଞ୍ଚଳ ଉପରେ ଅଧିକାର ଜାହିର କରି ସେମାନଙ୍କୁ ଭୋଟର କରିବା ଏବଂ ରାଜନୈତିକ ଅନୁଗ୍ରହ ଦେଖାଇ ନିଜର ଅଧିବାସୀ ବୋଲି ଦାବି କରିବା ଏକ ବେଆଇନ କାର୍ଯ୍ୟ ଏବଂ ଏହା ବାରମ୍ବାର ଆନ୍ଧ୍ର ପ୍ରଶାସନ କିଭଳି କରୁଛି ତାହା ଆଶ୍ଚର୍ଯ୍ୟର ବିଷୟ। ଏଣେ ମାମଲା ଏବେ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ। ଏଭଳି ଅବସ୍ଥାରେ ମୂଳରୁ ଓଡ଼ିଶା ନିୟନ୍ତ୍ରଣରେ ଥିବା ଏହି ଅଞ୍ଚଳରେ କେବଳ ଓଡ଼ିଶା ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ବୁଥ୍‌ରେ ସମ୍ପୃକ୍ତ ନାଗରିକମାନଙ୍କୁ ଭୋଟ୍ ଦେବାର ବୈଧାନିକ ଗ୍ୟାରେଣ୍ଟି ମିଳୁ। ସେମାନଙ୍କୁ ପ୍ରଲୋଭିତ କରି ଆନ୍ଧ୍ର ସରକାର ନିଜ କେନ୍ଦ୍ରରେ ଭୋଟ୍ ଦେବାର ବ୍ୟବସ୍ଥା କଲେ ନିର୍ବାଚନ କମିଶନ ସେସବୁ ଭୋଟକୁ ରଦ୍ଦ କରନ୍ତୁ। ଆମ ବିଚାରରେ ନିରାପତ୍ତା ବ୍ୟବସ୍ଥାରେ କୋଟିଆରେ ମୁକ୍ତ ଓ ଅବାଧ ନିର୍ବାଚନ ହେଉ ଏବଂ ଏହାର ବ୍ୟତିକ୍ରମ ଯେପରି ନ ଘଟେ ତା' ଉପରେ ନିର୍ବାଚନ କମିଶନ ସ୍ୱତନ୍ତ୍ର ନଜର ରଖନ୍ତୁ। ଏଥିପାଇଁ ସମସ୍ତ ଆବଶ୍ୟକୀୟ ଆଗୁଆ ପ୍ରସ୍ତୁତି ନିର୍ବାଚନ କମିଶନ୍ କରିବେ ବୋଲି ଆମେ ଆଶା କରୁଛୁ ଏବଂ ଆମ ରାଜ୍ୟ ସରକାର ମଧ୍ୟ ଆନ୍ଧ୍ରର ଏହି ବେଆଇନ କାର୍ଯ୍ୟକୁ କେବଳ ପ୍ରତିବାଦ ନ କରି ଦୃଢ଼ ପ୍ରତିରୋଧ ମଧ୍ୟ କରନ୍ତୁ।

# ଓଡ଼ିଶାରେ ମେଣ୍ଟ ସରକାର ଇତିହାସ



ପ୍ରହ୍ଲାଦ କୁମାର ସିଂହ
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

ଏବେ ଜାତୀୟସ୍ତରରେ ଦୁଇଟି ରାଜନୈତିକ ମେଣ୍ଟ ରହିଛି। ଗୋଟିଏ ହେଲା ବିଜେପି ନେତୃତ୍ୱରେ ଗଠିତ 'ଏନ୍‌ଡିଏ' ଓ ଅନ୍ୟଟି ହେଲା କଂଗ୍ରେସ ନେତୃତ୍ୱରେ ପରିଚାଳିତ 'ଇଣ୍ଡି' ମେଣ୍ଟ। କେନ୍ଦ୍ରରେ ଏବଂ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ବହୁବାର ମେଣ୍ଟ ସରକାର ଗଢ଼ାଯାଇଛି। ଦେଶର ଓ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କିମ୍ବା ରାଜନୈତିକ ବାଧ୍ୟବାଧକତାରେ ମେଣ୍ଟ ହୋଇଥାଏ। ତେବେ ବିଭିନ୍ନ ସମୟରେ ଓଡ଼ିଶାରେ ଗଢ଼ା ଯାଇଥିବା ମେଣ୍ଟ ସରକାର ଓ ସେଗୁଡ଼ିକର ସ୍ଥିତି ସମ୍ପର୍କରେ ଏହି ଆଲେଖ୍ୟରେ ସମ୍ୟକ ଆଲୋଚନା କରାଯାଇଛି।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ଓଡ଼ିଶା ବିଧାନସଭା ପାଇଁ ୧୯୩୭ରେ ହୋଇଥିଲା ପ୍ରଥମ ନିର୍ବାଚନ। ସେତେବେଳେ ବିଧାନସଭାର ୬୦ରୁ ୫୬ ଆସନ ପାଇଁ ନିର୍ବାଚନ କରାଯାଉଥିଲା। ଏହି ନିର୍ବାଚନରେ କଂଗ୍ରେସ, ଜାତୀୟ ଦଳ ଓ ମିଳିତ ଦଳ ମଧ୍ୟରେ ଲଢ଼େଇ ହୋଇଥିଲା। କଂଗ୍ରେସ ସର୍ବାଧିକ ୩୭ଟି ଆସନରେ ଜିଣି ବିଧାନସଭାରେ ସ୍ପଷ୍ଟ ବହୁମତ ହାସଲ କରିଥିଲେ ମଧ୍ୟ ଜାତୀୟ ଦଳର ନେତା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ୧୯୩୭ ଏପ୍ରିଲ ପହିଲାରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ସେହିବର୍ଷ ଜୁଲାଇ ୧୯ ତାରିଖରେ କଂଗ୍ରେସ ବିଧାୟକ ଦଳର ନେତା ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ଜୁଲାଇ ୨୮ରେ ବିଧାନସଭାର ପ୍ରଥମ ଅଧିବେଶନ ରେଭେନ୍ସା କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା ଏବଂ ୨୬ ଓ ୨୭ ତାରିଖରେ ବିଧାୟକମାନେ ଶପଥ ନେଇଥିଲେ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରସଙ୍ଗରେ କଂଗ୍ରେସ ଦଳ ସରକାରରୁ ଇସ୍ତଫା ଦେବାରୁ ପୁଣି ଥରେ ଗଜପତି ୧୯୪୧ ନଭେମ୍ବର ୨୪ରେ ଅନ୍ୟ ଦଳର କିଛି ବିଧାୟକଙ୍କ ସହଯୋଗରେ ପ୍ରଧାନମନ୍ତ୍ରୀ ହୋଇ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ। ଏହି ସରକାରରେ କଂଗ୍ରେସ ବିଧାୟକ ଗୋଦାବରୀଶ ମିଶ୍ର ଓ ମୁସଲମାନଙ୍କ ପାଇଁ ସଂରକ୍ଷିତ ଆସନରୁ ଜିଣିଥିବା ମୌଲବୀ ଆବ୍‌ଦସ୍ ଶୋଭାନ୍ ଖାଁ ମନ୍ତ୍ରୀ ରହିଥିଲେ। ତେବେ ମତାନ୍ତର ଓ ମନାନ୍ତର ଯୋଗୁଁ ଓଡ଼ିଶାର ଏହି ପ୍ରଥମ ମେଣ୍ଟ ସରକାର ଇସ୍ତଫା ଦେଲା ୧୯୪୪ ଜୁନ୍ ୨୯ ତାରିଖରେ।

୧୯୫୯ ମଇ ୨୨ ତାରିଖରେ କଂଗ୍ରେସ ବିଧାୟକ ଦଳର ନେତା ତଥା ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ସହ ହାତ ମିଳାଇଲେ ବିରୋଧୀ ଦଳର ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓ। ସିଂହଦେଓଙ୍କ ନେତୃତ୍ୱରେ ୧୯୫୭ର ନିର୍ବାଚନରେ 'ଗଣତନ୍ତ୍ର ପରିଷଦ' ଓଡ଼ିଶା ବିଧାନସଭାରେ ୧୪୦ରୁ ୫୧ଟି ଆସନ ପାଇଥିବା ବେଳେ କଂଗ୍ରେସ ଖାତାକୁ ଯାଇଥିଲା ୫୬ଟି ସ୍ଥାନ। ପ୍ରଥମରୁ କଂଗ୍ରେସ-ଗଣତନ୍ତ୍ର ପରିଷଦ ମେଣ୍ଟ ସରକାର ସୁରୁଖୁରୁରେ ଚାଲୁଥିବା ବେଳେ ପରେ ମେଣ୍ଟରେ ଫାଟ ବଢ଼ିବାରୁ ଏହି ମିଳିତ ସରକାରର ଅବସାନ ଘଟିଲା ୧୯୬୧ ଫେବୃୟାରୀ ୨୫ରେ।

୧୯୬୭ ବିଧାନସଭା ନିର୍ବାଚନରେ କଂଗ୍ରେସ ମାତ୍ର ୩୧ଟି ଆସନ ହାସଲ କରିଥିବା ବେଳେ ସିଂହଦେଓଙ୍କ 'ସ୍ୱତନ୍ତ୍ର ଦଳ' ୪୯ଟି ଓ ମହତାବଙ୍କ 'ଜନ କଂଗ୍ରେସ' ୨୬ଟି ଆସନ ପାଇଥିଲା। ଏହି ଦୁଇଦଳ ମେଣ୍ଟ କରି କଂଗ୍ରେସ ବିରୁଦ୍ଧରେ ନିର୍ବାଚନ ଲଢ଼ିଥିଲେ। ମେଣ୍ଟର ନେତାଭାବେ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ ମାର୍ଚ୍ଚ ୮ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କ ସରକାର କିଛିଦିନ ସୁରୁଖୁରୁରେ ଚାଲିବା ପରେ ମେଣ୍ଟରେ ଫାଟ ବଢ଼ିବାରୁ ଏହି ସରକାର ନିର୍ଦ୍ଧାରିତ ସମୟ ପୂର୍ବରୁ ଭାଙ୍ଗିଗଲା ୧୯୭୧ ଜାନୁଆରୀ ୯ ତାରିଖରେ।

୧୯୭୧ ନିର୍ବାଚନରେ କୌଣସି ଦଳ ବା ମେଣ୍ଟ ବିଧାନସଭାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିପାରିଲେ ନାହିଁ। ଏଥର କଂଗ୍ରେସ ୫୧ଟି ଆସନରୁ ଜିଣିଥିବା ବେଳେ 'ସ୍ୱତନ୍ତ୍ର ଦଳ' ୩୬ ଓ 'ଉତ୍କଳ କଂଗ୍ରେସ' ୩୩ଟି ଆସନ ପାଇଥିଲେ। ଝୁଲା ବିଧାନସଭା ପରିପ୍ରେକ୍ଷୀରେ ଏହି ୩ ଦଳର କୌଣସି




ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସହମତି ପ୍ରକାଶ ନ ପାଇବାରୁ ବିଧାନସଭାର ସଦସ୍ୟ ନଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି 'ଉତ୍କଳ କଂଗ୍ରେସ' ଓ 'ସ୍ୱତନ୍ତ୍ର ଦଳ' ମିଳିତ ନିଷ୍ପତ୍ତି ନେଲେ। ଏହି ମେଣ୍ଟ ସରକାର ମୁଖ୍ୟମନ୍ତ୍ରୀ ଭାବେ ବିଶ୍ୱନାଥ ଦାସ ୧୯୭୧ ଏପ୍ରିଲ ୯ ତାରିଖରେ ଶପଥ ନେଲେ। ପରବର୍ତ୍ତୀ ସମୟରେ ସେ ରାଉରକେଲା ବିଧାନସଭା ଆସନରୁ ଉପନିର୍ବାଚନ ଜିଣି ଆସିଲେ। ତେବେ ବିଶ୍ୱନାଥ ଦାସଙ୍କ ନେତୃତ୍ୱକୁ ସହଜରେ କ୍ଷମତାସୀନ ମେଣ୍ଟର କିଛି ନେତା ଓ ବିରୋଧୀଦଳ ଗ୍ରହଣ କରିପାରୁନଥିଲେ। ମେଣ୍ଟ ଭିତରୁ ଓ ବାହାରୁ ଏଥିପାଇଁ ବିଭ୍ରାଟ ସୃଷ୍ଟି କରାଗଲା। ପରିସ୍ଥିତି ଅଣାୟତ୍ତ ହେବାରୁ ବିଶ୍ୱନାଥ ଦାସଙ୍କ ମେଣ୍ଟ ସରକାରର ପତନ ଘଟିଲା ୧୯୭୨ ଜୁନ୍ ୧୪ରେ। ସେତେବେଳେ ଦଳବଦଳ ବ୍ୟାପକ ହେଉଥିଲା। ଏ ପରିପ୍ରେକ୍ଷୀରେ କେନ୍ଦ୍ରରେ ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସ ସରକାରରେ ମନ୍ତ୍ରୀ ଥିବା ନନ୍ଦିନୀ ଶତପଥୀଙ୍କୁ କଂଗ୍ରେସ ବିଧାୟକ ଦଳର ନେତାଭାବେ ନିର୍ବାଚିତ କରାଯାଇ ସେହିଦିନ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା। ବିଧାନସଭାର ସଦସ୍ୟା ନଥିବାରୁ ନନ୍ଦିନୀ ଦେବୀଙ୍କୁ କଟକରୁ ଉପନିର୍ବାଚନ ଜିଣିବାକୁ ପଡ଼ିଥିଲା। ସେତେବେଳେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ 'ପ୍ରଗତି ଦଳ' ଗଢ଼ାଗଲା ଓ ବିଜୁବାବୁ ବିରୋଧୀ ଦଳ ନେତା ହେଲେ। ନନ୍ଦିନୀ ଦେବୀଙ୍କ ସରକାରଙ୍କୁ ସମର୍ଥନ କରୁଥିବା କଂଗ୍ରେସ ସମେତ ଅନ୍ୟକିଛି ବିଧାୟକ ବିରୋଧ କରିବା ସହ ଦଳବଦଳରେ ମାତିବାରୁ ନନ୍ଦିନୀଙ୍କ ସରକାରର ୧୯୭୩ ମାର୍ଚ୍ଚ ୩ ତାରିଖରେ ପତନ ଘଟିଲା। ପରେ ଅବଶ୍ୟ ୧୯୭୪ରେ ହୋଇଥିବା ନିର୍ବାଚନରେ କଂଗ୍ରେସ ଦଳ ୧୪୭ରୁ ୬୯ ଆସନ ପାଇ ନନ୍ଦିନୀ ଦେବୀଙ୍କ ନେତୃତ୍ୱରେ ଓଡ଼ିଶାରେ ସରକାର ଗଠନ କରିଥିଲା।

୧୯୭୫ରେ ସାରା ଦେଶରେ ଜାତୀୟ ଜରୁରୀ ପରିସ୍ଥିତି ଜାରି କରାଯାଇ ବିରୋଧୀ ଦଳର ନେତା ଓ କର୍ମୀଙ୍କ ସମେତ ହଜାର ହଜାର ଲୋକଙ୍କୁ କାରାରୁଦ୍ଧ କରାଯାଇଥିଲା। ଏପରି ସଙ୍କଟଜନକ ଅବସ୍ଥାରେ ଜନ୍ମନେଲା 'ଜନତା ପାର୍ଟି'। ଲୋକଦଳ, ସଙ୍ଗଠନ କଂଗ୍ରେସ, ଜନସଂଘ, ସମାଜବାଦୀ ଆଦି ବିଭିନ୍ନ ଦଳ ମିଶି ଜାତୀୟ ସ୍ତରରେ 'ଜନତା ପାର୍ଟି' ଗଠନ କଲେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ମାର୍ଗଦର୍ଶନରେ। ସେତେବେଳେ ସିପିଆଇ କଂଗ୍ରେସକୁ ଓ ସିପିଏମ୍ ଜନତାପାର୍ଟିକୁ ସମର୍ଥନ କରୁଥିଲେ। ୧୯୭୭ରେ କେନ୍ଦ୍ରରେ ଜନତା ପାର୍ଟିର ସରକାର ଗଢ଼ାଗଲା ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ। ଏହା ପରେ ପରେ ସେହିବର୍ଷ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହେଲା ଏବଂ ଏଥିରେ 'ଜନତା ପାର୍ଟି '୧୧୦ଟି ଆସନ ହାସଲ କରି ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଓଡ଼ିଶାରେ ସରକାର ଗଢ଼ିଲା। ତେବେ ପରବର୍ତ୍ତୀ ସମୟରେ ଉଭୟ ଜାତୀୟ ଓ ରାଜ୍ୟସ୍ତରରେ 'ଜନତା ପାର୍ଟି'ର ଅଂଶୀଦାର ଦଳଗୁଡ଼ିକ ମଧ୍ୟରେ କନ୍ଦଳ ଲାଗିବାରୁ ଓଡ଼ିଶାରେ ନୀଳମଣି ରାଉତରାୟଙ୍କ ମୁଖ୍ୟମନ୍ତ୍ରିତ୍ୱ ୧୯୮୦ ଫେବୃୟାରୀ ୧୭ ତାରିଖରେ ସମାପ୍ତ ହୋଇଗଲା। 'ଜନତା ପାର୍ଟି' ଏକ ମେଣ୍ଟ ନଥିଲେ ମଧ୍ୟ ଚାରୋଟି ପ୍ରମୁଖ ଦଳ ଏଥିରେ ଅଂଶୀଦାର ଥିଲେ। ଏମାନେ ନିଜ ନିଜ ଏଜେଣ୍ଡାରେ ଅଟଳ ରହିବାରୁ ଶେଷରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ 'ଜନତା ପାର୍ଟି' ସରକାର ଭାଙ୍ଗିଥିଲା।

୧୯୮୦ରୁ ୧୯୯୦ ପର୍ଯ୍ୟନ୍ତ ଓଡ଼ିଶାରେ କଂଗ୍ରେସ ସରକାର ଚାଲିଥିଲା। ୧୯୯୦ରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ 'ଜନତା ଦଳ' ଓଡ଼ିଶାରେ ନିର୍ବାଚନ ଲଢ଼ି ରେକର୍ଡ ସଂଖ୍ୟକ ୧୨୩ ଆସନରେ ଜିଣିଥିଲା। ସେତେବେଳେ ଏହି ନିର୍ବାଚନରେ ସିପିଆଇ ଓ ସିପିଏମ୍ ଭଳି ବାମପନ୍ଥୀ ଦଳ ସହିତ ବିଜୁବାବୁ ଆସନ ବୁଝାମଣା କରିଥିଲେ। ତେବେ ସରକାରରେ ସେମାନେ ସାମିଲ ହୋଇନଥିଲେ। ଏହି ନିର୍ବାଚନରେ କଂଗ୍ରେସ ମାତ୍ର ୧୦ଟି ଆସନ ହାତେଇ ଥିଲା, ଯାହାକି କଂଗ୍ରେସ ଇତିହାସରେ ସେତେବେଳ ପର୍ଯ୍ୟନ୍ତ ସବୁଠାରୁ କମ୍ ଆସନ ଥିଲା। ୧୯୯୭ ଏପ୍ରିଲ ୧୭ ତାରିଖରେ ଲୋକସଭା ସଦସ୍ୟ ଥାଇ ବିଜୁବାବୁଙ୍କ ଦେହାନ୍ତ ହେବା ପରେ ଜନସାଧାରଣଙ୍କ ଆଗ୍ରହ ଓ ଜନତାଦଳ ନେତାମାନଙ୍କ ଅନୁରୋଧକ୍ରମେ ତାଙ୍କ କନିଷ୍ଠ ପୁତ୍ର ନବୀନ ପଟ୍ଟନାୟକ ରାଜନୀତି କ୍ଷେତ୍ରକୁ ପ୍ରବେଶ କରି ଆସିକା ଲୋକସଭା କ୍ଷେତ୍ରରୁ ଉପନିର୍ବାଚନ ଜିଣିଥିଲେ। କେନ୍ଦ୍ରର କ୍ରମାଗତ ଅବହେଳାର ପ୍ରତିବାଦ ସ୍ୱରୂପ ସେହିବର୍ଷ ଡିସେମ୍ବର ୨୬ରେ ନବୀନ ବାବୁଙ୍କ ନେତୃତ୍ୱରେ 'ବିଜୁ ଜନତା ଦଳ' ଗଠନ କରାଗଲା। ଏହାପରେ ୧୯୯୮ରେ ଦ୍ୱାଦଶ ଲୋକସଭା ନିର୍ବାଚନବେଳେ ବିଜେଡି ସହ ବିଜେପି ମେଣ୍ଟ କରି ନିର୍ବାଚନ ଲଢ଼ିବା ଫଳରେ ମେଣ୍ଟ ୧୭ଟି ଆସନରେ ବିଜୟୀ ହେଲା ଏବଂ କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠିତ ମେଣ୍ଟ ସରକାରରେ ବିଜେଡି ସାମିଲ ହେଲା। ତେବେ ବାଜପେୟୀଙ୍କ ୧୩ମାସର ମେଣ୍ଟ ସରକାରଙ୍କ ଅବସାନ ଘଟିବା ପରେ ୧୯୯୯ରେ ହୋଇଥିବା ତ୍ରୟୋଦଶ ଲୋକସଭା ନିର୍ବାଚନରେ ବିଜେଡି-ବିଜେପି ମେଣ୍ଟ ୧୯ଟି ଆସନ ଦଖଲ କଲା।

୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ କଂଗ୍ରେସ ଶାସନ କାଳରେ ଓଡ଼ିଶାରେ ୩ଥର ମୁଖ୍ୟମନ୍ତ୍ରୀ ବଦଳା ଯାଇଥିଲା। ଏହି ସମୟରେ ୧୯୯୯ର ମହାବାତ୍ୟା ଓଡ଼ିଶାକୁ ଥରାଇ ଦେଇଥିଲା। ସେତେବେଳେ ରାଜ୍ୟର ଆର୍ଥିକ ବ୍ୟବସ୍ଥା ମଧ୍ୟ ବେଶ୍ ଦୁର୍ବଳ ଥିଲା। ଏହି ଭିତ୍ତିଭୂମିରେ ୨୦୦୦ ମସିହା ଫେବୃୟାରୀ ମାସରେ ଦୁଇଟି ପର୍ଯ୍ୟାୟରେ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ବିଜେଡି-ବିଜେପି ମେଣ୍ଟ ୧୦୬ଟି ଆସନରେ ଜିଣି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଗଠନ କରିଥିଲେ। ଏହି ସରକାର ବେଶ୍ ସୁରୁଖୁରୁରେ ଚାଲିଥିଲା। ୨୦୦୪ରେ ଲୋକସଭା ପାଇଁ ନିର୍ବାଚନ ସହିତ ଓଡ଼ିଶା ସରକାରଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ବିଧାନସଭା ପାଇଁ ମଧ୍ୟ ବର୍ଷକ ଆଗରୁ ନିର୍ବାଚନ ହେଲା। ଏଥର ଲୋକସଭା ନିର୍ବାଚନରେ ଏନ୍‌ଡିଏକୁ ହରାଇ କଂଗ୍ରେସ ନେତୃତ୍ୱରେ ଗଠିତ ୟୁପିଏ ମେଣ୍ଟ ଦିଲ୍ଲୀରେ ଶାସନ କ୍ଷମତାକୁ ଆସିଥିବା ବେଳେ ଓଡ଼ିଶାରେ କିନ୍ତୁ ୨୧ଟି ଲୋକସଭା ଆସନ ଭିତରୁ କଂଗ୍ରେସ ମାତ୍ର ୨ଟି, ଜେଏମ୍‌ଏମ୍ ଗୋଟିଏ ଏବଂ ବିଜେଡି-ବିଜେପି ମେଣ୍ଟ ୧୮ଟି ଆସନରେ ଜିଣିଥିଲେ। ୨୦୦୪ର ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେଡି-ବିଜେପି ମେଣ୍ଟ ୧୦୦ଟି ଆସନରୁ ଜିଣି ପୁଣିଥରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦ୍ୱିତୀୟ ପାଳି ସରକାର ଗଢିଥିଲେ। ୨୦୦୮ର ଶେଷ ଆଡ଼କୁ ବିଜେପି ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ନବୀନ ପଟ୍ଟନାୟକଙ୍କ ସରକାର କିନ୍ତୁ ଭାଙ୍ଗି ନଥିଲା। ପରବର୍ତ୍ତୀ ସମୟରେ ୨୦୦୯ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ବିଜେଡି ସହ ମେଣ୍ଟ କରିବା ଲାଗି ବିଜେପି ପୁଣି ଆଗ୍ରହ ପ୍ରକାଶ କରିଥିଲେ ବି ଏହା ସମ୍ଭବପର ହୋଇନଥିଲା। ୨୦୦୯ର ଲୋକସଭା ନିର୍ବାଚନରେ ବିଜେଡି ୧୪ ଓ ଏହାର ସହଯୋଗୀ ସିପିଆଇ ଗୋଟିଏ ଆସନରେ ଜିଣିଥିବା ବେଳେ କଂଗ୍ରେସ ୬ଟି ଆସନ ଅକ୍ତିଆର କରିଥିଲା। ସେହିପରି ୨୦୦୯ର ବିଧାନସଭା ନିର୍ବାଚନରେ ବିଜେଡି ୧୦୩ଟି ଆସନରେ ଜିଣିଥିବାବେଳେ ବିଜେପି ଖାତାକୁ ମାତ୍ର ୬ଟି ଓ କଂଗ୍ରେସ ଦଳକୁ ୨୭ଟି ଆସନ ଯାଇଥିଲା। ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେଡି ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଗଢ଼ିଆସିଛି। ମୋଟାମୋଟି ଭାବରେ ୧୯୪୧ରୁ ୨୦୦୮ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଓଡ଼ିଶାରେ ଗଢ଼ା ଯାଇଥିବା ମେଣ୍ଟ ସରକାରର ଏହା ହେଉଛି ସଂକ୍ଷିପ୍ତ ଇତିହାସ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ବିଶ୍ୱ ଘରଚଟିଆ ଦିବସ

# ଟିକି ଚଢ଼େଇର ବଡ଼ କାହାଣୀ

ବୈଷ୍ଣବ ଚରଣ ଦାଶ
ବୁଗୁଡ଼ା, ମୋ: ୯୭୭୬୫୩୪୯୩୦

ପୂର୍ବାଚାର୍ଯ୍ୟମାନେ କହିଛନ୍ତି, 'କ୍ଷୁଦ୍ରୋପି ନିହିତା ଶକ୍ତି ସମ୍ଭାବନା ଗରୀୟସୀ।' ଆମ ପୃଥିବୀରେ ଏପରି ଅନେକ କ୍ଷୁଦ୍ର ବସ୍ତୁ ରହିଛି, ଯାହା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମନୁଷ୍ୟର କଲ୍ୟାଣ ସାଧନ କରେ। ତନ୍ମଧ୍ୟରୁ ଘରଚଟିଆ ଅନ୍ୟତମ। ଆଠରୁ ଦଶ ସେଣ୍ଟିମିଟର ଲମ୍ବର ଏହି ପକ୍ଷୀ ମାନବର ଅଶେଷ କଲ୍ୟାଣ ସାଧନ କରିଆସୁଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ବର୍ତ୍ତମାନ ପ୍ରାକୃତିକ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି କ୍ଷୁଦ୍ର ପକ୍ଷୀ ବିଲୁପ୍ତପ୍ରାୟ ତାଲିକା ଅନ୍ତର୍ଭୁକ୍ତ ହୋଇଛି।

ସକାଳ ହେବା ମାତ୍ରେ କିଚିରି ମିଚିରି ଶବ୍ଦ କାକଳିରେ ପରିବେଶକୁ ମୁଖରିତ କରୁଥିବା ଏହି ପକ୍ଷୀ ଆଜିକାଲି ଦେଖିବାକୁ ମିଳୁନାହାନ୍ତି। ଘରଚଟିଆର ଦୁଇଟି ଜାତି। ଗୋଟିଏ ପୁରୁଷ ଓ ଅନ୍ୟଟି ମହିଳା। ପୁରୁଷ ଚଟିଆର ବେକ ପାଖ ସାମାନ୍ୟ କଳା ଓ ନିମ୍ନାଂଶ ଧଳା ହୋଇଥିବା ବେଳେ ମାଈ ଚଟିଆ ମାଟିଆ ରଙ୍ଗର ହୋଇଥାଏ। ଗୋଟିଏ ପ୍ରାପ୍ତବୟସ୍କ ଚଟିଆର ଓଜନ ପାଖାପାଖି ତିରିଶି ଗ୍ରାମ। ମାଈ ଚଟିଆ ଥରକେ ଆଠରୁ ଦଶଟି ଅଣ୍ଡା ଦେଇଥାଏ। ଅଣ୍ଡା ଦେବାର ଦଶଦିନ ପରେ ଛୁଆ ଫୁଟିଥା'ନ୍ତି। ଘରଚଟିଆର ଖାଦ୍ୟ ହେଉଛି ବିଭିନ୍ନ କୀଟ ଓ ଖାଦ୍ୟଶସ୍ୟ। ତା'ର ଛୋଟ ଥଣ୍ଟରେ ସେ ଶସ୍ୟର କଠିନ ଚୋପାର ଆସ୍ତରଣକୁ ଛଡ଼ାଇ ଖାଇଥାଏ। ବାଡ଼ିବୁଦାରୁ କାଠି କୁଟା ସଂଗ୍ରହ କରି ସେ ନିଜର ବସା ତିଆରି କରେ। ତା' ଛଡ଼ା ମଣିଷ ରହୁଥିବା ଚାଳ ଘର, କେବୁଲ୍ ବାକ୍ସ, ବିଦ୍ୟୁତ୍ ତାର, ସ୍କାଏଲାଇଟ୍ ଆଦି ମଧ୍ୟ ଘରଚଟିଆର ପ୍ରିୟ ବାସସ୍ଥାନ।

ଘରଚଟିଆ ଏକ ଚଳଚଞ୍ଚଳ ଓ ପରିଶ୍ରମୀ ପ୍ରାଣୀ। ସକାଳୁ କେବଳ ଯେ ଏହା ମନୁଷ୍ୟକୁ ନିଦରୁ ଉଠାଇ ଥାଏ ତା' ନୁହେଁ, ବରଂ ଘରଚଟିଆ ଧୂଳିରେ ଗଡ଼ିଲେ ବର୍ଷା ଆସିଥାଏ ବୋଲି ବିଶ୍ୱାସ ରହିଛି।



ଅନ୍ୟପକ୍ଷରେ ଦେଖିବାକୁ ଗଲେ କୃଷକର ଏକ ଉତ୍ତମ ବନ୍ଧୁ ଭାବେ ଘରଚଟିଆ ପରିଚିତ। ବିଲରେ ଶସ୍ୟକୁ ନଷ୍ଟ କରୁଥିବା କୀଟମାନଙ୍କୁ ଚଟିଆ ଖାଇ ଫସଲକୁ ସୁରକ୍ଷା ଦେଇଥାଏ। କିନ୍ତୁ ବର୍ତ୍ତମାନ ଚାଷ ଜମିରେ ଅତ୍ୟଧିକ କୀଟନାଶକ ବ୍ୟବହାର ଫଳରେ ଘରଚଟିଆ ପ୍ରତି ବିପଦ ସୃଷ୍ଟି କରିଛି। ଯାନବାହନର ମାତ୍ରାଧିକ ଚଳାଚଳ, ଚାରିଆଡ଼େ କଂକ୍ରିଟ ଜଙ୍ଗଲ, ଚାଳଘର ବିଲୁପ୍ତ, ମାଳ ମାଳ ଟାୱାରରୁ ନିର୍ଗତ ବିକିରଣ ଏହି ସୁନ୍ଦର ପକ୍ଷୀର ଜୀବନକୁ ବିପଦ ଆଡ଼କୁ ଠେଲି ଦେଇଛି।

ଏହି ଦୁର୍ଲଭ ପକ୍ଷୀର ସୁରକ୍ଷା ପାଇଁ 'ଇଣ୍ଟରନ୍ୟାସନାଲ ୟୁନିୟନ ଫର୍ କଞ୍ଜରଭେସନ ଅଫ ନେଚର୍ ଆଣ୍ଡ ନେଚୁରାଲ ରିସୋର୍ସ' ପକ୍ଷରୁ ୨୦୧୦ ମସିହାଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ଘରଚଟିଆ ଦିବସ' ଭାବେ ପାଳନ କରାଯାଇ ଆସୁଛି। ଘରଚଟିଆର ସୁରକ୍ଷା ପାଇଁ ଲୋକଙ୍କ ମନରେ ସଚେତନ ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ। ଖୁସିର ବିଷୟ ଗତ କିଛିବର୍ଷ ହେଲା ଏହି ଦିବସ ପାଳନର ସୁଫଳ ମିଳିଛି। କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହାର ସୁରକ୍ଷା ପାଇଁ ଅଗ୍ରସର ହୋଇ ଜନସାଧାରଣଙ୍କୁ ସଚେତନ କରାଇବା ସହ କୃତ୍ରିମ ବସା ନିର୍ମାଣ, ଖାଦ୍ୟ ଓ ଜଳ ଯୋଗାଣ ବ୍ୟବସ୍ଥା କରୁଛନ୍ତି।

ଏବେଠାରୁ ଯଦି ଆମେ ଏହାର ବଂଶ ରକ୍ଷା ପାଇଁ ଚେଷ୍ଟା ନ କରିବା ତେବେ ଏହି ସୁନ୍ଦର ପକ୍ଷୀ ବିଷୟରେ ଆଗାମୀ ବଂଶଧରମାନେ କେବଳ ଇତିହାସରେ ପଢ଼ିବେ। ଏଠାରେ କବି ମହେଶ୍ୱର ମହାନ୍ତିଙ୍କ ଏକ ପଂକ୍ତି ମନେପଡ଼େ -

ମାନବେ ମହାବଳି ପ୍ରକୃତି ପାଦେ ଦଳି / ନ ମାନି ବିଧାତା ନିୟମ କରୁଛି ଆଜି ଯାହା ନାହିଁ ତା' ପାଇଁ ରାହା ଲଭିବ ଦିନେ ଫଳ ଚରମ।

ଏହି ପକ୍ଷୀର ବଂଶବିସ୍ତାର ପାଇଁ ଆମେ କୃତ୍ରିମ ଚାଳଘର ନିର୍ମାଣ କରିବା, କୀଟନାଶକର ବ୍ୟବହାର କମାଇବା, ଉଚ୍ଚସ୍ଥାନରେ ମାଟିହାଣ୍ଡି କଣା କରି ଲଗାଇବା, କାର୍ଡ ବୋର୍ଡ ବ୍ୟବହାର କରି କୃତ୍ରିମ ବସା ନିର୍ମାଣ କରି ଟାଙ୍ଗିବା, ଛାତ ଉପରେ ମାଟି ପାତ୍ରରେ ପାଣି ତଥା ଖାଦ୍ୟ ଶସ୍ୟର ବ୍ୟବସ୍ଥା କରିବା ବିଧେୟ। ଆମମାନଙ୍କ ସ୍ଥିତି ଓ ସମୃଦ୍ଧି ପାଇଁ ଘରଚଟିଆମାନଙ୍କ ବଞ୍ଚିବା ଜରୁରୀ। ମନୁଷ୍ୟ ଓ ପଶୁପକ୍ଷୀ ଏକତ୍ର ସହାବସ୍ଥାନ କରିବା ଆମ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଆସନ୍ତୁ ଏହି ଟିକି ପକ୍ଷୀର ସୁରକ୍ଷା କରିବା ଏବଂ ଆମ ପରିବେଶକୁ ସୁନ୍ଦର କରିବା।

● ମନରେଗା ଦୁର୍ନୀତିଖୋର୍‌ଙ୍କୁ ଛାଟ

## ଇଡିରେ ହାଜର ପାଇଁ ୩ ଯନ୍ତ୍ରୀଙ୍କୁ ନୋଟିସ୍

**ବାରିପଦା/ଯଶିପୁର, ୧୯ ।୩(ସମିସ):** ଗତ ୨୦୨୦ ମସିହାରେ ବହୁଚର୍ଚ୍ଚିତ ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକର ୩ କୋଟି ୨୧ ଲକ୍ଷ ଟଙ୍କାର ମନରେଗା ଦୁର୍ନୀତି ମାମଲା ଏବେ ଇଡି ନିକଟରେ ପହଞ୍ଚିଛି । ଏହି ମାମଲାରେ ଇଡି ୨୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣଙ୍କୁ ନୋଟିସ୍ କରିଛି । ଆସନ୍ତା ୨୦ ତାରିଖରେ ଅଭିଯୁକ୍ତଙ୍କୁ ଇଡିରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାନୁସାରେ, ଗତ ୨୦୨୦ ମସିହାରେ ଯଶିପୁର ବ୍ଲକ୍‌ର ପୋଡ଼ାଗଡ଼, ବରେହିପାଣି, ଅସ୍ତକୁମାର, ଗୁରୁଗୁଡ଼ିଆ ଓ ଧଳାବଣୀ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ନ ହୋଇ ମନରେଗା ଯୋଜନାରେ ୩କୋଟି ୨୧ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ।



ଏହି ଘଟଣାରେ ତତ୍କାଳୀନ ଯଶିପୁର ବିଡିଓ ଅନୁପମା ଘୋଷ ଦୁର୍ନୀତିରେ ଜଡ଼ିତ ଥିବା ୨୫ ଜଣ ଅଭିଯୁକ୍ତଙ୍କ ନାମରେ ଯଶିପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେମାନଙ୍କ ମଧ୍ୟରୁ ତତ୍କାଳୀନ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ନାୟକ ଓ ପଡ଼ାଗୋଡ ପଞ୍ଚାୟତର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ସମୀର କବିଙ୍କୁ ଏବେ ଇଡି ନୋଟିସ୍ କରିଛି । ଆସନ୍ତା ୨୦ତାରିଖରେ ଏହି ୩ଜଣ ଇଡି ନିକଟରେ ହାଜର ହେବାକୁ ନୋଟିସରେ ଉଲ୍ଲେଖ ରହିଛି । ତେବେ ଅବଶିଷ୍ଟ ୨୨ଜଣ ଅଭିଯୁକ୍ତଙ୍କୁ କେବେ ଇଡିର ଡକରା ଆସୁଛି, ତା' ଉପରେ ସମସ୍ତଙ୍କର ନଜର ରହିଛି ।

## ଡିକିରୁ ଲୁଟିନେଲେ ସାଢ଼େ ୪ ଲକ୍ଷ ଟଙ୍କା

**ବଙ୍ଗୋମୁଣ୍ଡା, ୧୯ ।୩ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା-କଣ୍ଟାବାଞ୍ଜି ରାସ୍ତା ଦନ୍ଦ୍ରା ଗାଁମୁଣ୍ଡରେ ତିନିଜଣ ଦୁର୍ବୃତ୍ତ ଆଖି ପିଛୁଳାକେ ବାଇକ୍‌ରେ ଆସି ଲକ୍ଷାଧିକ ଟଙ୍କା ଝାମ୍ପି ନେଇଛନ୍ତି । ଦିନବେଳା ଏହି ଆପରାଧିକ ଘଟଣା ଘଟିଥିଲା ବେଳେ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ ଆଧାରରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିଲା । ଏନେଇ ଏକ ମାମଲା ରୁଜୁ କରି ପୁଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛି । ଅଭିଯୋଗ ଅନୁସାରେ, ଏସ୍‌ବିଆଇରୁ ହିତାଧିକାରୀଙ୍କ ଭତ୍ତା ବାବଦ ୪ ଲକ୍ଷ ୬୪ ହଜାର ୮୦୦ ଟଙ୍କା ବଙ୍ଗୋମୁଣ୍ଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ଘିଭେଲା ଉଠାଇଥିଲେ । ପରେ ଅନ୍ୟ ଜଣେ ପିଇଓ ଚିନ୍ତାମଣି ରଣାଙ୍କ



ସହ ବାଇକ୍‌ରେ ଯାଉଥିବା ବେଳେ ତିନିଜଣ ଦୁର୍ବୃତ୍ତ ଆସି ଧମକଚମକ ଦେଇ ଭୟଭୀତ କରିବା ସହ ଡିକି ଭାଙ୍ଗି ଟଙ୍କାତକ ଧରି ଚମ୍ପଟ ମାରିଥିଲେ । ପୁଲିସ ହାତରେ ଏଯାଏ ସୁରାକ ଲାଗିପାରିନାହିଁ । ଅନ୍ୟପକ୍ଷରେ, ଦିବାଲୋକରେ ଦୁଇଜଣଙ୍କଠାରୁ ଏଭଳି ଭାବେ ଲୁଟ୍ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚହଳ ସୃଷ୍ଟି କରିଛି ।

ଏମ୍‌ଏ ପରୀକ୍ଷାରେ ଉତ୍ତୀର୍ଣ୍ଣର ୨୪ବର୍ଷ ପରେ ସାର୍ଟିଫିକେଟ୍ ପ୍ରତ୍ୟାହାର ପ୍ରସଙ୍ଗ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଆଦେଶ ହାଇକୋର୍ଟରେ ରଦ୍ଦ

**କଟକ, ୧୯ ।୩(ସମିସ):** ଜଣେ ଅଧ୍ୟାପିକା ସ୍ନାତକୋତ୍ତର (ଏମଏ)ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଦୀର୍ଘ ୨୪ବର୍ଷ ପରେ ତାଙ୍କ ଫଳାଫଳ ଓ ସାର୍ଟିଫିକେଟ୍ ପ୍ରତ୍ୟାହାର ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଦାନ କରିଥିବା ଆଦେଶ ହାଇକୋର୍ଟରେ ରଦ୍ଦ ହୋଇଛି । ସୁଜାତା ପରିଜାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କୁ ସ୍ନାତକୋତ୍ତର ଶିକ୍ଷା ପାଇଁ ଅନୁମତି ଦିଆଯିବା ପରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେତୁ ତାଙ୍କୁ ମାର୍କସିଟ୍ ଓ ସାର୍ଟିଫିକେଟ୍ ଦିଆଯାଇଥିଲା । କିନ୍ତୁ ସମାନ ବିଷୟରେ ଆବେଦନକାରୀ ଅନ୍ୟ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିବା ଦର୍ଶାଇ ଦୀର୍ଘବର୍ଷ ପରେ ସାର୍ଟିଫିକେଟ ପ୍ରତ୍ୟାହାର ନିଷ୍ପତ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ପ୍ରକାଶଥାଉକି ଆବେଦନକାରୀ ଜଗତସିଂହପୁର ଏସଭିଏମ୍ କଲେଜରେ ସ୍ନାତକ ଶିକ୍ଷା ସମାପ୍ତ ପରେ ଗତ ୧୯୮୯ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସ ବିଷୟରେ ତୃତୀୟ ଶ୍ରେଣୀରେ ଏମ୍‌ଏ ପାସ କରିଥିଲେ । ପରେ ସେ ଜଗତସିଂହପୁର କାଦୁଆପଡ଼ା କଲେଜରେ ଅଧ୍ୟାପିକା ଭାବେ ନିଯୁକ୍ତି ପାଇଥିଲେ । କଲେଜରେ ଦ୍ୱିତୀୟ ପଦବୀରେ ଗ୍ରାଣ୍ଟ-ଇନ୍-ଏଡ୍ ପାଇବା ପାଇଁ ଆବେଦନକାରୀଙ୍କୁ ସ୍ନାତକୋତ୍ତରରେ ଅଧିକ ମାର୍କ ରଖିବା ଆବଶ୍ୟକ ପଡୁଥିଲା । ଏଣୁ ୧୯୯୬ରେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଇତିହାସ ବିଷୟରେ ୫୯ ପ୍ରତିଶତ ନମ୍ବର ରଖି ଏମଏ ପାସ କରିଥିଲେ । ତେବେ କାଦୁଆପଡ଼ା କଲେଜର ଦ୍ୱିତୀୟ ପଦରେ ନିଯୁକ୍ତି ପାଇଁ ଦାବି କରୁଥିବା ଆଉ ଜଣେ ଅଧ୍ୟାପକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆବେଦନକାରୀଙ୍କ ସାର୍ଟିଫିକେଟ୍ ବୈଧତା ପ୍ରସଙ୍ଗରେ ଅଭିଯୋଗ କରିଥିଲେ । ଦୀର୍ଘ ୧୨ ବର୍ଷ ପରେ ଅର୍ଥାତ ୨୦୧୨ରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆବେଦନକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ସେ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ୨୦୧୯ରେ ଆବେଦନକାରୀଙ୍କ ଦାବିପତ୍ର ବିଚାର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ । ଆବେଦନକାରୀ ଦାବିପତ୍ର ଦେଇଥିଲେ । ଆବେଦନକାରୀ ସମାନ ବିଷୟରେ ଦୁଇ ବିଶ୍ୱବିଦ୍ୟାଳୟର ସାର୍ଟିଫିକେଟ୍ ହାସଲ କରିଥିବା ହେତୁ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ୨୦୨୦ ନଭେମ୍ବର ୫ରେ ସାର୍ଟିଫିକେଟ୍ ପ୍ରତ୍ୟାହାର ନିର୍ଦ୍ଦେଶ ଦେଇଥିଲେ । ଏହାକୁ ଚାଲେଞ୍ଜ କରି ସେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ପୁଣି ଜୀବନ ନେଲା ବଜ୍ରପାତ

**ନୂଆପଡ଼ା, ୧୯ ।୩ (ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରେ ବଜ୍ରପାତରେ ଜଣେ ଯୁବକ ଜଳିଯିବା ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଆଜି ରାଜ୍ୟରେ ଆଉ ଜଣଙ୍କ ଜୀବନ ଯାଇଛି । ନୂଆପଡ଼ା ଥାନା ଝାଞ୍ଜିମୁଣ୍ଡା ଗ୍ରାମର ହେମସିଂ ମାଝୀ (୩୩) ଆଜି ବଜ୍ରପାତରେ ପ୍ରାଣ ହରାଇଛନ୍ତି । ସେ ଏକ ଇଟାଭାଟି ତିଆରି କରିଛନ୍ତି । ବର୍ଷା ହେବାରୁ ସେ ଇଟାଭାଟି ଉପରେ ପଲିଥିନ୍ ଢାଙ୍କିବାକୁ ଯାଉଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା । ଏଥିରେ ହେମସିଂ ଟଳି ପଡ଼ିଥିଲେ । ଖବର ପାଇ ନୂଆପଡ଼ା ପୁଲିସ ଶବକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ସାଢ଼େ ୩ କୁଇଣ୍ଟାଲ ଗଞ୍ଜେଇ ଜବତ: ୨ ଗିରଫ

**ଶଗଡ଼ା,୧୯ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅବକାରୀ ବିଭାଗ ଟିକ୍ରାପଡ଼ା ଛକରୁ ୩ କୁଇଣ୍ଟାଲ ୫୦କେଜି ଗଞ୍ଜେଇ ସହ ଏକ ପିକ୍‌ଅପ୍ (ଓଡି-୦୩ ଏଏ-୭୧୨୬) ଭ୍ୟାନ୍ ଜବତ କରିଛି । ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି । ଅଭିଯୁକ୍ତଦ୍ୱୟ ହେଲେ, ମନୋଜ ବେହେରା (୨୩) ଓ ଅନନ୍ତ ଭୋଇ (୩୨) । କଣ୍ଟାମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା । ଏ ସଂକ୍ରାନ୍ତରେ କଣ୍ଟାମାଳ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ ହୋଇଛି ।

ଅନ୍‌ଲାଇନ ଟ୍ରେଡିଂ ଶିଖାଇବା ଆଳରେ ଠକେଇ

## ୨୦ଲକ୍ଷ ଠକିନେଲେ ସାଇବର୍ ଠକ

**ବ୍ରହ୍ମପୁର, ୧୯ ।୩ (ସମିସ):** ଅନଲାଇନ୍‌ରେ ଟ୍ରେଡିଂ ଶିକ୍ଷା ଦେବା ନାଁରେ ସାଇବର୍ ଠକମାନେ ଜଣେ ସରକାରୀ କର୍ମଚାରୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଠକି ନେଇଛନ୍ତି । ଏନେଇ ସଂପୃକ୍ତ ବ୍ୟକ୍ତିଜଣଙ୍କ ଅଭିଯୋଗ ଆଧାରରେ ବ୍ରହ୍ମପୁର ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ତଦନ୍ତ ଆରମ୍ଭ କରିଛି । ଠକେଇର ଶିକାର ହୋଇଥିବା ବ୍ୟକ୍ତିଜଣଙ୍କ ହେଲେ ଶିଶିର (ଛଦ୍ମନାମ) ।

ସୂଚନାଯୋଗ୍ୟ ଯେ ଉତ୍ତରପ୍ରଦେଶର ମୂଳନିବାସୀ ଶିଶିର ବ୍ରହ୍ମପୁର ନିକଟରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏକ କାର୍ଯ୍ୟାଳୟରେ ଚାକିରି କରନ୍ତି । ପୁଞ୍ଜିବଜାରରେ ନିବେଶର କୌଶଳ ଶିଖିବା ପାଇଁ କିଛି ଦିନ ତଳେ ଶିଶିର 'କେକେଆରସିଏ ଷ୍ଟଡିଙ୍ଗ ଗ୍ରୁପ' ନାମ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ । ଗ୍ରୁପ୍‌ର ଆଡମିନ୍ ଓ ସହଯୋଗୀମାନେ ବିଭିନ୍ନ ସମୟରେ ଗ୍ରୁପ୍‌ର ସଦସ୍ୟଙ୍କୁ ଅନଲାଇନ୍ ଟ୍ରେଡିଂ ବିଷୟରେ ବିଭିନ୍ନ ପ୍ରକାର ଶିକ୍ଷା ଦେଉଥିଲେ । କିଛି ଦିନ ପରେ ଶିଶିରଙ୍କୁ ଏକ ଆପ୍ ଡାଉନଲୋଡ୍ କରିବାକୁ ଗ୍ରୁପ୍‌ରୁ ପରାମର୍ଶ ଦିଆଯାଇଥିଲା । ସେହି ଆପ୍‌ରେ ସରକାରୀ ଶିଶିର ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବା ପରେ ତାଙ୍କୁ ଅନଲାଇନ୍ ଟ୍ରେଡିଂ ପାଇଁ 'ସେବି' ଦ୍ୱାରା ପ୍ରଦତ୍ତ ଏକ ପ୍ରମାଣପତ୍ର ପଠାଯାଇଥିଲା । ପ୍ରମାଣପତ୍ର ପାଇବା ପରେ ଶିଶିର ଏହି କମ୍ପାନି ଉପରେ ଆଖି ବନ୍ଦ କରି ବିଶ୍ୱାସ କରିନେଇଥିଲେ । ପରେ ଠକଙ୍କ ପରାମର୍ଶରେ



ସେ '୮୩-ଭିଆଇପି ରାହୁଲ କୁମାର' ନାମକ ଏକ ଗ୍ରୁପ୍‌ରେ ଯୋଗଦେଇ ସେଠାରୁ ଟ୍ରେଡିଂ ସମ୍ବନ୍ଧୀୟ ଟିପ୍ସ ନେଇଥିଲେ । ସେଠାରୁ ପରାମର୍ଶ ପାଇ ସେ ଅନ୍ୟାନ୍ୟ ଆପ୍ ଡାଉନଲୋଡ କରି ଟ୍ରେଡିଂ ଆରମ୍ଭ କରିଥିଲେ ।

ଏହାର କିଛି ଦିନ ପରେ କମ୍ପାନୀ ପକ୍ଷରୁ ନୂତନ ଭାବେ ପ୍ରାରମ୍ଭିକ ପବ୍ଲିକ୍ ଅଫର(ଆଇପିଓ) ଆରମ୍ଭ ହେଉଛି ଏବଂ ସେଥିରେ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା । ୬୦୦୦ ଆଇପିଓ କିଣିବାକୁ ୨୬ଲକ୍ଷ ଟଙ୍କା ଜମା କରିବାକୁ ହେବ ବୋଲି କୁହାଯାଇଥିଲା । ଏଥିରେ ସରକାରୀ କର୍ମଚାରୀଜଣଙ୍କ ଆଗପଛ ବିଚାର ନକରି ପର୍ଯ୍ୟାୟକ୍ରମେ ୨୦ ଲକ୍ଷ ଟଙ୍କା ଜମା କରିଥିଲେ । ପରବର୍ତ୍ତୀ ସମୟରେ ସେ କିଛି ଟଙ୍କା ଉଠାଇବାକୁ ଇଚ୍ଛା କରିଥିଲେ ହେଁ ତାଙ୍କ ଟ୍ରେଡିଂ ଆକାଉଣ୍ଟରୁ ଟଙ୍କା ଉଠାଇ ପାରିନଥିଲେ । ଏନେଇ ସେ ସମ୍ପୃକ୍ତ ଗ୍ରୁପ୍ ଓ କମ୍ପାନୀର କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ । ଟ୍ୟାକ୍ସ କଟିବା ସମ୍ପର୍କିତ ସମସ୍ୟା ଯୋଗୁଁ ଟଙ୍କା ଉଠି ପାରୁନଥିବା କମ୍ପାନୀ ପକ୍ଷରୁ କୁହାଯାଇଥିଲା । ପରବର୍ତ୍ତୀ ସମୟରେ ଟଙ୍କା ଉଠାଣ ହୋଇପାରିବ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା । ଏଥିରେ ଶିଶିରଙ୍କ ସନ୍ଦେହ ହେବାରୁ ସେ ଉକ୍ତ କମ୍ପାନୀ ସଂପର୍କରେ ବିଭିନ୍ନ ଆଡୁ ଯାଞ୍ଚ କରିଥିଲେ । ସେ ସାଇବର୍ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇବା ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି ।

■ ହାଇକୋର୍ଟରେ ରାସ୍ତାଘାଟ ଓ ଷ୍ଟ୍ରିଟଲାଇଟ ସମସ୍ୟା

## ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ସତ୍ୟପାଠ ଦେବ ପଞ୍ଚାୟତିରାଜ ବିଭାଗ

କଟକ, ୧୯ ।୩(ସମିସ): ଭଦ୍ରକ ଜିଲ୍ଲା କଲାଇ ଗ୍ରାମର ରାସ୍ତାଘାଟ, ଡ୍ରେନ ଓ ଷ୍ଟ୍ରିଟଲାଇଟ ସମସ୍ୟା ସମାଧାନ ହେଉ ନଥିବା ପ୍ରସଂଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି । କେବଳ ଉକ୍ତ ଗ୍ରାମ ନୁହେଁ, ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ଉପୁଜୁଥିବା ଉପରୋକ୍ତ ସମସ୍ୟା ଦୂରୀକରଣ ଦିଗରେ କଣ ପଦକ୍ଷେପ ନିଆଯାଇଛି, ତାହା ଜଣାଇବାକୁ ହାଇକୋର୍ଟ ଗତ ଫେବୃଆରୀ ୨୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ପ୍ରସଂଗରେ ସରକାର ଆଜି ସତ୍ୟପାଠ ଦାଖଲ କରିପାରିନାହାନ୍ତି । ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ପଞ୍ଚାୟତିରାଜ ବିଭାଗ ବିସ୍ତୃତ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଚନ୍ଦ୍ରମଣି ନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ. ରମଣ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ଧାରା ୪୪ ଅନୁସାରେ ଧାର୍ଯ୍ୟ ଦାୟିତ୍ୱକୁ କାହିଁକି କାର୍ଯ୍ୟକାରୀ କରାଯାଇନାହିଁ ସେ ସମ୍ପର୍କରେ ମଧ୍ୟ ସମ୍ପୃକ୍ତ ଗ୍ରାମପଞ୍ଚାୟତ ପକ୍ଷରୁ ଅଦାଲତରେ ସତ୍ୟପାଠ ଦାଖଲ କରାଯିବ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ୨କୁ ଧାର୍ଯ୍ୟ ହୋଇଛି ।

■ ଗୋଳାବାରୁଦ କାରଖାନାରେ ସ୍ଥାନୀୟଲୋକ ନିଯୁକ୍ତିରୁ ବଞ୍ଚିତ ପ୍ରସଂଗ

## ହାଇକୋର୍ଟରେ ବଲାଙ୍ଗିର ଜିଲ୍ଲାପାଳ ଓ କାରଖାନା କର୍ତ୍ତୃପକ୍ଷ ହାଜର

**କଟକ, ୧୯ ।୩ (ସମିସ):** ବଲାଙ୍ଗୀର ଜିଲ୍ଲା ବଡ଼ମାଳସ୍ଥିତ ଗୋଳାବାରୁଦ କାରଖାନାରେ ଡିବିଡବ୍ଲୁ (ଡେଞ୍ଜର ବିଲଡିଂ ୱାର୍କର)ପଦରେ ସ୍ଥାନୀୟ ବିସ୍ଥାପିତଙ୍କୁ ନିଯୁକ୍ତି ପ୍ରଦାନରୁ ବଞ୍ଚିତ କରାଯିବା ଓ ବାହାର ବ୍ୟକ୍ତିଙ୍କୁ ବେଆଇନ ନିଯୁକ୍ତି ଦିଆଯାଇଥିବା ଅଭିଯୋଗରେ ଦାୟର ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ । ଆଜି ବଲାଙ୍ଗୀର ଜିଲ୍ଲାପାଳ ଓ କାରଖାନାର ଜେନେରାଲ ମ୍ୟାନେଜର ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ପରବର୍ତ୍ତୀ ଶୁଣାଣି ଦିନ ନିଯୁକ୍ତି ସମ୍ପର୍କିତ ନଥିପତ୍ର ଉପସ୍ଥାପନ କରିବାକୁ ହାଇକୋର୍ଟ କହିଛନ୍ତି । ସ୍ଥାନୀୟ ବାସିନ୍ଦା ମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ୧୦କୁ ଧାର୍ଯ୍ୟ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୋଟ ରାଜନୀତି...

ଉର୍ଦ୍ଧ୍ୱ ଆସନରେ ବିଜୟୀ ହୋଇଛି । ନିଜ ଲୋକପ୍ରିୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତି ନିର୍ବାଚନରେ ତିନି ଚତୁର୍ଥାଂଶ ଭୋଟରେ ଜିତି ଆସୁଛନ୍ତି । ଅନ୍ୟପକ୍ଷରେ ତୃତୀୟଥର ପ୍ରଧାନମନ୍ତ୍ରୀ ହେବା ପାଇଁ ନରେନ୍ଦ୍ର ମୋଦୀଙ୍କୁ ବିଜେଡିର ଆବଶ୍ୟକତା ପଡ଼ିବ ନାହିଁ । ସମ୍ପ୍ରତି ଦେଶର ସବୁ ସର୍ଭେ ରିପୋର୍ଟରେ ପ୍ରଧାନମନ୍ତ୍ରୀ ପୁନର୍ବାର କ୍ଷମତାସୀନ ହେବେ ବୋଲି କୁହାଯାଉଛି । ମାତ୍ର ଅନେକ କିଛି ରାଜନୀତିର ଊର୍ଦ୍ଧ୍ୱରେ ଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବନ୍ଧୁତ୍ୱ ଅତ୍ୟନ୍ତ ଘନିଷ୍ଠ । ଏରି ପରିପ୍ରେକ୍ଷୀରେ ମେଣ୍ଟ ଆକଳନ ଓ ସମ୍ଭାବନା କେବଳ ଦୁଇ ରାଷ୍ଟ୍ରନୀତିଜ୍ଞଙ୍କ ବନ୍ଧୁତ୍ୱ ଉପରେ ଆଧାରିତ । ଏଥିରେ କୌଣସି ରାଜନୀତି ନାହିଁ, କିମ୍ବା ବିଜେଡି ବା ବିଜେପି ପାଇଁ ଏହାର କୌଣସି ନିର୍ବାଚନୀ ମୂଲ୍ୟ ନାହିଁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ଅନେକ ସମୟରେ ରାଜନୈତିକ ଦଳମାନେ ନିର୍ବାଚନ ଜିତିବାକୁ ବା ନିର୍ବାଚନ ଗଣିତକୁ ପ୍ରଭାବିତ କରିବାକୁ ମେଣ୍ଟ କରିଥାନ୍ତି । ମାତ୍ର ଓଡ଼ିଶାରେ କୌଣସି ରାଜନୀତି ନାହିଁ । ଏଠାରେ ଦୁଇ ଜନନାୟକଙ୍କ କଥା ସାମ୍ନାକୁ ଆସୁଛି । ଦୁଇ ମହାନ ନେତା (ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକ) ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହୁଁଛନ୍ତି । ଦୁଇଜଣ ଶ୍ରେଷ୍ଠ ବ୍ୟକ୍ତିତ୍ୱ ମିଳିମିଶି କାମ କରିବାକୁ ଚାହୁଁଛନ୍ତି, ଯାହା ରାଷ୍ଟ୍ରନାୟକତ୍ୱର ପରିଚୟ ଦେଉଛି । ଏହାସହ ରାଜନୀତିର କୌଣସି ସମ୍ପର୍କ ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମଧ୍ୟ ଏହି ଚିନ୍ତାଧାରା ରହିଛି । ବ୍ୟକ୍ତିଗତ ଭାବେ ଉଭୟ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ରହିଥିବା ନିବିଡ଼ ବନ୍ଧୁତ୍ୱ ଆଧାରରେ ସେମାନେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଏପରି କିଛି ଦେଖୁଛନ୍ତି ଏବଂ ଅନୁଭବ କରୁଛନ୍ତି ଯାହାକୁ ରାଷ୍ଟ୍ରନାୟକତ୍ୱ ବୋଲି କୁହାଯାଇପାରେ । ମୁଁ ସେଥିପାଇଁ ରାଷ୍ଟ୍ରନାୟକତ୍ୱ ଶବ୍ଦ ବ୍ୟବହାର କରୁଛି । କାରଣ ରାଜନୀତି ସହ ଏହାର କୌଣସି ସମ୍ପର୍କ ନାହିଁ । ଏହା ରାଜନୀତିଠାରୁ ବହୁ ଉର୍ଦ୍ଧ୍ୱରେ ବୋଲି ସେ କହିଛନ୍ତି । ତେଣୁ ରାଜ୍ୟରେ ଆଗକୁ କ'ଣ ଘଟିବ, ଆମେ ଠିକ୍ ସମୟରେ ତାହା ଜାଣି ପାରିବା ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

### ମୁଖ୍ୟମନ୍ତ୍ରୀ ମୋର...

ସରକାର ବିରୋଧୀ ହାୱା ଏଯାଏଁ ତାଙ୍କୁ ଛୁଇଁ ପାରିନି । ବିଜୁ ଜନତା ଦଳ ହେଉଛି ଓଡ଼ିଶାର ବିକାଶ ଓ ରୂପାନ୍ତରଣର ଇଞ୍ଜିନ୍ । ୧୨ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରହିବା ସହ ଗଞ୍ଜାମ ଜିଲ୍ଲାପାଳ ଥିବା ସମୟରେ ରାଜ୍ୟବାସୀଙ୍କ ବିକାଶ ପାଇଁ ତାଙ୍କର ଯେଉଁ ପ୍ରତିବଦ୍ଧତା ସେ ଦେଖିଛନ୍ତି ସେଥିରେ ଅନୁପ୍ରାଣିତ ହୋଇଛନ୍ତି । ଲୋକେ ଏହାକୁ କିଭଳି ଗ୍ରହଣ କରିବେ ତାହା ଲୋକଙ୍କ ଉପରେ ନିର୍ଭର କରେ ବୋଲି ଶ୍ରୀ ପାଣ୍ଡିଆନ ମତ ଦେଇଛନ୍ତି ।

ସେ ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଜଣେ ଦରଦୀ ମଣିଷ, ତାଙ୍କର ହୃଦୟ ବହୁତ ବିଶାଳ । ସେ ସବୁବେଳେ ଲୋକ କଲ୍ୟାଣ କଥା ହିଁ ଚିନ୍ତା କରନ୍ତି । ତାଙ୍କର ସେହି ଜନସେବା ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ରାଜନୀତିକୁ ଓହ୍ଲାଇଛନ୍ତି । ମାତ୍ର ସେ ନିର୍ବାଚନ ଲଢିବେ ନାହିଁ; ବରଂ ଷଷ୍ଠ ଥର ପାଇଁ ତିନି ଚତୁର୍ଥାଂଶ ଆସନରେ ଜିତିବାରେ ନବୀନ ପଟ୍ଟନାୟକଙ୍କୁ ସହଯୋଗ କରିବେ । ରାଜ୍ୟର ୭୦ ପ୍ରତିଶତ ଲୋକ ନିର୍ଭର କରୁଥିବା ସରକାରୀ ଅନୁଷ୍ଠାନର ବିକାଶ ଏକ ଲୋକାଭିମୁଖୀ ସରକାରର ଦାୟିତ୍ୱ । କେବଳ ସେତିକି ନୁହେଁ, ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଲୋକଙ୍କ କଲ୍ୟାଣ କରିବା ମଧ୍ୟ ସରକାରଙ୍କ ଦାୟିତ୍ୱ । ସେଥିପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ ଭଳି ମୌଳିକ ଆବଶ୍ୟକତା କ୍ଷେତ୍ରରେ ଲୋକେ କିଭଳି ସୁବିଧା ପାଇବେ ସେଥିପାଇଁ ରାଜ୍ୟ ସରକାର ଉଦ୍ୟମ କରିଆସୁଛନ୍ତି । ରାଜ୍ୟର ସବୁ ଧର୍ମାନୁଷ୍ଠାନର ରୂପାନ୍ତରଣ ପ୍ରମାଣିତ କରୁଛି ଯେ, ଓଡିଶା ସବୁ ଧର୍ମାବଲମ୍ବୀଙ୍କ ଆସ୍ଥା ଓ ବିଶ୍ୱାସକୁ ସମ୍ମାନ ଦେଉଛି । ଓଡ଼ିଶାରେ ଆଧ୍ୟାତ୍ମିକ ସରକାର ଚାଲିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭବିଷ୍ୟତ ଉତ୍ତରାଧିକାରୀ ସଂକ୍ରାନ୍ତ ଏକ ପ୍ରଶ୍ନରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏକଦା ବିଜୁ ବାବୁ ମଧ୍ୟ କହିଥିଲେ ଓଡ଼ିଶାବାସୀ ହିଁ ତାଙ୍କର ଉତ୍ତରାଧିକାରୀ ବାଛିବେ । ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଓଡିଶାର ସାଧାରଣ ଜନତା ବାଛିବେ । କାରଣ ଜନତା ହେଉଛନ୍ତି ଗଣତନ୍ତ୍ରର ପ୍ରକୃତ ମାଲିକ । ମୁଁ ତାଙ୍କ ଆଦର୍ଶ ଓ ତାଙ୍କ କଠିନ ପରିଶ୍ରମର ଉତ୍ତରାଧିକାରୀ ବୋଲି ଶ୍ରୀ ପାଣ୍ଡିଆନ ମତ ଦେଇଛନ୍ତି ।

### ସିଏଏ ଉପରେ...

ତେବେ ସିଏଏକୁ ନେଇ ବିଭିନ୍ନ ପିଟିସନରେ ବହୁ ପ୍ରଶ୍ନ ଉତ୍ଥାପନ କରାଯାଇଥିଲା ବେଳେ ଏ ସମ୍ପର୍କରେ ଉତ୍ତର ରଖିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଆସନ୍ତା ଏପ୍ରିଲ ୯ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ସେହି ସମୟ ଯାଏ ସିଏଏ ଉପରେ କୌଣସି ପ୍ରତିବନ୍ଧକ ଲଗାଯାଇପାରିବନି ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ।

ସିଏଏ ନିୟମ ଲାଗୁ କରିବା ପାଇଁ ସରକାରଙ୍କ ପାଖରେ ଭିତ୍ତିଭୂମିର ଅଭାବ ଥିବାରୁ ଏପ୍ରିଲ ୯ ପୂର୍ବରୁ କାହାରିକୁ ନାଗରିକତା ପ୍ରଦାନ କରିବାର ସମ୍ଭାବନା ନାହିଁ ବୋଲି କୋର୍ଟ ଯୁକ୍ତି ବାଢ଼ିଛନ୍ତି । ଏପ୍ରିଲ ୨ ତାରିଖ ସୁଦ୍ଧା ନୋଡାଲ ଓକିଲଙ୍କ ଜରିଆରେ ଏକ ସମନ୍ୱିତ ଆବେଦନ ଦାଖଲ କରିବାକୁ ସମସ୍ତ ଆବେଦନକାରୀଙ୍କୁ କୁହାଯାଇଛି । ବିଶେଷକରି ଆସାମ ଏବଂ ତ୍ରିପୁରା ରାଜ୍ୟରୁ ଆସିଥିବା ସମସ୍ତ ଆବେଦନକୁ ଏକାଠି କରିବାକୁ ଏକ ପୃଥକ ନୋଡାଲ କାଉନସିଲ ନିଯୁକ୍ତ କରାଯାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ୨୩୭ଟି ଆବେଦନ ଓ ସ୍ଥଗିତାଦେଶ ପାଇଁ ଦାଖଲ ହୋଇଥିବା ୨୦ଟି ହସ୍ତକ୍ଷେପ ଆବେଦନକୁ ଦର୍ଶାଇ ଜବାବ ଦାଖଲ ପାଇଁ ଅତିରିକ୍ତ ସମୟ ମାଗିଥିଲେ । ତେବେ ଆବେଦନର ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ ସିଏଏ ନିୟମ କାର୍ଯ୍ୟକାରୀ ନ କରିବାକୁ ଆବେଦନକାରୀ କୋର୍ଟଙ୍କୁ ଅନୁରୋଧ କରିଛନ୍ତି ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂହ ପ୍ରଶ୍ନ ଉଠାଇଥିଲେ ଯେ, ଶୁଣାଣି ପର୍ଯ୍ୟନ୍ତ କାହାରିକୁ ନାଗରିକତା ଦିଆଯିବ ନାହିଁ ବୋଲି ସଲିସିଟର ଜେନେରାଲ ସ୍ପଷ୍ଟ କରିବେ କି? କିନ୍ତୁ ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା ଏହା ଉପରେ ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ । ଏହାପରେ ଜୟସିଂହ ଏହି ମାମଲାର ବିଚାର ପାଇଁ ଏକ ବୃହତ ଖଣ୍ଡପୀଠକୁ ପଠାଇବାକୁ ପରାମର୍ଶ ଦେବା ସହ ସିଏଏ କାର୍ଯ୍ୟକାରୀ ଉପରେ ରୋକ୍ ଲଗାଇବାକୁ ନିବେଦନ କରିଥିଲେ । ଥରେ ଜଣଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଗଲେ ଏହାକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ ବୋଲି ସେ ଯୁକ୍ତି ବାଢିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ୨୦୧୪ ଡିସେମ୍ବର ୩୧ ପୂର୍ବରୁ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ନିର୍ଯାତିତ ଅଣମୁସଲମାନ ପ୍ରବାସୀଙ୍କୁ ଭାରତୀୟ ନାଗରିକତା ଦେବା ପାଇଁ କେନ୍ଦ୍ର ସରକାର ସିଏଏରେ ବ୍ୟବସ୍ଥା କରିଛନ୍ତି । କିନ୍ତୁ ଏହି ବିଷୟକୁ ବହୁ ରାଜ୍ୟ ସମେତ ୨୦୦ରୁ ଅଧିକ ସଂଗଠନ ଏବଂ ବ୍ୟକ୍ତି ବିଶେଷ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଛନ୍ତି । ଇଣ୍ଡିଆନ୍ ୟୁନିୟନ ମୁସଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍) ୨୦୧୯ ଡିସେମ୍ବରରେ ସିଏଏକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିବା ପରେ ଏହା ବିରୋଧରେ ଏକ ରିଟ ପିଟିସନ୍ ଦାଖଲ କରିଥିଲା । ସେତେବେଳେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏ ସମ୍ପର୍କରେ ଜବାବ ମାଗିଥିବା ବେଳେ ସିଏଏକୁ ନେଇ ନିୟମାବଳୀ ପ୍ରସ୍ତୁତ କରାଯାଇ ନଥିବାରୁ ଏହାକୁ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ନିଜ ଉତ୍ତରରେ କହିଥିଲେ । ଏହି ରିଟ୍ ପିଟିସନ୍ ସାଢ଼େ ୪ ବର୍ଷ ଧରି ବିଚାରାଧୀନ ରହିଛି । ଏହାପରେ ମଧ୍ୟ ଆଇୟୁଏମ୍‌ଏଲ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛି ।

### ମାଲାୟାଲମ୍ କବି...

ବିରୋଧାଭାସ ସଂପର୍କରେ ଏକ ବିଶିଷ୍ଟ ଶୈଳୀରେ ବିଶ୍ଳେଷଣ କରାଯାଇଛି ।

ପ୍ରଭା ବର୍ମା ଏକାଧାରରେ ଜଣେ କବି, ଗୀତିକାର, ସାହିତ୍ୟିକ, ସାମ୍ବାଦିକ, ଟିଭି ଉପସ୍ଥାପକ ଓ ସାଂସ୍କୃତିକ କାର୍ଯ୍ୟକର୍ତ୍ତା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ସମସାମୟିକ ମାଲାୟାଲମ୍ ସାହିତ୍ୟର ଏକ ପ୍ରମୁଖ ସ୍ୱର । ୩୦ରୁ ଅଧିକ ପୁସ୍ତକର ସେ ରଚୟିତା । ସେଥିରେ କବିତା, କାବ୍ୟାତ୍ମକ ଉପନ୍ୟାସ, ସାଂପ୍ରତିକ ରାଜନୈତିକ ପରିବେଶ, ପ୍ରବନ୍ଧ ସଂକଳନ, ଗଣମାଧ୍ୟମ ସହ ଜଡ଼ିତ ବିଶ୍ଳେଷଣାତ୍ମକ ପୁସ୍ତକଗୁଡ଼ିକ ରହିଛି । ତାଙ୍କ ରଚିତ ପ୍ରସିଦ୍ଧ ପୁସ୍ତକ ମଧ୍ୟରେ 'କନଲ ଚିଲମ୍ପୁ' , 'ଚନ୍ଦନା ନାଜି', 'ଅଭିଚରିଥମ୍', 'ଶ୍ୟାମା ମାଧବମ୍', 'ଅନନ୍ଥ ରେଖା' ପ୍ରମୁଖ ଅନ୍ୟତମ । ତାଙ୍କର କବିତାଗୁଡ଼ିକ ପାରମ୍ପରିକ ଓ ଆଧୁନିକତାର ମିଶ୍ରଣ ଶୈଳୀରେ ରଚିତ । ତାଙ୍କ କବିତାରେ ରୋମାଣ୍ଟିକ୍ ଭାବନା, ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ଗଭୀର ଜୀବନାଭୂତି ପ୍ରତିଫଳିତ ହୋଇଥାଏ । ସାହିତ୍ୟ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ୭୦ରୁ ଅଧିକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ବର୍ତ୍ତମାନ ସେ କେରଳ ମୁଖ୍ୟମନ୍ତ୍ରୀଙ୍କ ମିଡିଆ ସଚିବ ଭାବେ କାର୍ଯ୍ୟରତ ।

## ଶ୍ରୀମନ୍ଦିରରେ ଫଗୁ ଦଶମୀ

**ପୁରୀ,୧୯ ।୩(ସମିସ):** ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଦୋଳପର୍ବ ଏବଂ ଚାଚେରୀ ବେଶ ଆରମ୍ଭ ହୋଇଥିବା ବେଳେ ଫଗୁ ଦଶମୀ ପାଳିତ ହୋଇଯାଇଛି । ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ମଇଲମ ହୋଇ ନୂଆ ଲୁଗା ଲାଗି ହୋଇଥିଲା । ପାଳିଆ ମେକାପ ଚନ୍ଦନ ବିଜେ କରାଇଥିଲେ । ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ନୀତି ବଢ଼ିଥିଲା । ଶ୍ରୀଦେବୀ ଓ ଭୂଦେବୀ ଦକ୍ଷିଣୀ ଘରକୁ ବିଜେ କରିବା ପରେ ମହାପ୍ରଭୁଙ୍କର ଚାଚେରୀ ବେଶ ହୋଇଥିଲା । ଏହି ବେଶରେ ଠାକୁରମାନେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରିଥିଲେ । ଏଥିସହ ବିଭିନ୍ନ ପ୍ରକାର ଅଳଙ୍କାର ଧାରଣ କରିଥିଲେ । ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ



ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବିମାନରେ ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ । ସେଠାରେ ଭୋଗ ଓ ଜଉଡ଼ାବ ଖେଳ ବଢ଼ିଲା ପରେ ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥିଲେ । ଏହାପରେ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀମନ୍ଦିରରେ ରାତ୍ର ପହୁଡ଼ ହୋଇଥିଲା ।


**AFFIDAVIT**

I, Dil Shad Afroz, D/o-Ajmat Khan, resident of At-Sadakpur, Po/Ps-Korai, Dist-Jajpur, Pin-755022 declare by this affidavit No.5704, dated 18/03/2024, that now onwards I shall be known as **DILSHAD AFROJ** for all future purposes.

**AFFIDAVIT**

I Asoka Kumar Sutar, S/o-Late Gangadhar Sutar, Resident of Plot No-656, Uttaramundamuhan, PO-Janla, PS-Jatani (Now Infovally), Dist-Khordha, Pin-752054, Odisha, declare by this Affidavit No 92 dated 13.03.2024 that now onwards I shall be known as **Ashok Kumar Sutar** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**ODISHA STATE ROAD TRANSPORT CORPORATION, BHUBANESWAR**
**PRATYUSH (A UNIT OF MULTI SERVICES ORGANISATION)**
At: A/62, Krishna Garden Complex, Phase-II, Jagamara, Bhubaneswar-751030

**CAREER OPPERTUNITIES**

Eligible & Interested candidates may submit their resume clearly mentioning the post along with the copies of required documents in the following Email Id on or before **31.03.2024**.

- District Manager : Any Degree/ MBA, 3 to 5 years experience (for Sambalpur, Jharsuguda, Bargarh, Nuapada, Bolangir, Sonepur, Boudh, Kendrapara districts)
- Asst. Manager (Enforcement) : Any Degree/ Diploma in Automobile trade, 2 years experience (for Ganjam, Nayagarh, Khurda, Puri, Kandhamal districts)
- Office Asst. (RAT) : Any Degree, 2 years experience (for Ganjam, Nayagarh, Khurda, Puri, Kandhamal, Koraput, Nabarangpur, Malkangiri districts)
- Booking Assistant : Any Degree, 2 years experience (for Bolangir, Bargarh, Sambalpur, Sundargarh districts ; Padampur & Rourkela also)

Age not more than 40 years, must have computer knowledge, must not have any criminal antecedent, must be physically fit.

Documents Required: Complete Resume, Qualification Certificates, Police Verification/ Character Certificate, Experience certificate, Complete Aadhar, PAN Card, Bank Passbook

Email ID: **pratyush.osrtc.jobs@gmail.com** Contact No.- 9237398188

This is completely contractual post on outsourcing basis. The firm reserves the right to accept or reject any or all applications without giving any reason.

**Disclaimer: The agency is not charging any amount from the candidate for recruitment/ selection, but may keep caution money (security) equivalent to one month gross salary only.**

**BEWARE OF THE AGENTS**

-sd-
Director, PRATYUSH

## ■ ପଲଶାଗୋରା ରେନ୍‌ବୋ ଫୁଟବଲ ପ୍ରତିଯୋଗିତା

# ବୌଦ୍ଧ ଟାଟରକିଲ୍ଲା ଚାମ୍ପିଅନ



**ପଲଶାଗୋରା, ୧୯ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ରେନବୋ କ୍ଲବ ଦ୍ୱାରା ଆୟୋଜିତ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ତଥା ଫାଇନାଲ ମ୍ୟାଚ ବୌଦ୍ଧ ଟାଟରକିଲ୍ଲା ଓ ବିଏମପୁର ଦଳ ମଧ୍ୟରେ ହୋଇଥିବା ବେଳେ ବୌଦ୍ଧ ୨-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ ମହୀଧର ରଣା, ସମ୍ମାନିତ ଅତିଥି ଭାବେ ଯୁବନେତା ଓମ୍‌ପ୍ରକାଶ ମିଶ୍ର, ଶିକ୍ଷକ ଉଦ୍ଧବ ମହାଲିକ, ବିଜିତ ପ୍ରଧାନ, ଶିତିକଣ୍ଠ ମିଶ୍ର, ରୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ପଲଶାଗୋରା ପୂର୍ବତନ ସରପଞ୍ଚ ପଞ୍ଚାନନ ସାହୁ, ଅନିଲ ପ୍ରଧାନ, ରାଧାବଲ୍ଲଭ ପ୍ରଧାନ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରେନବୋ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନିର୍ବାଚନ ପରିଚାଳନା ପାଇଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ସୋନପୁର, ୧୯ ।୩(ସମିସ):** ସାଧାରଣ ନିର୍ବାଚନ ସୁପରିଚାଳନା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପୁଲିସ୍ ପକ୍ଷରୁ ସୋନପୁର ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ସଧାରଣ ଜନତାଙ୍କ ଧନ ଜୀବନ ସୁରକ୍ଷା ତଥା ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭବେ ପରିଚାଳନା ନିମନ୍ତେ ସୁବର୍ଣ୍ଣପୁର ଏସପି ଯଶପ୍ରତାପ ଶ୍ରୀମାଲଙ୍କ ନିର୍ଦ୍ଦେଶରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଛି। ସୋନପୁର ସହରରେ ୫ ପ୍ଲାଟୁନ ପୁଲିସ୍ ଫୋର୍ସକୁ ନେଇ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି। ଡିଏସପି ପ୍ରତାପ ରଣା ଓ ଚନ୍ଦ୍ର ଶେଖର ଶବରଙ୍କ ତତ୍ତ୍ୱାବଧାନରେ ଫ୍ଲାଗମାର୍ଚ୍ଚ କରା ଯାଇଥିବା ବେଳେ ସଦର ଥାନା ଆଇଆଇସି ଲୋକନାଥ ସାହୁ ଉପସ୍ଥିତ ଥିଲେ।

# ଘରଚଟିଆଙ୍କ କିଚିରିମିଚିରି ଶବ୍ଦରେ କମ୍ପୁଛି ସୋନପୁର

## ସଂରକ୍ଷଣ ପାଇଁ ପାଇଁ ପକ୍ଷୀପ୍ରେମୀଙ୍କ ଉଦ୍ୟମ

**ସୋନପୁର, ୧୯ ।୩(ସମିସ)**



ଆଜି ବିଶ୍ୱ ଘରଚଟିଆ ଦିବସ

ଦିନ ଥିଲା ସକାଳ ହେଲେ କାଉର କାକା, କୁକୁଡାର ଡାକ ଏବଂ ଘର ଚଟିଆଙ୍କ କିଚିରି ମିଚିରି ରାବରେ କମ୍ପି ଯାଉଥିଲା। ଲୋକଙ୍କୁ କୌଣସି ଘଡି ଦେଖିବାର ଆବଶ୍ୟକ ନ ଥିଲା। ପକ୍ଷୀ ରାବ ଶୁଣି ଶଯ୍ୟା ତ୍ୟାଗ କରି କାମକୁ ଯାଉଥିଲେ। ଏ ଚାଳରୁ ସେ ଚାଳକୁ ଉଡି ଘର ଚଟିଆ କଳରବ କରି ଶୀଘ୍ର କାର୍ଯ୍ୟକ୍ଷେତ୍ରକୁ ଯିବା ପାଇଁ ତପ୍ର କରୁଥିଲେ। ଏହି କିଚିରି ମିଚିରି ଶବ୍ଦ ଶୁଣି ଦେଲେ ମନ ଖୁସି ହୋଇ ଯାଉଥିଲା। ଏବେ ଆଉ ଚାଳ ଘର ନାହିଁ କି ଘର ଚଟିଆ ନାହିଁ। ଗାଁ ଗଣ୍ଡା ଯେଉଁଠି ଦେଖିଲେ କ୍ରଂକ୍ରିଟ ରାସ୍ତା ଆଉ କୋଠା ଘର। ବାସସ୍ଥାନ ଅଭାବରୁ ଘର ଚଟିଆ ସଂଖ୍ୟା ମଧ କମି ଚାଲିଲା। ତେଣୁ ଏହି ନୀରିହ ପକ୍ଷୀଙ୍କ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘର ଚଟିଆ ଦିବସ ଭାବେ ଚାରିଆଡେ ପାଳନ କରାଯାଉଛି।

ତେବେ ଘରଚଟିଆ ଦିନକୁ ଦିନ ଲୋପ ପାଇ ଯାଉଥିବାରୁ ୨୦୧୧ରେ ସୋନପୁରରେ ଆରମ୍ଭ ହୋଇଥିଲା 'ଆ ଫେରିଆ ଘର ଚଟିଆ' ଅଭିଯାନ। ପକ୍ଷୀ ପ୍ରେମୀ ଶ୍ୟାମାଓଁ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏହି ପକ୍ଷୀଙ୍କ ସଂରକ୍ଷଣ ପାଇଁ କିଛି ଯୁବକ ଅଣ୍ଟା ଭିଡିଲେ। ମାଟି, ବାଉଁଶ ଏବଂ କାଠର ବସା ତିଆରି କରି ସାରା ସହରରେ ବନ୍ଧା ଗଲା। ଏହି ବସାଗୁଡିକରେ ପାଣି ଓ ଖାଦ୍ୟ ନିୟମିତ ଦିଆଗଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଚିତ୍ରାଙ୍କନ, ଫଟୋ ପ୍ରଦର୍ଶନୀ ଆଦି ଆୟୋଜନ କରାଗଲା। ଧୀରେ ଧୀରେ ସୋନପୁରକୁ ଘର ଚଟିଆ ଫେରିବା ଆରମ୍ଭ କଲେ। ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ସର୍ଭେ ମଧ କରାଗଲା। ଏକ ବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରେ ଦଳ ଦଳ ହୋଇ ଶତାଧିକ ଘର ଚଟିଆ ବାସ କରିବା ଆରମ୍ଭ କଲେ। ଏବେ ସକାଳ ହେଲେ ଘର ଚଟିଆଙ୍କ କିଚିରି ମିଚିରିରେ କମ୍ପୁଛି ସୋନପୁର। ଟିକିରିପଡ଼ା, ଗୁଣ୍ଡିଚା ମନ୍ଦିର, ଜିଲ୍ଲା ଡାକ୍ତରଖାନା, ମଝିପଡ଼ା, ବଉଳ ତଳ, ପଟାଭାଡି ଆଦି ସ୍ଥାନରେ ଶହ ଶହ ଘର ଚଟିଆ ବାସ କରୁଛନ୍ତି। କିଛି ସ୍ଥାନୀୟ ବାସିନ୍ଦା ଅତି ଆଦରରେ ନିଜ ଘରେ ଏମାନଙ୍କ ପାଇଁ ଖାଦ୍ୟ ଏବଂ ପାନୀୟର ସୁବ୍ୟବସ୍ଥା କରିଛନ୍ତି। ଘର ଚଟିଆଙ୍କୁ ଦେଖି କୌଣସି କାମକୁ ଗଲେ ଶୁଭ ଫଳ ମିଳୁଛି ବୋଲି ସୋନପୁରରେ ଏକ ବିଶ୍ୱାସ ରହିଛି।

### ଏମାନଙ୍କ ମୁହଁରୁ...



ସୋନପୁରରେ ଘର ଚଟିଆଙ୍କ ସଂଖ୍ୟା ଦେଖିଲେ ୨୦୧୧ରେ ଆରମ୍ଭ ହୋଇଥବା 'ଆ ଫେରିଆ ଘର ଚଟିଆ' ଅଭିଯାନ ସଫଳ ହୋଇଥିବା ଜଣାପଡେ। ସକାଳ ଏବଂ ସଞ୍ଜରେ ସୋନପୁରର ଯେଉଁ ଆଡେ ଗଲେ ଘର ଚଟିଆଙ୍କ କିଚିରି ମିଚିରିରେ ମନ ଖୁସି ହୋଇଯାଏ। ଏହି ଛୋଟ ସୁନ୍ଦର ପକ୍ଷୀର ସଂରକ୍ଷଣ ପାଇଁ ସୋନପୁର ସହରବାସୀ ସର୍ବଦା ଉଦ୍ୟମ କରୁଛନ୍ତି।

**ଶ୍ୟାମାଓଁ ପ୍ରସାଦ ମିଶ୍ର, ଘର ଚଟିଆ ସଂରକ୍ଷଣକାରୀ**



ସୋନପୁରର ଜଳବାୟୁ ଏବଂ ସହରବାସୀଙ୍କ ଭଲ ପାଇବା ବିଭିନ୍ନ ପକ୍ଷୀଙ୍କୁ ଖୁବ୍ ସୁହାଏ। ଗ୍ରାମାଞ୍ଚଳରେ ଘର ଚଟିଆ ଦେଖିବାକୁ ମିଳୁ ନ ଥିବା ବେଳେ ସୋନପୁରରେ ହଜାର ହଜାର ସଂଖ୍ୟାରେ ବାସ କରୁଛନ୍ତି। ଏମନାଙ୍କ ବିଚରଣ ସମ୍ପର୍କିତ ଫଟୋ ବିଭିନ୍ନ ସ୍ଥାନରେ ଉଚ୍ଚ ପ୍ରଶଂସିତ ହୋଇଛି।

**ଜ୍ୟୋତିରାଦିତ୍ୟ ପିନାକୀ ପଣ୍ଡା, ଫଟୋଗ୍ରାଫର**



ପ୍ରକୃତି ବଞ୍ଚିଲେ ଜୀବ ଜଗତ ବଞ୍ଚିବ। ତେଣୁ ପ୍ରକୃତି ସହ ସମସ୍ତ ଜୀବ ଜଗତର ସୁରକ୍ଷା ଆମର କର୍ତ୍ତବ୍ୟ। ସୋନପୁରରେ ଘର ଚଟିଆଙ୍କ ସଂରକ୍ଷଣ ପାଇଁ ହେଉଥିବା ଉଦ୍ୟମ ପ୍ରଶଂସନୀୟ।

**ଗଣପତି ବାଘ, ବରିଷ୍ଠ ସାମ୍ବାଦିକ**



ଘର ଚଟିଆ ରହିବା ପାଇଁ ଆମ ଘରେ ବସା ଲଗା ଯାଇଛି। ପ୍ରତ୍ୟହ ଖାଦ୍ୟ ଓ ପାଣି ଦିଆ ଯାଉଛି। ଘର ଚଟିଆ ଆମ ଅଗଣାରେ ବସି ଧାନ ଖାଉଥିବାର ଦୃଶ୍ୟ ଖୁବ୍ ସୁନ୍ଦର ଲାଗେ। ଆମ ଘର ଚର୍ତୁପାର୍ଶ୍ୱରେ ବହୁ ଘର ଚଟିଆ ବାସ କରୁଛନ୍ତି।

**ପୁରୁଷୋତ୍ତମ ମିଶ୍ର**

# ମା ଶୀତଳାଙ୍କ ବାସନ୍ତୀକ ଯାତ୍ରା ସମ୍ପନ୍ନ

## ବସନ୍ତ ରୋଗ ଉପଶମ ପାଇଁ ଦେବୀଙ୍କୁ ସନ୍ତୁଷ୍ଟ କରାଯାଏ

**ବୌଦ୍ଧ, ୧୯ ।୩(ସମିସ):** ବୌଦ୍ଧରେ ବାସନ୍ତୀକ ଯାତ୍ରା ବା ଶୀତଳା ଯାତ୍ରା ସମ୍ପନ୍ନ ହୋଇଛି। ପ୍ରତ୍ୟେକ ବର୍ଷ ଫାଲଗୁନ ମାସ ଶୁକ୍ଳପକ୍ଷ ଶେଷ ମଙ୍ଗଳବାର କୁଷ୍ଟା ଜାତିର ଲୋକଙ୍କ ଦ୍ୱାରା ମା ଶୀତଳାଙ୍କ ବାସନ୍ତୀକ ଯାତ୍ରା ପାଳିତ ହୋଇଥାଏ। କୌଣସି ଆସୁରିକ ଶକ୍ତି ପ୍ରବେଶ ନ କରିବା ଓ ନିଜ ଅଞ୍ଚଳକୁ ଶୀତଳ କରିବ ପାଇଁ ଏହି ଯାତ୍ରା ଆୟୋଜିତ ହୋଇଥାଏ। ମିଳିମିଳା, ହାଡଫୁଟି, ବସନ୍ତ ପ୍ରଭୃତି ରୋଗଗୁଡିକର ଉପଶମ କରିବାକୁ ଧୂପ, ଦୀପ ଦେଇ ଶୀତଳା ମାତାଙ୍କୁ ସନ୍ତୁଷ୍ଟ କରାଯାଏ। ନିମ୍ବ ପତ୍ର, ବେଲପତ୍ର, ପଳସାଫୁଲ, ଘିଅ, ଗୁଡ ଆଦି ଦ୍ୱାରା ମାଆଙ୍କୁ ଶୀତଳ କରାଯାଏ। ଶୀତଳ ଜଳମାତା ଶୀତଳାଙ୍କ ଆଶୀର୍ବାଦର ଜଳ। ବସନ୍ତ ରୋଗ ପ୍ରକୋପରୁ ରକ୍ଷା ପାଇଁ ଏହି ଶୀତଳ ଜଳ ଦେଇ ମାଙ୍କୁ ଶାନ୍ତି କରାଯାଇଥାଏ। ଅସହ୍ୟ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ମା ଶୀତଳା ଦେବୀଙ୍କୁ ପୂଜା କରାଯାଏ। କେଉଁ ଆବାହମାନ କାଳରୁ ମାଆଙ୍କ ପୂଜାବିଧି ଅନୁଷ୍ଠିତ ହୋଇଆସୁଛି। ପର୍ବଦିନ ପୂର୍ବାହ୍ନରେ କୁଷ୍ଟା ସମାଜର ଶ୍ରଦ୍ଧାଳୁ ମହାନଦୀର କୁଳିପଡ଼ା ଘାଟରୁ ପବିତ୍ର ଜଳ ସଂଗ୍ରହ କରି ଶୀତଳା ମାତାଙ୍କଠାରେ ଅର୍ପଣ କରିଥାନ୍ତି। ଏହି ପୂଜାରେ ବୃକ୍ଷ ଆରାଧନା ଓ ଜଳ ଆରାଧନାର ପରମ୍ପରା ରହିଛି। ପୃଥିବୀ ଶୀତଳ ହେବା ପାଇଁ ନିମ୍ବ ଡାଳକୁ ପୂଜା କରାଯାଏ। ମାଆଙ୍କଠାରେ ମହାନଦୀର ଶୀତଳ ଜଳ ଲାଗିକଲେ ପୃଥିବୀ ଶୀତଳ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ମାଆଙ୍କଠାରେ ସକାଳ ବାଳଭୋଗ ଲାଗି ହେବାପରେ ମାତାଙ୍କ ମନ୍ଦିରରେ ନୂତନ ଧ୍ୱଜାରୋହଣ ହୋଇଥିଲା। ପରେ ସମସ୍ତେ ନିମ୍ବ ବୃକ୍ଷ ମୂଳକୁ ଯାଇ ବିଧିବିଧାନ ପୂର୍ବକ ନିମ୍ବଡାଳ ବରଣ କରି ଆଣିଥିଲେ। ହାତରେ ସମସ୍ତେ ନିମ୍ବଡାଳ ଧରି କୁଳିପଡ଼ା ଘାଟକୁ ଯାଇଥିଲେ। ସେଠାରେ ଦାଣ୍ଡ ଶୀତଳା ନିମନ୍ତେ କଳସ ବରଣ କରାଯାଇ ଏକ ବଡ଼ ନିମ୍ବ ଡାଳକୁ ପୂଜାର୍ଚ୍ଚନା କରାଯାଇଥିଲା। ୨୧ ଛିଦ୍ର ଥିବା ଏକ ସ୍ୱତନ୍ତ୍ର ପିତଳଝରା କଳସୀରେ ଅଷ୍ଟଗନ୍ଧ, ଗଙ୍ଗାଜଳ, ସିନ୍ଦୂର, କର୍ପୂର, ଚନ୍ଦନ, ପୁଷ୍ପ ଏବଂ ଆମ୍ବ ଡାଳ ଦେଇ ଶୁଦ୍ଧ କରାଯିବା ପରେ ଘାଟପୂଜା ଆରମ୍ଭ ହୋଇଥିଲା। ଘାଟପୂଜା ସମାପ୍ତ ପରେ ବାସନ୍ତୀକ ଯାତ୍ରା ଆରମ୍ଭ ହୋଇଥିଲା। ନିମ୍ବ ଡାଳକୁ ରାସ୍ତାସାରା ଛୁଇଁ ଛୁଇଁ ନିଆଯାଉଥିବା ବେଳେ ଅଖଣ୍ଡ ଶୀତଳ ଜଳ ରାସ୍ତା ଉପରେ ଝରି ପଡୁଥିଲା। ଏହି ଯାତ୍ରା ପ୍ରଥମେ ମହାନ୍ତି ସାହି, କେଉଟ ସାହି, ସାନ ମାଳିସାହି, ଗଣେଶ ବଜାର ଆଦି ମାର୍ଗ ଦେଇ ପରିକ୍ରମା କରିବା ପରେ ଶୀତଳା ମାତାଙ୍କ ମନ୍ଦିରକୁ ପହଞ୍ଚି ଥିଲା। ଭକ୍ତମାନେ ଶ୍ରଦ୍ଧାରେ ନିଜ ନିଜ ଗୃହ ସମ୍ମୁଖରେ କଳସ ସ୍ଥାପନା କରି ଦୀପ ଜାଳି ଶୀତଳା ମାତାଙ୍କୁ ସ୍ୱାଗତ କରିବା ସହିତ ନିଜ ପରିବାରର କଲ୍ୟାଣ ସାଧନ ପାଇଁ ମାଆଙ୍କ ପାଖରେ ଗୁହାରି କରୁଥିବା ଦେଖିବାକୁ ମିଳିଥିଲା। ମୁଖ୍ୟ ପୂଜକ ଭାବେ ଦେବାଙ୍ଗନ ମେହେର କାର୍ଯ୍ୟ ତୁଲାଇଥିବା ବେଳେ କୁଷ୍ଟା ସମାଜର ସଭାପତି ନିରୋଦ ମେହେର ଏବଂ ସୁଦାମ ମେହେରଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଶ୍ରୀମଦ୍ ଭଗବତ ଗୀତା ଉନ୍ମୋଚିତ



**ସୁବଳୟା/ବୀରମହାରାଜପୁର, ୧୯ ।୩(ସମିସ):** ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତକେନ୍ଦୁପାଲି ଗ୍ରାମରେ ଚାଲିଥିବା ଛପନ ପ୍ରହରୀ ବିଶ୍ୱଶାନ୍ତି ନାମଯଜ୍ଞ ଅବସରରେ ସପ୍ତାହ ବ୍ୟାପି ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମରେ ଶ୍ରୀମଦ୍ ଭଗବତ ଗୀତା ଉନ୍ମୋଚିତ ହୋଇଯାଇଛି। ବୀରମହାରାଜପୁର ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ଅନୁବାଦିତ ଶ୍ରୀମଦ୍ ଭଗବତ ଗୀତା ଓଡ଼ିଆ ପଦ୍ୟାନୁବାଦକୁ ଶିବାନନ୍ଦ ପରିବାରର ମୁଖ୍ୟ ସଂସ୍ଥାପକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ (ଶ୍ରୀଧାମ, ବୃନ୍ଦାବନ) ଲୋକାର୍ପଣ କରିଛନ୍ତି। ଲେଖକଙ୍କ ସମେତ ବରିଷ୍ଠ ନାଟ୍ୟକାର ତଥା କମିଟି ସଭାପତି ତ୍ରିଲୋଚନ ମେହେର, ସାମ୍ବାଦିକ ଯୁଗଳ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡ. ହିମାଂଶୁ ଶେଖର ପାଢ଼ୀ ଓ ଶୁଭ୍ରାଂଶୁ ଶେଖର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଶଗଡ଼ା, ୧୯ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସିମିଲିଯୋରା ଗ୍ରାମରୁ ବିବାହ ଭୋଜି ଖାଇ ଫେରୁଥିବା ସମୟରେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖୁଣ୍ଟିଗୋରା ପଞ୍ଚାୟତ ସାନକଲରାକୋଠା ଗ୍ରାମର ବିଘ୍ନ ରଣା (୩୨)। ଅଲେଖ ଭୋଇ (୨୮)ଙ୍କ ସହ ସେ ବାଇକ୍(ଓଡି ୩୧ ୫୦୯୯)ରେ ଶିମିଳି ଜୋରା ଗ୍ରାମରୁ ନିଜ ଗାଁକୁ ସନ୍ଧ୍ୟାରେ ଫେରୁଥିଲେ। ମନମୁଣ୍ଡା-ସିନ୍ଧୁଗୋରା ୪୧ନଂ ରାଜ୍ୟ ରାଜପଥର ଘଣ୍ଟାପଡ଼ା ନିକଟସ୍ଥ ଅଡ଼ାଗୁଡ଼ି ସେତୁରେ ବାଇକ୍‌ଟି ଭାରସାମ୍ୟ ହରାଇ ପିଲରରେ ବାଡ଼େଇ ହୋଇଥିଲା। ବିଘ୍ନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ଘଟଣାସ୍ଥଳରେ ନିଳାଚଳ ଭୋଇ ପହଞ୍ଚି ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଣ୍ଟାମାଳ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ; ହେଲେ ସେଠାରେ ବିଘ୍ନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଲେଖଙ୍କୁ ବଲାଙ୍ଗିର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବିଘ୍ନଙ୍କ ୮ ବର୍ଷର ଗୋଟିଏ ଝିଅ ଓ ୫ବର୍ଷର ଗୋଟିଏ ପୁଅ ଅଛନ୍ତି। ବିଘ୍ନ ହେଲମେଟ ପିନ୍ଧିଥିଲେ ହୁଏତ ଜୀବନ ବଞ୍ଚି ଯାଇଥାନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ



**ବାଉଁଶୁଣି, ୧୯ ।୩(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଭିଭାବିକା ଅନିତା ମେହେର ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦଧିବାବନ ରଣା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ରୂପେ ଶିକ୍ଷା ବିକାଶ ସମିତି ସୁବର୍ଣ୍ଣପୁର ବିଭାଗର ବିଭାଗ ନିରୀକ୍ଷକ ଗୁପ୍ତେଶ୍ୱର ଥନାପତି, କ୍ଷେତ୍ର ସଙ୍ଗୀତ ଶିକ୍ଷା ସଂଯୋଜୋକ ମୋହନରାଓ ପାତ୍ର ଯୋଗ ଦେଇଥିଲେ। ପରିଚାଳନା ପରିଷଦର ସଭାପତି ହୃଦୟରଞ୍ଜନ ଖମାରୀ, ସମ୍ପାଦକ ସୁନୀଲ ବାରିକ, କୋଷାଧ୍ୟକ୍ଷ ବିମ୍ବାଧର ମେହେର, ଯୁଗ୍ମ ସମ୍ପାଦକ ସୁଧାଂଶୁ ମହାକୁଳ, ସଦସ୍ୟା ଜୟନ୍ତୀ ମେହେରଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ସଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ବିନିକା, ୧୯ ।୩(ସମିସ):** ସ୍ଥାନୀୟ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସାଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ସୈନିକ ତାପସ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ଅଧ୍ୟକ୍ଷ ଆଲୋକ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାମପୁର ମହିଳା କଲେଜର ଅଧ୍ୟକ୍ଷା ସୁଶ୍ରୀ କଳ୍ପନା ଦାଶ, ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲ ଅଧ୍ୟକ୍ଷ ଗତିକୃଷ୍ଣ ମିଶ୍ର ମୁଖ୍ୟ ବକ୍ତା, ବିନିକା ବିଇଓ ଲକ୍ଷ୍ମଣ ମିଶ୍ର, ଟ୍ରଷ୍ଟି ମିନତୀ ତ୍ରିପାଠୀ, ସରସ୍ୱତୀ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପଣ୍ଡା ଏବଂ ଶାଶ୍ୱତ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା।

# ବଉଳ ମହୋତ୍ସବ ଉଦ୍‌ଯାପିତ

**ମନମୁଣ୍ଡା, ୧୯ ।୩(ସମିସ)**



ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ବ୍ରାହ୍ମଣୀରେ ୬ଷ୍ଠ ନାଟକ ଓ ଲୋକ ମହୋତ୍ସବ 'ବଉଳ' ଉଦ୍‌ଯାପିତ ହୋଇଛି। ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ବରିଷ୍ଠ ବିଜେପି ନେତା କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲା ପରିଷଦ ସଦସ୍ୟ ପଦ୍ମାଳୟା ପ୍ରଧାନ, ଶ୍ରୀକାନ୍ତ ମିଶ୍ର, ଯୁବନେତା ବିଜିତ ପ୍ରଧାନ, ଶ୍ରମିକ ନେତା ସରୋଜ ପ୍ରଧାନ, ଯୁବ ଉଦ୍ୟୋଗୀ ଶିତିକଣ୍ଠ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସତ୍ୟବାନ ବସ୍ତିଆ ସଭାପତିତ୍ୱ କରିଥିଲେ। ଯୁବ ନୃତ୍ୟ ନିର୍ଦ୍ଦେଶକ ସଞ୍ଜୟ ସାହୁ ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ରଖିଥିଲେ। ବରିଷ୍ଠ ନାଟ୍ୟକାର ହରିହର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମଞ୍ଚ ନାଟକର ବିଶିଷ୍ଟ କଳାକାର ମାଧବ ଚନ୍ଦ୍ର ଖେତୀ ଓ ତବଲା ବାଦକ କାର୍ତ୍ତିକ ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟ୍ୟକାର ହରିହର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ସଚେତନତା ଧର୍ମୀ ନାଟକ 'ଉଠ ପୁତା ଉଠ' ଲୋକଙ୍କ ମନ ମୋହିଥିଲା। ବରପଦରର ବଉଳି କଳାପରିଷଦ କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ସହ ରସରକେଳି, ଜାମୁଡ଼ାଲି, ଲୋଇସିଂହା (ଶଙ୍କର) ସୁରସଙ୍ଗମର ଲିକିର ଝିକିରି ବିହା ଓ ବାଉଁଶୁଣି କଳା ପରିଷଦରର କଳାକାରଙ୍କ ନୃତ୍ୟ ସହ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାପୀଠ, ଖଟଖଟିଆ ଉପ୍ରା ବିଦ୍ୟାଳୟର ଛାତ୍ରୀଙ୍କ ଉଚ୍ଚକୋଟୀର ନାଚ ମଧ୍ୟରାତ୍ରି ଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ବରିଷ୍ଠ କଳାକାର ଲିଙ୍ଗରାଜ ପ୍ରଧାନ, ନାଟ ଏଣ୍ଡ କଲଚାରଲ ଏସୋସିଏସନର ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ନେପାଳ ପଲିଆ, ସଦସ୍ୟ ଶିବ କମ୍ପ, ଜୟ ପ୍ରଧାନ, କୁଶ ପ୍ରଧାନ, ପ୍ରହ୍ଲାଦ ଅମାତ, ସୁକାନ୍ତ ପ୍ରଧାନ, ଫକୀର ବସ୍ତିଆ, ରାଜକୁମାର ତ୍ରିପାଠୀ, ଟିଲୁ ପ୍ରଧାନ, ମେନ ପାତ୍ର, ଗଣେଶ ମେଣ୍ଡେଲି, ସିପୁନ ପାଢ଼ୀ, ଇନ୍ଦ୍ରଜିତ ଅମାତ, କମଳ କର୍ଣ୍ଣ, ତ୍ରିପୁରାରି ପ୍ରଧାନ, ମନ୍ଥନ କର୍ଣ୍ଣ ଏବଂ ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁରେନ୍ଦ୍ର କର୍ଣ୍ଣ, ସଞ୍ଜୟ ସାହୁ ପରିଚାଳନା କରିଥିଲେ। ବରିଷ୍ଠ କଳାକାର ବାମନ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ସାହାଜପାଲ, ୧୯ ।୩(ସମିସ):** ବାଉଁଶୁଣୀ ଥାନା ସାହାଜପାଲ ନିକଟରେ ଟ୍ରକ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ ହରଭଙ୍ଗା ଥାନା ବୁକେସିଙ୍ଗା ଗ୍ରାମର ବିଶାଳ ଗୁରୁ। ସେ ବୌଦ୍ଧ ପଟରୁ ବାଉଁଶୁଣୀ ଆଡକୁ ଯାଉଥିବା ବେଳେ ସମାନ ଦିଗରୁ ଯାଉଥିବା ଏକ ଟ୍ରକ୍ ତାଙ୍କ ବାଇକକୁ ପଛରୁ ଧକ୍କା ଦେଇଥିଲା। ଏହା ଫଳରେ ବାଇକ ଆରୋହୀ ବିଶାଳ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ଖବର ପାଇ ବାଉଁଶୁଣୀ ପୁଲିସ ଟ୍ରକକୁ ଅଟକ ରଖି ପଚରା ଉଚୁରା ଆରମ୍ଭ କରିଛି।

# ବିଦ୍ୟାଳୟ ଜମି ଜବରଦଖଲ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



**ବୌଦ୍ଧ, ୧୯ ।୩(ସମିସ):** ବୌଦ୍ଧ ବ୍ଲକ ଅଁଳାଝୁଲି ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଜମି ଜବରଦଖଲ ନେଇ ସ୍କୁଲ ପରିଚାଳନା କମିଟିର ସଭ୍ୟମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ୨୦୦୯ରେ ଅଁଳାଝୁଲି ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଥିଲା।

ସରକାରଙ୍କ ତରଫରୁ ବିଦ୍ୟାଳୟର କୋଠା ନିର୍ମାଣ ହୋଇ ସ୍କୁଲରେ ପାଠପଢ଼ା ଚାଲୁଛି। ସରକାରଙ୍କ ନିୟମ ଅନୁସାରେ ଛାତ୍ରଛାତ୍ରୀ ମଧ ଅଛନ୍ତି। ଏହି ସ୍କୁଲକୁ ୨୦୨୨ରେ ଖାତା ନଂ ୪୪ ପ୍ଲଟ ନଂ ୫୬, ୫୭ ଦୁଇଟି ପ୍ଲଟ ମିଶି ମୋଟ ୯୬ ଡେସିମିଲ ଜମିକୁ ସ୍କୁଲ ନାମରେ ପଟ୍ଟା ପ୍ରଦାନ କରାଯାଇଛି। ସ୍କୁଲ ପରିଚାଳନା କମିଟିର ଅଭିଯୋଗ ଅନୁସାରେ ସେହି ଗ୍ରାମର ଚନ୍ଦ୍ରଶେଖର ମଲ୍ଲିକ ନାମକ ଜଣେ ବ୍ୟକ୍ତି ପରିସରରେ ଘର ତିଆରି କରି ରହିବା ପାଇଁ ପ୍ରୟାସ କରୁଛନ୍ତି। ଗତ ୧୭ ତାରିଖରେ ସ୍କୁଲ ପରିସରରେ ଥିବା ବଡ ବଡ ଗଛ ସବୁ କାଟି ଦେଇଛନ୍ତି। ସ୍କୁଲ କମିଟି ବାରଣ କରିବାକୁ ସେମାନଙ୍କୁ ଧମକ ଚମକ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରଶାସନକୁ ଏ ନେଇ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ସେହି ସ୍ଥାନରୁ ତାଙ୍କୁ ସ୍ଥାନାନ୍ତର କରାଯାଉନାହିଁ। ଏହା ଫଳରେ ସେଠାରେ ସ୍କୁଲ ପରିଚାଳନାରେ ଅସୁବିଧା ହେବା ସହ ଛାତ୍ରଛାତ୍ରୀଙ୍କ ପାଇଁ ମଧ ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

# ବାଇକ୍‌ରୁ ପଡ଼ି ୨ ଯୁବକ ଗୁରୁତର

**ଲାଞ୍ଜିଗଡ଼,୧୯।୩(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ହରେକୃଷ୍ଣପୁର ଛକ ନିକଟରେ ବାଇକ୍‌ରୁ ପଡି ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ଲୋକେ ଆମ୍ବୁଲାନ୍ସ ଯୋଗେ ୨ ଆହତଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସୂଚନା ମୁତାବକ, ଅପରାହ୍ନ ସମୟରେ ଲାଞ୍ଜିଗଡ଼ ବ୍ଲକ ଲାଖବାହିଲି ପଞ୍ଚାୟତ ସୋରଗୁଡା ଗାଁର ତରୁଣୀ ବାଗ(୩୫) ଓ ପାହାଡ଼ପଦର ପଞ୍ଚାୟତ ବୋରପଦର ଗାଁର ଅକ୍ଷୟ ବିଭାର(୪୦) ଏକ ବାଇକରେ ଲାଞ୍ଜିଗଡ଼ ପଟୁ ଅମ୍ବାଦଳା ରେଳଷ୍ଟେସନକୁ ଯାଉଥିବା ସମୟରେ ହରେକୃଷ୍ଣପୁର ଛକ ନିକଟରେ ଭାରସାମ୍ୟ ହରାଇ ବାଇକରୁ ରାସ୍ତା ଉପରେ ପଡିଯାଇଥିଲେ। ଏମାନେ ଗୁରୁତର ଅବସ୍ଥାରେ ପଡି ରହିଥିବା ଦେଖି ବେନଗାଁ ସମିତିସଭ୍ୟା ପ୍ରତିନିଧି ଦିଲ୍ଲୀପ ହରିଜନ, ପଦ୍ମଥପା ଗାଁର ଗୋପୀନାଥ ବେନାଲ ଓ ସ୍ଥାନୀୟ ଲୋକେ ଏକ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ନେଇ ଭର୍ତ୍ତି କରାଇଥିଲେ। ୨ ଗୁରୁତର ମଧ୍ୟରୁ ଅକ୍ଷୟ ବିଭାଗର ଗୋଡ଼ ଯାଇଥିବା ଡାକ୍ତରଙ୍କ ସୂତ୍ରରୁ ଜଣାପଡ଼ିଛି। ନିଜ ସମ୍ପର୍କୀୟ ଜଣେ ଅସୁସ୍ଥ ହୋଇ ରାଏପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜାଣି ପାରି ଅମ୍ବାଦଳା ରେଳଷ୍ଟେସନକୁ ରାଏପୁର ଯିବାପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।



## ବଳଦ ଚୋରିକରି ଫେରାର୍ ବେଳେ ଧରିଲେ ମାଲିକ

# ଗାଡ଼ି ଚାଳକ ସହ ତିନି କୋର୍ଟ ଚାଲାଣ

**ବେଲପଡ଼ା, ୧୯।୩ (ସମିସ):** ବେଲପଡା ଥାନା ରାଏଖାଲ ଗାଁରେ ବଳଦ ଚୋରି ଧରାପଡ଼ିଛି। ରାତିରେ ଘରେ ଶୋଇଥିବା ବେଳେ ବଳଦ ଚୋରି କରି ଫେରାର ମାରୁଥିବା ବେଳେ ମାଲିକ ଖବର ପାଇ ବାଟରେ ଚୋର ମାନଙ୍କୁ କାବୁ କରିବା ସହ ଥାନାର ଜିମା ଦିଆଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ଟିଟିଲାଗଡ଼ ସାତବହନି ଗାଁର ଲାଇସର ବାଗ, ମୁରିବାହାଲ ଥାନା ରାକେଶ ଲୁହା, ଓ ବାନ୍ଧୁପଲା ଗାଁର ସୁରେଶ କୁମ୍ଭାର। ବେଲପଡା ଥାନା ରାଏଖାଲ ଗାଁରେ ଅନିରୁଦ୍ଧ ବାଗଙ୍କ ବଳଦ ଚୋରି କରୁଥିବା ବେଳେ ୩ ଜଣ ଅଭିଯୁକ୍ତ ଧରାପଡ଼ିଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ପିକଅପ ଭ୍ୟାନକୁ ଜବତ କରାଯାଇଛି। ଏନେଇ ଏକ ମାମଲା ରୁଜୁକରି ପୁଲିସ ଅଧିକ ତଦନ୍ତ କରୁଛି। ଅନିରୁଦ୍ଧ ବାଗ ନିଜ ଗୁହାଳରେ ବଳଦକୁ ବାନ୍ଧି ରଖିଥିଲେ। ବିଳମ୍ବିତ ରାତ୍ରିରେ ଏହି ତିନି ଜଣ ସୁଯୋଗ ଦେଖି ବଳଦ ଚୋରି କରି ଫେରାର ମାରୁଥିଲେ। ସକାଳେ ଖୋଜାଖୋଜି କରିବା ପରେ ଟିଟିଲାଗଡ଼ ଗୁଲାମୀ ଜଙ୍ଗଲରେ ଏକ ପିକଅପ ଭ୍ୟାନରେ ବଳଦ ମାନଙ୍କୁ ନେଉଥିବା ଜଣାପଡ଼ିଥିଲା। ପରିବାର ଲୋକ ଘଟଣାସ୍ଥଳକୁ ଯାଇ ଗାଡି ସହ ଅଭିଯୁକ୍ତଙ୍କୁ ଧରି ଥାନାରେ ଖବର ଦେଇଥିଲେ।



# ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

**ବେଲପଡ଼ା, ୧୯।୩(ସମିସ):** ବେଲପଡା ଥାନା ମାଲିମୁଣ୍ଡା ଗାଁର ପୋଖରୀ ନିକଟରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ଉଦ୍ଧାର ଶବଟି କାହାର, କ'ଣ କାରଣ ରହିଛି ତାହା ଜଣାପଡ଼ି ନାହିଁ। ଶୌଚ ପାଇଁ ଯାଉଥବା ବେଳେ ଶବ ପଡ଼ିଥିବା ଗାଁଲୋକ ଦେଖିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଖବର ଲେଖା ପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ।

# ସଇଁତଳା ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ସଇଁତଳା, ୧୯।୩(ସମିସ):** ସଇଁତଳା ସହ ରାଜ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୨୦୨୪ ସଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ମେ ୨୦ରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏହି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ନିର୍ବାଚନ ପରିଚାଳନା ପାଇଁ ଟିଟିଲାଗଡ ଓ ସଇଁତଳା ପୁଲିସର ପ୍ରସ୍ତୁତି ଆରମ୍ଭ ହେଲାଣି। ପୁଲିସ ଦ୍ୱାରା ଆଜି ସଇଁତଳା ସହରର ବିଭିନ୍ନ ଜାଗାରେ ଫ୍ଲାଗ ମାର୍ଚ୍ଚ ହୋଇଛି। ଏହି ଫ୍ଲାଗ ମାର୍ଚ୍ଚରେ ଟିଟିଲାଗଡ ଏସଡିପିଓ ଅଙ୍କିତା କୁମ୍ଭାର ଓ ସଇଁତଳା ଥାନାଧିକାରୀ ସୁଶାନ୍ତ ପଧାନ ସମେତ ସିଆରପିଏଫ ଏଫ୍ ୧୮୯ ବାଟାଲିଆନ ଫୋର୍ସ ଯୋଗ ଦେଇଥିଲେ। ସହରର ଜନସାଧାରଣ ପୁଲିସକୁ ସହଯୋଗ କରିବା ସହ ନିର୍ବାଚନକୁ ଶୃଙ୍ଖଳିତ ସମାପନ କରିବାକୁ ଅନୁରୋଧ କରିଥିଲେ।



## ବଦ୍‌ନାମ ଗଳିର ଦୁର୍ନାମ କାରବାର

# ଭଡ଼ାଘର ଓ ହୋଟେଲରେ ଅବାଧ ଦେହ ବେପାର

**ବଲାଙ୍ଗିର, ୧୯।୩(ସମିସ)**

ବଲାଙ୍ଗିର ସହରରେ ସେକ୍ସ ରାକେଟ୍ ଠାବ ହେବା ନୂଆ ନୁହେଁ। ସୋମବାର ଏହି କାରବାର ପୁଲିସ ଉନ୍ମୋଚନ କଲା ପରେ ଚର୍ଚ୍ଚା ପୁଣି ଜୋର୍ ଧରିଛି। କେଉଁଠି ଓ କିଏ ଏହି କାରବାର ଚଳାଇଛି ସେନେଇ ପୁଲିସ ପାଖରେ ସମସ୍ତ ସୂଚନା ରହିଛି ଅଥଚ ସେହି ସ୍ଥାନରେ ହାତ ମାରିବାକୁ ପୁଲିସ ସାହସ ପାଉ ନଥିବା ଚର୍ଚ୍ଚା ହେଉଛି। ଏଥିପାଇଁ ନକଲି ପରିଚୟପତ୍ରର ମଧ୍ୟ କାରବାର ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, ସହରର ଏଭଳି କେତେକ ସ୍ଥାନ ବଦ୍‌ନାମ ଗଳି ସାଜିଛି; ଯାହା ପାଇଁ ସହର ଦୁର୍ନାମ ମୁଣ୍ଡାଉଛି।

ନିୟମିତ ଭାବେ ବହୁ ସଂଖ୍ୟାରେ ରାଜ୍ୟ ବାହାରୁ ଯୁବତୀମାନେ ଆସି ଏହି ବ୍ୟବସାୟ ଚଳାଇଥିବା ବେଳେ ବ୍ୟବସାୟ ପରିଚାଳନା ପାଇଁ ସହରରେ ଅନେକ ଦଲାଲ ରହିଛନ୍ତି। କେଉଁଠି ଭଡା ଘରେ ଚାଲିଛି ତ ଆଉ କେଉଁ ହୋଟେଲରେ ଏହି କାରବାର ଚାଲିଥିବା ଅଭିଯୋଗ ହୋଇଛି।

■ **ଅନ୍‌ଲାଇନ କାରବାରରେ ନକଲି ପରିଚୟପତ୍ର**

■ **ରାଜ୍ୟ ବାହାର ଯୁବତୀ, ସ୍ଥାନୀୟ ଦଲାଲ୍: ଜାଣି ଅଜଣା ପୁଲିସ**

ସୂଚନା ଅନୁସାରେ, ସହରର ଏକ ପ୍ରମୁଖ ସ୍ଥାନ ରାସ୍ତାକଡରେ ଥିବା ଏକ ଅଣଓଡିଆ ହୋଟେଲରେ ଏହି କାରବାର ଚାଲିଥିଲା। ସେହିପରି ରେଳଷ୍ଟେସନ ନିକଟରେ ଥିବା କିଛି ଗେଷ୍ଟ ହାଉସ ଓ ଲଜ୍‌ରେ ମଧ୍ୟ ଏହି କାରବାର ଚାଲିଥିବା ଜଣାପଡ଼ିଛି। ଏହାସହ ସହର ଭିତରେ ଥିବା କିଛି ବଡ ହୋଟେଲରେ ମଧ୍ୟ ଦେହ ବ୍ୟବସାୟ ଚାଲିଥିବା ନେଇ ସୂଚନା ରହିଛି। କିଛି ବଡବଡିଆ, ବାହାରେ ରହୁଥିବା ମାଲିକଙ୍କ ଘର ଭଡାରେ ନେଇ ଏହି ବେଆଇନ କାରବାର ଚାଲିଥିବା ଜଣାପଡ଼ିଛି।

୨୦୨୨ରେ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଥିବା ଏକ ଭଡା ଘରୁ କିଛି ଯୁବତୀଙ୍କୁ ପୁଲିସ ଉଦ୍ଧାର କରିଥିଲା। ଏହି କାରବାର ଚଳାଇଥିବା ପାଟଣାଗଡ଼ ଅଞ୍ଚଳର ଯୁବକ ମୁଖ୍ୟ ଅଭିଯୁକ୍ତକୁ ଆଜି ପର୍ଯ୍ୟନ୍ତ ପୁଲିସ ଗିରଫ କରିପାରିନାହିଁ। ସେହିପରି କିଛି ଦିନ ତଳେ ଖର୍ସେଲପଡ଼ାରେ ମଧ୍ୟ ଦେହ ବ୍ୟବସାୟ ଚାଲିଥିବା ବେଳେ ପୁଲିସ ଚଢଉ କରିଥିଲା। ଏହି କାରବାର ଚଳାଇଥିବା ଯୁବକ ମଧ୍ୟ ପାଟଣାଗଡ଼ ଅଞ୍ଚଳର ହୋଇଥିବା ବେଳେ ୪ ଯୁବକଙ୍କୁ ପୁଲିସ ଗିରଫ କରିସାରିଛି। ଅନଲାଇନରେ ହିଁ ଦଲାଲମାନେ ଯୁବତୀଙ୍କ ଫଟୋ, ଦର ପଠାଉଥିବା ବେଳେ ଯୁବତୀଙ୍କୁ ଗ୍ରାହକମାନେ ଅନଲାଇନରେ ହିଁ ବୁକିଂ କରୁଛନ୍ତି। ବୁକିଂ ହେବା ପରେ ସମୟ ଓ ଠିକଣା ଅନୁସାରେ ଦେହଜୀବୀ ପାଖକୁ ଗ୍ରାହକ ପହଞ୍ଚିବା ପରେ ସମ୍ପୃକ୍ତ ଦଲାଲ ହିଁ ସେମାନଙ୍କୁ ସୁରକ୍ଷା ଦେଉଛି। ଏହି କାରବାର ଖୋଲାଖୋଲି ଚାଲିଥିବା ବେଳେ ହୋଟେଲର ନାମ ମଧ୍ୟ ଏଥିରୁ ସାମ୍ନାକୁ ଆସୁଛି କିନ୍ତୁ ଆଜି ପର୍ଯ୍ୟନ୍ତ ପୁଲିସ ଏହା ଉପରେ ନଜର ନ ପକାଇବା ସମସ୍ତଙ୍କୁ ଚକିତ କରିଛି। ସେହିପରି ହୋଟେଲ ପକ୍ଷରୁ ଥାନାଗୁଡ଼ିକୁ ନିୟମିତ ହୋଟେଲକୁ ଆସୁଥିବା ଅତିଥିମାନଙ୍କ ସୂଚନା ପ୍ରଦାନ କରୁଥିବା ପୁଲିସ କହିଥାଏ; କିନ୍ତୁ ତାହା କେତେ ସତ କେତେ ମିଛ ତାହା ଯାଞ୍ଚ ହେଉନାହିଁ। ଦେହ କାରବାରକୁ ଟାର୍ଗେଟ କରି ହୋଟେଲରେ ଅତିଥିଙ୍କ ପରିଚୟପତ୍ରର ନକଲି କାରବାର ମଧ୍ୟ ହେଉଥିବା ଅଭିଯୋଗ ହୋଇଛି। ପୁଲିସ ହୋଟେଲରେ ଚାଲିଥିବା ଏହି କାରବାରକୁ ପରୋକ୍ଷରେ ପ୍ରଶୟ ଦେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ପୁଲିସ ଅଧିକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି।

## କେନ୍ଦୁପତ୍ର ଗୋଛା କାଟ କରାଯିବାକୁ ଦାବି

# ଗ୍ରାମବାସୀ ସ୍ଥାନୀୟ ରେଞ୍ଜରଙ୍କ ଦ୍ୱାରସ୍ଥ

**ବୀରମହାରାଜପୁର, ୧୯।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦର କେନ୍ଦୁପତ୍ର ରେଞ୍ଜ ବଡ଼ବର୍ଡାକଟା ଗ୍ରାମର କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନେ ଶୀଘ୍ର ଗୋଛା କରାଯିବାକୁ ଦାବି ଜଣାଇବା ସହ ରେଞ୍ଜରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ପ୍ରାୟ ୯୦ ପ୍ରତିଶତ ଲୋକ କେନ୍ଦୁପତ୍ର ଗୋଛା କଟା, ପତ୍ର ତୋଳିବା, ପତ୍ର ବାନ୍ଧିବା ଆଦି କାର୍ଯ୍ୟ କରି ରୋଜଗାର କରିଥାନ୍ତି। ସେମାନେ ଏତଦ୍ୱାରା ବିଭାଗ ତରଫରୁ ମିଳୁଥିବା ଛାତ୍ର ବୃତ୍ତି, ବିବାହ କାଳୀନ ସହାୟତା ଆଦି ମଧ୍ୟ ପାଇଥାନ୍ତି। ତେବେ ଚଳିତ ବର୍ଷ ଅନ୍ୟ ଗ୍ରାମରେ ଗୋଛା କଟେଇ କାର୍ଯ୍ୟ ଚାଲିଥିବାବେଳେ ବଡ଼ବର୍ଡାକଟା ଗ୍ରାମରେ କିନ୍ତୁ ଏଯାଏ ଆରମ୍ଭ ହୋଇ ନ ଥିବା ଦେଖିବାକୁ ମିଳିଛି। ଗ୍ରାମରେ ଥିବା ମୁନସୀ ଓ ଚପରାଶି ମଧ୍ୟ କେବେ ଗୋଛା କଟେଇ ଆରମ୍ଭ ହେବ ବୋଲି ସ୍ପଷ୍ଟ କହିପାରୁ ନାହାଁନ୍ତି। ବଡ଼ବର୍ଡାକଟାରେ ଥିବା କେନ୍ଦୁପତ୍ର ଫଡି ପାଇଁ ନିକଟସ୍ଥ ମେଣ୍ଡିଲୀପାଲି ଓ ପୁରୁଷୋତ୍ତମପାଲି ଗ୍ରାମର ତୋଳାଳୀମାନେ ଗୋଛା କାଟିଥାନ୍ତି। ତେବେ ଗ୍ରାମରେ ଏଯାଏ ଗୋଛା କଟେଇ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ତୋଳାଳିମାନେ ଏବେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ଏହି କାରଣରୁ ହିତାଧିକାରୀ ବିଭାଗ ତରଫରୁ ମିଳୁଥିବା ସହାୟତା ମଧ୍ୟ ପାଇବାରୁ ବଞ୍ଚିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଶୀଘ୍ର ଗୋଛା କଟେଇ କାର୍ଯ୍ୟ ଆରମ୍ଭ କରାଯିବା ସକାଶେ ଗ୍ରାମର ବାସୁଦେବ ବେହେରା, କହ୍ନେଇ ରଣା, ପ୍ରଦ୍ୟୁମ୍ନ ପୁରୋହିତ, ସୁଦର୍ଶନ ରଣା, ସମାରୁ ବେହେରା, ସର୍ବେଶ୍ୱର ରଣା, ସାନ ଦେହେରୀ, ପ୍ରଶାନ୍ତ ଦେହେରୀ, ଲୋକନାଥ ଦେହେରୀ, ଶେଷଦେବ ରଥ, ମଗନ ଦେହେରୀ, ପଞ୍ଚାନନ ରଣା, ଦୁଶାଃସନ ରଣା ପ୍ରମୁଖ ବହୁ ତୋଳାଳି ରେଞ୍ଜ ଅଧିକାରୀଙ୍କଠାରେ ଦାବି ଜଣାଇଛନ୍ତି।



# ସିଲେଟକାନୀରେ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଦେଓଗାଁ, ୧୯।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ସିଲେଟକାନୀ ଗାଁରେ ୮ ଦିନ ଧରି ଅନୁଷ୍ଠିତ ହେବାକୁଥିବା ରାମେଶ୍ୱରଙ୍କ ନୂତନ ଭବ୍ୟମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ମାତାମଠ କଣ୍ଟାବାଞ୍ଜିର ସନ୍ଥ ମହନ୍ତ ଅଦ୍ୱୈତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ତଥା ଆଞ୍ଚଳିକ ଯଜ୍ଞ କମିଟିର ଆୟୋଜନରେ ସୋମବାର କଳସଯାତ୍ରା ଓ ଅଧିବାସ କାର୍ଯ୍ୟ ହୋଇଥିବା ବେଳେ ମଙ୍ଗଳବାର ସକାଳେ ଯଜ୍ଞ ଆରମ୍ଭ ହୋଇଛି। ଅପରାହ୍ନରେ ଜଗବନ୍ଧୁ ମହାପାତ୍ରଙ୍କ ଦ୍ୱାରା ଲିଖିତ ତୁଳସୀ ରାମାୟଣ ପଠନ କାର୍ଯ୍ୟକ୍ରମ ହୋଇଥିଲା। ସେପରି ଛନଛଡାର ପରୀକ୍ଷିତ ମହାରାଜଙ୍କ ଦ୍ୱାରା ପ୍ରବଚନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞକର୍ତ୍ତା ଭାବେ ସ୍ୱପ୍ନେଶ୍ୱର ମେହେର ଓ ଶାନ୍ତି ମେହେର, ସପ୍ତାହ ପାରାୟଣ କର୍ତ୍ତା ଭାବେ ସୁମନ୍ତ କର୍ମୀ ଓ ବାସନ୍ତୀ କର୍ମୀ ଦାୟିତ୍ୱ ତୁଲାଉଥିବା ବେଳେ ପ୍ରହରୀ କର୍ତ୍ତା ଭାବେ ଦୁର୍ଯ୍ୟୋଧନ ମେହେର ଓ ତାଙ୍କ ପତ୍ନୀ ଶାନ୍ତି ମେହେର ଦାୟିତ୍ୱରେ ରହିଛନ୍ତି। ଚିନ୍ମୟ ଦାସଜୀ ମହାରାଜଙ୍କ ପ୍ରବଚନ କାର୍ଯକ୍ରମ ରହିଥିବା ବେଳେ ରମାକାନ୍ତ ପଣ୍ଡା ଓ ସାଥୀଙ୍କ ଦ୍ୱାରା ପାରାୟଣ କାର୍ଯ୍ୟକ୍ରମ ରହିଛି। ୨୫ ତାରିଖରେ ଭଜନ ସନ୍ଧ୍ୟା ଓ ପଦ୍ମଶ୍ରୀ ହଳଧର ନାଗଙ୍କ କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରତ୍ୟହ ମିନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ଉତ୍ସବକୁ ଆଞ୍ଚଳିକ ଯଜ୍ଞ କମିଟି ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି।

# ତାଲପାଲିପଡ଼ା ରାମଜୀ ମନ୍ଦିରର ରତ୍ନମୁଦ ସ୍ଥାପିତ

**ବଲାଙ୍ଗିର,୧୯।୩(ସମିସ):** ବଲାଙ୍ଗିର ସହରର ୪ ନଂ ୱାର୍ଡର ତାଲପାଲିପଡାରେ ବହୁବର୍ଷ ଅବହେଳିତ ହୋଇ ପଡି ରହିଥିବା ମନ୍ଦିରର ପୁନଃନିର୍ମାଣ ଚାଲିଛି। ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ମନ୍ଦିର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଏହାର ରତ୍ନମଦ ସ୍ଥାପିତ ହୋଇଛି। ସୁନ୍ଦରାକାଣ୍ଡ ସହ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୋମବାର ସଂଧ୍ୟାରେ ପଡାର ମହିଳାମାନେ କଳସ ଶୋଭାଯାତ୍ରା କରି ପଡା ପରିକ୍ରମା କରିଥିଲେ। ତାଲପାଲିପଡାର ଦେବାନନ୍ଦ ପଟେଲ ଓ ଜୟନ୍ତୀ ପଟେଲ କର୍ତ୍ତା ଥିଲେ। କଅଁଗାଁର ସୁଶାନ୍ତ ମିଶ୍ର ପୂଜକ ରହିଥିବା ବେଳେ ଦୀପକ ମିଶ୍ର ସୁନ୍ଦରାକାଣ୍ଡ ପାଠ କରିଥିଲେ। ଦୀପକଙ୍କ ସମଧୁର କଣ୍ଠରେ ଭକ୍ତ ବିଭୋର ହୋଇଥିଲେ। ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି ଏବଂ ପୌରାଧକ୍ଷା ଲିକା ସାହୁ, ବିଜେଡିର ରାଜ୍ୟ ସଂପାଦକ ପ୍ରଦ୍ୟୁତ ମିଶ୍ର ଯୋଗ ଦେଇଥିଲେ। ରାମଜୀ ମନ୍ଦିର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରୁ ୬ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇ କାମ ଚାଲିଛି। ପୌରପାଳିକା ପକ୍ଷରୁ ରାମଜୀ ସ୍ୱୟଂ ସହାୟିକା ଗୋଷ୍ଠୀ ଏହାର କାମ କରାଉଛନ୍ତି। ରତ୍ନମୁଦ ସ୍ଥାପନରେ ତାଲପାଲିପଡାର ସମସ୍ତ ସ୍ୱୟଂସହାୟିକା ଗୋଷ୍ଠୀ ଯୋଗ ଦେଇଥିଲେ। ସହରର ଶ୍ରଦ୍ଧାଳୁମାନେ ଧାନ, ଅଷ୍ଟଧାତୁ ଓ ସୁବର୍ଣ୍ଣାଦି ପ୍ରଦାନ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିର ଉପରକୁ ଚଢି ରତ୍ନମୁଦ ପକାଇଥିଲେ।

# ଲାଖବାହିଲିରେ ବିଜେଡି ସମାବେଶ

**ଲାଞ୍ଜିଗଡ଼,୧୯।୩ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଖବାହିଲିଠାରେ ବ୍ଲକ ବିଜେଡି ପକ୍ଷରୁ ଶତାଧିକ କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସଭାପତି ହିମାଦ୍ରୀ ପେଶନିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସାଧାରଣ ନିର୍ବାଚନ ୨୦୨୪କୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନୀତିଆଦର୍ଶ ବଳରେ ବିଜେଡି କିଭଳି ଏକତରଫା ବିଜୟ ଲାଭ କରିବ ସେନେଇ କର୍ମୀମାନଙ୍କ ସହ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଜିଲ୍ଲା ବିଜେଡି ସମ୍ପାଦକ ପାତ୍ର ମାଝୀ ଓ ଜଗଦୀଶ ବେନିଆଁ, ବିଜେଡି ପଞ୍ଚାୟତ ସଭାପତି ସାନ୍ଦରା ମାଝୀ ଖଗେଶ୍ୱର ନାଏକ, ବାଲି ହରିଜନ, ରାମତୁ ମାଝୀ, ବୈରା ମାଝୀ, ରାମ ମାଝୀଙ୍କ ସମେତ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।



# କାଳବୈଶାଖୀ ବର୍ଷା; ଜନଜୀବନ ପ୍ରଭାବିତ

**ସୋନପୁର, ୧୯।୩ (ସମିସ):** ମଙ୍ଗଳବାର ସାରା ଦିନ କାଳବୈଶାଖୀ ବର୍ଷାରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଭିଜାଇଛି। ସୋନପୁରରେ ମଧ୍ୟ ଦିନ ସାରା କୋହଲା ପାଗ ଲାଗି ରହିଥିବା ବେଳେ ସନ୍ଧ୍ୟାରେ ବର୍ଷା ଆରମ୍ଭ ହୋଇଥିଲା। ଘଡଘଡି ପବନ ସହ ବିଳମ୍ବିତ ରାତି ଯାଏଁ ବର୍ଷା ଲାଗି ରହିଥିଲା। ବର୍ଷା ଯୋଗୁଁ ସହରର ବିଭିନ୍ନ ଖାଲୁଆ ଅଞ୍ଚଳରେ ପାଣି ଜମି ଯାଇଛି। ତେବେ ଏଭଳି ଅଦିନିଆ ବର୍ଷା ପରିବା ଚାଷୀଙ୍କ ପାଇଁ କାଳ ସାଜିଛି। ବର୍ଷା ଯୋଗୁଁ ବନ୍ଧା କୋବି, ଟମାଟୋ, ବାଇଗଣ ଚାଷୀମାନେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ବୁଧବାର ମଧ୍ୟ ଏଭଳି ପାଗ ଲାଗି ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ତେବେ କେତେକ ସ୍ଥାନରେ କୁଆପଥର ମାଡ ସହ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରିବା ପାଇଁ କୁହାଯାଇଛି।

# ମୁଣ୍ଡାପଡ଼ା ନୂଆଁସାହିରେ ପାନୀୟ ଜଳ ଉତ୍କଟ

**ଜହ୍ନାପଙ୍କ, ୧୯।୩(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ ହାଟପଦା ନୂଆଁ ସାହିରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ପିଇବା ପାଣି ପାଇଁ ଗ୍ରାମବାସୀ ତହକ ବିକଳ ହେଉଛନ୍ତି। ଏଭଳି ପରିସ୍ଥିତିରେ ଗ୍ରାମର ୨୦୦ ପରିବାରର ଲାଗି ପରିତ୍ୟକ୍ତ ଅବସ୍ଥାରେ ଥିବା ଖୋଲା କୂଅ ସାହାରା ସାଜିଛି। ପ୍ରାୟ ୩୦ ଫୁଟ ଗଭୀର କୂଅରୁ ବିପଦ ସଂକୁଳ ଦଉଡିରେ ଲୋକେ ପାଣି କାଢୁଛନ୍ତି।

ବସ୍ତି ବାସିନ୍ଦାଙ୍କ ଅଭିଯୋଗ ଯେ, ତାତି ବଢ଼ିବା ସାଙ୍ଗକୁ ବଢୁଛି ଜଳକଷ୍ଟ। ଏବେଠୁ ପାଣି ସମସ୍ୟା ଦେଖାଗଲାଣି। କୂଅ, ପୋଖରୀ ଶୁଖି ଗଲାଣି। କେଉଁଠି ପାଣି ଟାଙ୍କି ଅଚଳ ତ କେଉଁଠି ନଳକୂଅ ଅଚଳ। ଆଉ କେଉଁଠି ପିଇବା ପାଇଁ ପାଣି ଉପଯୋଗୀ ନୁହେଁ। କେଉଁଠି ପୁଣି ପାଣି ପାଇଁ ଲୋକଙ୍କୁ ବହୁ ଦୂର ଯିବାକୁ ପଡୁଛି। ଗରାଏ ପାଣି ପାଇଁ ମହିଳାଙ୍କ ଭିଡ଼ ଲାଗୁଛି।

**କାମରେ ଲାଗୁନି ଜଳ ଯୋଗାଣ ପ୍ରକଳ୍ପ**

**ଖୋଲା କୂଅ ମେଣ୍ଟାଉଛି ଶୋଷ**

ତେବେ ଏଠାରେ ବସୁଧା ଯୋଜନାରେ ୫୦ ହଜାର ଲିଟର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ ହୋଇଛି। ପାଣି ପାଇଁ ଘରେ ଘରେ ସଂଯୋଗ ଦିଆଯିବା ସହ ଷ୍ଟାଣ୍ଡ ପୋଷ୍ଟ ରହିଛି; ହେଲେ କୋମାରେ ପଡ଼ିଛି ବସୁଧା ପାଣି ଟାଙ୍କି। ଆପତ୍ତି ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏଣୁ ପାଣି ସମସ୍ୟାର ସମାଧାନ ନ ହେଲେ ଭୋଟ ବର୍ଜନ କରିବାକୁ ଲୋକେ ଚେତାବନୀ ଦେଇଛନ୍ତି।

କେବଳ ପାଣି ସମସ୍ୟା ନୁହେଁ; ହାଟପଦାରେ ଏଯାଏଁ ଷ୍ଟ୍ରିଟ ଲାଇଟ୍ ଲାଗିନି। ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ପକ୍କା ଘର। ପଲିଥିନ ତଳେ ଖରା, ବର୍ଷା, ଶୀତରେ ଅତି ଦୟନୀୟ ଅବସ୍ଥାରେ ଲୋକେ ରହୁଛନ୍ତି। ଏଣୁ ଏଠାର ଲୋକାଙ୍କ ପ୍ରଶାସନ ପ୍ରତି ଅସନ୍ତୋଷ ବଢୁଛି।



## ଝାରଦେବନ୍ଧ ବନ୍ୟଜନ୍ତୁ ଛାଲ ଜବତ ଘଟଣା

# ବଡ଼ମାଳ ଜଙ୍ଗଲରେ କଲରାପତରିଆ ଶିକାର ସନ୍ଦେହ

**ବଲାଙ୍ଗିର, ୧୯।୩(ସମିସ)**

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବନଖଣ୍ଡ ଅଞ୍ଚଳରୁ ମିଳିଥିବା ବନ୍ୟଜନ୍ତୁ ଛାଲକୁ ନେଇ ଏବେ ବିବାଦ ଦେଖାଦେଇଛି। କିଏ ଏହାକୁ ଭାଉ ବିଲେଇ ଛାଲ କହୁଛି ତ କିଏ ଏହାକୁ କଲରାପତରିଆ ଛାଲ କହୁଛି। ବନ ବିଭାଗ କୌଣସି ସ୍ପଷ୍ଟ ଉତ୍ତର ନରଖି ସିଧାସଳଖ ମାମଲାକୁ ଚାପିଦେବା ପାଇଁ ଚେଷ୍ଟା କରୁଛି। ଏହି ଛାଲ ରଙ୍ଗକୁ ଦେଖିଲେ ଏହା କଲରାପତରିଆ କିମ୍ବା ହେଟାବାଘ ଛାଲ ବୋଲି ଅନୁମାନ କରାଯାଉଛି। ଘଟଣାରେ ବଲାଙ୍ଗିର ଡିଏଫଓଙ୍କ ପ୍ରତିକ୍ରିୟା ମଧ୍ୟ ବିବାଦ ସୃଷ୍ଟି କରିଛି। ଏନେଇ ସ୍ପଷ୍ଟ ଉତ୍ତର ରଖିବା ବଦଳରେ ମୁଁ ପରେ କହିବି କହି ଆଉ ଧରାଛୁଆଁ ଦେଉନାହାନ୍ତି।

ଟିଟିଲାଗଡ଼ ରେଞ୍ଜ ଝାରଦେବନ୍ଧ ନିକଟରେ ଏକ କାଗଜ ପ୍ୟାକେଟ ଭିତରୁ କିଛି ବନ୍ୟଜନ୍ତୁ ଛାଲ ଲୋକେ ଦେଖିଥିଲେ। ଉକ୍ତ ଛାଲକୁ ବନ ବିଭାଗ ଜବତ କରିଥିଲା। କିଏ ଏହି ଛାଲ କାଗଜ ପ୍ୟାକେଟର ପକାଇଥିଲା ତାକୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି। ଏହା କଲରାପତରିଆ ଛାଲ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ବେଳେ ବନ ବିଭାଗ ଏହାକୁ ଅସ୍ୱୀକାର କରୁଛି। ଛାଲ ମିଳିଥିବା ସ୍ଥାନଟି ବଡମାଲ ସଂରକ୍ଷିତ ଜଙ୍ଗଲକୁ ଲାଗିରହିଛି। ବଡମାଳରେ ଗୋଳାବାରୁଦ କାରଖାନା ଥିବାରୁ ଏହି ଜଙ୍ଗଲ ଭିତରେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ରହିଛି। ଫଳରେ ଜଙ୍ଗଲ ଭିତରେ ବନ୍ୟଜନ୍ତୁ ସୁରକ୍ଷିତ ରହୁଥିବା ବେଳେ ବିଭିନ୍ନ ସମୟରେ କଲରାପତରିଆ ଓ ଅନ୍ୟ ବନ୍ୟଜନ୍ତୁଙ୍କୁ ଦେଖିବାକୁ ମିଳିଥାଏ। ଏହାର ସୁଯୋଗ ନେଇ କଲରାପତରିଆ ଶିକାର ମଧ୍ୟ କରାଯାଇଥାଏ। କିଛି ବର୍ଷ ପୂର୍ବରୁ ଏହାରି ଭିତରେ ବାରହା ଫାଶରେ ପଡ଼ି ଏକ କଲରାପତରିଆ ମୃତ୍ୟୁ ହୋଇଥିଲା। ଉକ୍ତ କଲରାପତରିଆ ଗୋଡର ନଖ ନଥିବା ବେଳେ ବାରହା ଫାଶ ଲଗାଇ ଶିକାର କରାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଏହା ଏହି ଘଟଣାରୁ ସ୍ପଷ୍ଟ ଯେ ବଡମାଲ ଜଙ୍ଗଲ ଭିତରେ ଏକାଧିକ କଲରାପତରିଆ ରହିଛନ୍ତି। ଏହି ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ନିଜ ଆଖିରେ କଲରାପତରିଆ ଦେଖିଛନ୍ତି। ଟିଟିଲାଗଡ଼-ବେଲଗାଁ ରାସ୍ତା ବଡମାଲ ସଂରକ୍ଷିତ ଜଙ୍ଗଲ ନିକଟରୁ ଏହି ଛାଲ ଜବତ ହୋଇଥିବା ବେଳେ ଏହାର ରଙ୍ଗକୁ ଦେଖିଲେ ଏହା କଲରାପତରିଆର ବୋଲି ଅନୁମାନ କରାଯାଉଛି। କଲରାପତରିଆର ଛାଲ, ନଖ ବିକ୍ରି ହେଉଥିବାରୁ ତାକୁ ଶିକାର କରାଯାଉଛି। ଯଦି ଜବତ ହୋଇଥିବା ଛାଲ କଲରାପତରିଆ ତେବେ ନିହାତି ଭାବେ କିଛି ଦିନ ଭିତରେ ହିଁ ଏହି ଅଞ୍ଚଳରେ ଶିକାର ହୋଇଛି। ଏଥିପାଇଁ ବନ ବିଭାଗ ଅଧିକାରୀଙ୍କ ମୁଣ୍ଡରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲୁଥିବାରୁ ଏହାକୁ ଚାପିଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଡିଏଫଓ କହିଛନ୍ତି, ନମୁନା ସଂଗ୍ରହ ହୋଇଛି କିନ୍ତୁ ପରୀକ୍ଷା ପାଇଁ ପଠାଯାଇନାହିଁ। ବାକି ମୁଁ ପରେ କହିବି କହି ପ୍ରଶ୍ନକୁ ଏଡାଇଯାଇଥିଲେ। ଡିଏଫଓଙ୍କ ଏହିଭଳି ମନୋଭାବ ହିଁ ମାମଲାର ତଦନ୍ତ ଦିଗକୁ ସ୍ପଷ୍ଟ କରିଛି।



● **ରାସ୍ତାରେ କଲରାପତରିଆର ଭିଡିଓ ସାମ୍ନାକୁ ଆସିଥିଲା**

● **ମାମଲା ଚାପିବାକୁ ବନ ବିଭାଗର ଉଦ୍ୟମ**

# ୬ ମାସ ହେଲା ଜଳ ପ୍ରକଳ୍ପ ଅଚଳ

**ବୌଦ୍ଧ, ୧୯।୩(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଶରଧାପୁର ରାସ୍ତା କଡ଼ରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ କାମରେ ଲାଗୁନି। ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଓ ମରାମତି ଅଭାବରୁ ଦୀର୍ଘ ୬ ମାସ ହେଲା ଏହା ଅଚଳ ହୋଇ ପଡ଼ି ରହିଛି। ଏହି ପ୍ରକଳ୍ପ ମରାମତି ପାଇଁ ବାରମ୍ବାର ଅଭିଯୋଗ କରାଯାଉଛି; ହେଲେ ଆଜି ପର୍ଯ୍ୟନ୍ତ ମରାମତି ହୋଇ ପାରିନାହିଁ। ଏହା ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେହ ଛାତ୍ରଛାତ୍ରୀ ସ୍କୁଲକୁ ଯାଉଥିବା ବେଳେ ଚଣ୍ଡିଗଳରେ ଥିବା ଶୈବ ପୀଠକୁ ଲୋକେ ଦର୍ଶନ କରିବା ପାଇଁ ଯାଇଥାନ୍ତି। ତେବେ ପାନୀୟ ଜଳ ପ୍ରକଳ୍ପ ଅଚଳ ଯୋଗୁଁ ଏହି ରାସ୍ତା ଦେଇ ଚଳପ୍ରଚଳ କରୁଥିବା ଜନସାଧାରଣ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଖରା ଦିନ ଆରମ୍ଭ ହୋଇଥିବାରୁ ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଉଛି। ଗାଁରେ ଥିବା ନଳକୂଅରୁ ପର୍ଯ୍ୟାପ୍ତ ପାଣି ବାହାରୁ ନ ଥିବାରୁ ପାଣି ଗରାଏ ପାଇଁ ମହିଳାମାନେ ଅପେକ୍ଷା କରିବାକୁ ପଡୁଛି। ତେବେ ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରଶାସନ ରୁଦ୍ଧଦ୍ୱାର ବୈଠକ କରିଛି। ତୁରନ୍ତ ଅଚଳ ନଳକୂପ ଓ ପାନୀୟ ଜଳ ପ୍ରକଳ୍ପକୁ ମରାମତି ପାଇଁ ନିର୍ଦ୍ଦେଶ ଦେଇଛି। ଏହା କେବଳ କାଗଜ ପତ୍ରରେ ସୀମିତ ରହିଛି। ତୁରନ୍ତ ଏହି ଅଚଳ ସୌର ଚାଳିତ ଜଳ ପ୍ରକଳ୍ପକୁ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ସକାଳ THE SAKALA



## ବର୍ଷାପାଣି ଗାତରେ ଦୁର୍ଘଟଣା

**ଝାରସୁଗୁଡ଼ା, ୧୯।୩(ସମିସ):** ବଡ଼େଇମୁଣ୍ଡା ବାଲିଜୁରୀ ରାସ୍ତାରେ ବର୍ଷ ପାଣି ଜମି ରହିଥିବା ଯୋଗୁଁ ମଙ୍ଗଳବାର ଅପରାହ୍ନ ୩ଟା ସମୟରେ ଏହି ରାସ୍ତାରେ ଯାଉଥିବା ଜଣେ ବାଇକ ଆରୋହୀ ଗାତରେ ପଡ଼ି ଯାଇଥିଲେ। ଏହି ସମୟରେ ପଛୁପଟୁ ଏକ ଟ୍ରକ ଆସି ଧକ୍କା ଦେଇଥିଲା। ଏହି ରାସ୍ତାରେ ବିଭିନ୍ନ ଶିଳ୍ପ ସଂସ୍ଥାରେ ଅନେକ ଭାରୀ ଯାନ ଚଳାଚଳ କରୁଥିବାରୁ ରାସ୍ତା ଉପରେ ବଡ଼ବଡ଼ ଗାତ ହୋଇଛି। ଗତକାଲି ରାତିରେ ହୋଇଥିବା ଅଦିନିଆଁ ବର୍ଷା ପାଇଁ ରାସ୍ତା ଉପରେ ହୋଇଥିବା ବଡ଼ବଡ଼ ଗାତରେ ବାଇକ ଆରୋହୀ ଜଣକ ଯାଉଥିବାବେଳେ ଗାତରେ ଖସିପଡ଼ିଥିଲେ। ତେବେ, ଏକ ଟ୍ରକ ଧକ୍କା ଦେଇଥିବାରୁ ବାଇକ ଆରୋହୀ ଜଣ ଅହତ ହୋଇଛନ୍ତି।

## ଟ୍ରେନ୍‌ରେ କଟି ଯୁବକ ମୃତ

**ଝାରସୁଗୁଡ଼ା, ୧୯।୩(ସମିସ):** ଝାରସୁଗୁଡ଼ା ରେଳ ଷ୍ଟେସନ ନିକଟସ୍ଥ ଚୌକିପଡ଼ା ରେଳ ଫାଟକ ନିକଟରେ ଏକ ମାଲଗାଡ଼ି ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଯାଜପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ହସିନପୁର ଗ୍ରାମର ବିକାଶ ଜେନା (୨୯) ବୋଲି ଜଣାପଡ଼ିଛି। ବିକାଶ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବିରାଜ ଷ୍ଟିଲ୍ ରେ ଫିଟର ଭାବରେ କାର୍ଯ୍ୟ କରୁଥିଲେ। ବିକାଶ ଓ ତାଙ୍କ ଭାଇ ସାଙ୍ଗ ହୋଇ ରହୁଥିଲେ। ସକାଳୁ ବିକାଶ ଘର ଯାଜପୁର ଯିବାପାଇଁ ବାହାରିଥିଲେ। ସେ ଯାଜପୁର ଯିବା ବଦଳରେ ଝାରସୁଗୁଡା ରେଳ ଷ୍ଟେସନକୁ ଆସି ଚୌକିପଡ଼ା ରେଳ ଷ୍ଟେସନ ନିକଟ ରେଳ ଧାରଣାରେ ଟ୍ରେନ ସାମ୍ନାକୁ ଡେଇଁ ପଡ଼ିଥିବା ଅଭିଯୋଗ ହୋଇଛି। ଏନେଇ ରେଳବାଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

## ବ୍ଲକ୍ ଗାୟତ୍ରୀ କୃଷକ ସଂଘର ବୈଠକ

**କୋଲାବିରା,୧୯।୩(ସମିସ):** କୋଲାବିରା ବ୍ଲକ ଗାୟତ୍ରୀ କୃଷକ ସଂଘର ଏକ ସାଧାରଣ ବୈଠକ ସଭାପତି ହେମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପାସ୍ ବୁକ ପୁରୁଣା କମିଟି ନାମରେ ଥିବା ବେଳେ ନୂତନ କମିଟିର ସଭାପତି ଓ କୋଷାଧ୍ୟକ୍ଷଙ୍କ ନାମରେ ୭ ଦିନ ମଧ୍ୟରେ ପରିବର୍ତ୍ତନ କରିବା, ସଂଘର ରେଜିଷ୍ଟ୍ରେସନର ନବୀକରଣ, ସଂଘର ଅଡିଟ୍ ୨୦୧୭ରୁ ୨୦୨୩ ମସିହା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କରିବା, ଏଫ୍ଏକ୍ୟୁ କିସମର ଧାନ ବିକ୍ରୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସରକାରଙ୍କ ପକ୍ଷରୁ କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀସମ୍ପଦ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବିଭିନ୍ନ ସହାୟତା ସମ୍ପର୍କରେ ଆଲୋଚନା ହେବା ସହ ପ୍ରସ୍ତାବ ଗୃହୀତ ହୋଇଛି। ସଂଘ ସଂପାଦକ, ଉପସଭାପତି, କୋଷାଧ୍ୟକ୍ଷ ନରେନ୍ଦ୍ର ଭୋଇ, ଝସକେତନ ପ୍ରଧାନ, ତୁଳେଶ୍ୱର ପଟେଲ, ଭିକାରୀ ନାୟକ, ରାଜେଶ ଦାଶ, ବୀରେନ୍ଦ୍ର ମହାପାତ୍ର, ମୁକୁନ୍ଦ ସାହୁ, ହୃଦାନନ୍ଦ ପଟେଲ, ଅଞ୍ଜନ ପଟେଲ, ଶିବନାରାୟଣ ନାଏକ, ଶିବ ନାଏକ, ଚିରଞ୍ଜିଲାଲ ପଟେଲ, ଲକ୍ଷ୍ମଣ ରୋହିଦାସ ପ୍ରମୁଖ ଯୋଗ ଦେଇଥିଲେ।

# ସରିଲା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ତାଲିମ

**ଦେବଗଡ଼,୧୯।୩(ସମିସ)**

ଚଳିତ ସାଧାରଣ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଲିଙ୍ଗ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ତାଲିମ ପ୍ରଦାନ କାର୍ଯ୍ୟକ୍ରମ ମାର୍ଚ୍ଚ ୧୪ରୁ ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହୋଇଯାଇଛି। ଲୋକସଭା ଓ ବିଧାନସଭା ନିର୍ବାଚନ ମତଦାନ ପ୍ରକ୍ରିୟାକୁ ସରଳ ଓ ତ୍ରୁଟିଶୂନ୍ୟ କରିବାକୁ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଦେବଗଡ଼ ମହାବିଦ୍ୟାଳୟର ୮ଟି ହଲ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ୬ ଦିନ ଧରି ଚାଲିଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ୍ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ ମହାନ୍ତ, ରାଜୀବ ଲୋଚନ ନାଏକ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଶିବିରରେ ସମୁଦାୟ ୨୪୭୩ ଜଣଙ୍କୁ ତାଲିମ୍ ପ୍ରଦାନ କରାଯାଇଥିବା ବେଳେ ୪୧୨ ଜଣ ପ୍ରିଜାଡିଙ୍ଗ ଅଧିକାରୀ, ୪୧୩ ପ୍ରଥମ ପୋଲିଂ ଅଧିକାରୀ, ୪୧୨ ଦ୍ୱିତୀୟ ପୋଲିଂ ଅଧିକାରୀ, ୪୧୩ ତୃତୀୟ ପୋଲିଂ ଅଧିକାରୀ, ୪୧୩ ଚତୁର୍ଥ ପୋଲିଂ ଅଧିକାରୀ ଓ ୪୧୦ ଜଣ ପଞ୍ଚମ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପରେ ଦେବଗଡ଼ ମହାବିଦ୍ୟାଳୟ ଅଡିଟୋରିୟମଠାରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନେଇ ଏକ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ତ୍ରୁଟି ଶୂନ୍ୟ ନିର୍ବାଚନ ପରିଚାଳନା ପାଇଁ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ।



## ଗୁରୁତର ଆହତଙ୍କ ଜୀବନ ବଞ୍ଚାଇଲେ ସ୍ୱେଚ୍ଛାସେବୀ

**ଝାରସୁଗୁଡ଼ା, ୧୯।୩(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ନୂଆ ବସଷ୍ଟାଣ୍ଡ ମଝିରେ ଏକ ଗୁରୁତର ଦୁର୍ଘଟଣା ଘଟିଥିଲା। ବାଇକ୍ ଆରୋହୀ ବିମଳ ଚୌଧୁରୀ ନାମକ ବ୍ୟକ୍ତି ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଦୁଇଟି ବାଇକ ଓ ଇନୋଭା ସହ ମୁହାଁମୁହିଁ ଦୁର୍ଘଟଣା ହୋଇଥିଲା। ଆହତ ବ୍ୟକ୍ତି ଓ ବାଇକ୍ ମଝି ରାସ୍ତାରେ ଦୀର୍ଘ ସମୟ ଯାଏ ପଡିଥିବାବେଳେ ଉକ୍ତ ଗୁରୁତର ଆହତ ବ୍ୟକ୍ତିଙ୍କୁ କେହି ଉଠାଉ ନ ଥିଲେ। ବର୍ଷା ସହ ପାଗ ଅତ୍ୟନ୍ତ ଖରାପ ଥିଲା। କୌଣସି ଲୋକ ସେଠାରେ ଅଟକୁ ନ ଥିଲେ। ଆହତ ବ୍ୟକ୍ତି ଜଣକ ଦୀର୍ଘ ସମୟ ଧରି ରାସ୍ତା ମଝିରେ ଛଟପଟ ହେଉଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ସହରର ସ୍ଥାନୀୟ ବ୍ୟକ୍ତି ବିରାଟ ରାଜା ପ୍ରଧାନ ଓ ଜଣେ ବ୍ୟକ୍ତି ଆସି ଆହତଙ୍କୁ ଉଠାଇବା ସହ ତାଙ୍କୁ ଅଟୋ ଯୋଗେ ସ୍ଥାନୀୟ ହସ୍ପିଟାଲ ନେଇଥିଲେ। ରାସ୍ତାରେ ବହୁ ଲୋକ ଯିବାଆସିବା କରୁଥିଲେ ମଧ୍ୟ ଆହତଙ୍କୁ ଉଦ୍ଧାର ନ କରିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି ଯେ ଦୀର୍ଘ ସମୟ ଏପରି ରହିଲେ ରୋଗୀ ଗୁରୁତର ହୋଇଥାନ୍ତି। ପରେ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଏ ବିଷୟରେ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।



## ବରିଷ୍ଠ ନେତା ଓ ସମାଜସେବୀଙ୍କ ବିୟୋଗ; ଜିଲ୍ଲା ବିଜେଡିର ଶ୍ରଦ୍ଧାଞ୍ଜଳି

**ଦେବଗଡ଼, ୧୯।୩(ସମିସ):** ଦେବଗଡ଼ ଜିଲ୍ଲାର ଜଣାଶୁଣା ସମାଜସେବୀ, ରେଙ୍ଗାଲି ନଦୀବନ୍ଧ ବିସ୍ଥାପିତ ଆନ୍ଦୋଳନର ଅନ୍ୟତମ ଅଗ୍ରଣୀ ନେତା ତଥା ବିଜୁ ଜନତା ଦଳର ବର୍ଷିଆନ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ବିୟୋଗରେ ଜିଲ୍ଲା ବିଜେଡି କାର୍ଯ୍ୟାଳୟଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ୧୦୪୫ରେ ଜନ୍ମିତ ସ୍ୱର୍ଗତ ଆଚାର୍ଯ୍ୟ ଛାତ୍ର ଜୀବନରୁ ରାଜନୀତି ସହ ଜଡିତ ରହି ଜନତା ଦଳର ସକ୍ରିୟ ସଦସ୍ୟ ଓ ପରେ ବିଜୁ ଜନତା ଦଳର ଜଣେ ପୁରୁଖା ନେତା ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ। ରାଜନୈତିକ ମଞ୍ଚରେ ଆଚାର୍ଯ୍ୟଙ୍କ କଥା କହିବା ଶୈଳୀ ଯୋଗୁଁ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଶଯ୍ୟାଶାୟୀ ରହିବା ପରେ ଗତକାଲି ସନ୍ଧ୍ୟାରେ ସେ ୭୯ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଭୂତି ଗଙ୍ଗଦେବ, ସତ୍ୟନାରାୟଣ ପାଣି, ଦେବେନ୍ଦ୍ର ବେହେରା, କାମାକ୍ଷା ପ୍ରସାଦ ଗଙ୍ଗଦେବ, ଅମରେନ୍ଦ୍ର ଗଙ୍ଗଦେବ, ଶୁକଦେବ ଭଞ୍ଜ, ବିକାଶ ପ୍ରଧାନ, ପ୍ରତାପ ଦେବ, ଦୀପନ ନାୟକ, ଭବାନୀ ଶଙ୍କର ସାହୁ, ଚନ୍ଦ୍ରଶେଖର ଭୁକ୍ତା, ଅନୀଲ ରଣା, ମନୋଜ ପ୍ରଧାନ,ସମୀର ପ୍ରଧାନ,ଶକୁନ୍ତଳା ପ୍ରଧାନ, ସୁଜାତା ପ୍ରଧାନ, ସଂଯୁକ୍ତା ଆଚାର୍ଯ୍ୟ, ପ୍ରମିଳା ବେହେରା, ଅହିଂସା ନାୟକ, ଯତୀନ ନାୟକଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସ୍ୱର୍ଗତ ଆଚାର୍ଯ୍ୟଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ।




## ସାଇବର ଠକେଇ; କଲେଜ ଛାତ୍ରୀ ହରାଇଲେ ଟଙ୍କା

**ଦେବଗଡ଼, ୧୯।୩(ସମିସ):** ଆଇଫୋନ ଲାଳସାରେ ଜଣେ କଲେଜ ଛାତ୍ରୀ ସାଇବର ଠକେଇର ଶିକାର ହୋଇଥିବା ନେଇ ଦେବଗଡ଼ ଥାନାରେ ଏକ ଅଭିଯୋଗ ହୋଇଛି। ଫ୍ଲିପକାର୍ଡରୁ ୫୦୪୮ ଟଙ୍କାର ସାମଗ୍ରୀ କ୍ରୟ କଲେ ତାଙ୍କୁ ଏକ ଆଇଫୋନ ମାଗଣାରେ ମିଳିବ ବୋଲି ପ୍ରଲୋଭନ ଦେଖାଇ ଠକେଇ ହୋଇଥିବା ନେଇ ଛାତ୍ରୀଙ୍କ ପିତା ଦେବଗଡ ଥାନାରେ ଅଭିଯୋଗ କରିଛନ୍ତି। ଦେବଗଡ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବାବୁ ସାହିର ସରୋଜ ପ୍ରଧାନଙ୍କ ଝିଅ ଚିନ୍ମୟୀ ପାଖକୁ ଫ୍ଲିପକାର୍ଡରୁ ୫ହଜାର୦୪୮ ଟଙ୍କାର ସାମଗ୍ରୀ କ୍ରୟ କଲେ ତାଙ୍କୁ ଏକ ଆଇଫୋନ ମାଗଣାରେ ମିଳିବ ବୋଲି ଫୋନ ଆସିଥିଲା। ଚିନ୍ମୟୀ ପ୍ରଲୋଭିତ ହୋଇ ଗତ ୯ ତାରିଖ ସଂଧ୍ୟାରେ ୫୦୪୮ ଟଙ୍କା ୟୁପିଆଇ ମାଧ୍ୟମରେ ଟଙ୍କା ଦେଇଥିଲେ। ପରେ ପୁଣି ଚିନ୍ମୟୀଙ୍କୁ ଜିଏସଟି ବାବଦକୁ ୧୩ ହଜାର ୯୯୦ ଟଙ୍କା ଦେବା ପାଇଁ ଫୋନ ଆସିଥିଲା। ଚିନ୍ମୟୀ ୟୁପିଆଇ ମାଧ୍ୟମରେ ୧୩ ହଜାର ୯୯୦ ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ସଂପୃକ୍ତ ଦୁର୍ବୃତ୍ତ ଚିନ୍ମୟୀ ଜିଏସଟି ବାବଦକୁ ପ୍ରଦାନ କରିଥିବା ୧୩ ହଜାର ୯୯୦ ଟଙ୍କା ଭୁଲ ଥିବା ନେଇ କହିଥିଲେ। ଚିନ୍ମୟୀ ଭୁଲ ଟଙ୍କା ଫେରସ୍ତ ପାଇଁ କହିବାରୁ ସଂପୃକ୍ତ ଦୁର୍ବୃତ୍ତ ଜଣକ ଏହା ହୋଲଡ ହୋଇଯାଇଛି ସଠିକ ଟଙ୍କା ପଠାଇଲେ ଫେରସ୍ତ ହେବ ବୋଲି ଉତ୍ତର ଦେଇଥିଲେ। ଚିନ୍ମୟୀ ଠକେଇ ହୋଇଥିବା ଜାଣିବା ପରେ ପ୍ରଥମେ ୧୦ ତାରିଖ ସମ୍ବଲପୁର ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଚିନ୍ମୟୀଙ୍କ ବାପା ସାଇବର ଥାନାର ନିର୍ଦ୍ଦେଶାବଳିକୁ ସଂଲଗ୍ନ କରି ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

## ମହିଳାଙ୍କୁ ଦୁଷ୍କର୍ମ ଘଟଣା: ଜେଲ୍‌ଗଲା ଅଭିଯୁକ୍ତ

**ଦେବଗଡ଼, ୧୯।୩(ସମିସ):** ବାରକୋଟ ଥାନାଞ୍ଚଳରେ ପ୍ରେମ ପାଇଁ ନିବେଦନ କରି ବିଫଳ ହୋଇଥିବା ଜଣେ ବ୍ୟକ୍ତି ବଳପୂର୍ବକ ଉକ୍ତ ମହିଳାଙ୍କୁ ଦୁଷ୍କର୍ମ କରିବା ଘଟଣାରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜଣେ ୨୩ ବର୍ଷୀୟା ୩ ସନ୍ତାନର ଜନନୀ ଗ୍ରାମରେ ରହୁଥିବା ବେଳେ ତାଙ୍କ ସ୍ୱାମୀ ରୋଜଗାର ପାଇଁ ବାହାର ଅଞ୍ଚଳରେ ରହନ୍ତି। ସୁଯୋଗରେ ସେହି ଗ୍ରାମର ରସା ମୁଣ୍ଡା ଗତ ଶନିବାର ରାତିରେ ଘର ଝରକା ଡେଇଁ କୋଠରୀରେ ପଶିବା ସହ ମହିଳାଙ୍କୁ ନିଦରୁ ଉଠାଇ ପ୍ରେମ ନିବେଦନ କରିଥିଲା। ଅଭିଯୁକ୍ତ କଥାରେ ମହିଳା ଜଣକ ରାଜି ନହୋଇ ପାଟି କରିବାରୁ ଅଭିଯୁକ୍ତ ରସା ମହିଳାଙ୍କ ପାଟିକୁ ଚାପି ଧରି ବଳ ପୂର୍ବକ ଦୁଷ୍କର୍ମ କରିଥିଲା। ମହିଳା ଜଣକ କୌଶଳ କ୍ରମେ ଖସିଯିବାକୁ ଉଦ୍ୟମ କରିବାରୁ ଅଭିଯୁକ୍ତ ଜୀବନରୁ ମାରିଦେବାର ଧମକ ଦେଇଥିଲା। ପରେ ସ୍ୱାମୀଙ୍କ ପରାମର୍ଶ ଅନୁଯାୟୀ ମଙ୍ଗଳବାର ବାରକୋଟ ଥାନାରେ ଅଭିଯୋଗ କରିବାରୁ ପୁଲିସ ଅଭିଯୁକ୍ତ ରସାକୁ କୋର୍ଟ ଚାଲାଣ କରିଛି।



## ସଫଳତା ପାଇଁ କଠିନ ପରିଶ୍ରମ ଆବଶ୍ୟକ: ଅନୀଲ ଶାସ୍ତ୍ରୀ

**ବରଗଡ଼, ୧୯।୩(ସମିସ):** ଜୀବନରେ ସଫଳତା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ବିଦ୍ୟାବିହାରସ୍ଥିତ ଇମ୍ପେରିୟଲ କଲେଜରେ ଅନୁଷ୍ଠିତ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ସୁପୁତ୍ର ଅନୀଲ ଶାସ୍ତ୍ରୀଜୀ କହିଛନ୍ତି। ଏ ଅବସରରେ ଶ୍ରୀ ଶାସ୍ତ୍ରୀ ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ତାଙ୍କ ପିତା ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନଶୈଳୀ ଏବଂ ଜୀବନରେ ଆମେ ଲକ୍ଷ୍ୟ ହାସଲ କରିବା ପାଇଁ କେଉଁ ବିଜୟ ରଣନୀତି ବନେଇବା ସେହି ବିଷୟରେ ସୁନ୍ଦର ବ୍ୟାଖ୍ୟାନ କରିଥଲେ। ବରଗଡ଼ ସାମ୍ବାଦିକ ସଂଘ, ଲାୟନ୍ସ କ୍ଲବ, ପଞ୍ଚାୟତ କଲେଜ, ସଂକଳ୍ପ ପରିବାର, ରୋଟାରୀ କ୍ଲବ, ସମ୍ବାଦ ସାହିତ୍ୟଘର, କେନ୍ଦ୍ରୀୟ ବିଦ୍ୟାଳୟ, ମାରୱାଡି ଯୁବାମଞ୍ଚ, ସଂସ୍କାର ସ୍କୁଲ, ବରଗଡ଼ ସାଇନ୍ସ କଲେଜ, ଚଢ଼େଇଗାଁ ସରକାରୀ ବିଦ୍ୟାଳୟ, ସିଇଡବି ସଂଘ ଏବଂ ଇଡିଆଇଆଇ ତରଫରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ରୋଟରୀ ସ୍କୁଲ, ସଂସ୍କାର ସ୍କୁଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଲେଜର ଅଧ୍ୟକ୍ଷ ଦୀପକ ଗୋୟଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ହରିପ୍ରିୟା ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଜିଲ୍ଲାପାଳଙ୍କ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ

**ଝାରସୁଗୁଡ଼ା, ୧୯।୩ (ସମିସ):** ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ପୂର୍ବାହ୍ଣ ସମୟରେ ଅଚାନକ କୃଷି ଉଦ୍ୟାନ, ଜିଲ୍ଲା ମତ୍ସ୍ୟ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଝାରସୁଗୁଡା ତହସିଲ, ଯୋଜନା ଓ ପର୍ଯ୍ୟବେକ୍ଷଣ, ଜିଲ୍ଲା କୃଷି କାର୍ଯ୍ୟାଳୟ, ଶିକ୍ଷା କାର୍ଯ୍ୟାଳୟ ଓ ଝାରସୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ଆଦି ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟରେ ସମୟାନୁବର୍ତ୍ତୀ ହେବା, ସୁବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ ପରିଚାଳନା, କାର୍ଯ୍ୟାଳୟର ଶୌଚାଳୟ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସୌନ୍ଦର୍ଯ୍ୟକରଣ ଦିଗରେ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ତାଙ୍କ ପରିଦର୍ଶନ ସମୟରେ ନିର୍ଦ୍ଦେଶ ଦେଇଥିଲେ।



## ଗ୍ରୀଣ୍ଡୋଲାରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ବରପାଲି,୧୯ ।୩ (ସମିସ):** ବରପାଲି ବ୍ଲକ ବରମକେଲା ପଞ୍ଚାୟତ ଗ୍ରୀଣ୍ଡୋଲା ଗ୍ରାମ ବୃଦ୍ଧା ଆଶ୍ରମରେ ପଞ୍ଚାୟତସ୍ତରୀୟ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଯାଇଛି। ମଙ୍ଗଳବାର କଳସ ଶୋଭାଯାତ୍ରା ପରିକ୍ରମା ହୋଇଥିଲା। ଭକ୍ତମଣ୍ଡଳୀ ସିଦ୍ଧେଶ୍ୱର ବାବଙ୍କ ପୂଜାଘାଟ ନିକଟ ଜୀରା ନଦୀରୁ କଳସ ଶୋଭାଯାତ୍ରା ସଙ୍କୀର୍ତ୍ତନ ଦଳଙ୍କ ଗହଣରେ ଗ୍ରାମ ପରିକ୍ରମା ମାଧ୍ୟମରେ ଯଜ୍ଞମଣ୍ଡପରେ ପହଞ୍ଚିଥିଲେ। ପରେ ପୂର୍ଣ୍ଣକୁମ୍ଭ ମାନ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଆସନ୍ତା ୨୧ ତାରିଖ ଯଜ୍ଞର ପୂର୍ଣ୍ଣାହୁତି ପର୍ବ ସମାପନ ହେବ ବୋଲି ଜଣାପଡ଼ିଛି। ପୂଜାକର୍ତ୍ତା ଭାବରେ ଅଶ୍ୱିନୀ ସାହୁ, ପଞ୍ଚାନନ ରାଉତ, ଦେବେନ୍ଦ୍ର ମହାକୁର, ବାଳମୁକୁନ୍ଦ ବାରିକ, ସୁରେନ୍ଦ୍ର ପଟେଲ, ଉମାକାନ୍ତ ବାରିକ, ରମେଶ ମେହେର, ସ୍ୱାହାନ ଭୁଏ, ଲବ ପଟେଲ, ଅନ୍ତର୍ଯ୍ୟାମୀ ଶତପଥୀ, ପରଦେଶ ବାରିକ ପ୍ରମୁଖ ସପତ୍ନୀକ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଗାୟତ୍ରୀ ପରିବାର ସଦସ୍ୟ ନରେନ୍ଦ୍ର ପଟେଲ, ବୈବସ୍ୱତ ପଧାନ, ନୃସିଂହ ପଧାନ, ବିଶ୍ୱାମିତ୍ର ଷାଣ୍ଢ, ବୀରେନ୍ଦ୍ର ଖୁଣ୍ଟିଆ, ରଜତ ପଧାନ, ଉର୍କୁଲୁ ଷାଣ୍ଢ, ପୁଷ୍ପାଞ୍ଜଳି ସେଠ, ଦ୍ୟୁତିକା ସେଠ ଏବଂ ଅଞ୍ଚଳବାସୀ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ମହିଳା କଳସ ଶୋଭାଯାତ୍ରାରେ ଯୋଗଦାନ କରିଥିଲେ।

## ସିଆରସିସିଙ୍କ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ

**ଦେବଗଡ଼, ୧୯।୩(ସମିସ):** ୨୦୨୦ର ଜାତୀୟ ଶିକ୍ଷାନୀତି ଆଧାରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଓସେପା ଓ ସମଗ୍ର ଶିକ୍ଷା ବିଭାଗର ନିର୍ଦ୍ଦେଶରେ ଜିଲ୍ଲାର ତିଲେଇବଣି ବ୍ଲକ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମାଷ୍ଟର ଟ୍ରେନର ଭାବେ ଧନ୍ଦାମୂଳକ ସଂପର୍କିତ ପ୍ରଶିକ୍ଷଣ ନେବା ପାଇଁ ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ଜିଲ୍ଲାରୁ ସେ ଏକମାତ୍ର ମାଷ୍ଟରଟ୍ରେନର ଭାବେ ଭୋପାଳସ୍ଥିତ କେନ୍ଦ୍ରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ୧୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ନେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ରାଜ୍ୟରୁ ୫୦ଜଣଙ୍କୁ ପ୍ରଶିକ୍ଷଣ ନେବା ପାଇଁ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ସିଆରସିସିମାନଙ୍କୁ ଚୟନ କରାଯାଇ ଭୋପାଳସ୍ଥିତ କେନ୍ଦ୍ରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ପଠାଇଯାଇଥିଲା। ଜିଲ୍ଲାର ସମସ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଶ୍ରୀ ଘଡେଇ ପ୍ରଶିକ୍ଷଣ ପ୍ରଦାନ କରିବେ।



## କୁମ୍ଭାରୀ ପୋଷ୍ଟମାଷ୍ଟରଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**ବରପାଲି,୧୯।୩(ସମିସ):** ବରପାଲି ବ୍ଲକ କୁମ୍ଭାରୀ ଡାକଘର ଅଧିକାରୀ ଘନଶ୍ୟାମ ଦେବତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବରଗଡ଼ ଜିଲ୍ଲା ମୁଖ୍ୟ ଡାକଘର ଅଧୀକ୍ଷକ ସୁମିତ ଦାଶଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ବିଦାୟୀ ଡାକମାଷ୍ଟର ଘନଶ୍ୟାମ ଦେବତାଙ୍କ ସମେତ ବରଗଡ଼ ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ ଏସଏନ ପୁରୋହିତ, ବରପାଲି ଡାକ ଅଫିସରେ ଡାକ ମୁଖ୍ୟ ଅଧିକାରୀ ଅଶୋକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଦେବତା ବାବୁଙ୍କ ବିଗତ ୪୫ ବର୍ଷର କାର୍ଯ୍ୟକାଳର ସ୍ମୃତି ବଖାଣିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଡାକ ସେବକ ଓ ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

## ତୋରା ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ

**ବରଗଡ଼, ୧୯।୩(ସମିସ):** ବରଗଡ଼ ସଦର ବ୍ଲକ ତୋରାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିର୍ମାଣାଧୀନ ମନ୍ଦିରର ରତ୍ନମୁଦ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚାରି ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମହାପ୍ରଭୁଙ୍କ ଆଜ୍ଞାମାଳ ଏବଂ ଅଙ୍କୁର ରୋପଣ, ଦ୍ୱିତୀୟ ଦିବସରେ ଭବ୍ୟ କଳସ ଶୋଭାଯାତ୍ରା ସହ ରୁଦ୍ରାଭିଷେକ, ଯଜ୍ଞାରମ୍ଭ, ଗର୍ଭଶୋଧନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିବସରେ ଗୋ-ପୂଜା, ବୃକ୍ଷପୂଜା, ମହାବିଷ୍ଣୁ ଦଶବତାର ସହ ସମସ୍ତ ଦେବାଦେବୀ ପୂଜା ଏବଂ ଉଦଯାପନୀ ଦିବସରେ ପୂର୍ଣ୍ଣାହୁତି ମୁଦ, ଗର୍ଭଉଦକ, କ୍ଷେତ୍ର ତୃପିକରଣ ସହ ରତ୍ନମୁଦ ସମାରୋହ ସମାପନ ହୋଇଥିଲା। ମୁଖ୍ୟଆଚାର୍ଯ୍ୟ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ କାମରାଜ ମହାପାତ୍ର, ପଣ୍ଡିତ ଶୁଭ୍ରାଂଶୁ ଶେଖର ମହାପାତ୍ର, ପଣ୍ଡିତ ସୁରେଶ ପୁରୋହିତ, ପଣ୍ଡିତ ଅମିତ ପଣ୍ଡା, ପଣ୍ଡିତ ବିଦ୍ୟାଧର ପଣ୍ଡା, ପଣ୍ଡିତ ତପନ ପଣ୍ଡା, ପଣ୍ଡିତ ଉମାକାନ୍ତ ଦୀକ୍ଷିତ, ପଣ୍ଡିତ ଶଙ୍କର ମିଶ୍ର, ପଣ୍ଡିତ ବଟକୃଷ୍ଣ ଦାଶ, ପଣ୍ଡିତ ତାରକେଶ୍ୱର ମିଶ୍ର, ପଣ୍ଡିତ ସରୋଜ କୁମାର ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ସୂର୍ଯ୍ୟରଞ୍ଜନ ନାୟକ ଏବଂ ପତ୍ନୀ ହେମପ୍ରଭା ନାୟକ, ଅନନ୍ତ ନାରାୟଣ ଭୋଇ ଏବଂ ନମିତା ଭୋଇ, କେଦାରନାଥ ସାହୁ ଏବଂ ଅଞ୍ଜଳି ସାହୁ, ରାଜୁ ଦାଶ ଏବଂ ଗୀତା ଦାଶ, ବିନୟ ଦାଶ ଏବଂ କାବେରୀ ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏ ଅବସରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, କ୍ରିଷ୍ଣା ବିକାଶ ଗୃପର ଚେୟାରମେନ ଡି ମୁରଳୀକ୍ରିଷ୍ଣା, ଜିଲ୍ଲା ବିଜେପି ସଭାପତି ଅଶ୍ୱିନୀ ଷଡଙ୍ଗୀ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ କିଶୋର ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ମନ୍ଦିର ଟ୍ରଷ୍ଟ ସଭାପତି ସୌଭାଗ୍ୟ ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ପୂଜକ କୁଳମଣି ଦାଶ, ଲୋକନାଥ ପ୍ରଧାନ, ସୁକାନ୍ତ ରାଉତ, ସନ୍ତୋଷ ଭାରତୀ, ବିକାଶ ଦାଶ, ବଳରାମ ପ୍ରଧାନ, ଗଣେଶ ପ୍ରଧାନ, ଭୋଳାନାଥ ସାହୁ ସମେତ ତୋରା ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରତ୍ୟହ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ମନ୍ଦିର ପରିଚାଳନା କମିଟି ତରଫରୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।



### କୁଣ୍ଢେଇଗୋଳା ସରପଞ୍ଚଙ୍କୁ ପିଇଓଙ୍କ ମାଡ଼ ଘଟଣା

# ଥାନାର ଦ୍ୱାରସ୍ଥହେଲା ଜିଲ୍ଲା ସରପଞ୍ଚ ସଙ୍ଘ

**ଦେବଗଡ଼, ୧୯।୩(ସମିସ)**

ରିଆମାଳ ବ୍ଲକ କୁଣ୍ଢେଇଗୋଳା ପଞ୍ଚାୟତରେ ଦୀର୍ଘଦିନ ଧରି ଲାଗିରହିଥିବା ମହିଳା ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୀଳାବତୀ ବେହେରା ଓ ମହିଳା ସରପଞ୍ଚଙ୍କ ଗୀତାଞ୍ଜଳି ପ୍ରଧାନଙ୍କ ବିବାଦ ସନ୍ଧ୍ୟାରେ ଉଗ୍ର ରୂପ ଧାରଣ କରି ମାଡ଼ ମରାମରି ଯାଏଁ ପହଞ୍ଚି ଥାନାରେ ମାମଲା ପହଞ୍ଚିଛି। ଉଭୟ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲିଖିତ ଅଭିଯୋଗ କରିବାରୁ କୁଣ୍ଢେଇଗୋଳା ଥାନା ପୁଲିସ ଦୁଇଟି ଭିନ୍ନଭିନ୍ନ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ମଙ୍ଗଳବାର ଜିଲ୍ଲା ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି ଓ ସମ୍ପାଦକ ପ୍ରକାଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ରିଆମାଳ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର ସରପଞ୍ଚମାନେ କୁଣ୍ଢେଇଗୋଳା ଥାନାରେ ପହଞ୍ଚି ଥାନାଧିକାରୀ ପ୍ରତିଭା ଟପ୍ପୋଙ୍କ ସହ ଆଲୋଚନା କରି ସରପଞ୍ଚ ଗୀତାଞ୍ଜଳିଙ୍କ ବିରୋଧରେ ମାମଲାର ସଠିକ ତଦନ୍ତ କରିବା ସହ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ସମୟରେ କୁଣ୍ଢେଇଗୋଳା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ନିଜ ଭିନ୍ନକ୍ଷମ ପୁଅଙ୍କ ଭତ୍ତା ଟଙ୍କା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଗିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ସହ କଥା କଟାକଟି ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ଘଟଣା ଜାଣି ପାରି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଶଶୁର ସରକାରୀ ବାସଭବନରୁ ଆସି ବୋହୂ ସହ ମିଶି ସରପଞ୍ଚଙ୍କୁ ନିର୍ଧୁମ ପିଟିଥିବା ସରପଞ୍ଚ ଥାନାରେ ଅଭିଯୋଗ କରିଥିବା ବେଳେ ଅନୁରୂପ ଭାବେ ସରପଞ୍ଚ ଗୀତାଞ୍ଜଳି ଓ ତାଙ୍କ ସ୍ୱାମୀ ଶଙ୍କର୍ଷଣ ମିଶି ବାଡ଼ି ସାହାଯ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ମାମଲା ପ୍ରତ୍ୟାହାର ସହ ଉଚିତ କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲ୍ଲା ସରପଞ୍ଚ ସଙ୍ଘ ଆନ୍ଦୋଳନର ଚେତାବନୀ ଦେଇଛି। ଆଲୋଚନା ବେଳେ ଯୁଧିଷ୍ଠିର ପ୍ରଧାନ, କୁବେର ପ୍ରଧାନ, ଦିଲ୍ଲୀପ ଆଚାର୍ଯ୍ୟ, ଦୋଳଗୋବିନ୍ଦ ପ୍ରଧାନ, ନାଜର ବେହେରା, ଫକୀର ମୋହନ ବେହେରା, ବସନ୍ତ କୁମାର, ପପିନା ବିଶ୍ୱାଳ, ବୀଣାପାଣି ନାୟକ, ଗୀତାଞ୍ଜଳି ପ୍ରଧାନଙ୍କ ସମେତ ସମସ୍ତ ୨୬ ପଞ୍ଚାୟତରୁ ସରପଞ୍ଚ ଓ ୱାର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୦୫ • ପାଉଣ୍ଡ ୧୦୫.୫୮
- ୟୁରୋ ୯୦.୧୬ • ୟେନ୍ ୦.୫୫

### ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୦,୩୭୦ (ନୂଆଦିଲ୍ଲୀ)
- ରୁପା : ୭୬,୯୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୨,୦୧୨.୦୦
- ନିଫ୍ଟି ୨୧,୮୧୭.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଏପ୍ରିଲ୍ ପହିଲାରୁ ୮୦୦ ଜରୁରୀ ଔଷଧ ମହଙ୍ଗା

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି)**

ଏପ୍ରିଲ ପହିଲାଠାରୁ ଦେଶରେ ମହଙ୍ଗା ହେବ ଔଷଧ ସାମଗ୍ରୀ। ଏଥିରେ ୮୦୦ ଜରୁରୀ ଔଷଧର ମୂଲ୍ୟରେ ମୂଲ୍ୟ ଘଟିବ। ମୂଲ୍ୟ ବୃଦ୍ଧି ହେବାକୁ ଥିବା ଔଷଧଗୁଡ଼ିକରେ ଯନ୍ତ୍ରଣାଦାୟକ, ଆଣ୍ଟିବାୟୋଟିକ୍ ଏବଂ ସଂକ୍ରମଣ ବିରୋଧୀ ଔଷଧ ଅନ୍ତର୍ଭୁକ୍ତ। ଏକ ରିପୋର୍ଟ ଅନୁଯାୟୀ, ପାଇକାରୀ ମୂଲ୍ୟ ସୂଚୀ (ଡବ୍ଲ୍ୟୁପିଇ)ରେ ପରିବର୍ତ୍ତନ ପରେ ସରକାର ଜାତୀୟ ଜରୁରୀ ଔଷଧ ତାଲିକା (ଏନ୍‌ଏଲ୍‌ଇଏମ୍)ରେ ରହିଥିବା ଔଷଧ ମୂଲ୍ୟରେ ୦.୦୦୫୫ ପ୍ରତିଶତ ବୃଦ୍ଧିକୁ ଅନୁମୋଦନ ଦେବାକୁ ଯାଉଛନ୍ତି। ଗତ କିଛି ଦିନ ହେବ ମୁଦ୍ରାସ୍ଫୀତି ବୃଦ୍ଧି ହେତୁ ଔଷଧ ଦର ବୃଦ୍ଧି କରିବାକୁ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ନିକଟରେ ଦାବି ହେଉଛି।





ଏହାପୂର୍ବରୁ, ୨୦୨୨ ମସିହାରେ ଔଷଧର ମୂଲ୍ୟ ରେକର୍ଡ ୧୨ ପ୍ରତିଶତ ଏବଂ ୧୦ ପ୍ରତିଶତ ବୃଦ୍ଧି କରାଯାଇଥିଲା। ଔଷଧର ମୂଲ୍ୟ ବର୍ଷକୁ ଥରେ ଅନୁମୋଦନ କରାଯାଇଥାଏ। ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ଉପାଦାନଗୁଡ଼ିକର ମୂଲ୍ୟ ୧୫ ରୁ ୧୩୦ ପ୍ରତିଶତକୁ ବୃଦ୍ଧି ପାଇଛି। ପାରାସିଟାମୋଲର ମୂଲ୍ୟ ୧୩୦ ପ୍ରତିଶତ ଏବଂ ଉତ୍ତେଜକ ଔଷଧ ସମାଗ୍ରୀର ମୂଲ୍ୟ ୨୬୨ ପ୍ରତିଶତ ବୃଦ୍ଧି ପାଇଛି। ଏହା ବ୍ୟତୀତ ଅନେକ ଜିନିଷର ମୂଲ୍ୟ ମଧ ଦ୍ୱିଗୁଣିତ ହୋଇଛି | ଏକ ହଜାରରୁ ଅଧିକ ଔଷଧ ଉତ୍ପାଦନକାରୀଙ୍କ ନେତୃତ୍ୱ ନେଉଥିବା ଏକ ଲବି ଗୋଷ୍ଠୀ ମୂଲ୍ୟ ବଦଳାଇବାକୁ ସରକାରଙ୍କଠାରୁ ଅନୁମତି ଲୋଡିଥିଲେ। ସେ କହିଛନ୍ତି ଯେ ଶିଳ୍ପ ଖର୍ଚ୍ଚରେ ପରିବର୍ତ୍ତନ ଆଣୁଛି। ଗତ ଦୁଇଥର ଔଷଧ ମୂଲ୍ୟରେ ଦୁଇ ଅଙ୍କ ବୃଦ୍ଧି କରାଯାଇଥିଲା। ହେଲେ ବର୍ତ୍ତମାନ ମୂଲ୍ୟରେ ସାମାନ୍ୟ ବୃଦ୍ଧି ହେବାକୁ ଯାଉଛି। ଜରୁରୀ ଔଷଧ ସାମଗ୍ରୀ ତାଲିକାରେ, ଏପରି ଔଷଧଗୁଡିକୁ ସାମିଲ କରାଯାଇଛି ଅନ୍ତର୍ଭୁକ୍ତ ଯାହାକି ଅଧିକାଂଶ ଲୋକଙ୍କ ପାଇଁ ଉପଯୋଗୀ। ଏଥିରେ ପାରାସିଟାମୋଲ, ଆଜିଥ୍ରୋମାଇସିନ୍ ଏବଂ ଭିଟାମିନ୍ ଏବଂ ମିନେରାଲ୍ସ ଆଦି ଅନ୍ତର୍ଭୁକ୍ତ।

## ୧୭ ବର୍ଷରେ ପ୍ରଥମ ଥର ସୁଧ ହାର ବଢ଼ାଇଲା ଜାପାନ କେନ୍ଦ୍ରୀୟ ବ୍ୟାଙ୍କ

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ଜାପାନର କେନ୍ଦ୍ରୀୟ ବ୍ୟାଙ୍କ ଗତ ୧୭ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଋଣ ସୁଧ ହାର ବୃଦ୍ଧି କରିଛି। ବ୍ୟାଙ୍କ ଅଫ୍ ଜାପାନ ଏହାର ପ୍ରମୁଖ ସୁଧ ହାରକୁ ୦.୧%ରୁ ୦%-୦.୧%କୁ ବୃଦ୍ଧି କରିଛି। ଦେଶର ମୁଦ୍ରାସ୍ଫୀତିରେ ବୃଦ୍ଧି ପରେ କର୍ମଚାରୀଙ୍କ ବେତନରେ ବୃଦ୍ଧି ଘଟିଥିବାରୁ ବ୍ୟାଙ୍କକୁ ଏପରି ପଦକ୍ଷେପ ଗ୍ରହଣ କରିବାକୁ ପଡିଛି। ୨୦୧୬ରେ ଦେଶର ସ୍ଥିର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ବ୍ୟାଙ୍କ ମୁଖ୍ୟ ସୁଧ ହାରକୁ ଶୂନ୍ୟ ତଳକୁ ହ୍ରାସ କରିଥିଲା। ବ୍ୟାଙ୍କର ଏହି ନିଷ୍ପତ୍ତି ପୂର୍ବରୁ ଜାପାନ ବିଶ୍ୱର ଏକମାତ୍ର ଦେଶ ଥିଲା ଯେଉଁଠାରେ ସୁଧ ହାର ଶୂନ୍ୟ ତଳେ ଥିଲା। କିନ୍ତୁ ଏହାମଧ୍ୟରେ ଜାପାନ ଅର୍ଥନୀତି ଦୃଢ଼ କରିବାର ସଙ୍କେତ ଦେଖାଇବା ଆରମ୍ଭ କରିଛି। ବର୍ଷ ବର୍ଷ ଧରି



ନିମ୍ନ ସ୍ତରରେ ରହିବା ପରେ ଦେଶର ମୁଦ୍ରାସ୍ଫୀତି ଦ୍ରୁତ ଗତିରେ ବୃଦ୍ଧି ପାଇଛିବଏହାଛଠଡା ଦେଶରେ କର୍ମଚାରୀଙ୍କ ବେତନରେ ସ୍ୱାଭାବିକ ଠାରୁ ଅଧିକ ବୃଦ୍ଧି ହୋଇଛି। ମୁଦ୍ରାସ୍ଫୀତି ବୃଦ୍ଧି ମଧ୍ୟରେ ବିଶ୍ୱର ଅନ୍ୟ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କ ଦ୍ରୁତ ଗତିରେ ସୁଧ ହାର ବୃଦ୍ଧି କରିବା ପରେ ଅର୍ଥନୀତି ଅଧିକ ସୁଦୃଢ଼ ହେବ ବୋଲି ଉଭୟ ସଙ୍କେତ ଦେଉଛନ୍ତି।

## ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ନୂଆ ଉତ୍ପାଦର ଉନ୍ମୋଚନ



**ମୁମ୍ବଇ,୧୯।୩(ଏଜେନ୍ସି):** ଉପଭୋକ୍ତା ଦୀର୍ଘସ୍ଥାୟୀ ବ୍ରାଣ୍ଡ ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ନୂଆ ଉତ୍ପାଦର ଉନ୍ମୋଚନ କରାଯାଇଛି ଯାହା କେବଳ ଗ୍ରାହକଙ୍କ ମନ ଏବଂ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିବନାହିଁ ଏହା ସେମାନଙ୍କ ଲକ୍‌ଜ୍ୟୁରୀ ସହ ଦୈନିକ ଚଳଣିରେ ଚମକ ଭରିଦେବ। ଦେଶର ଅଗ୍ରଣୀ ଫାସନ ଡିଜାଇନର ଡୁଓ, ଗୌରୀ ଏବଂ ନୈନିକାଙ୍କ ସହଯୋଗିତାରେ କମ୍ପାନୀ ଏହି ଉତ୍ପାଦ ବଜାରକୁ ଛାଡିଛି। କମ୍ପାନୀ ଲାକ୍‌ମି ଫେସନ୍ ୱିକ୍‌ରେ ଏଲ୍‌ଜିମୁଡ୍‌ଅପ୍ ଟିଏମ୍ ରେଫ୍ରିଜରେଟରର ସର୍ବଶେଷ କଲେକ୍‌ସନ୍ ବଜାରକୁ ଛାଡିଛି। ଏ ସମ୍ପର୍କରେ ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆର ନିର୍ଦ୍ଦେଶକ ହୋମ୍ ଆପ୍ଲାଏନ୍ସ ଆଣ୍ଡ ଏସି ହ୍ୟାଙ୍ଗ୍ ୟଙ୍ଗ୍‌ମିନ୍ କହିଛନ୍ତି ଯେ ଏହି ସର୍ବଶେଷ ଉତ୍ପାଦ ବଜାରକୁ ଛାଡିଆମେ ବେଶ ଆନନ୍ଦିତ। ଲାକ୍‌ମି ଫେସନ୍ ୱିକ୍‌ରେ ଏଲ୍‌ଜିମୁଡ୍‌ଅପ୍ ଟିଏମ୍ ରେଫ୍ରିଜରେଟରର ସର୍ବଶେଷ କଲେକ୍‌ସନ୍ ବଜାରକୁ ଛାଡିବା ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ।

## ଆଇଟି ମନ୍ତ୍ରୀଙ୍କ ସୂଚନା

# ପ୍ରଥମ 'ମେଡ୍-ଇନ୍-ଇଣ୍ଡିଆ' ଚିପ୍ ଡିସେମ୍ବର ସୁଦ୍ଧା

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ଚଳିତବର୍ଷ ଡିସେମ୍ବର ସୁଦ୍ଧା ଭାରତର ପ୍ରଥମ 'ମେଡ୍-ଇନ୍-ଇଣ୍ଡିଆ' ଚିପ୍ ପ୍ରସ୍ତୁତ ହୋଇ ବଜାରକୁ ଆସିଯିବ। ଏକ ଟିଭି କାର୍ଯ୍ୟକ୍ରମରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଭାରତ ଏବେ ଇଲେକ୍ଟ୍ରୋନିକ୍ସର କେନ୍ଦ୍ର ସ୍ଥଳ ପାଲଟିଛି। ବର୍ତ୍ତମାନ ସୁଦ୍ଧା ୧ ବିଲିୟନ ଡଲାର (ପ୍ରାୟ, ୮୨୯୪ କୋଟି) ମୂଲ୍ୟର ଟେଲି ଯୋଗାଯୋଗ ଉପକରଣ ଏଠାରୁ ରପ୍ତାନି ହେଉଛି। ଏହାପୂର୍ବରୁ ସେ କହିଥିଲେ ଯେ ଆସନ୍ତା ୫ ବର୍ଷ ଅର୍ଥାତ୍ ୨୦୨୯ ସୁଦ୍ଧା ଭାରତ ବିଶ୍ୱର ଶ୍ରେଷ୍ଠ -୫ ଚିପ୍ ଇକୋସିଷ୍ଟମର ଏକ ଅଂଶ ହେବ।

ନିକଟରେ ପ୍ରଧାନମନ୍ତ୍ରୀ ଚିପ୍ସ ଫର ଡେଭଲପମେଣ୍ଟ ଇଣ୍ଡିଆ କାର୍ଯ୍ୟକ୍ରମରେ ପ୍ରାୟ ୧.୨୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ତିନୋଟି ସେମିକଣ୍ଡକ୍ଟର ସୁବିଧାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ଭାରତକୁ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ଏକ ବିଶ୍ୱସ୍ତରୀୟ ହବ୍ରେ ପରିଣତ ହେବାରେ ସାହାଯ୍ୟ କରିବ। ସେ କହିଛନ୍ତି, ଆଜି ଆମେ ଇତିହାସ ଲେଖୁଛୁ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଦୃଢ଼ ପଦକ୍ଷେପ ନେଉଛୁ। ଏକବିଂଶ ଶତାବ୍ଦୀ ହେଉଛି ଏକ ଟେକ୍ନୋଲୋଜି ଆଧାରିତ ଶତାବ୍ଦୀ, ଯାହା ଚିପ୍ସ ବିନା କଳ୍ପନା କରାଯାଇପାରିବନାହିଁ। ସମସ୍ତ ତିନୋଟି ସୁବିଧାର ଉତ୍ପାଦନ କାର୍ଯ୍ୟ ୧୦୦ ଦିନ ମଧ୍ୟରେ ଆରମ୍ଭ ହେବ। ଏହାପୂର୍ବରୁ ୨୯ ଫେବୃଆରୀରେ ଚିପ ପ୍ଲାଣ୍ଟ ସ୍ଥାପନ ସମ୍ପର୍କିତ ତିନୋଟି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ ଦେଇଥିଲା। ଏହି ତିନୋଟି ପ୍ଲାଣ୍ଟକୁ ଭାରତର ସେମିକଣ୍ଡକ୍ଟର ଏବଂ







ପ୍ରଦର୍ଶନ ଉତ୍ପାଦନ ଇକୋସିଷ୍ଟମର ବିକାଶ' ଅଧୀନରେ ଅନୁମୋଦନ କରାଯାଇଥିଲା। ଟାଟା ଗ୍ରୁପ୍ ମିଳିତ ଉଦ୍ୟମରେ ଗୁଜୁରାଟ ଏବଂ ଆସାମରେ ପ୍ଲାଣ୍ଟ ସ୍ଥାପନ କରିବ। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଟାଟାର ମିଳିତ ଉଦ୍ୟମରେ ଦେଶର ପ୍ରଥମ ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ୍ ପ୍ଲାଣ୍ଟର ନିର୍ମାଣ କରାଯିବ। ଧୋଲେରାରେ ମାଇକ୍ରୋନ୍ ସେମିକଣ୍ଡକ୍ଟର ପ୍ଲାଣ୍ଟ ପରେ ଏଠାରେ ଏକ ଫ୍ୟାବ୍ରିକେସନ୍ ପ୍ଲାଣ୍ଟ ନିର୍ମାଣ କରିବ। ଆମେରିକୀୟ ଚିପ୍ କମ୍ପାନୀ ମାଇକ୍ରୋନ୍ ୨୨୫୧୬ କୋଟି ଟଙ୍କା ବ୍ୟୟରେ ଧୋଲେରାରେ ଏକ ଚିପ୍ ଆସେମ୍ବଲି ପ୍ଲାଣ୍ଟ ନିର୍ମାଣ କରୁଛି। ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ତାଇୱାନର ପାୱାର ଚିପ ସେମିକଣ୍ଡକ୍ଟର ଉତ୍ପାଦନ ନିଗମ (ପିଏସ୍‌ଏମ୍‌ସି)ର ମିଳିତ ଉଦ୍ୟମରେ ଗୁଜୁରାଟର ଗେଲେରାରେ ୯୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ଚିପ ଫ୍ୟାବ୍ରିକେସନ୍ ପ୍ଲାଣ୍ଟ ନିର୍ମାଣ ହେବ। ତାଇୱାନରେ ପିଏସ୍‌ଏମ୍‌ସି ର ୬ ଟି ଚିପ୍ ଫାଉଣ୍ଡ୍ରି ଅଛି | ଯେତେବେଳେ ଗୁଜୁରାଟରେ ଏହି କାରଖାନା ନିର୍ମାଣ ହେବ, ସେତେବେଳେ ଏହା ପ୍ରତି ମାସରେ ୫୦ ହଜାର ୱାଫର୍ ପ୍ରସ୍ତୁତି କରିବାର କ୍ଷମତା ହାସଲ କରିବ। ଏହା ମଧ ପିଏସ୍‌ଏମ୍‌ସିରଦେଶରେ ପ୍ରଥମ ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ୍ ପ୍ଲାଣ୍ଟ। ଏହା ବ୍ୟତୀତ ଟାଟା ଗ୍ରୁପର ଟାଟା ସେମିକଣ୍ଡକ୍ଟର ଆସେମ୍ବ୍ଲି ଏବଂ ଟେଷ୍ଟ ପ୍ରାଇଭେଟ ଲିମିଟେଡ୍ (ଟିଏସ୍‌ଏଟି) ୨୭ ହଜାର କୋଟି ଟଙ୍କା ବିନିଯୋଗରେ ଆସାମର ମୋରିଗାଓଁରେ ଏକ କାରଖାନା ନିର୍ମାଣ କରିବ। ଏଥିରେ ପ୍ରତିଦିନ ୪.୮ କୋଟି ଚିପ୍ସ ତିଆରି କରିବାର କ୍ଷମତା ରହିବ

# ଧରାଶାୟୀ ହେଉଛି ଘରୋଇ ପୁଞ୍ଜିବଜାର

## ଆଜି ବି ସେନ୍‌ସେକ୍ସ ୭୦୦ରୁ ଅଧିକ ପଏଣ୍ଟ ଖସିଲା

**ମୁମ୍ବଇ,୧୯।୩(ଏଜେନ୍ସି):** ଘରୋଇ ପୁଞ୍ଜିବଜାର ଉପରୁ କଳା ବାଦଲ ହଟିବାର ନାମ ଧରୁନାହିଁ। କ୍ରମାଗତ ଭାବେ ସପ୍ତାହ ଆରମ୍ଭଠାରୁ ଦୁଇ ଦିନ ଧରି ଷ୍ଟକ୍ କାରବାର ନିମ୍ନଗାମୀ ରହିଛି। ଆଜି ମଙ୍ଗଳବାର ଘରୋଇ ଷ୍ଟକ୍ ବଜାରକୁ ଲାଗିଛି ଆଉ ଏକ ବଡ଼ ଝଟ୍‌କା। ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୭୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଛି। ବଜାରରେ ଦେଖିବାକୁ ମିଳିଥିବା ଏହି ହ୍ରାସ ଯୋଗୁ ଦିନ ଯାକର କାରବାରରେ ନିବେଶକଙ୍କର ପ୍ରାୟ ଲକ୍ଷାଧିକ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ଏହାର ପ୍ରଭାବରେ ଷ୍ଟକ୍ କାରବାର ୫ ସପ୍ତାହର ସର୍ବନିମ୍ନ ସ୍ତରକୁ ଖସିଯାଇଛି।

ମଙ୍ଗଳବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୭୩୬ ପଏଣ୍ଟ ହ୍ରାସ ଘଟି୭୨୦୧୨ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ



ନିଫ୍ଟିରେ ୨୩୮ ପଏଣ୍ଟ ହ୍ରାସ ଘଟି ୨୧,୮୧୭ ପଏଣ୍ଟରେ କାରବାର ବନ୍ଦ ହୋଇଛି। ଆଜିର କାରବାରରେ ଆଇଟି କମ୍ପାନେଗୁଡିକର ଶେୟାର ମୂଲ୍ୟରେ ସର୍ବାଧିକ ହ୍ରାସ ଘଟିଥିଲା। ଟିସିଏସ୍‌ଠାରୁ ଆରମ୍ଭ କରି ଏଚ୍‌ସିଏଲ୍ ଟେକ୍, ୱିପ୍ରୋ ଏବଂ ଏମ୍ଫାସିସ୍ ଭଳି କମ୍ପାନୀର ଶେୟାର ମୂଲ୍ୟରେ ବୃହତ୍ ହ୍ରାସ ଘଟିବା ଯୋଗୁ ଘରୋଇ ଇକ୍ୟୁଟି ବେଞ୍ଚମାର୍କ ସୂଚକାଙ୍କ ସେନସେକ୍ସ ଏବଂ ନିଫ୍ଟି ଧରାଶାୟୀ ହୋଇଛି। ଆମେରିକୀୟ କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭ ଦ୍ୱାରା ସୁଧହାରରେ ବୃଦ୍ଧି ଆଶଙ୍କା କରି ନିବେଶକମାନେ ଆଜି ବଜାର କାରବାରରେ ସତର୍କତା ଅବଲମ୍ବନ କରିଥିଲେ। ଏଥିଯୋଗୁ ଦିନ ଯାକ ମଧ୍ୟରେ ବିଏସ୍‌ଇ ସୂଚୀବଦ୍ଧ କମ୍ପାନୀଗୁଡିକର ବଜାର ପୁଞ୍ଜି ୩୭୪ ଟ୍ରିଲିୟନ୍ ଟଙ୍କାକୁ ହ୍ରାସ ଘଟିଥିଲା।

## ସାମସଙ୍ଗ ଗାଲାକ୍ସି ୫ଜି ଏ୫୫ ଏବଂ ଗାଲାକ୍ସି ଏ୩୫ ବଜାରରେ

**ଭୁବନେଶ୍ୱର,୧୯।୩(ସମିସ):** ସାମସଙ୍ଗ ପକ୍ଷରୁ ମଙ୍ଗଳବାର ୫ଜି ଗାଲାକ୍ସି ଏ୫୫ ଏବଂ ଏ୩୫ର ଉନ୍ମୋଚନ କରାଯାଇଛି। ସାମସଙ୍ଗର ଏହି ନୂତନ ଏ ଶୃଙ୍ଖଳ ଫୋନ୍‌ରେ ଅନେକ ଗୁଡ଼ିଏ ଫ୍ଲାଗ୍‌ଶିପ୍ ବିଶେଷତ୍ୱ ରହିଛି ସେଗୁଡ଼ିକ ହେଉଛି ଗରିଲା ଗ୍ଲାସ ଭିକଟସ୍‌ଯୁକ୍ତ ସୁରକ୍ଷା, ଏଆଇ ଦ୍ୱାରା କ୍ୟାମେରା ବିଶେଷତ୍ୱ ବୃଦ୍ଧି, ଏକ ଗୋଳମାଳିଆ ନିରୋଧକ ସୁରକ୍ଷାର ସମାଧାନ, ସାମସଙ୍ଗ କ୍ନକ୍ସ ଭଲ୍ଟ ସହ ଅନ୍ୟାନ୍ୟ ସବୁଧା ରହିଛି। ଭାରତରେ ଗତ ୨ବର୍ଷରେ ଗାଲାକ୍ସି ଏ ଶୃଙ୍ଖଳ ସ୍ମାର୍ଟଫୋନ ମଧ୍ୟରେ ସବୁଠାରୁ ଅଧିକ ବିକ୍ରୟ ହୋଇଥିବାବେଳେ ଏହା ଭାରତରେ ରହିଥିବା ଏମ୍‌ଜେଡ୍ ଗ୍ରାହକଙ୍କ ମଧ୍ୟରେ ସବୁଠାରୁ ଅଧିକ ଲୋକପ୍ରିୟ ଭାବରେ ନିଜକୁ ପ୍ରଦର୍ଶିତ କରିପାରିଛି। ୫ଜିର ଗାଲାକ୍ସି ଏ୫୫ ଏବଂ ଗାଲାକ୍ସି ଏ୩୫ର ଶୁଭାରମ୍ଭ ଆମକୁ ପୁଣି ଥରେ ଆମର ଫ୍ଲାଗସିପ୍ - ଅଭିନବୀକରଣର ଜାଗ୍ରତାର ପ୍ରତିଶ୍ରୁତିବଦ୍ଧତାକୁ ଦୃଢ଼ ମଜବୁତ୍ କରିପାରିଛି। ଗାଲାକ୍ସି ଏ୫୫ ଏବଂ ଗାଲାକ୍ସି ଏ୩୫ ଆମକୁ ୫ଜି ସ୍ମାର୍ଟଫୋନ ବିଭାଗରେ ତଥା ଏକ ଦ୍ରୁତଗାମୀ ବୃଦ୍ଧିପ୍ରାପ୍ତ ମିଡ୍-ପ୍ରିମିୟମ (୩୦,୦୦୦ରୁ





୫୦,୦୦୦ ଟଙ୍କା) ବିଭାଗରେ ଦେଶରେ ଆମର ନେତୃତ୍ୱକୁ ଆହୁରି ଦୃଢ଼ କରିବାରେ ସାହାଯ୍ୟ କରି ବୋଲି ସାମସଙ୍ଗ ଇଣ୍ଡିଆର ନିର୍ଦ୍ଦେଶକ(ଏମଏକ୍ସ ବିଜିନେସ୍) ରିଷି କୁଲଶ୍ରେଷ୍ଠ କହିଛନ୍ତି। ପ୍ରଥମ ଥର ପାଇଁ ଗ୍ରାହକ ଗାଲାକ୍ସି ଏ୫୫କୁ ଏକ ଧାତବ ଫ୍ରେମରେ ପାଇପାରିବେ। ଗାଲାକ୍ସି ୫ଜି ଏ୫୫ ( ୮ଜିବି+୧୨୮ଜିବି) ୩୬,୯୯୯ ଟଙ୍କା, ଗାଲାକ୍ସି ୫ଜି ଏ୫୫ ( ୮ଜିବି+୨୫୬ଜିବି) ୩୯,୯୯୯ ଟଙ୍କା ଏବଂ ଏହାର ୧୨ଜିବି+୨୫୬ ଜିବିର ମୂଲ୍ୟ ୪୨,୯୯୯ ଟଙ୍କା ରହିଛି। ସେହିପରି ଗାଲାକ୍ସି ୫ଜି ଏ୩୫ ( ୮ଜିବି+୧୨୮ଜିବି) ୨୭,୯୯୯ ଟଙ୍କା ଏବଂ ଏହାର ୮ଜିବି+୨୫୬ଜିବି ଫୋନ୍‌ର ମୂଲ୍ୟ ୩୦,୯୯୯ ଟଙ୍କା ରଖାଯାଇଛି। ବିକଳ୍ପ ଭାବରେ ଜଣେ ଗ୍ରାହକ ମାସିକ ୧୭୯୨ ଟଙ୍କାର କିସ୍ତିରେ ଏକ ଗାଲାକ୍ସି ଏ୫୫ ୫ଜି ତଥା ୧୬୨୩ ଟଙ୍କାର କିସ୍ତିରେ ଏକ ଗାଲାକ୍ସି ଏ୩୫ ୫ଜି ଉପକରଣର ସୁବିଧା ସାମସଙ୍ଗ ଫାଇନାନ୍ସଯୁକ୍ତ ତଥା ସମସ୍ତ ଅଗ୍ରଣୀ ଏନବିଏଫସି ଭାଗିଦାରୀମାନଙ୍କ ଠାରୁ ପାଇପାରିବେ।

### ■ ଉତ୍ପାଦନ ହେବ ୫୦୦ରୁ ଉର୍ଦ୍ଧ୍ୱ ଇଲେକ୍ଟ୍ରିକ୍ ବସ୍

## ଜେବିଏମ୍ ଅଟୋ ସହ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଭାଗିଦାରୀ

**ଭୁବନେଶ୍ୱର,୧୯।୩(ସମିସ):** ଭାରତରେ ଇକୋ-ମୋବିଲିଟି ବିପ୍ଳବର ପୁରୋଧା ଭାବେ ଭାରତର ସର୍ବବୃହତ୍ ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ୫୦୦ରୁ ଉର୍ଦ୍ଧ୍ୱ ଶକ୍ତି ଦକ୍ଷ ଷ୍ଟେନ୍‌ଲେସ୍ ଷ୍ଟିଲ ବିଦ୍ୟୁତ ଚାଳିତ ବସ୍ ଉତ୍ପାଦନ ପାଇଁ ଜେବିଏମ୍ ଅଟୋ, ଦେଶର ସର୍ବବୃହତ୍ ବିଦ୍ୟୁତ ଚାଳିତ ବସ୍ ନିର୍ମାତାଙ୍କ ସହ ସହଭାଗିତା ସ୍ଥାପନ କରିଛି। ଜେବିଏମ୍ ଅଟୋକୁ ଜେଏସ୍‌ଏଲ୍ ଜେଟି ଟ୍ୟୁବ୍ ଯୋଗାଇବ, ଯାହାକି ନିମ୍ନ-ଅଙ୍ଗାରକ,କ୍ରୋମିୟମ ମାଙ୍ଗାନିଜ୍ ଅଷ୍ଟେନିଟିକ୍ ଷ୍ଟେନଲେସ ଷ୍ଟିଲ ଦ୍ୱାରା ନିର୍ମିତ। ଏହି ମ୍ୟାଟେରିଆଲ୍ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ସ୍ପେସିଫିକେସନ୍, ୬୯୧୧ ଅନୁସାରେ ଏନ୍‌୭ ଭାବେ ଜଣା, ବସ୍ ନିର୍ମାଣରେ ବର୍ତ୍ତମାନ ବ୍ୟବହୃତ କାର୍ବନ ଷ୍ଟିଲ ମ୍ୟାଟେରିଆଲ ତୁଳନାରେ ତିନି ଗୁଣ ଅଧିକ ଶକ୍ତ। ୫୦୦ରୁ ଉର୍ଦ୍ଧ୍ୱ ଇଲେକ୍ଟ୍ରିକ ବସ୍ ନିର୍ମାଣ ପାଇଁ ଅର୍ଡର ନେଇଥିବା ଜେବିଏମ୍ ଅଟୋ ପୂର୍ବରୁ ବ୍ୟବହୃତ କାର୍ବନ ଷ୍ଟିଲରୁ



ବର୍ତ୍ତମାନ ଷ୍ଟେନଲେସ ଷ୍ଟିଲ ବ୍ୟବହାର ଦିଗରେ ଅଗ୍ରସର ହେଉଛି। ଏହି ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଭାରତରେ ସଷ୍ଟେନେବଲ ମୋବିଲିଟିର ଭବିଷ୍ୟତକୁ ସାକାର କରିବାରେ ଭାଗିଦାରୀ ହୋଇପାରିଥିବାରୁ ଆମେ ଆନନ୍ଦିତ। କମ ଓଜନର ଯାନବାହନ ଶକ୍ତି ବ୍ୟବହାରକୁ ଉନ୍ନତ କରିବା ସହ ପରିବହନ କ୍ଷେତ୍ରରେ ଅଙ୍ଗାରକର ମାତ୍ରା ହ୍ରାସ କରିଥାଏ। ଷ୍ଟେନଲେସ ଷ୍ଟିଲର କ୍ଷୟ-ପ୍ରତିରୋଧୀ କ୍ଷମତା ନିୟମିତ ମରାମତି ଓ ରକ୍ଷଣାବେକ୍ଷଣର ଆବଶ୍ୟକତା ଏବଂ ଖର୍ଚ୍ଚକୁ କମାଇବା ସହ ସବୁଠାରୁ ସୁଲଭ ସମାଧାନ ଭାବେ ପ୍ରମାଣିତ। ଜେବିଏମ୍ ଅଟୋ ସହ ଆମର ଭାଗିଦାରୀ ଦ୍ୱାରା ଆମେ ଗଣ ପରିବହନର ସବୁଜ ମାଧ୍ୟମଗୁଡିକର ବିକାଶରେ ଯୋଗଦାନ କରିବୁ।

### କାନାଡା ପାଇଁ ଭାରି ପଡିଲା ଭାରତ ସହ ବିବାଦ

# ଗୋଟିଏ ମାସରେ ୮୦୦ କମ୍ପାନୀ ଦେବାଳିଆ

**ଟରଣ୍ଟୋ,୧୯।୩(ଏଜେନ୍ସି)**

ସମ୍ପ୍ରତି ବିଶ୍ୱର ବହୁ ରଶଷ୍ଟ୍ରରେ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ ଅନୁଭୂତ ହେବାରେ ଲାଗିଛି। ଯଦିବା ବ୍ରିଟେନ ମାନ୍ଦାବସ୍ଥାର କବଳକୁ ଆସିଯାଇଛି, କିନ୍ତୁ ଜାପାନ ଏଭଳି ସ୍ଥିତିଠାରୁ ଅଳ୍ପ ଦୂରରେ ରହିଛି। ହେଲେ ଏବେ କାନାଡ଼ା ଉପରେ ଆର୍ଥିକ ମାନ୍ଦାବସ୍ଥାର ସଙ୍କଟ ଦୃଘୋଟି ଆସିବାରେ ଲାଗିଛି। ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ଭାରତ ସହିତ ବିବାଦ ଆରମ୍ଭ କରିବା ପରେ କାନାଡାର ସ୍ଥିତି ବିଗିଡ଼ିବାରେ ଲାଗିଛି। ସେଠାରେ ବର୍ତ୍ତମାନ ପରିଓ୍ୱତଇତି ଏଭଳି ଯେ, ଚଳିତବର୍ଷ ଜାନୁୟାରୀରେ ଦେଶର ୮୦୦ କମ୍ପାନୀ ନିଜକୁ ଦେବାଳିଆ ଘୋଷଣା କରିଛନ୍ତି। ଏହା ପୂର୍ବରୁ ୨୦୨୩ରେ ଦେଶରେ ଦେବାଳିଆ ହୋଇଥିବା କମ୍ପାନୀଙ୍କ ସଂଖ୍ୟାରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଥିଲା। ସମ୍ପ୍ରତି ନିଜକୁ ଦେବାଳିଆ ଘୋଷଣା କରିବାକୁ ଆବେଦନ





କରୁଥିବା କମ୍ପାନୀଙ୍କ ସଂଖ୍ୟା ଗତ ୧୩ ବର୍ଷ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। କରୋନା ମହାମାରୀ ସମୟରେ ଦେଶର କମ୍ପାନୀଗୁଡ଼ିକୁ ୪୫,୦୦୦ ଡଲାରର ସୁଧମୁକ୍ତ ଋଣ ପ୍ରଦାନ କରାଯାଇଥିଲା। ତେବେ ଋଣ ପରିଶୋଧ କରିବାର ଅନ୍ତିମ ସମୟ ୨୦୨୪ ଜାନୁୟାରୀରେ ଶେଷ ହୋଇଯାଇଛି। କାନାଡ଼ାର ମୋଟ ଘରୋଇ ଉତ୍ପାଦ (ଜିଡ଼ିପି)ରେ ଛୋଟ କମ୍ପାନୀଗୁଡିକର ଯୋଗଦାନ ୩୩ ପ୍ରତିଶତ ରହିଛି।

ଦେଶରେ କମ୍ପାନୀଗୁଡିକ ନିଜକୁ ଦେବାଳିଆ ଘୋଷଣା ନେଇ କରିଥିବା ଆବେଦନ ସଂଖ୍ୟା ବଢୁଥିବାରୁ କାନାଡ଼ା ଏବେ ଆର୍ଥିକ ମାନ୍ଦାବସ୍ଥା ମୁହାଁ ହୋଇଥିବା କୁହାଯାଉଛି। ସରକାରୀ ରିପୋର୍ଟ ଅନୁସାରେ ଦେଶର ଆର୍ଥିକ ସ୍ଥିତି ସୁଦୃଢ଼ ରହିଛି। ତେବେ ଛୋଟ କମ୍ପାନୀ ଏବଂ ଉପଭୋକ୍ତାମାନଙ୍କୁ ସଂଘର୍ଷ କରିବାକୁ ପଡୁଛି। ୨୦୨୪ ଡିସେମ୍ବରରେ ଦେଶର ଅର୍ଥନୀତି ୦.୩ ପ୍ରତିଶତ ବୃଦ୍ଧି ପାଇବାର ଆକଳନ କରାଯାଉଛି।

### ମାନ୍ଦାବସ୍ଥା ଆଡକୁ ମୁହାଁଉଛି ଦେଶ

ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ୨୦୨୩ରେ ଭାରତ ସହିତ ବିବାଦ ଆରମ୍ଭ କରିଥିଲେ। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜରଙ୍କ ହତ୍ୟାରେ ଭାରତର ହାତ ଥିବା ସେ ଅଭିଯୋଗ କରିଥିଲେ। ଏହାପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଉଭୟ ଦେଶ ସେମାନଙ୍କର କୂଟନୀତିଜ୍ଞଙ୍କୁ ଦେଶରୁ ବାହାର କରିଦେଇଥିଲେ। ଦୁଇ ଦେଶ ମଧ୍ୟରେ ବିବାଦ ୨୦୨୩ ସେପ୍ଟେମ୍ବରରେ ଦିଲ୍ଲୀରେ ହୋଇଥିବା ଜି-୨୦ ଶିଖର ସମ୍ମିଳନୀ ସମୟରେ ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜଷ୍ଟିନ ଟ୍ରୁଡୋଙ୍କ ମଧ୍ୟରେ ବୈଠକ ହୋଇଥିଲା। ମୋଦୀ ତାଙ୍କୁ କାନାଡ଼ାରେ ଖଲିସ୍ତାନୀ ଗତିବିଧି ରୋକିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ତେବେ ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ଭାରତ କାନାଡ଼ାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଥିଲେ। ହରଦୀପ ସିଂ କାନାଡ଼ାର ନାଗରିକ ଥିଲେ ଏବଂ ତାଙ୍କୁ ଭାରତ ହତ୍ୟା କରିଥିବା ସେ କହିଥିଲେ। ସମ୍ପ୍ରତି ବିଶ୍ୱର ୮ ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ମାନ୍ଦାବସ୍ଥାର ଶିକାର ହୋଇଥିବା ରାଷ୍ଟ୍ରଗୁଡିକ ମଧ୍ୟରେ ବ୍ରିଟେନ୍, ଡେନମାର୍କ, ଇଷ୍ଟୋନିଆ, ଫିନଲ୍ୟାଣ୍ଡ, ଲୁକ୍ସେମବର୍ଗ, ମାଲଡୋଭା, ପେରୁ ଏବଂ ଆର୍ୟାଲ୍ୟାଣ୍ଡ ଆଦି ରହିଛନ୍ତି।

## ଟି-୨୦ ବିଶ୍ୱକପ୍ ଖେଳାଳି ଚୟନ

# ହାର୍ଦ୍ଦିକ ପାଣ୍ଡ୍ୟା, ଋଷଭ ପନ୍ତ୍‌ଙ୍କ ଉପରେ ନଜର

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି)**





ଚଳିତବର୍ଷ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଖେଳାଯିବ ଟି-୨୦ ବିଶ୍ୱକପ୍। ଏହା ପୂର୍ବରୁ ଭାରତର ଆଉ କୌଣସି ଟି-୨୦ ମ୍ୟାଚ୍ ଖେଳିବାର ସୁଯୋଗ ନାହିଁ। ଏବେ ଦଳରେ ନିୟମିତ ଖେଳାଳିଙ୍କ ସଂଖ୍ୟା କମିବାରେ ଲାଗି। କେତେବେଳେ ଆହତ ସମସ୍ୟା ତ ଆଉ କେତେବେଳେ ଫର୍ମ ଓ ଆଉ କେତେବେଳେ ଉଦୀୟମାନ ଖେଳାଳିଙ୍କ ଆବିର୍ଭାବ ଫଳରେ ଦଳରେ ନିୟମିତ ଖେଳାଳି ପରିବର୍ତ୍ତନ କରାଯାଉଛି। ଏବେ ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତର ଆଉ କୌଣସି ମ୍ୟାଚ୍ ଖେଳିବାର ନାହିଁ। ଏଣୁ ଚୟନକର୍ତ୍ତାମାନେ ମାର୍ଚ୍ଚ ୨୨ରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଦର୍ଶନକୁ ଭିତ୍ତି କରି ଖେଳାଳି ଚୟନ କରିବେ। ଚଳିତ ଆଇପିଏଲ୍‌ର ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ଖେଳାଳି ଚୟନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ପ୍ରଥମାର୍ଦ୍ଧରେ ଚୟନକର୍ତ୍ତାମାନେ କିଛି ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିଛନ୍ତି। ସେମାନଙ୍କ ମଧ୍ୟରେ ଦୁଇଜଣ ଆଇପିଏଲ୍ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶ୍ରେୟସ ଆୟର, ଦୁଇ ଜଣ ୱିକେଟରକ୍ଷକ ଋଷଭ ପନ୍ତ୍ ଓ ଇଶାନ କିଶାନ ଏବଂ ଦୁଇ ଜଣ ଭେଟେରାନ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି। ରୋହିତ ଶର୍ମା ଆସନ୍ତା ଟି-୨୦ ବିଶ୍ୱକପ୍‌ରେ ଦଳର ନେତୃତ୍ୱ ନେବେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ଘୋଷଣା କରିଛନ୍ତି। କିନ୍ତୁ ବିରାଟ କୋହଲିଙ୍କ ଉପରେ ସେପରି କିଛି କରାଯାଇ ନାହିଁ। କୋହଲି ମଧ୍ୟ ଗତ କିଛି ଦିନ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳି ନାହାନ୍ତି। ଏବେ ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କ୍ୟାମ୍ପରେ ଯୋଗଦେଇ ଅଭ୍ୟାସ କରୁଛନ୍ତି। ଚୟନକର୍ତ୍ତାମାନେ କୋହଲିଙ୍କ ଫର୍ମ ଓ ଷ୍ଟ୍ରାଇକ୍‌ରେଟ୍ ଉପରେ ସନ୍ତୁଷ୍ଟ ନୁହଁନ୍ତି। ଏଣୁ ପ୍ରଥମାର୍ଦ୍ଧରେ ଏହି ଖେଳାଳିମାନେ ନଜରରେ ରହିବେ।

ସବୁଠାରୁ ଅଡୁଆ ପରିସ୍ଥିତିରେ ଅଛନ୍ତି ଦୁଇ ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ୱିକେଟରକ୍ଷକ ଋଷଭ ପନ୍ତ୍। ରୋହିତ ଶର୍ମାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱରୁ ହଟାଯାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦିଆଯାଇଛି। ଏଠାରେ ପାଣ୍ଡ୍ୟାଙ୍କ ଆଗରେ ବଡ଼ ଆହ୍ୱାନ ରହିଛି। ତାଙ୍କ ନିଯୁକ୍ତିରେ ସଫଳ ଆଇପିଏଲ୍ ଟିମ୍ ମୁମ୍ବାଇ ଇଣ୍ଡିଆନ୍ସର ସମର୍ଥକ କ୍ଷୁବ୍ଧ। ପାଣ୍ଡ୍ୟା ଏହାକୁ କିପରି ମୁକାବିଲା କରିବେ ତାହା ଉପରେ ତାଙ୍କର ଭବିଷ୍ୟତ ନିର୍ଭର କରୁଛି। ଦିନିକିଆ ବିଶ୍ୱକପ୍‌ରେ ଆହତ ହେବା ପରେ ସେ ଆଉ କୌଣସି କ୍ରିକେଟ ଖେଳିନାହାନ୍ତି। ଏଭଳି ସ୍ଥିତିରେ ସେ ଆଇପିଏଲ୍‌ରେ ବୋଲିଂ କରିବେ ବୋଲି କହିଛନ୍ତି। ପ୍ରଥମେ ଫିଟ୍, ଦ୍ୱିତୀୟରେ ଫର୍ମ ଓ ତୃତୀୟରେ କଠିନ ପରିଶ୍ରମକୁ ପାଣ୍ଡ୍ୟା କିପରି ମୁକାବିଲା କରିବେ ତାହା ଦେଖିବାକୁ ବାକି ରହିଛି। ସେହିପରି ଆଶ୍ଚର୍ଯ୍ୟ ଖେଳାଳି ହେଉଛନ୍ତି ଋଷଭ ପନ୍ତ୍। ଜଣେ ଦକ୍ଷ ୱିକେଟରକ୍ଷକ ଓ ବ୍ୟାଟର ଭାବେ ସେ ପ୍ରତିଷ୍ଠିତ ହୋଇପାରିଥିଲେ। କିନ୍ତୁ ଏକ ଦୁର୍ଘଟଣା ଗତିପଥ ବଦଳାଇଦେବା ପରେ ଏବେ ସେ ଖେଳିବାକୁ ଫିଟ୍ ଘୋଷିତ ହୋଇଛନ୍ତି। ତାଙ୍କ ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ୍। ସେ କିପରି ଖେଳିବେ, ପଡ଼ିଆରେ ପରିଶ୍ରମ କରିପାରିବେ କି ନାହିଁ ଏସବୁ ଉପରେ ଚୟନକର୍ତ୍ତାଙ୍କ ନଜର ରହିବ।

ଶୃଙ୍ଖଳାଗତ କାରଣରୁ ବିବାଦରେ ଫସିଥିବା ଇଶାନ କିଶାନ ଓ ଶ୍ରେୟସ ଆୟରଙ୍କୁ ଚେତାବନୀ ଦିଆଯିବା ପରେ ସେମାନଙ୍କର ଚେତା ପଶିଛି। ଏବେ ଉଭୟ ଖେଳାଳି ଘରୋଇ କ୍ରିକେଟ ଖେଳିବାକୁ ରାଜି ହୋଇଛନ୍ତି। କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନେଉଥିବା ଶ୍ରେୟସ ଆୟର ଗୋଟିଏ ପାଦ ଆଗେଇ ଯାଇ ମୁମ୍ବାଇ ପକ୍ଷରୁ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଛନ୍ତି। ଫାଇନାଲରେ ସେ ୯୫ ରନ୍ କରି ଫର୍ମକୁ ଫେରିବା ମଧ୍ୟ ସୂଚନା ଦେଇଛନ୍ତି। ଦିନିକିଆ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଆୟର ଟେଷ୍ଟରେ ବିଫଳ ହୋଇଥିଲେ। ଏବେ ଆଇପିଏଲ୍ ପ୍ରଦର୍ଶନ ତାଙ୍କୁ ଭାରତୀୟ ଦଳକୁ ଫେରାଇ ଆଣିବାରେ ସହାୟତା କରିବ। ସେହିପରି ଇଶାନ କିଶାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ସେ ଯେପରି ବ୍ୟବହାର କରିଛନ୍ତି ତାହାକୁ ବିସିସିଆଇ କ୍ଷମା ଦେବା ମୁଡ୍‌ରେ ନାହିଁ। ରାହୁଲ ଦ୍ରାବିଡ୍‌ଙ୍କ ଆଶ୍ୱାସନା କେବଳ ତାଙ୍କ ଲାଗି ଆଶ୍ୱସ୍ତି ଆଣିଛି। ଦ୍ରାବିଡଙ୍କ ମତରେ ଉଭୟ କିଶାନ ଓ ପନ୍ତ୍ ଆମ ଲାଗି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସେମାନଙ୍କ ପ୍ରଦର୍ଶନ ହିଁ ଭାରତୀୟ ଦଳରେ ସାମିଲ ହେବାକୁ ଯୋଗ୍ୟତାର ମାପକାଠି ହେବ। ବିସିସିଆଇ ରାଜିନାମାରୁ ବାଦ୍ ପଡ଼ିଥିବା ଆୟର ଓ ପନ୍ତ୍‌ଙ୍କ ଲାଗି ଚଳିତ ଆଇପିଏଲ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବେ ବିବେଚନା କରାଯାଉଛି।

### ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍

## ଆଫଗାନିସ୍ତାନ ୨-୧ରେ ସିରିଜ୍ ବିଜୟୀ



**ଶାରଜା, ୧୯।୩(ଏଜେନ୍ସି):** ଇବ୍ରାହିମ୍ ଜଦ୍ରାନଙ୍କ ଅପରାଜିତ ଅର୍ଦ୍ଧଶତକ, ପେସ୍ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଏଠାରେ ସୋମବାର ଖେଳାଯାଇଥିବା ତୃତୀୟ ଟି-୨୦ରେ ଆଫଗାନିସ୍ତାନ ୫୭ ରନ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଆଫଗାନିସ୍ତାନ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ୨-୧ରେ ଜିତିନେଇଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡ ଓ ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ୫୧ଟି ବଲ୍ ଖେଳି ୫ ଚୌକା ଓ ୩ଛକା ସହ ଅପରାଜିତ ୭୨ ରନ୍ କରିଥିବା ଇବ୍ରାହିମ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ତୃତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୭ ୱିକେଟରେ ୧୫୫ ରନ୍ କରିଥିଲା। ଇବ୍ରାହିମ୍‌ଙ୍କ ୭୨ ରନ୍‌କୁ ବାଦ୍‌ଦେଲେ ୱିକେଟରକ୍ଷକ ମହମ୍ମଦ୍ ଇଶାକ୍ ୨୨ ବଲ୍‌ରେ ଦ୍ୱିତୀୟ ସର୍ବାଧିକ ୨୭ ରନ୍ କରିଥିଲେ। ଜବାବରେ ଆଫଗାନ ପେସ୍ ବୋଲରଙ୍କୁ ମୁକାବିଲା କରି ନ ପାରି ଆୟର୍ଲାଣ୍ଡ ୧୭.୨ ଓଭରରେ ମାତ୍ର ୯୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୩ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ କର୍ଟିସ କାମ୍ଫର ସର୍ବାଧିକ ୨୮ ରନ୍ କରିଥିଲେ। ବିଜୟୀ ଦଳର ୩ଜଣ ପେସ୍ ବୋଲରଙ୍କୁ ୮ଟି ୱିକେଟ ମିଳିଥିଲା। ଆମତୁଲ୍ଲା ଓମରଜାଇ ସର୍ବାଧିକ ୪ଟି ଓ ଓ ନବୀନ-ଉଲ-ହକ୍ ୩ଟି ୱିକେଟ ପାଇଥିଲେ। ଆଫଗାନ ଅଧିନାୟକ ରଶିଦ୍ ଖାନ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



### ପାକିସ୍ତାନ ସୁପର ଲିଗ୍ ଉଦ୍‌ଯାପିତ

## ଇସ୍‌ଲାମାବାଦ୍ ୟୁନାଇଟେଡ୍ ଚାମ୍ପିଅନ

**କରାଚି,୧୯।୩(ଏଜେନ୍ସି):** ବାମହାତୀ ସ୍ପିନ ବୋଲିଂ ଅଲରାଉଣ୍ଡର ଇମାଦ୍ ୱାସିମ୍ (୫ୱିକେଟ, ଅପରାଜିତ ୧୯ ରନ୍)ଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଇସ୍‌ଲାମାବାଦ ୟୁନାଇଟେଡ୍ ଚଳିତବର୍ଷର ପାକିସ୍ତାନ ସୁପର ଲିଗ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସୋମବାର ଖେଳାଯାଇଥିବା ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ଇସ୍‌ଲାମାବାଦ୍ ୨ ୱିକେଟରେ ମୁଲତାନ ସୁଲତାନକୁ ମ୍ୟାଚ୍‌ର ଶେଷ ବଲ୍‌ରେ ପରାସ୍ତ କରି ତୃତୀୟ ଟାଇଟଲ ବିଜୟୀ ହୋଇଛି। ଅନ୍ୟପକ୍ଷରେ ମୁଲତାନ କ୍ରମାଗତ ତୃତୀୟଥର ଲାଗି ଫାଇନାଲରେ ପରାଜିତ ହୋଇଛି। ଅଲରାଉଣ୍ଡ ସଫଳତା ଲାଗି ଇସ୍‌ଲାମାବାଦ୍‌ର ଇମାଦ୍ ୱାସିମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ବିଜୟୀ ଦଳର ଅଧିନାୟକ ସଦାବ ଖାନ୍ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁଲତାନ ସୁଲତାନ ୯ ୱିକେଟରେ ୧୫୯ ରନ୍ କରିଥିଲା। ଦଳ ପକ୍ଷରୁ ଉସ୍‌ମାନ ଖାନ ୫୭ ଓ ଇଫତିକର ଅହମ୍ମଦ୍ ଅପରାଜିତ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଇମାଦ ୱାସିମ ୨୩ ରନ୍‌ରେ ୫ଟି ଓ ସଦାବ ଖାନ୍ ୩୨ ରନ୍‌ରେ ୩ଟି ୱିକେଟ ନେଇଥିଲେ। ଜବାବରେ ଇସ୍‌ଲାମାବାଦ୍ କ୍ରମାଗତ ୱିକେଟ ହରାଇଥିଲେ ମଧ୍ୟ ମ୍ୟାଚ୍‌ର ଶେଷ ବଲ୍‌ରେ ବିଜୟୀ ହୋଇଥିଲା। ଏହି ସମୟରେ ୱାସିମ ୧୯ ରନ୍‌ରେ ଅପରାଜିତ ରହିଥିଲେ। ମାର୍ଟିନ ଗପ୍ଟିଲ ୫୦ ଓ ଆଜମ ଖାନ୍ ୩୦ ରନ୍‌ର ଯୋଗଦାନ ଦେଇଥିଲେ।

### ଜାତୀୟ ହୁଇଲଚେୟାର ଫେନ୍ସିଂ ଚାମ୍ପିଅନ୍‌ସିପ

## ଓଡ଼ିଶାରୁ ୧୩ ପ୍ରତିଯୋଗୀ ମନୋନୀତ



**ଭୁବନେଶ୍ୱର, ୧୯।୩(ସମିସ)**

ତାମିଲନାଡୁର କୋଏମ୍ବାଟୁରରେ ଷୋଡଶ ଜାତୀୟ ହୁଇଲଚେୟାର ଫେନ୍ସିଂ ଚାମ୍ପିଅନସିପ୍ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବ। କେପିଆର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପରିସରରେ ମାର୍ଚ୍ଚ ୨୪ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଓଡ଼ିଶାରୁ ୧୩ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଏହି ଖେଳାଳିମାନଙ୍କ ସହ ଦୁଇଜଣ ପ୍ରଭାକର ବେହେରା ଓ ବଙ୍କିମଚନ୍ଦ୍ର ମହାନ୍ତି ଯାଇଛନ୍ତି। ପ୍ରଶାନ୍ତ କୁମାର ବେହେରାଙ୍କୁ ପ୍ରବନ୍ଧକ ମନୋନୀତ କରାଯାଇଛି ଓ ଫେନ୍ସିଂ ସଂଘ ଅଧ୍ୟକ୍ଷ ବେଲା ଜୟସ୍ୱାଲ ଦଳ ସହ ଯାତ୍ରାକରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ଭଲ ପ୍ରଦର୍ଶନ କରିବେ ବୋଲି ପାରା କ୍ରୀଡ଼ା ସଂଘ ଆଶା ପ୍ରକାଶ କରିଛନ୍ତି। ମନୋନୀତ ପ୍ରତିଯୋଗୀମାନେ ହେଲେ, ଭି ରମେଶ ରାଓ, ରାଖାଲ ସେଠୀ, ପବିତ୍ର ସାହୁ, ରାଜେଶ ସାହୁ, ପ୍ରଫୁଲ୍ଲ ଖଣ୍ଡାୟତରାୟ, ନିକୁ ପ୍ରଧାନ ଓ ଓମ୍‌ପ୍ରକାଶ ବେହେରା (ସମସ୍ତେ ପୁରୁଷ)। ସେହିପରି ମହିଳା ବିଭାଗରେ ମାଳତୀ ପାନୁଆର, ଶୀଲା ମନ୍ତ୍ରୀ, କରିମୁନ୍ ନିଶା, ସୁପ୍ରିୟା ବିଶ୍ୱାସ, ପୂଜସ୍ୱିନୀ ନାୟକ ଓ ଆଶା ସିଂ ସ୍ଥାନ ପାଇଛନ୍ତି।

## କିଶୋର କ୍ଲବ, କିଟ୍-କିସ୍ ବିଜୟୀ

**କଟକ,୧୯।୩(ସମିସ):** ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ର ୧୭ବର୍ଷରୁ କମ୍ ବୟସ ବର୍ଗର ଟୁର୍ଣ୍ଣାମେଣ୍ଟ କଟକରେ ଖେଳାଯାଉଛି। ସିଡିଏ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ଦୁଇ ମ୍ୟାଚ୍‌ରେ ଭୁବନେଶ୍ୱର କିଶୋର କ୍ଲବ ଏବଂ କିଟ୍-କିସ ବିଜୟ ଲାଭ କରିଛନ୍ତି। କିଶୋର କ୍ଲବ ୬-୦ ଗୋଲ୍‌ରେ କାଜିବଜାର ବାଳିକା ଉଚ୍ଚ ବିଦ୍ୟାଳୟକୁ ହରାଇଥିଲା। ବିଜୟୀ ଦଳର ସଞ୍ଜନା ମାଝୀ ୨ଟି, ସସ୍ମିତା ଶୁଣ୍ଠି, ତୁଳସୀ ମୁନାରୀ, କାଜଲ ରାଉତ ଏବଂ ଆଫ୍ରିନ ମିର୍ଜା ବେଗମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ କିଟ-କିସ୍ ୩-୦ ଗୋଲରେ ଯୋଡାର ଟାଟା ଷ୍ଟିଲ ଫାଉଣ୍ଡେସନକୁ ପରାସ୍ତ କରିଛି। କିଟ-କିସ ଦଳର ହେମବତୀ ହୋ ଦୁଇଟି ଏବଂ ସୋନାଲୀ ଓରାମ ଗୋଟିଏ ଗୋଲ ଦେଇଥିଲେ।



## ପ୍ରଥମ ଟି-୨୦ରେ ଇଂଲଣ୍ଡ ମହିଳା ବିଜୟୀ

**ଡୁନେଡିନ୍, ୧୯।୩(ଏଜେନ୍ସି):** ଏଠାରେ ସୋମବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ମହିଳା ଟି-୨୦ରେ ଇଂଲଣ୍ଡ ୨୭ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଭ୍ରମଣକାରୀ ଦଳ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ମାର୍ଚ୍ଚ ୨୨ ତାରିଖ ଶୁକ୍ରବାର ଖେଳାଯିବ। ବିଜୟୀ ଦଳ ପକ୍ଷରୁ ୩୯ ବଲ୍‌ରେ ୬୩ ରନ୍ କରିଥିବା ଅଧିନାୟିକା ହିଥର ନାଇଟ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୪ ୱିକେଟରେ ୧୬୦ ରନ୍ କରିଥିଲା। ଜବାବରେ ଅଧିନାୟିକା ସୁଜି ବେଟ୍‌ସଙ୍କ ୫୧ ବଲ୍‌ରେ ୬୫ ରନ୍ ସତ୍ତ୍ୱେ ଦଳ ସମାନ ସଂଖ୍ୟକ ଓଭରରେ ୫ ୱିକେଟ ହରାଇ ୧୩୩ ରନ୍ କରିଥିଲା।

## ପାରା ଟିଟିରେ ପ୍ରଥମଥର ଖେଳିବ ଓଡ଼ିଶା

**ଭୁବନେଶ୍ୱର, ୧୯।୩(ସମିସ):** ମଧ୍ୟପ୍ରଦେଶରେ ଆସନ୍ତା ୨୦ରୁ ୨୪ ତାରିଖଯାଏ ୟୁଟିଟି ପାରା ଟେବଲ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରଥମଥର ଅଂଶଗ୍ରହଣ କରିବ। ଏଥିଲାଗି ୪ଜଣ ଓଡ଼ିଆ ଖେଳାଳିଙ୍କୁ ମନୋନୀତ କରାଯାଇଛି। ସେମାନେ ହେଲେ ଦେବମୃତ ସାହୁ, ଉଦୟ କୁମାର ରାଉତ, ରୁଦ୍ରନାରାୟଣ ବେହେରା ଓ ଗୌତମ ସିଂ। ଓଡ଼ିଶା ଦଳ ପ୍ରଥମଥର ଭାଗ ନେଉଥିଲେ ମଧ୍ୟ ଦଳ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ପାରା କ୍ରୀଡ଼ା ସଂଘ ଆଶାବାଦୀ ଅଛନ୍ତି।



# କ୍ୱାର୍ଟରରେ ଓଡ଼ିଶା-ହରିୟାଣା ମୁକାବିଲା ଆଜି

**ପୁଣେ, ୧୯।୩(ଏଜେନ୍ସି)**

ଏଠାରେ ଚାଲିଥିବା ଜାତୀୟ ମହିଳା ହକି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ବୁଧବାର ଖେଳାଯିବାକୁ ଥିବା ଚତୁର୍ଥ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସହ ହରିୟାଣାର ମୁକାବିଲା ହେବାକୁ ସ୍ଥିର ହୋଇଛି। ଏହା ପୂର୍ବରୁ ୩ଟି ଯାକ କ୍ୱାର୍ଟର ଫାଇନାଲ ମଧ୍ୟ ବୁଧବାର ଖେଳାଯିବ। ଏହା ମଧ୍ୟରୁ ପ୍ରଥମ କ୍ୱାର୍ଟର ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ସହ ବେଙ୍ଗଲର ଓ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ହକି ମହାରାଷ୍ଟ୍ର ସହ ହକି ମଣିପୁରର ମୁକାବିଲା ହେବ। ସେହିପରି ତୃତୀୟ କ୍ୱାର୍ଟର ଫାଇନାଲରେ ହକି ଝାଡ଼ଖଣ୍ଡ ସହ ହକି ମିଜୋରାମ୍‌ର ମୁକାବିଲା ହେବ।

ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଦଳଗୁଡ଼ିକଙ୍କ ୮ଟି ପୁଲ୍‌ରେ ଭାଗ କରାଯାଇଥିଲା। ପ୍ରତ୍ୟେକ ପୁଲ୍‌ର ବିଜେତା ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉନ୍ନିତ ହୋଇଥିଲେ। ପୁଲ୍-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ସହ ଗୋଆ ଓ ଚଣ୍ଡିଗଡ଼କୁ ସାମିଲ କରାଯାଇଥିଲା। ଏଥିରେ ଓଡ଼ିଶା ୯-୧ ଗୋଲରେ ଗୋଆକୁ ଓ ୬-୧ ଗୋଲରେ ଚଣ୍ଡିଗଡ଼କୁ ପରାସ୍ତ କରି ପୁଲ୍‌ର ଶୀର୍ଷସ୍ଥାନ ଅଧିକାର କରିବା ସହ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସେହିପରି ଓଡ଼ିଶା ପ୍ରତିଦ୍ୱନ୍ଦ୍ୱୀ ହରିୟାଣା ଦଳ ଜବରଦସ୍ତ ଫର୍ମରେ ରହିଛି। ଭାରତୀୟ ଦଳର ଅଧିନାୟିକା ସବିତା ଏହି ଦଳର ନେତୃତ୍ୱ ନେଉଛନ୍ତି ଓ ଏଥିରେ ୧୧ ଜଣ ଅନ୍ତର୍ଜାତୀୟ ଖେଳାଳି ସାମିଲ ରହିଛନ୍ତି। ପୁଲ-ଡି'ରେ ହରିୟାଣା ୧୫-୦ ଗୋଲରେ ଆସାମକୁ ଓ ୨୨-୦ ଗୋଲରେ ପୁଡୁଚେରୀକୁ ପରାସ୍ତ କରି ଶୀର୍ଷସ୍ଥାନ ଅଧିକାର କରିଥିଲା।

### ଜାତୀୟ ମହିଳା ହକି ପ୍ରତିଯୋଗିତା



ପ୍ରଥମ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଚାମ୍ପିଅନ ମଧ୍ୟପ୍ରଦେଶ ୮-୦ରେ ଛତିଶଗଡ଼କୁ ଓ ୭-୧ରେ ବିହାରକୁ ପରାସ୍ତ କରିଥିଲା। ଏହାର ପ୍ରତିଦ୍ୱନ୍ଦ୍ୱୀ ବେଙ୍ଗଲ ୨-୦ ଗୋଲରେ ତାମିଲନାଡୁକୁ ଓ ୧୧-୦ ଗୋଲରେ ତେଲଙ୍ଗାନାକୁ ଓ ୨୮-୦ ଗୋଲରେ ଗୁଜରାଟକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ମହାରାଷ୍ଟ୍ର ୩-୦ ଗୋଲରେ ଦିଲ୍ଲୀକୁ ଓ ୧୦-୦ ଗୋଲରେ କେରଳକୁ ହରାଇ ପୁଲ-ବି'ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହା ପ୍ରତିଦ୍ୱନ୍ଦ୍ୱୀ ମଣିପୁର ଦାଦ୍ରା ଓ ନଗର ହାଭେଲୀକୁ ୧୨-୦ଗୋଲରେ, କର୍ଣ୍ଣାଟକକୁ ୩-୦ ଓ ଉତ୍ତରାଖଣ୍ଡକୁ ୧୧-୨ ଗୋଲରେ ପରାସ୍ତ କରି ନିଜ ପୁଲ୍‌ରେ ପ୍ରଥମ ହୋଇଥିଲା। ତୃତୀୟ କ୍ୱାର୍ଟର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଝାଡଖଣ୍ଡ ୧୩-୦ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିବା ଓ ୨-୨ ଗୋଲରେ ଉତ୍ତରପ୍ରଦେଶ ସହ ମ୍ୟାଚ୍ ଡ୍ର ରଖି ସମାନ ପଏଣ୍ଟ ପାଇଥିଲେ। କିନ୍ତୁ ଗୋଲ ବ୍ୟବଧାନରେ ଉତ୍ତରପ୍ରଦେଶକୁ ପଛରେ ପକାଇ ଝାଡଖଣ୍ଡ ପୁଲ୍‌ରେ ପ୍ରଥମ ହୋଇଥିଲା। ସେହିପରି ମିଜୋରାମ ୧୦-୦ରେ ହିମାଚଳ ପ୍ରଦେଶକୁ, ୨୦-୨ରେ ରାଜସ୍ଥାନକୁ ଓ ୪-୨ ଗୋଲ୍‌ରେ ଶକ୍ତିଶାଳୀ ପଞ୍ଜାବକୁ ପରାସ୍ତ କରି ଶୀର୍ଷସ୍ଥାନ ହାସଲ କରିଥିଲା।

ମଙ୍ଗଳବାର ଖେଳାଯାଇଥିବା ଦୁଇଟି ପୁଲ ମ୍ୟାଚ୍ ମଧ୍ୟରୁ ମଣିପୁର ୧୧-୨ ଗୋଲରେ ଉତ୍ତରାଖଣ୍ଡକୁ ଓ କର୍ଣ୍ଣାଟକ ୧୩-୦ ଗୋଲରେ ଦାଦ୍ରା ଓ ନଗର ହାବେଳୀକୁ ହରାଇଥିଲା। ବୁଧବାର କ୍ୱାର୍ଟର ଫାଇନାଲର ବିଜେତା ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଦୁଇଟିଯାକ ସେମିଫାଇନାଲ ୨୨ରେ ବା ଶୁକ୍ରବାର ଖେଳାଯିବ।

ସକାଳ THE SAKALA
www.sakalaepaper.com

# ସମ୍ଭାବନା



ଶିକ୍ଷା ସତ୍ୟତା ଶିଖିବା ନୁହେଁ,
ଏହା ମଣିଷ ପାଇଁ ଏକ ପ୍ରଶିକ୍ଷଣ ।
- ଆଲବର୍ଟ ଆଇନଷ୍ଟାଇନ୍





ଆପଣ ଜାଣନ୍ତି

## ଲେନ୍ ଡ୍ରାଇଭିଂ



ରାଜମାର୍ଗରେ ଆପଣ ନିଜର କାର ବା ଅନ୍ୟ ଯାନବାହାନରେ ଡ୍ରାଇଭ୍ କରୁଥିବେ ନିଶ୍ଚୟ। ଆପଣ ଯଦି ଗାଡ଼ି ଚଳାଉଛନ୍ତି, ତେବେ ଲେନ୍ ଡ୍ରାଇଭିଂ ବିଷୟରେ ଅବଗତ ହେବା ନିହାତି ଆବଶ୍ୟକ । କାହିଁକିନା ଏହା ସଡ଼କରେ ସୁରକ୍ଷିତ ଓ ଅନୁଶାସିତ ଭାବରେ ଯିବାଆସିବା କରିବା ସହ ଜଡ଼ିତ ଅଟେ। ସାଧାରଣତଃ ଲେନର ଅର୍ଥ ସଡକର କିଛି ପାର୍ଶ୍ୱକୁ ବୁଝାଇଥାଏ । ଦେଖିବାକୁ ଗଲେ ଭାରତୀୟ ସଡ଼କ ସାଧାରଣ ଭାବରେ ୨, ୪ କିମ୍ବା ୬ ଲେନ ବିଶିଷ୍ଟ ଅଟେ । ମାତ୍ର ଦେଶର କିଛି ଏକ୍ସପ୍ରେସ ହାଇୱେ ୮ ଲେନ ବିଶିଷ୍ଟ ମଧ୍ୟ ଥାଏ । ଆମେରିକାର ହ୍ୟୁଷ୍ଟନରେ ଥିବା ଗୋଟିଏ ହାଇୱେ ୨୬ ଲେନ ବିଶିଷ୍ଟ ଅଟେ, ଯାହାକୁ ଦୁନିଆର ସବୁଠାରୁ ବଡ଼ ଲେନ ବିଶିଷ୍ଟ ସଡ଼କ କୁହାଯାଏ । ବିଶ୍ୱର ବଡ଼ ବଡ ହାଇୱେ ୧୫ ଲେନ ବିଶିଷ୍ଟ ମଧ୍ୟ ଥାଏ ।

ଭାରତରେ ବାମ ପାର୍ଶ୍ୱ ଲେନ ସବୁଠୁ କମ୍ ଗତିରେ ଯାଉଥିବା ଯାନବାହାନ ଓ ଭାରି ଯାନ ପାଇଁ ଉଦ୍ଦିଷ୍ଟ । ମଧ୍ୟ ବା ମଝି ଲେନ ମଧ୍ୟମ ଗତିରେ ଯାଉଥିବା ବାହନ ପାଇଁ ଥିବା ବେଳେ ବାମ ପାର୍ଶ୍ୱସ୍ଥ ଲେନ କମ୍ ଗତିରେ ଯାଉଥିବା ଯାନବାହନକୁ ଓଭର୍ ଟେକ୍ କରିକି ଯିବା ପାଇଁ ମଧ୍ୟ ରହିଛି । ସେହିଭଳି ଡ଼ାହାଣ ପାର୍ଶ୍ୱସ୍ଥ ଲେନ ଦ୍ରୁତ ଗତିରେ ଯାଉଥିବା ବାହନ ପାଇଁ ଉଦ୍ଦିଷ୍ଟ । ଡ଼ାହାଣ ପାର୍ଶ୍ୱସ୍ଥ ଲେନରେ ଆମେ ଦ୍ରୁତ ଗତିରେ ଯାଉଥିବା ବାହନକୁ ଓଭରଟେକ୍ କରି ଯାଇପାରିବା । ଗାଡ଼ି ଟର୍ନ କରିବା ବା ମୁଡ଼ିକି ଯିବା ସମୟରେ ସର୍ବଦା ବାମ ପାର୍ଶ୍ୱସ୍ଥ ଲେନରେ ଗାଡି ରହିବା ଦରକାର । ଯାହା ବହୁତ କମ୍ ଲୋକ ଜାଣିଥାନ୍ତି । ବିଦେଶରେ ସବୁଠୁ ଡ଼ାହାଣ ଲେନ ଆମ୍ବୁଲାନ୍ସ ଓ ଆପତକାଳୀନ ସେବା ପାଇଁ ଉଦ୍ଦିଷ୍ଟ ଥାଏ ।

୨୦ ଶତାବ୍ଦୀ ପୂର୍ବରୁ ଦୁଇ ଦଶକ ମଧ୍ୟରେ ଅଟୋମୋବାଇଲ, ଟ୍ରକ୍ ଓ ବସ୍‌ର ବହୁଳ ବ୍ୟବହାର ହେଲା । ଫଳରେ ଯାନବାହାନ ସାମ୍ନାସାମ୍ନି ହୋଇ ଅଧିକ ଦୁର୍ଘଟଣା ହେଉଥିଲା। ୧୯୦୬ ମସିହାରେ ସଡ଼କକୁ ସୁରକ୍ଷିତ କରିବା ଓ ଦୁର୍ଘଟଣାକୁ କମ୍ କରିବା ଉଦ୍ଦେଶ୍ୟ ନେଇ ଆମେରିକାରେ ଲେନ ବ୍ୟବସ୍ଥାର ପରିକଳ୍ପନା କରାଯାଇଥିଲା ।

ଉଦ୍ୟମ

## ମାଇକ୍ରୋସଫ୍ଟ ଟ୍ରାନସ୍‌ଲେଟର

ଆଧିକାରିକ ଭାଷାକୁ ବିସ୍ତାର କରିବା ତଥା ଏହାରି ମାଧ୍ୟମରେ ପ୍ରଦ୍ୟୋଗିକ କ୍ଷେତ୍ରରେ ଲୋକତନ୍ତ୍ରୀକରଣ ପାଇଁ ମାଇକ୍ରୋସଫ୍ଟ ଟ୍ରାନସ୍‌ଲେଟର ନିଜକୁ ସମର୍ପିତ କରିଛି । ଏହା ବହୁ ଭାଷା ସହ ଜଡିତ ହୋଇ ରହିଥିଲେ ମଧ୍ୟ ଏଥିରେ ମଣିପୁରୀ ଓ ଛତିଶଗଡ଼ ସାମିଲ ନଥିଲା । ତେଣୁ ଲୋକଙ୍କ ସୁବିଧାକୁ ଧ୍ୟାନ ଦେଇ ମାଇକ୍ରୋସଫ୍ଟ ଇଣ୍ଡିଆ ନିଜର ଅନୁବାଦକ ମଞ୍ଚ ମାଇକ୍ରୋସଫ୍ଟ ଟ୍ରାନସଲେଟରରେ ନିକଟରେ ଏହି ଦୁଇଟି ଭାରତୀୟ ଭାଷାକୁ ଯୋଡିଛି । ମଣିପୁରୀ ଓ ଛତିଶଗଢ଼ି ଭାଷା ସାମିଲ ହେବା ପରେ ମାଇକ୍ରୋସଫ୍ଟ ଟ୍ରାନସଲେଟର ବର୍ତ୍ତମାନ ମୋଟ ୨୦ଟି ଭାରତୀୟ ଆଧିକାରିକ ଭାଷାରେ ଅନୁବାଦ କରିବା ପାଇଁ ସକ୍ଷମ ହେବ ।

ଏହା ବିଙ୍ଗ, ମାଇକ୍ରୋସଫ୍ଟ ଅଫିସ୍, ସେୟାର ପଏଣ୍ଟ, ମାଇକ୍ରୋସଫ୍ଟ ଏଜ୍, ମାଇକ୍ରୋସଫ୍ଟ ଲାଇନସ୍, ଯାମର, ସ୍କାଏପେ ଟ୍ରାନସ୍‌ଲେଟର୍‌ ୱିଣ୍ଡୋଜ୍, ୱିଣ୍ଡୋଜ୍ ଫୋନ, ଆଇଫୋନ, ଆପଲ ୱାଚ୍, ଆଣ୍ଡ୍ରଏଡ୍ ଫୋନ ଓ ଆଣ୍ଡ୍ରଏଡ ୱାଚ୍‌ରେ ନିଜ କାମ କରେ ।

ଅନୁବାଦ ମଞ୍ଚ କୁହାଯାଉଥିବା ମାଇକ୍ରୋସଫ୍ଟ ଟ୍ରାନସ୍‌ଲେଟ୍‌ରରେ ଅହମିୟା, ବେଙ୍ଗଲୀ, ବୋଡ଼ି, ଗୁଜୁରାଟି, ହିନ୍ଦୀ, କନ୍ନଡ଼, କାଶ୍ମିରୀ, ମୈଥିଳୀ, ମାଲାୟାଲମ୍, ମଣିପୁରୀ, ମରାଠୀ, ନେପାଳୀ, ଓଡ଼ିଆ, ପଞ୍ଜାବୀ, ସିନ୍ଧି, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ ତଥା ଦୁଇ ଅନ୍ୟସ୍ଥାନୀୟ ଭାଷା ଭୋଜପୁରୀ ଓ ଛତିଶଗଡ଼ିକୁ ସାମିଲ କରିଛି । ଏହା ଦେଶର ୯୫ ପ୍ରତିଶତରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ କୁହାଯାଉଥିବା ଭାଷା ।

ବୃତ୍ତିଗତ ଶିକ୍ଷା

## ଅମ୍ପାୟର ଓ ରେଫରୀ





**ସାରା ବିଶ୍ୱରେ ଫୁଟବଲ ପରେ କ୍ରିକେଟ୍ ହେଉଛି ସେହି ଖେଳ, ଯେଉଁଥିରେ ଅମ୍ପାୟର ଓ ରେଫରୀଙ୍କ ଅଧିକ ଆବଶ୍ୟକତା ଅଛି । ଅମ୍ପାୟର ଓ ରେଫରୀ କୌଣସି ଖେଳର ସୁଚାରୁରୂପେ ସଞ୍ଚାଳନ କରନ୍ତି । ସେମାନେ ଖେଳର ସମସ୍ତ ନିୟମ ପାଳନ କରାଯାଉଛି ନା ନାହିଁ ତାହା ତଦାରଖ କରିବାର ଦାୟିତ୍ୱ ମଧ୍ୟ ନିର୍ବାହ କରନ୍ତି । ରେଫରୀ ଓ ଅମ୍ପାୟର ଖେଳ ପଡିଆ ପାଇଁ ପ୍ରଭାରୀ ଭଳି କାର୍ଯ୍ୟ କରନ୍ତି । ଜାଣିବା ଏଥିରେ କ୍ୟାରିୟର କରିବାକୁ ହେଲେ କ'ଣ କରିବାକୁ ହୁଏ.....**

### ଆବଶ୍ୟକ ଜ୍ଞାନକୌଶଳ

ବର୍ତ୍ତମାନ ସମୟରେ ବହୁ ଅଭିଭାବକ ନିଜ ପିଲାଙ୍କୁ କ୍ରୀଡାବିତ୍ ହେବା ପାଇଁ ପ୍ରୋତ୍ସାହିତ କରୁଛନ୍ତି । ସାରା ବିଶ୍ୱରେ ଅନେକ କ୍ରୀଡା କ୍ଲବ୍ ଅଛି । ଫଳରେ ଧୀରେ ଧୀରେ ଏହି ପେସା ବଢ଼ି ଚାଲିଛି । ମାତ୍ର ଏହି କ୍ରୀଡାରେ ଆଜିବି ଅମ୍ପାୟର ଓ ରେଫରୀଙ୍କ ଅଭାବ ରହିଛି । ଭବିଷ୍ୟତରେ ଏ କ୍ଷେତ୍ରରେ ବହୁ ସମ୍ଭାବନା ଉଭା ହେବ । କାରଣ କ୍ରୀଡା ଆୟୋଜନ ପାଇଁ ଅମ୍ପାୟର ଓ ରେଫରୀଙ୍କ ଆବଶ୍ୟକତା ବେଶ୍ ଅଧିକ ଥାଏ । ଜଣେ ଅମ୍ପାୟର ଓ ରେଫରୀ ହେବାକୁ ଇଚ୍ଛୁକ ଥିଲେ ତା'ପାଖରେ ଭଲ ସହନଶକ୍ତି, ଗଭୀର ଅବଲୋକନ, ନିର୍ଣ୍ଣୟ ନେବାର କୌଶଳ, ଖେଳ ନିୟମ ବିଷୟରେ ଜ୍ଞାନ, ଦୂରଦୃଷ୍ଟି ସମ୍ପନ୍ନ ତଥା ସଞ୍ଚାର କୌଶଳ ଥିବା ଆବଶ୍ୟକ ।

### ଶିକ୍ଷାଗତ ଯୋଗ୍ୟତା

ଅମ୍ପାୟର କିମ୍ବା ରେଫରୀ କ୍ୟାରିଅର, ବିଧିବଦ୍ଧ ଶୈକ୍ଷିକ ପୃଷ୍ଠଭୂମିର ଆବଶ୍ୟକତା ନ ଥାଏ । ସବୁଠୁ ବଡ଼ ଆବଶ୍ୟକ ପୃଷ୍ଠଭୂମି ଖେଳ ପ୍ରତି ଥିବା ନିଶା ଅଟେ । ଯେଉଁ ଆଶାୟୀମାନେ ପୂର୍ବରୁ ଖେଳାଳି ଥାଆନ୍ତି, ସେମାନେ ସହାୟକ ରେଫରୀ ଭାବରେ ନିଜର ରେଫରୀ କ୍ୟାରିଅରର ଆରମ୍ଭ କରି ପାରିବେ । ମାତ୍ର ଯେଉଁମାନେ ପୂର୍ବରୁ କ୍ରୀଡ଼ା ସହିତ ଜଡିତ ନ ଥାଆନ୍ତି, ସେମାନେ ଏଥିରେ କ୍ୟାରିଅର କରିବାକୁ ହେଲେ ଅନ୍ୟୂନ ଯୁକ୍ତ ୨ ପଢ଼ିଥିବା ଦରକାର। ତା'ସହ ଏଭଳି ଆଶାୟୀଙ୍କୁ ଔପଚାରିକ ପ୍ରଶିକ୍ଷଣର ଆବଶ୍ୟକତା ମଧ୍ୟ ରହିଛି । ଯଦି ଜଣେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଅମ୍ପାୟର ଓ ରେଫରୀ ହେବା ପାଇଁ ଇଚ୍ଛା ରଖେ, ତା' ପାଖରେ ସ୍ନାତକ ଡିଗ୍ରୀ ଥିବା ଦରକାର । ଆଉ ଯଦି ଜଣେ କ୍ରିକେଟ୍ ଅମ୍ପାୟର ହେବାକୁ ଇଚ୍ଛୁକ ଥାଏ, ତେବେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ବା ବିସିସିଆଇର ଅଳ୍ପକାଳୀନ ଓ ଦୀର୍ଘକାଳୀନ ପାଠ୍ୟକ୍ରମର ମଧ୍ୟ ବିକଳ୍ପ ରହିଛି ।

### ରୋଜଗାର

ବିସିସିଆଇ ସମସ୍ତ ଅମ୍ପାୟରଙ୍କୁ ୪ଟି ଗ୍ରେଡ୍ ଯଥା- ଗ୍ରେଡ - ଏ, ଗ୍ରେଟ-ବି, ଗ୍ରେଟ୍-ସି ତଥା ଗ୍ରେଡ-ଡି ରେ ଭାଗ କରିଥାଏ । ଏହି ଗ୍ରେଡ୍ ଆଶାୟୀଙ୍କ ଅଭିଜ୍ଞତାକୁ ଲକ୍ଷ୍ୟ କରି ତିଆରି କରାଯାଇଛି । ସାଧାରଣତଃ ଗ୍ରେଡ୍ ହିସାବରେ ସେମାନଙ୍କୁ ବେତନ ମିଳିଥାଏ । ଭାରତରେ ଜଣେ ଜଣାଶୁଣା ବା ପ୍ରତିଷ୍ଠିତ ଅମ୍ପାୟର ଓ ରେଫରୀଙ୍କ ଦରମା ମ୍ୟାଚ୍ ପ୍ରତି ପ୍ରାୟ ୭୫ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥାଏ ।

### ନିଯୁକ୍ତି ସୁଯୋଗ

ଅମ୍ପାୟର ଓ ରେଫରୀରେ କ୍ୟାରିଅର କରିବା ନିଶ୍ଚିତ ଭାବରେ ଜଣକ ପାଇଁ ମଜାଦାର ଓ ସମ୍ମାନର କାମ ହୋଇଥାଏ । ଏହି କୋର୍ସ କରି ଜଣେ ଯେ କେବଳ ଅମ୍ପାୟର ଓ ରେଫରୀ ହୋଇ ପାରିବ ତାହା ନୁହେଁ, ବରଂ ଆଧିକାରୀକ ସ୍କୋରର, ଟିପ୍ପଣୀକାର, ଗ୍ରାଉଣ୍ଡସ୍ ମ୍ୟାନ୍ ତଥା ପିଚ୍ କ୍ୟୁରେଟର ଭଳି କାମ ମଧ୍ୟ କରି ପାରିବେ । ଏଥି ସହିତ ଆଇପିଏଲ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ, ଅନ୍ତଃରାଷ୍ଟ୍ରୀୟ କ୍ରିକେଟ ପରିଷଦ, ଖେଳ ସଂଘ ତଥା ଭାରତୀୟ ଖେଳ ପ୍ରାଧିକରଣରେ ମଧ୍ୟ ଭିନ୍ନ ଭିନ୍ନ ଦାୟିତ୍ୱ ତୁଲାଇ ପାରିବେ ଆଶାୟୀ ।

### ପ୍ରମୁଖ ସଂସ୍ଥାନ

- ନେତାଜୀ ସୁଭାଷ କ୍ରୀଡ଼ା ସଂସ୍ଥାନ, ପଟିଆଲା, ପଞ୍ଜାବ
- ଲକ୍ଷ୍ମୀବାଇ ରାଷ୍ଟ୍ରୀୟ ଶାରୀରିକ ଶିକ୍ଷା ସଂସ୍ଥାନ, ଗ୍ୱାଲିୟର, ଗୌହାଟୀ
- ରାଷ୍ଟ୍ରୀୟ କ୍ରୀଡ଼ା ବିଶ୍ୱବିଦ୍ୟାଳୟ, ମଣିପୁର
- ସ୍ୱର୍ଣ୍ଣିମ ଗୁଜରାତ ଖେଳ ବିଶ୍ୱବିଦ୍ୟାଳୟ, ଗୁଜୁରାଟ
- ତାମିଲନାଡୁ ଶାରୀରିକ ଶିକ୍ଷା ଓ କ୍ରୀଡ଼ା ବିଶ୍ୱବିଦ୍ୟାଳୟ, ତାମିଲନାଡୁ

## କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**

2. Morendo means _____away
3. Same note, different spelling
7. Half legato, half staccato
8. A chord with 3 tones.
9. The minor scale that raises the 6th & 7th tones when ascending.
11. A triad consisting of Major thirds.
13. Dying away
15. A song with artistic intent.
18. 76-108 on the metronome.
20. The rate of speed.
21. 108 - 120 on the metronome.
22. Abbreviation for Dal Segno.
23. 40 -60 on the metronome.

**Down**

1. Swift and light.
2. Abbreviation for Da Capo
4. The minor scale that has only the accidentals found in the key signature.
5. An extra ending.
6. A triad consisting of minor thirds.
10. Very slow
12. Gracefully
14. Gradually slowing
16. Tranquillo
17. The _____ signature tells which sharps or flats are in the piece.
19. ♩. This is a dotted quarter _______.

ପରୀକ୍ଷା

## ଦୁନିଆର କଠିନ ପରୀକ୍ଷା...

**ପରୀକ୍ଷା ହେଉଛି ସେହି ମାଧ୍ୟମ, ଯାହାଦ୍ୱାରା କୌଣସି କ୍ଷେତ୍ରରେ ଜଣେ ନିଜର ପ୍ରତିଭାର ପ୍ରମାଣ ଦେଇଥାଏ । କିଏ ଦଶମ ଶ୍ରେଣୀ ପରୀକ୍ଷା ଦେଇଥାଏ ତ ପୁଣି କିଏ ମେଡିକାଲ, ଇଂଜିନିୟରିଂ ପ୍ରବେଶିକା ପରୀକ୍ଷା । ଛାତ୍ରଛାତ୍ରୀ ଚାକିରି ପାଇଁ ନିଜ ଜୀବନକାଳରେ ଅନେକ ପରୀକ୍ଷା ଦେଇ ଥାଆନ୍ତି । ବିଶ୍ୱରେ ଏମିତି ବହୁତ କଠିନ ପରୀକ୍ଷା ଅଛି, ଯାହାକୁ ପରୀକ୍ଷାର୍ଥୀ ଦେବାକୁ ଭୟ ମଧ୍ୟ କରେ । ଏଥିରେ ସଫଳତା ହାର ମଧ୍ୟ ବହୁତ କମ୍ । ଜାଣିବା ଦୁନିଆର କେତେକ କଠିନ ପରୀକ୍ଷା ବାବଦରେ.....**

### ନ୍ୟାସନାଲ କଲେଜ ଏଣ୍ଟ୍ରାନ୍ସ ଏକଜାମ୍

ନ୍ୟାସନାଲ କଲେଜ ଏଣ୍ଟ୍ରାନ୍ସ ଏକଜାମ୍‌କୁ ବିଶ୍ୱର ସବୁଠୁ କଠିନ ପରୀକ୍ଷା ଭାବରେ ଗଣନା କରାଯାଏ। ଚୀନ୍ ରେ ଆୟୋଜିତ ହେଉଥିବା ଏହି ପରୀକ୍ଷା, 'ଗାଓକାଓ' ନାମରେ ମଧ୍ୟ ନାମିତ। ହାଇସ୍କୁଲ ଶେଷବର୍ଷର ଛାତ୍ରଛାତ୍ରୀମାନେ ଏହି ପରୀକ୍ଷାରେ ପାସ୍ କରିବା ପରେ ହିଁ କଲେଜରେ ପାଠ ପଢିବା ପାଇଁ ସେମାନଙ୍କୁ ପ୍ରବେଶ ମିଳେ। ପ୍ରାୟ ୨ ଦିନ ୯ ଘଣ୍ଟା ଧରି ଏହି ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଏହି ପରୀକ୍ଷାରେ ପ୍ରାୟ ୧୨ ମିଲିୟନ ବା ୧ କୋଟି ୨୦ ଲକ୍ଷ ପରୀକ୍ଷାର୍ଥୀ ଭାଗ ନେଇ ଥାଆନ୍ତି। ଚୀନ୍ ରେ ଏହି ପରୀକ୍ଷାକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ। ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଏକାଡେମିକର ପ୍ରବେଶିକା ଦ୍ୱାର ଉନ୍ମୁକ୍ତ ହୋଇଯାଏ; ବିବାହ ପାଇଁ ମଧ୍ୟ ଭଲ ପ୍ରସ୍ତାବ ଆସିଥାଏ।

### ଜେଇଇ ଆଡ୍ ଭାନ୍ସ

ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ଭାରତର ଜେଇଇ ଆଡଭାନ୍ସ ପରୀକ୍ଷା। ଯାହା ସିଭିଲ ସର୍ଭିସ ପରୀକ୍ଷାକୁ ମଧ୍ୟ ପଛରେ ପକାଇଛି। ଜେଇଇ ମେନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଟପ୍ ୨.୫ ଲକ୍ଷ ଛାତ୍ରଛାତ୍ରୀ ଜେଇଇ ଆଡଭାନ୍ସ ପରୀକ୍ଷାରେ ବସି ପାରନ୍ତି। ଏହି ପରୀକ୍ଷାର ସମୟ ଅବଧି ପ୍ରାୟ ୩ ଘଣ୍ଟା। ପ୍ରତିବର୍ଷ ପ୍ରାୟ ୧.୫ ଲକ୍ଷରୁ ୨ ଲକ୍ଷ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇ ଥାଆନ୍ତି। ପରୀକ୍ଷାରେ ପାସ୍ ହୋଇ ପ୍ରତିଷ୍ଠିତ ଆଇଆଇଟିରେ



ଏଗ୍ରିକଲଚର, ଇଞ୍ଜିନିୟରିଂ ତଥା ଆର୍କିଟେକଚର ବିଷୟ ରଖି ଛାତ୍ରଛାତ୍ରୀ ସ୍ନାତକ ପାଠ ପଢ଼ିବାର ସୁଯୋଗ ପାଆନ୍ତି।

### ୟୁପିଏସ୍ ସି ସିଏସ୍‌ଇ

ବିଶ୍ୱର କଠିନ ପରୀକ୍ଷା ତାଲିକାର ତୃତୀୟ ସ୍ଥାନରେ ୟୁପିଏସ୍ ସି ସିଏସ୍‌ଇ ରହିଛି। ପ୍ରତିବର୍ଷ ପ୍ରାୟ ୧୦ ରୁ ୧୧ ଲକ୍ଷ ଛାତ୍ରଛାତ୍ରୀ ବସି ୟୁପିଏସସି ପ୍ରିଲିମ୍ସରେ ହିଁ କଟି ଯାଆନ୍ତି। ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ଆଇଏଏସ୍, ଆଇପିଏସ୍ ପଦ ପାଇ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରି ପାରନ୍ତି। ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୮୦୦ ରୁ ୧୦୦୦ ଜଣ ଚୟନ ହୋଇ ଦେଶସେବାରେ ନିୟୋଜିତ ହେବାର ସୁଯୋଗ ପାଆନ୍ତି।

ଅନ୍ୟ ସବୁ କଠିନ ପରୀକ୍ଷା ତାଲିକାରେ ଗେଟ (ଭାରତ), ଜିଆରଇ (ସାରା ବିଶ୍ୱରେ ମାନ୍ୟ) ମାଷ୍ଟର ସେମିଲିୟର ଡିପ୍ଲୋମା (ୟୁଏସ୍‌ଏ), ଆଇସିଏଆଇ ସିଏ ପରୀକ୍ଷା (ଭାରତ), ସିସିଆଇ (ୟୁଏସ୍‌ଏ) ର ନାମ ମଧ୍ୟ ସାମିଲ ଅଛି।

ସଂଘର୍ଷ-ସଫଳତା

## 'ଅଧ୍ୟବସାୟ ବଳରେ ସବୁକିଛି ସମ୍ଭବ'

**ପିତା ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ରୋଷେୟା । ଆଉ ଝିଅ ଆମେରିକାର ୪ଟି ଆଇନ ସ୍କୁଲରେ ଏଲ୍‌ଏଲ୍‌ଏମ୍ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଭଳି ବିରଳ କୃତିତ୍ୱ ହାସଲ କରିଥିବା ପ୍ରତିଭାମୟୀ ଜଣକ ହେଉଛନ୍ତି ଓଡ଼ିଶା ମାଟିର ପ୍ରଜ୍ଞା ସାମଲ । ବିଶେଷ କଥାଟି ହେଲା, ଏହି ସୁନାଝିଅଙ୍କୁ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୂଡ଼ ସମ୍ବର୍ଦ୍ଧିତ କରିବା ସହ ୪୧ ଲକ୍ଷ ଟଙ୍କାର ବୃତ୍ତି ପ୍ରଦାନ କରିଛନ୍ତି । ଓଡ଼ିଶାର ଗୌରବ ବଢ଼ାଇଥିବା ପ୍ରଜ୍ଞା ନିଜର ସଫଳତାକୁ ନେଇ କ'ଣ କୁହନ୍ତି, ଜାଣିବା ତାଙ୍କ ମୁହଁରୁ...**

ସାକ୍ଷାତ:ମାନସ ରଞ୍ଜନ



**ଆମେରିକାରେ ୨ଟି ସ୍କଲରସିପ୍ ପାଇବା ପାଇଁ ଆପଣ ଯୋଗ୍ୟ ବିବେଚିତ ହୋଇଛନ୍ତି, କେତେ ସଂଘର୍ଷ ଥିଲା ଏ ଯାତ୍ରା?**

- ଓଡ଼ିଶାର ଯାଜପୁର ଜିଲ୍ଲାର ଗୋଟିଏ ଛୋଟିଆ ଉପାନ୍ତ ଗାଁରୁ ଆସି ଦିଲ୍ଲୀରେ ରହି ମୁଁ ବଢ଼ିଛି । ବିଦ୍ୟାଳୟଠାରୁ କଲେଜ ଶିକ୍ଷା ସବୁକିଛି ମୋର ଏଠି । ବାପାଙ୍କ ପ୍ରେରଣା ମତେ ଆଜି ଏଠି ଆଣି ପହଞ୍ଚାଇ ପାରିଛି । ବାପା ସବୁବେଳେ ମୋର ସପୋର୍ଟ ସିଷ୍ଟମ୍ ହୋଇ ରହି ଆସିଛନ୍ତି । ପାଠପଢ଼ାରେ ସେଥିପାଇଁ କେବେ ବି ଅସୁବିଧା ହୋଇନାହିଁ ।

**କେତେ ଖୁସି ଅଛନ୍ତି, ଆମେରିକାରେ ଆଇନରେ ସ୍ନାତକୋତ୍ତର କରିବେ?**

- ନିଶ୍ଚିତ ଭାବରେ ଖୁସି ଅଛି, କିନ୍ତୁ ଆଗକୁ ଅନେକ ସ୍ୱପ୍ନ ବାକି ଅଛି । ଲୋକଙ୍କ ପାଇଁ କାମ କରିବି । ମୋ ବାପା, ପ୍ରଫେସର, ମେଣ୍ଟର, ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ତଥା ଅନ୍ୟମାନଙ୍କୁ ମୁଁ ମୋ ସଫଳତାର ଶ୍ରେୟ ଦେବି । ବିଦେଶରେ ଆଇନ ପାଠ ପଢ଼ିବା ସହଜ ନ ଥାଏ । ମାତ୍ର ମୁଁ ସ୍କଲରାସିପ୍ ପାଇ ପାଠ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଥିବାରୁ ନିଜକୁ ଗର୍ବ ମନେ କରୁଛି ।

**କିପରି ସମ୍ଭବ ହେଲା ଏସବୁ?**

- କଠିନ ପରିଶ୍ରମ, ଅଧ୍ୟବସାୟ ବଳରେ ସବୁକିଛି ସମ୍ଭବ । ସ୍ଥାନ କେବେ ବିଶେଷ ଗୁରୁତ୍ୱ ବହନ କରି ନ ଥାଏ । ଦକ୍ଷତା ଓ ପ୍ରତିଭା ଥିଲେ ଜଣେ ନିଶ୍ଚିତ ଭାବରେ ଆଗକୁ ବଢି ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରି ପାରିବ । ଯାହା ମୋ କ୍ଷେତ୍ରରେ ମଧ୍ୟ ଘଟିଛି । ଆଲୋକର ସନ୍ଧାନ କଲେ ଆଲୁଅ ନିଜ ଉପରେ ଆସି ଆପେ ଆପେ ପଡିଥାଏ ।

**ବାପା କେତେ ଖୁସି ଅଛନ୍ତି?**

- ମୋ ବାପା ମତେ ପାଠ ପଢ଼େଇବା ପାଇଁ ଯାଜପୁରରୁ ଦିଲ୍ଲୀ ଚାଲି ଆସିଥିଲେ । ସବୁବେଳେ ତାଙ୍କ ପରିବେଶରେ ମିଶି ଆଇନର ଭିନ୍ନ ଭିନ୍ନ ଦିଗ ବିଷୟରେ ମୁଁ ଜାଣିଛି । ବାପା ଥରେ କହିଥିଲେ, 'ଝିଅ ବଡ଼ ହେଲେ ଓକିଲ ହେବ'- ତାଙ୍କ କଥା ମୋର ସର୍ବଦା ମନେ ଥିଲା । ଆଉ ବାପାଙ୍କ ସାମ୍ନାରେ ମୁଁ ସମ୍ବର୍ଦ୍ଧିତ ହେଲି । ତାହା ପୁଣି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ପାଖରୁ । ସେ ବହୁତ ଖୁସି ଅଛନ୍ତି ।

**ସମ୍ବର୍ଦ୍ଧିତ ହେଉଥିବାର ଏ ମୁହୂର୍ତ୍ତ ଆପଣଙ୍କ ପାଇଁ କେମିତି ଥିଲା?**

- ଜୀବନରେ ଏ ଦିନକୁ ମୁଁ କେବେ ଭୁଲି ପାରିବି ନାହିଁ । ମୁଖ୍ୟ ବିଚାରପତି ମତେ ଗୋଟିଏ ବହି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଯାହା ମୋ ଜୀବନର ଐତିହାସିକ ମୁହୂର୍ତ୍ତ ଥିଲା । ଯାହାକୁ ଶବ୍ଦରେ ବର୍ଣ୍ଣନା କରିବା କଷ୍ଟକର ମୋ ପାଇଁ ।

**ଆଇନ କ୍ଷେତ୍ରକୁ ଯେଉଁମାନେ ଆସିବାକୁ ଚାହୁଁଛନ୍ତି, ସେମାନଙ୍କୁ କ'ଣ କହିବେ?**

- ଆଇନକୁ ନେଇ ଯେଉଁମାନେ କ୍ୟାରିଅର କରିବାକୁ ଚାହୁଁଛନ୍ତି, ସେମାନେ ଲଗାତାର ପରିଶ୍ରମ କରନ୍ତୁ । ସମ୍ଭାବନାର ନୂଆ ସୁଅରେ ନିଜକୁ ସାମିଲ କରନ୍ତୁ । ଛୋଟ ଜାଗାରୁ ଆସିଛି ବୋଲି ନ ଭାବି ନିଜ ଉପରେ ଅଧିକ ଭରସା ରଖି କାମ କରନ୍ତୁ । ଦେଖିବେ ଦିନେ ନିଶ୍ଚୟ ସଫଳ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ି ପାରିବେ ।

## ସତର୍କ ଘଣ୍ଟି

ନିକଟରେ ହୋଇଥିବା ଏକ ଜାତୀୟସ୍ତରୀୟ ସର୍ଭେ କହୁଛି, ୯ରୁ ୧୭ ବର୍ଷ ବୟସ୍କ ୬୦ ପ୍ରତିଶତ ଯୁବକଯୁବତୀ ଦିନକୁ ୩ ଘଣ୍ଟା ସୋସିଆଲ ମିଡିଆ ଓ ଗେମିଂ ପ୍ଲାଟଫର୍ମରେ ସମୟ ଅତିବାହିତ କରୁଛନ୍ତି । ବିଶ୍ୱର ପ୍ରାୟ ୯୩ ପ୍ରତିଶତ ସ୍ଥାନରେ ଏବେ ଇଣ୍ଟରନେଟ୍ ସେବା ଉପଲବ୍ଧ ଅଛି । ଭାରତରେ ଏହି ହାର ଯୁବପିଢିମାନଙ୍କ ମଧ୍ୟରେ ଅଧିକ ଅଛି । ଏହା ଯୁବପିଢ଼ିଙ୍କ ଉପରେ ନକରାତ୍ମକ ପ୍ରଭାବ ମଧ୍ୟ ପକାଉଛି । ଭାରତର ପ୍ରାୟ ୫୦ ହଜାର ମାତାପିତାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା । ମହାରାଷ୍ଟ୍ରର ୧୭ ପ୍ରତିଶତ ପିଲା ୬ ଘଣ୍ଟା ସୋସିଆଲ ମିଡିଆରେ ସମୟ ବିତାଉଥିବା ବେଳେ ଭାରତରେ ଏହି ହାର ୨୨ ପ୍ରତିଶତ ରହିଛି । ଅଧ୍ୟୟନରୁ ପ୍ରମାଣିତ ହୋଇଛି ଯେ, ବର୍ତ୍ତମାନ ସୋସିଆଲ ମିଡିଆ ଯୁବପିଢି ଉପରେ ଅଧିକ ନକରାତ୍ମକ ପ୍ରଭାବ ପକାଉଛି । ଏହି ଅଧ୍ୟୟନ ୨୦୨୨ ମସିହାର ଆମେରିକାର ସର୍ଜନ ଡ.ବିବେକ ମୂର୍ତ୍ତିଙ୍କ ରିସର୍ଚ୍ଚ ସହ ଖାପ ଖାଉଛି । ଯେଉଁଥିପାଇଁ ଯୁବପିଢ଼ି ଅବସାଦ ଓ ଚିନ୍ତା ଭଳି ସମସ୍ୟାରେ ମଧ୍ୟ ଦିନ କାଟୁଛନ୍ତି । ସେହିପରି ସୋସିଆଲ ମିଡିଆ ପ୍ଲାଟଫର୍ମ ଲୋକାଲସର୍କଲର ଅନ୍ୟ ଏକ ଅଧ୍ୟୟନ ମଧ୍ୟ ଯୁବପିଢ଼ି ମଧ୍ୟରେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଫଳରେ ଆକ୍ରମଣାତ୍ମକ, ଅଧିରତା, ଅତିସକ୍ରିୟତା ତଥା ମାନସିକ ସମସ୍ୟା ବଢୁଥିବା କହିଛି । ଅଧ୍ୟୟନ କହୁଛି, ୯ ରୁ ୧୮ ବର୍ଷର ଯୁବପିଢି ଗେଜେଟ ପାଇଁ ମଧ୍ୟ ପାଗଳ ପ୍ରାୟ । ଇଣ୍ଟରନେଟରେ ଭିଡିଓ ଦେଖିବା, ଗେମ ଖେଳିବା ତଥା ସାମାଜିକ ବ୍ୟବସ୍ଥା ସହ ତାଳମେଳ ଖାଉଥିବା ଜିନିଷ ଉପରେ ମଧ୍ୟ ସେମାନେ ଅଧିକ ଆକୃଷ୍ଟ ହେଉଛନ୍ତି । ଫଳରେ ସେମାନେ ଅକାଳରେ ମୁଣ୍ଡବିନ୍ଧା ସହ ଅନ୍ୟାନ୍ୟ ରୋଗର ଶିକାର ହେଉଛନ୍ତି ।

### ଆରମ୍ଭ ହେଲା ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ

# ରବି ଶାସ୍ତ୍ରୀଙ୍କ ଏକାଡେମୀ ସହ ବୁଝାମଣା

ଭୁବନେଶ୍ୱର,୧୯ ।୩(ଏଜେନ୍ସି)

କଟକ ସହର ନିକଟସ୍ଥ ଆଠଗଡ଼ ସବଡିଭିଜନଠାରେ ଥିବା କପୁର୍‌ସିଂର ଗୁରୁଡିଝାଟିଆଠାରେ ଥିବା ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ା ଏକାଡେମୀ ଏମ୍‌ଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟ୍ସ ଏବେ ନୂଆ ରୂପ ନେବାକୁ ଯାଉଛି। ଏଠାରେ ଥିବା ଉଚ୍ଚକୋଟୀର କ୍ରିକେଟ ଏକାଡେମୀରେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ବ୍ୟବସ୍ଥା ଉପଲବ୍ଧ ହେବ। ଏଥିପାଇଁ ଏ ନେଇ ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ପୂର୍ବତନ କ୍ରିକେଟର ରବି ଶାସ୍ତ୍ରୀଙ୍କ ସଂସ୍ଥା ପ୍ରଶିକ୍ଷଣ ସଂସ୍ଥା କୋଚିଂ ବିୟଣ୍ଡ ଏକାଡେମୀ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। କୋଚିଂ ବିୟଣ୍ଡ ଦେଶର ଅନ୍ୟତମ ଅଗ୍ରଣୀ ପ୍ରଶିକ୍ଷଣ ସଂସ୍ଥା ଭାବେ ଜଣାଶୁଣା। ଏହି ଅବସରରେ ରବି ଶାସ୍ତ୍ରୀଙ୍କୁ ବାଦ ଦେଲେ କୋଚିଂ ବିୟଣ୍ଡର ଅନ୍ୟତମ ସଂସ୍ଥାପକ ତଥା ପୂର୍ବତନ ପ୍ରଶିକ୍ଷକ ବି ଅରୁଣ, ଆର ଶ୍ରୀଧର, ପୂର୍ବତନ ଭାରତୀୟ ସ୍ପିନର ଭେଙ୍କଟପତି ରାଜୁ, ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡର ସିଏମ୍‌ଡି ପଙ୍କଜ ଲୋଚନ ମହାନ୍ତି ଓ ଏମଜିଏମ ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

କୋଚିଂ ବିୟଣ୍ଡ ଏକାଡେମୀ ସହ ଚୁକ୍ତି ହେବା ପରେ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସରେ ଉଚ୍ଚକୋଟୀର କ୍ରିକେଟର ସୃଷ୍ଟି ହେବାର ବାଟ ଫିଟିଛି। ଏଠାରେ ସବୁ ପ୍ରକାର ଭିତ୍ତିଭୂମି ଓ ସୁବିଧାସୁଯୋଗ ସୃଷ୍ଟି ହୋଇଛି ବୋଲି ପଙ୍କଜ କହିଛନ୍ତି। ଏବେ ଏହି ଏକାଡେମୀରେ ଉଚ୍ଚକୋଟୀର ପ୍ରଶିକ୍ଷଣ ବ୍ୟବସ୍ଥା ଉବଲବ୍ଧ ହୋଇ ହେବ। ଫଳରେ ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ପ୍ରତିଭାସମ୍ପର୍ଣ୍ଣ ଓ ଦକ୍ଷ କ୍ରିକେଟର ସୃଷ୍ଟି ହୋଇପାରିବେ। ଓଡ଼ିଶା ତଥା ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଥିବା ବେଳେ ଏବେ କ୍ରିକେଟର ମାନେ ବିଶ୍ୱସ୍ତରୀୟ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ପାଇବେ ଓ ଅଭ୍ୟାସ କରିବେ। ଏଥିପାଇଁ ଏମ୍‌ଜିଏମ ଭେଙ୍କଟପତି ରାଜୁଙ୍କ




ସହାୟତା ନେଇଛି ଓ ତାଙ୍କ ସହ ଚୁକ୍ତି କରିଛି। ପ୍ରଥମେ ୫୦ଜଣ କ୍ରିକେଟରଙ୍କୁ ସ୍ୱଚ୍ଛ ପ୍ରକ୍ରିୟାରେ ମନୋନୀତ କରାଯିବ। ଭବିଷ୍ୟତରେ ପୁରୁଷଙ୍କ ସମେତ ମହିଳା କ୍ରିକେଟରମାନଙ୍କୁ ମଧ୍ୟ ଏହି ପ୍ରଶକ୍ଷଣ ବ୍ୟବସ୍ଥା ଉପଲବ୍ଧ କରାଯିବ। ଏହି ସହଭାଗିତା ଓଡ଼ିଶା କ୍ରିକେଟର ଭବିଷ୍ୟତକୁ ସମୃଦ୍ଧ କରିବ ଓ କେବଳ ରାଜ୍ୟ କିମ୍ବା ଦେଶ ନୁହଁ ବିଶ୍ୱରେ ଏହା ଏକ ସମ୍ମାନଜନକ କ୍ରିକେଟ ତାଲିମ କେନ୍ଦ୍ରରେ ପରିଣତ ହେବ ବୋଲି ପଙ୍କଜ କହିଛନ୍ତି।

#### ଖୁବ୍‌ଶୀଘ୍ର ଓଡ଼ିଶା କ୍ରିକେଟର ଦେଶ ପାଇଁ ପ୍ରତିନିଧିତ୍ୱ କରିବେ: ଶାସ୍ତ୍ରୀ

ପାଖାପାଖି ଦୁଇ ଦଶନ୍ଧି ହେବ ରାଜ୍ୟରୁ କୌଣସି କ୍ରିକେଟର ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରତିନିଧିତ୍ୱ କରିନାହାନ୍ତି। କିନ୍ତୁ ଏବେ ଏହି ପ୍ରତୀକ୍ଷାର ଅନ୍ତ ଘଟିବ ବୋଲି ଶାସ୍ତ୍ରୀ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଏମ୍‌ଜିଏମ୍ ଏକାଡେମୀରେ ବିଶ୍ୱସ୍ତରୀୟ କୋଚିଂ ବ୍ୟବସ୍ଥା ଉପଲବ୍ଧ ହେବ ଓ ଏହା ହିଁ ଓଡ଼ିଶାରେ କ୍ରିକେଟ ସଂସ୍କୃତିକୁ ଆଗକୁ ବଢାଇବ। ଏବେ ଓଡ଼ିଶାରେ କ୍ରିକେଟ ସମେତ ସବୁ କ୍ରୀଡ଼ାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଉପଲବ୍ଧ ହୋଇଛି। ତେଣୁ ଓଡ଼ିଆ ପ୍ରଶଂସକଙ୍କ ପ୍ରତୀକ୍ଷା ଅନ୍ତ ହେବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ଯୁବ କ୍ରିକେଟ ପ୍ରତିଭା ଚିହ୍ନଟ ଓ ସେମାନଙ୍କୁ ଏବେ ବିକଶିତ କରିବାର ବ୍ୟବସ୍ଥା ଦିଗରେ ପର୍ଯ୍ୟାପ୍ତ ଭାବେ କାର୍ଯ୍ୟ କରାଯାଉଛି। ୧୪୦ କୋଟି ଲୋକ ସଂଖ୍ୟା ବିଶିଷ୍ଟ ଆମ ଦେଶରେ ଅନ୍ତିମ ଜାତୀୟ ଏକାଦେଶରେ ସ୍ଥାନ ପାଇବା ନିଶ୍ଚିତ ଭାବେ କଷ୍ଟକର। ତେଣୁ ଖେଳାଳିମାନଙ୍କୁ ଅଭ୍ୟାସ ସହ କଠିନ ପରିଶ୍ରମ କରିବାର ଆବଶ୍ୟକତା ରହିଛି। କୌଣସି କାର୍ଯ୍ୟ ଅସମ୍ଭବ ନୁହଁ। କିନ୍ତୁ କ୍ରିକେଟରଙ୍କୁ ବୈଷୟିକ ଦୃଷ୍ଟିକୋଣରୁ ଦକ୍ଷ ପ୍ରଶିକ୍ଷକଙ୍କ ଆବଶ୍ୟକତା ରହିଛି। ଏବେ ଏହା ଏମ୍‌ଜିଏମ୍‌ରେ ଉପଲବ୍ଧ ହୋଇପାରିବ।

#### ତୃଣମୂଳସ୍ତରରେ ପ୍ରଶିକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି: ଶ୍ରୀଧର

କ୍ରିକେଟ ଓ କ୍ରିକେଟରଙ୍କ ଉନ୍ନତି ପାଇଁ ତୃଣମୂଳସ୍ତରରେ କାର୍ଯ୍ୟ କରିବାର ଆବଶ୍ୟକାତ ରହିଛି ବୋଲି ପୂର୍ବତନ ଭାରତୀୟ ଫିଲ୍ଡିଂ ପ୍ରଶିକ୍ଷକ ଆର ଶ୍ରୀଧର କହିଛନ୍ତି। କାରଣ ଏହା ଦ୍ୱାରା ତୃଣମୂଳସ୍ତରରେ କ୍ରିକେଟ ପ୍ରତିଭାର ଆବିଷ୍କାର ହେବା ସହଜ ହେବ। କେବଳ ସହର ନୁହଁ ଗ୍ରାମାଞ୍ଚଳରେ ତୃଣମୂଳସ୍ତରରେ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଆହୁରି ଦୃଢ କରାଯିବା ଉପରେ ସେ ଗୁରୁତ୍ୱ ଦେଉଛନ୍ତି।

#### ଏଠାରେ କାର୍ଯ୍ୟ କରିବାକୁ ଉତ୍ସାହିତ ଅଛି: ରାଜୁ

ଏମ୍‌ଜିଏମ୍ ସହ ଜଡିତ ହୋଇ ଏଠାରେ କ୍ରିକେଟ ଓ କ୍ରିକେଟରଙ୍କ ବିକାଶ ଦିଗରେ କାର୍ଯ୍ୟ କରିବାକୁ ବ୍ୟଗ୍ରଅଛି ବୋଲି ପୂର୍ବତନ ଭାରତୀୟ ସ୍ପିନର ତଥା ପରାମର୍ଶଦାତା ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଭେଙ୍କଟପତି ରାଜୁ କହିଛନ୍ତି। ରାଜ୍ୟରେ ପ୍ରତିଭାର ଅଭାବ ନାହିଁ। କିନ୍ତୁ ଉଚ୍ଚକୋଟୀର ପ୍ରଶିକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଯଦି ସବୁକିଛି ଠିକ୍‌ଠାକ ଚାଲେ ତାହାଲେ କିଛି ବର୍ଷ ମଧ୍ୟରେ ଫଳ ମିଳିବ ବୋଲି ସେ ଆଶା ପ୍ରକାଶ କରି କହିଛନ୍ତି। ସୂଚନାଯୋଗ୍ୟ, ଭାରତୀୟ ଦଳର ଏହି ବାମହାତି ସ୍ପିନ୍ ବୋଲର ପୂର୍ବରୁ ଓଡ଼ିଶା ରଣଜୀ ଦଳର କୋଚ୍ ଦାୟିତ୍ୱରେ ରହିଥିଲେ। କିନ୍ତୁ ଗୋଟିଏ ସିଜନରେ ତାଙ୍କ ଦାୟିତ୍ୱ ଛାଡ଼ି ହାଇଦରାବାଦ ଚାଲିଯାଇଥିଲେ।

### ଆଇପିଏଲ୍-୧୭

## ଦେଖିବାକୁ ମିଳିବ ସ୍ମାର୍ଟ ରିଲ୍ ସିଷ୍ଟମ

**ନୂଆଦିଲ୍ଲୀ,୧୯ ।୩(ଏଜେନ୍ସି):** ୨୨ ତାରିଖ ଦିନ ଇଣ୍ଡିଆନ ପ୍ରିମୟର ଲିଗ୍ (ଆଇପିଏଲ) ଆରମ୍ଭ ହେବାକୁ ଯାଉଛି। ଏଥର ଆହୁରି ଅଧିକ ନିର୍ଭୁଲ ରିଭ୍ୟୁ ଓ ନିର୍ଣ୍ଣୟ ନେବାକୁ ଲିଗ୍‌ରେ 'ସ୍ମାର୍ଟ ରିଲ୍ସ ସିଷ୍ଟମ'ର ବ୍ୟବହାର କରାଯିବ। ଏହା ଦ୍ୱାରା ସ୍ପିଲ୍‌ଟ ସ୍କ୍ରିନ ଅର୍ଥାତ ଗୋଟିଏ ସ୍କ୍ରିନ୍‌ରେ ଏକାଧିକ ଫ୍ରେମ୍ ଆହୁରି ଅଧିକ ସ୍ପଷ୍ଟ ଭାବେ ଦେଖା ହେବ। ସ୍ମାର୍ଟ ରିଲ ସିଷ୍ଟମ ଦ୍ୱାରା ଟିଭି ଅମ୍ପାୟାରଙ୍କୁ ହକ-ଆଇ ଅପରେଟରଙ୍କଠାରୁ ସିଧା ଇନ୍‌ପୁଟ୍ ମିଳିବ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପୂର୍ବରୁ 'ଦି ହଣ୍ଡ୍ରେଡ୍'ରେ ଏହି ଭଳି ରେଫରାଲ ପ୍ରକ୍ରିୟା ବ୍ୟବହାର କରିଥିଲା। ସ୍ମାର୍ଟ ରିଲ ସିଷ୍ଟମ ଟିଭି ଅମ୍ପାୟାରଙ୍କୁ ପୂର୍ବାପେକ୍ଷା ଅଧିକ ଆଙ୍ଗଲ ଅର୍ଥାତ କାଣରୁ ଦେଖିବାର ଅନୁମତି ଦେବ। ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ଅମ୍ପାୟରମାନଙ୍କୁ ଦୁଇ ଦିନିଆ ପ୍ରଶିକ୍ଷଣ ଦେଇଛି। ଭାରତ ଓ ବିଦେଶୀଙ୍କ ସମତେ ମୋଟ୍ ୧୫ ଜଣ ଅମ୍ପାୟାରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

### ୬ ବର୍ଷପରେ କମେଣ୍ଟ୍ରି କରିବେ ସିଦ୍ଧୁ

**ନୂଆଦିଲ୍ଲୀ,୧୯ ।୩(ଏଜେନ୍ସି):** ଦୀର୍ଘ ୬ ବର୍ଷ ପରେ ପୂର୍ବତନ କ୍ରିକେଟର ତଥା ଭାଷ୍ୟକାର ନଭଜୋତ ସିଂ ସିଦ୍ଧୁ ଭାଷ୍ୟକାର ଭାବେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଆଉ ଦୁଇ ଦିନ ପରେ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ତମ ସଂସ୍କରଣର ପ୍ରଥମ ତଥା ଉଦ୍‌ଘାଟନୀ ମ୍ୟାଚ୍‌ରୁ ହିଁ ସେ ଟିଭି ଭାଷ୍ୟକାର ରୂପେ କାର୍ଯ୍ୟ କରିବେ। ଜଣାଶୁଣା କ୍ରୀଡ଼ା ପ୍ରସାରଣକାରୀ ଟିଭି ଚ୍ୟାନେଲ ଷ୍ଟାର ସ୍ପୋର୍ଟ୍ସ ଏ ନେଇ ସାମାଜିକ ଗଣମାଧ୍ୟମରେ ମଙ୍ଗଳବାର ସୂଚନା ଦେଇଛି। ସିଦ୍ଧୁ ପୂର୍ବରୁ ୨୦୧୮ ରେ ଶେଷଥର ପାଇଁ ଭାଷ୍ୟକାର ରୂପେ କାର୍ଯ୍ୟ କରିଥିଲେ। ସେ ଅଗାମୀ ଲୋକସଭା ନିର୍ବାଚନ ଲଢିବେ ନାହିଁ। ତେଣୁ ସେ ପୁଣି ଥରେ କମେଣ୍ଟ୍ରୀକୁ ଫେରିବାକୁ ଯାଉଛନ୍ତି ବୋଲି କୁହାଯାଉଛି।



# ବ୍ରିଜ୍‌ଭୂଷଣଙ୍କୁ କ୍ରୀଡ଼ାରୁ ବିଦା କର

ନୂଆଦିଲ୍ଲୀ, ୧୯।୩(ଏଜେନ୍ସି)

### ପ୍ରଧାନମନ୍ତ୍ରୀଙ୍କୁ ବିନେଶ ଓ ସାକ୍ଷୀଙ୍କ ଆକୁଳ ନିବେଦନ

ବିବାଦୀୟ କ୍ରୀଡ଼ା ପ୍ରଶାସକ ତଥା ବିଜେପି ଏମ୍‌ପି ବ୍ରିଜ୍‌ଭୂଷଣ ସିଂଙ୍କୁ ବିଦା କରିବା ଲାଗି ଭାରତର ସମସ୍ତ ଶ୍ରେଷ୍ଠ କୁସ୍ତିଯୋଦ୍ଧା ବିଫଳ ହୋଇଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ କ୍ରୀଡ଼ା ବିଭାଗ ଓ ଭାରତୀୟ ଅଲିମ୍ପିକ୍ ସଂଘର ମିଳିତ ଚେଷ୍ଟା ବିଫଳ ହୋଇଛି। ବିଶ୍ୱ କୁସ୍ତି ସଂଘର ଛାଟ ମଧ୍ୟ କାମ କଲା ନାହିଁ। ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନ ଦେବା ଅଭିଯୋଗରେ ଭାରତୀୟ କୁସ୍ତି ସଂଘ ସଭାପତି ଥିବା ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ତାଙ୍କୁ ପଦ ହରାଇବାକୁ ପଡ଼ିଥିଲା। କୁସ୍ତି ସଂଘ ନିର୍ବାଚନରେ ବ୍ରିଜ୍‌ଭୂଷଣଙ୍କ ସମର୍ଥକ ସଞ୍ଜୟ ସିଂ ସଭାପତି ନିର୍ବାଚିତ ହେବା ପରେ ପୁଣି ବ୍ରିଜ୍‌ଭୂଷଣ କ୍ଷମତାକୁ ଫେରିଥିଲେ। କୁସ୍ତିଯୋଦ୍ଧାମାନଙ୍କର ସମସ୍ତ ବିରୋଧ ଓ ଅଭିଯୋଗ କାମ ଦେଲା ନାହିଁ। ଏବେ ସଞ୍ଜୟଙ୍କୁ ପୁଣିଥରେ ସଭାପତି ଭାବେ ସ୍ୱୀକୃତି ମିଳିଛି। ଯାହା ଫଳରେ ଭାରତୀୟ କୁସ୍ତିରେ ଯେଉଁ ନିର୍ଯାତନା ଚାଲିଛି ତାହା ଆଉ ବନ୍ଦ ହେବ ନାହିଁ ବୋଲି କୁସ୍ତିଯୋଦ୍ଧାମାନଙ୍କର ବିଶ୍ୱାସ ହୋଇଛି। ଏହା ଫଳରେ ଆଉ କୌଣସି ଉପାୟ ନ ପାଇ ବ୍ରିଜ୍‌ଭୂଷଣଙ୍କୁ କ୍ରୀଡ଼ା ପ୍ରଶାସନରୁ ଦୂରେଇ ରଖିବା ଲାଗି ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗତ ଓ ସାକ୍ଷୀ ମଲ୍ଲିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆକୁଳ ନିବେଦନ କରିଛନ୍ତି। ଦେଶରେ ମହିଳା ମାନଙ୍କୁ ସଶକ୍ତ କରିବାକୁ ପ୍ରଧାନମନ୍ତ୍ରୀ ଅନେକ ପଦକ୍ଷେପ ନେଉଛନ୍ତି, କିନ୍ତୁ ଏହି ଯୌନ ନିର୍ଯାତନା ଦେଉଥିବା ଜଣେ ବ୍ୟକ୍ତିଙ୍କୁ ଘଣ୍ଟ ଘୋଡାଉଛନ୍ତି। ଏଭଳି ବ୍ୟକ୍ତିଙ୍କୁ ଖେଳରୁ ଦୂରେଇ ନ ରଖିଲେ କୁସ୍ତିଯୋଦ୍ଧାମାନେ ପୁଣିଥରେ ନିର୍ଯାତନାର ଶିକାର ହେବେ।

# ସୂର୍ଯ୍ୟକୁମାର ଯାଦବ ଅନ୍‌ଫିଟ୍

**ବେଙ୍ଗାଲୁରୁ, ୧୯।୩(ଏଜେନ୍ସି):** ବିଶ୍ୱର ଶ୍ରେଷ୍ଠ ଟି-୨୦ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ମାର୍ଚ୍ଚ ୨୨ରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଖେଳିବାକୁ ବିସିସିଆଇ ଅନୁମତି ପାଇନାହାଁନ୍ତି। ଏହା ତାଙ୍କ ଫ୍ରାଞ୍ଚାଇଜ୍ ଟିମ୍ ମୁମ୍ବାଇ ଇଣ୍ଡିଆନ୍ସକୁ ଶକ୍ତ ଧକ୍କା ସଦୃଶ ହୋଇଥିଲେ ମଧ୍ୟ ସେ ଖୁବ୍ ଶୀଘ୍ର ଦଳ ସହ ଯୋଗଦେବେ ବୋଲି ପ୍ରଶିକ୍ଷକ ମାର୍କ ବାଉଚର ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ଭାରତର ନେତୃତ୍ୱ ନେଇଥିବା ସିରିଜ୍ ପରେ ଆହତ ହୋଇଥିଲେ। ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା। ଫିଟ୍‌ନେସ ଲାଗି ସେ ବାଙ୍ଗାଲୋରସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀରେ ରହିଥିଲେ।




ଆଜି ଅର୍ଥାତ ମଙ୍ଗଳବାର ତାଙ୍କର ଫିଟ୍‌ନେସ ପରୀକ୍ଷା କରାଯାଇଥିଲା। ଏଥିରେ ସେ ଅନ୍‌ଫିଟ୍ ହେବା ଫଳରେ ଅତିକମ୍‌ରେ ମୁମ୍ବାଇର ପ୍ରଥମ ମ୍ୟାଚ୍ ଖେଳିପାରିବେ ନାହିଁ। ମାର୍ଚ୍ଚ ୨୧ରେ ପୁନର୍ବାର ତାଙ୍କର ଫିଟ୍‌ନେସ ପରୀକ୍ଷା କରାଯିବ। ଏଥିରେ ଫିଟ୍ ଘୋଷିତ ହେଲେ ତାଙ୍କୁ ଆଇପିଏଲ୍ ଖେଳିବାକୁ ବିସିସିଆଇ ଅନୁମତି ଦେବ। ଏହା ଯଦି ସମ୍ଭବ ହୁଏ, ତେବେ ସେ ମୁମ୍ବାଇର ଦ୍ୱିତୀୟ ମ୍ୟାଚ୍ ଖେଳିବାକୁ ସମର୍ଥ ହେବେ। ସୋମବାର ମୁମ୍ବାଇ ଇଣ୍ଡିଆନ୍ସ ପ୍ରଶିକ୍ଷକ ମାର୍କ ବାଉଚର ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ କିଛି ସୂଚନା ଦେଇଥିଲେ। ଆମର କିଛି ଫିଟ୍‌ନେସ ଇସ୍ୟୁ ରହିଛି ଓ ଏଥିରୁ ଆମେ ଖୁବ୍ ଶୀଘ୍ର ମୁକ୍ତିପାଇବୁ ବୋଲି ସେ କହିଥିଲେ।

## ମିଆମି ଓପନ୍; ପଦାର୍ପଣରେ ସୁମିତ୍ ନାଗଲ ବିଜୟୀ

**ମିଆମି,୧୯ ।୩(ଏଜେନ୍ସି):** ମିଆମି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପଦାର୍ପଣ କରିଥିବା ଭରାତୀୟ ଶ୍ରେଷ୍ଠ ଏକକ ତାରକା ସୁମିତ ନାଗଲ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ୬ ଫୁଟ ୮ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ କାନାଡା ଖେଳାଳି ଗାବ୍ରିଏଲ ଡିଆଲୋଙ୍କୁ ୭-୬, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ଏହି ବିଜୟ ପରେ ନାଗଲ ଏଟିପି ମାନ୍ୟତାର ୯୨ତମ ସ୍ଥାନକୁ ଉଠିବା ସ୍ପଷ୍ଟ ହୋଇଛି। ଗତ ଇଣ୍ଡିଆନ ୱେଲ୍ସ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଡ୍ର'କୁ ଉନ୍ନୀତ ହୋଇଥିଲେ ମଧ୍ୟ ନାଗଲ ମିଲୋସ ରାଓନିକଙ୍କଠାରୁ ପରାସ୍ତ ହୋଇଥିଲେ। ସେହିପରି ଅଷ୍ଟ୍ରେଲିଆନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ସେ ଏକକ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

# ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ

ନୂଆଦିଲ୍ଲୀ,୧୯ ।୩(ଏଜେନ୍ସି)

ଆଉ ଦୁଇଦିନ ପରେ ଆଇପିଏଲ ଆରମ୍ଭ ହେବାକୁ ଯାଉଥିବା ବେଳେ ତାରକା ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ମଙ୍ଗଳବାର ଏ ନେଇ ଫ୍ରାଞ୍ଚାଇଜ୍ ତରଫରୁ ଘୋଷଣା କରାଯାଇଛି। କାର୍ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେବା ପରେ ଦୀର୍ଘ ୧୪ ମାସ ପରେ ସେ ପେସାଦାର କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫିଟ୍‌ନେସ ଫେରିପାଇବାକୁ ସେ କଠିନ ପରିଶ୍ରମ କରିଛନ୍ତି ଓ ଶେଷରେ ଦିଲ୍ଲୀ ତରଫରୁ ଖେଳିବା ସହ ନେତୃତ୍ୱ ନେବେ। ଏହା ତାଙ୍କୁ ପ୍ରଶଂସକଙ୍କୁ ଆମୋଦିତ କରିଛି।

## ଜେସନଙ୍କ ସ୍ଥାନରେ ଉଡ୍

**ମୁମ୍ବାଇ,୧୯ ।୩(ଏଜେନ୍ସି):** ଆଘାତ ସମସ୍ୟା କାରଣରୁ ଅଷ୍ଟ୍ରେଲିଆର ଜେସନ ବେହରେନଡୋର୍ଫ ଆଇପିଏଲରୁ ବାଦ୍ ପଡିଛନ୍ତି। ଫଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ଝଟ୍‌କା ଲାଗିଛି। ତାଙ୍କ ସ୍ଥାନରେ ଇଂଲଣ୍ଡ ବାମହାତୀ ଦ୍ରୁତ ବୋଲର ଲୁକ୍ ଉଡ୍‌ଙ୍କୁ ମୁମ୍ବାଇ ଦଳରେ ସାମିଲ କରାଯାଇଛି।

### ପରିବର୍ତ୍ତନ ହେଲା ଆରସିବିର ନାମ

# ବାଙ୍ଗାଲୋର ହେଲା ବେଙ୍ଗାଲୁରୁ

ବେଙ୍ଗାଲୁରୁ,୧୯ ।୩(ଏଜେନ୍ସି)

ଆଇପିଏଲର ଅନ୍ୟତମ ଶ୍ରେଷ୍ଠ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ନାମ ପରିବର୍ତ୍ତନ ହୋଇଛି। ଏବେ ଏହା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଭାବେ ପରିଚିତ ହେବ। ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଆନୁଷ୍ଠାନିକ ଭାବେ ଫ୍ରାଞ୍ଚାଇଜ୍‌ର ନାମ ପରିବର୍ତ୍ତନ କରାଯାଇଛି। ୨୦୦୮ ରୁ ଏହା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଭାବେ ପରିଚିତ ଥିଲା। ଏଥିସହ ଆରସିବିର ଜର୍ସି ଓ କିଟ୍ ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅଧିନାୟକ ଫାଫ୍ ଡୁପ୍ଲେସି, ସ୍ମୃତି ମନ୍ଧାନା ଉପସ୍ଥିତ ଥିଲେ।






### କୋହଲିଙ୍କ ନୂଆ ହେୟାରକଟ୍

ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ସୁପରଷ୍ଟାର ବିରାଟ କୋହଲି ନୂଆ ରୂପରେ ତାଙ୍କ ଚୁଟି କାଟି ପ୍ରଶଂସକଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରିଛନ୍ତି। ନୂଆ ହେୟାରକଟ୍ ସହ କୋହଲି ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି କରିଛନ୍ତି। ନୂଆ ଚୁଟି କଟା ସହ ସେ ଆଇ ବ୍ରୋ ଅର୍ଥାତ ଭ୍ରୁଲତାରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ ଆଣିଛନ୍ତି। ଏହା ପୂରା ଭିନ୍ନ ମନେ ହେଉଛି। ଜଣାଶୁଣା ହେୟାର ଷ୍ଟାଇଲିଶ୍ ଅଲିମ ହାକିମ୍ ଇନଷ୍ଟାଗ୍ରାମ୍‌ରେ କୋହଲିଙ୍କ ନୂଆ ଲୁକ୍‌ର ଫଟୋ ଅପଲୋଡ କରିଛନ୍ତି। ପ୍ରଶଂସକ ତାଙ୍କ ଏହି ନୂଆ ଷ୍ଟାଇଲକୁ ବେଶ୍ ପସନ୍ଦ କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

# ଦୁର୍ଗାପାଲି ଓଭରବ୍ରିଜ ନିର୍ମାଣରେ ବିଳମ୍ବ, ଯାତାୟାତ ବାଧାପ୍ରାପ୍ତ

ସମ୍ବଲପୁର, ୧୯।୩(ସମିସ)

ସମ୍ବଲପୁର ଦୁର୍ଗାପାଲି ରେଲୱେ ଫାଟକ ଉପରେ ବ୍ରିଜ୍ ନିର୍ମାଣ କାମ ପ୍ରାୟ ୪ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଧାର୍ଯ୍ୟ ସମୟ ବିତିଯାଇଥିଲେ ମଧ୍ୟ କାମ ନ ସରିବାକୁ ଅସନ୍ତୋଷ ଦେଖା ଦେଇଛି। ଏହି ରାସ୍ତା ସମ୍ବଲପୁର ସହରକୁ ପ୍ରବେଶ କରିବା ମୁଖ୍ୟ ରାସ୍ତା। ରିଂରୋଡ ଦେଇ ସହର ଭିତରକୁ ଯିବା ଆସିବା କରନ୍ତି। ରାସ୍ତା ଦେଇ ବୁର୍ଲା ମେଡିକାଲ ସହିତ ବୁର୍ଲାରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଯିବାଆସିବାରେ ସମସ୍ୟା ହେଉଛି। ପ୍ରତିଦିନ ଶତାଧିକ ଯାନବାହନ ଏହି ରାସ୍ତା ଦେଇ ଯାତାୟାତ କରୁଛି। ଏହାଛଡା ସମ୍ବଲପୁରର ଅନେକ ଲୋକ ବୁର୍ଲା ଓ ହୀରାକୁଦ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ତେବେ ଦୁର୍ଗାପାଲିରେ ଅଧା ଅପନ୍ତରିଆ ହୋଇ ପଡ଼ିଥିବା ରାସ୍ତା ଯୋଗୁଁ ସମସ୍ୟା ଭୋଗୁଛନ୍ତି। ଅନ୍ୟପଟେ ଓଭରବ୍ରିଜ ନ ହେବାରୁ ଦୁର୍ଗାପାଲି ରେଲୱେ କ୍ରସିଂରେ ଯାତ୍ରୀମାନେ ଅନେକ ସମୟ ଧରି ଛିଡା ରହିବାକୁ ପଡୁଛି। ବେଲେ ଆମ୍ବୁଲାନ୍ସ ମଧ୍ୟ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛି। ଟ୍ରେନ୍ ଯିବାଆସିବା ସମୟରେ ରେଳ ଫାଟକ ବନ୍ଦ ହୋଇଯାଏ। ପ୍ରତ୍ୟେକ ଥର ଟ୍ରେନ୍ ଗଲାବେଳେ ଗେଟ୍ ପ୍ରାୟ ୧୫ ମିନିଟ୍ ବନ୍ଦ ହୋଇଥାଏ ବୋଲି ଅଭିଯୋଗ ହେଉଛି। ଏହାକୁ ନେଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ଦୁର୍ଗାପାଲିରେ ଥିବା ଲେଭଲ୍ କ୍ରସିଂ ଉପରେ ବ୍ରିଜ କାର୍ଯ୍ୟକ୍ଷମ ହେବା ପରେ ଏହି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ଦୁର୍ଗାପାଲି ରାସ୍ତା ସହରର ଲକ୍ଷ୍ମୀଡୁଙ୍ଗୁରି ଛକରେ ୫୩ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ସୂଚନାଯୋଗ୍ୟ, ଦୁର୍ଗାପାଲି ବ୍ରିଜର ଲମ୍ବ ୯୪୭ ମିଟର ରହିଛି। ଏହି ପ୍ରକଳ୍ପ ଉଭୟ ରେଲବାଇ ଓ ପିଡବ୍ଲ୍ୟୁଡି ଦ୍ୱାରା କାମ ହେଉଛି। ପ୍ରକଳ୍ପ ୨୦୧୯ରେ ଆରମ୍ଭ ହୋଇ ୨ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ କରାଯାଇଥିଲା ରେଲବାଇ ଜମିରେ ରେଳ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲା। ରେଲବାଇ ଏହାର ଅଂଶ ପ୍ରାୟ ଶେଷ କରି କରିସାରିଛି। ପିଡବ୍ଲ୍ୟୁଡି ବିଭାଗ କାମରେ ବିଲମ୍ବ କରୁଛି। ଏବେ କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଆସନ୍ତା ମେ ମାସ ସୁଦ୍ଧା ଶେଷ ହୋଇଯିବାର ଲକ୍ଷ ରହିଛି।



# ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀ ପୁରସ୍କୃତ

**ସମ୍ବଲପୁର, ୧୯।୩(ସମିସ) :** ଧନକଉଡ଼ା ସ୍ଥିତ ଡେଫୋଡିଲ କିଣ୍ଡର ଗାଡେନ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡାକ୍ତର ନବୀନ କୁମାର ମିଶ୍ର ଯୋଗଦାନ କରି ଉଦବୋଧନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ଏମଡି ଡକ୍ଟର ଅବଦୁଲ ରସିଦ, ସ୍କୁଲର ଅଧ୍ୟକ୍ଷା ରୁକସାର ବେଗମ ମଞ୍ଚାସୀନ ଥିଲେ। ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଅତିଥିଗତ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରିବାସହ ଡେଫୁଟିଲ କିଣ୍ଡର ଗାଡେନ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଶିକ୍ଷାଦାନ ପ୍ରଣାଳୀର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ ପ୍ରଦାଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର କୁନିକୁନି ଛାତ୍ରଛାତ୍ରୀ ମାନେ ଆକର୍ଷଣୀୟ ନୃତ୍ୟଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ସବୁ ସ୍କୁଲର ସବୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ ଉପସ୍ଥିତ ଥିଲେ।




## ଚାଲାଣ ପାଇଁ ଏବେ ଟ୍ରେନ୍ ମାଧ୍ୟମ

# ଗଞ୍ଜେଇ କାରବାରରେ ମହିଳା ଟିମ୍

**ସମ୍ବଲପୁର, ୧୯।୩(ସମିସ):** ଜାତୀୟ ଓ ରାଜ୍ୟ ରାଜପଥରେ ଗଞ୍ଜେଇ ଚାଲାଣ ହୋଇଆସୁଛି। ଅବକାରୀ ବିଭାଗ, ପୁଲିସ ନିୟମିତ ଧରପଗଡ଼ କରି ଗଞ୍ଜେଇ ଚାଲାଣ ରୋକିବାକୁ ଚେଷ୍ଟା କରୁଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟାପକ ମାତ୍ରାରେ ଗଞ୍ଜେଇ ଜବତ କରୁଛି। ସେଥିପାଇଁ ଏବେ ଗଞ୍ଜେଇ ମାଫିଆମାନେ ଟ୍ରେନ୍‌କୁ ମାଧ୍ୟମ କରି ଚୋରାଚାଲାଣ କରୁଛନ୍ତି। ଟ୍ରେନ୍‌ରେ ସାଧାରଣ ବଗିରେ ମହିଳାମାନଙ୍କୁ ନିୟୋଜିତ କରାଯାଉଛି। ଗନ୍ତବ୍ୟ ସ୍ଥଳରେ ଗଞ୍ଜେଇ ପହଞ୍ଚାଇ ଦେଲେ ମହିଳାମାନଙ୍କୁ ମୋଟା ଅଙ୍କର କମିଶନ ଦିଆଯାଉଛି। ଗ୍ରାମାଞ୍ଚଳର ମହିଳାମାନଙ୍କୁ ଗଞ୍ଜେଇ ମାଫିଆମାନେ ତାଙ୍କ ଜାଲରେ ବିଭିନ୍ନ ପ୍ରଲୋଭନ ଦେଖାଇ ଫସେଇ ଦେଉଛନ୍ତି। କାଳେ ଗଞ୍ଜେଇ ଧରାପଡ଼ିଯିବ, ତେଣୁକରି ମହିଳାମାନଙ୍କୁ କମ ପରିମାଣର ଗଞ୍ଜେଇ ଦେଇ ଟ୍ରେନ୍‌ରେ ଯିବା ପାଇଁ ପ୍ରସ୍ତୁତ କରାଯାଉଛି।

ମହିଳାମାନେ ରେଳବାଇ ପୁଲିସକୁ ଚକ୍‌ମା ଦେବା ପାଇଁ ଟିମ୍‌ୱାର୍କ କରି ଟ୍ରେନ୍‌ରେ ଯାତାୟତ କରୁଛନ୍ତି। ସମସ୍ତ ମହିଳା ଏକାବେଳେ ଗଲେ ଧରା ପିଡିଯିବା ନେଇ ଗଞ୍ଜେଇ ମାଫିଆମାନେ ଅଲଗା ସମୟରେ ବିଭିନ୍ନ ସାଧାରଣ ବଗିକୁ ବ୍ୟବହାର କରୁଛନ୍ତି। ଓଡ଼ିଶାରୁ ପ୍ରାୟତଃ କୋଲକାତା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଆଦି ପ୍ରମୁଖ ସ୍ଥାନ ଗୁଡିକୁ ଗଞ୍ଜେଇ ଚାଲାଣ ହେଉଛି। ଚଳିତ ମାସ ୧୫ ଦିନ ନବିତୁଣ୍ଣୁ ରେଳବାଇ ପୁଲିସ ୫୧କେଜି ଗଞ୍ଜେଇ ଜବତ କରିସାରିଲାଣି। ଏହା ସହ ୬ ଜଣଙ୍କୁ ଗିରଫ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ସେମାନଙ୍କ ମଧ୍ୟରୁ ୪ଜଣ ମହିଳା ରହିଛନ୍ତି। ଗତକାଲି ରେଢାଖୋଲ ଷ୍ଟେସନରୁ ମଧ୍ୟପ୍ରଦେଶକୁ ଗଞ୍ଜେଇ ଯାଉଥିଲା। ଜିଆର୍‌ପି ପୁଲିସ କନ୍ଧମାଳର ମାନସ କନହାରକୁ ଗିରଫ କରି ୪ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ଗଞ୍ଜେଇ ମଧ୍ୟପ୍ରଦେଶକୁ ନେଇଯାଉଥିବା କହିଛି। ହେଲେ କାହାପାଖରୁ ନେଉଥିଲା ସେ ବିଷୟରେ ତଥ୍ୟ କିଛି ଦେଇନାହିଁ। ପ୍ରକାଶଥାଉକି ଗତ ୬ତାରିଖରେ ରେଢାଖୋଲ ଷ୍ଟେସନରୁ ରେଲୱେ ସୁରକ୍ଷା ବଳ(ଆରପିଏଫ) ୨୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରି ଦୁଇଜଣ ମହିଳାଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ଜଣେ କନ୍ଧମାଳର ରହିଥିବା ବେଳେ ଅନ୍ୟ ଜଣେ ମଧ୍ୟପ୍ରଦେଶର। କନ୍ଧମାଳର ପନକି ମଲ୍ଲିକ ଓ ମଧ୍ୟପ୍ରଦେଶର ବର୍ଷାକୁ ବିଶେଷ ସୂତ୍ରରୁ ଖବର ପାଇ ଆର୍‌ପିଏଫ୍ ଯାଞ୍ଚ କରି ଗିରଫ କରିଥିଲେ। ଗଞ୍ଜେଇ ଚାଲାଣ କରୁଥିବା ଅଭିଯୁକ୍ତମାନେ ମୁଖ୍ୟତଃ କନ୍ଧମାଳ ଓ ମଧ୍ୟପ୍ରଦେଶର ବୋଲି ସୂଚନା ମିଳିଛି। ଗଞ୍ଜେଇ ମାଫିଆମାନେ ସକ୍ରିୟ ରହି ଏଭିଳି ଚାଲାଣ କରୁଥିବା ଜଣାପଡ଼ିଛି। ସେହିପରି ଗତ ୧୪ ତାରିଖରେ ସମ୍ବଲପୁର ରେଳଷ୍ଟେସନରୁ ଜିଆର୍‌ପି ୨୪ କେଜି ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ହେଲେ ପିଜୁସ ବିଶ୍ୱାସ, ରୁମ୍‌ପା ସତ୍ର ଓ ଶିଳ୍ପୀ ମଣ୍ଡଳ। ଏମାନେ ସମସ୍ତେ ପଶ୍ଚିମବଙ୍ଗ ନଦିଆଁ ଜିଲ୍ଲା କ୍ରିଷ୍ଣାଗଞ୍ଜ ଅଞ୍ଚଳର। ସେଦିନ ମଧ୍ୟ ସମ୍ବଲପୁରରୁ ରାୟପୁର ଯାଉଥିଲା ଗଞ୍ଜେଇ। ଖବର ପାଇ ଜିଆର୍‌ପି ଚଢ଼ଉ କରିଥିଲା। ପ୍ରତିଦିନ ସମ୍ବଲପୁର ଷ୍ଟେସନ ଦେଇ ରାଜ୍ୟ ବାହରକୁ ଗଞ୍ଜେଇ ଚୋରାଚାଲାଣ ହେଉଛି। ଜିଆର୍‌ପି ଓ ଆର୍‌ପିଏଫ ଚଢଉ କରି ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରୁଛନ୍ତି। ଟ୍ରେନ୍ ତଥା ମହିଳାଙ୍କ ମାଧ୍ୟମ କରି ଗଞ୍ଜେଇ ମାଫିଅମାନେ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ରହିଲା।





**୧୫ଦିନରେ ୫୧କେଜି ଜବତ, ୬ ଗିରଫ**

# ବିଦ୍ୟୁତ୍ ବିଲ୍ ସଠିକ ସମୟରେ ପଇଠ କରିବା ଗ୍ରାହକଙ୍କ ନୈତିକ କର୍ତ୍ତବ୍ୟ, ଆଇନ ଅନୁମୋଦିତ:ଟିପିଡବ୍ଲୁଓଡିଏଲ୍

**ବୁର୍ଲା/ସମ୍ବଲପୁର, ୧୯।୩(ସମିସ):** ଖାଦ୍ୟ, ଜଳ, ବାସଗୃହ ଏବଂ ଅମ୍ଳଜାନ ପରି ବିଦ୍ୟୁତ୍ ସରବରାହ ଆଧୁନିକ ସଭ୍ୟତାର ମେରୁଦଣ୍ଡ ଭାବେ ଏକ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରିଥାଏ। ଓଡ଼ିଶାରେ ବିଶେଷକରି ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଘରୋଇକରଣ କରାଯିବା ପରଠାରୁ ଲାଇସେନ୍ସ ପ୍ରାପ୍ତ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲୁଓଡିଏଲ୍) ସ୍ଥିର, ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଅନେକ ପଦକ୍ଷେପ ହାତକୁ ନେଇଛି ଏବଂ ଲକ୍ଷ ଲକ୍ଷ ଗ୍ରାହକଙ୍କ ସୁବିଧା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ବିଦ୍ୟୁତ୍ ଦେୟ ପୈଠ କରିବା କାର୍ଯ୍ୟକୁ ସୁବିଧାଜନକ କରିପାରିଛି। ଏଥି ସହିତ ପଶ୍ଚିମ ଓଡ଼ିଶାର ବିଭିନ୍ନ କୋଣଅନୁକୋଣରେ କମ୍ପାନି ଗ୍ରାହକଙ୍କ ମଧ୍ୟରେ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବା ନେଇ ସଚେତନତା ସୃଷ୍ଟି କରିଆସୁଅଛି। ଏହା ସତ୍ତ୍ୱେ ମଧ୍ୟ ବିଭିନ୍ନ ଜିଲ୍ଲାରେ ସଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବାରେ ଅନିୟମିତତା ସାମ୍ନାକୁ ଆସୁଛି। ତେଣୁ ନିୟମିତ ଭାବରେ ବିଦ୍ୟୁତ୍ ବିଲ୍ ପୈଠ କରି ଓଇଆର୍‌ସିଙ୍କ ଦ୍ୱାରା ଘୋଷିତ ରିହାତିଗୁଡିକୁ ଉପଭୋଗ କରିବା ପାଇଁ କମ୍ପାନି ତାର ସମସ୍ତ ଗ୍ରାହକଙ୍କୁ ନିବେଦନ କରିଛି। ବିଦ୍ୟୁତ୍ ଅଧିନିୟମ ୨୦୦୩ ଧାରା ୪୭ ଏବଂ ୫୬ ଅନୁଯାୟୀ ଉପଭୋକ୍ତା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଦ୍ୟୁତ୍ ବିଲ୍ ପୈଠ କରିବା ଆଇନ ସହମତ। ତେଣୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବିଦ୍ୟୁତ୍ ବିଲ୍ ପୈଠ କରିବାରେ ବିଫଳ ହେଲେ ବିତରକ କମ୍ପାନିକୁ ଉକ୍ତ ଗ୍ରାହକଙ୍କ ବିଦ୍ୟୁତ୍ ଯୋଗାଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଉପରୋକ୍ତ ଆଇନରେ ପ୍ରାବଧାନ ରହିଅଛି। ପ୍ରକାଶଥାଉ କି, ବିତରକ କମ୍ପାନୀ ରାଜ୍ୟ ଭାରପ୍ରାପ୍ତ ସଂସ୍ଥାଠାରୁ ବିଦ୍ୟୁତ୍ ଶକ୍ତି କ୍ରୟ କରିବା ପରେ ଘରୋଇ, ବାଣିଜ୍ୟିକ, ଶିଳ୍ପ ଏବଂ କୃଷି ପରି ବିଭିନ୍ନ ପ୍ରକାରର ଗ୍ରାହକଙ୍କ ମଧ୍ୟରେ ପୁନଃ ବଣ୍ଟନ କରିଥାଏ। କମ୍ପାନି କୃଷି କ୍ଷେତ୍ରକୁ ଓଇଆରସିଙ୍କ ନିୟମାବଳୀ ଅନୁଯାୟୀ ରିହାତି ପ୍ରଦାନ କରିଥାଏ। ତେଣୁ ବିଦ୍ୟୁତ୍ ବିଲ୍ ସଠିକ୍ ସମୟରେ ପୈଠ କରିବା ଗ୍ରାହକମାନଙ୍କ ନୈତିକ କର୍ତ୍ତବ୍ୟ ଏବଂ ଆଇନସିଦ୍ଧ ବା ଆଇନ ଅନୁମୋଦିତ ଅଟେ। ତେବେ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଏକ ସ୍ଥିର, ନିରବଚ୍ଛିନ୍ନ ଏବଂ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଟିପିଡବ୍ଲୁଓଡିଏଲ୍ ସର୍ବଦା ପ୍ରତିବଦ୍ଧ। ତେଣୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ସଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରି ଦେଶ ତଥା ରାଜ୍ୟର ପ୍ରଗତିରେ ସହାୟକ ହୁଅନ୍ତୁ ବୋଲି କମ୍ପାନି ପକ୍ଷରୁ ପ୍ରକାଶ ପାଇଛି।

## ୩୧ ଲିଟର ଦେଶୀ ମଦ ଜବତ, ୨ ଗିରଫ

**ସମ୍ବଲପୁର, ୧୯।୩(ସମିସ):** ଗୁଇନ୍ଦା ଅବକାରୀ ବିଭାଗ ପକ୍ଷରୁ ବରେଇପାଲି ଥାନା ଅନ୍ତର୍ଗତ ଲଖମନ ନଗର ଓ ମଖନାପଡ଼ାରେ ୩୧ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଛି। ଏହି ଘଟଣାରେ ଲଖମନ ନଗରର ୨୨ ବର୍ଷୀୟ ରିମା ଓରାମ ଓ ମଖନାପଡ଼ାର ୩୫ ବର୍ଷୀୟ ସଜିତ ଓରାମଙ୍କୁ ଗିରଫ କରାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ମଙ୍ଗଳବାର ଦିନ ୧ ଟା ସମୟରେ ଗୁଇନ୍ଦା ଅବକାରୀ ବିଭାଗର ଟିମ ଏହି ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଦେଶୀ ମଦ ଜବତ, ଜଣେ ମହିଳା ଗିରଫ

**ସମ୍ବଲପୁର, ୧୯।୩(ସମିସ):** ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷିପଡ଼ାରେ ଆଜି ୯ଟା ସମୟରେ ସମ୍ବଲପୁର ସଦର ୧ ଅବକାରୀ ଥାନା ପକ୍ଷରୁ ଜଣେ ମହିଳାଙ୍କ ଠାରୁ ୧୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ସମ୍ବଲପୁର ସଦର ୧ ଅବକାରୀ ଥାନା ପକ୍ଷରୁ ୨୭ ବର୍ଷିୟ ପ୍ରତିଭା ମୁଣ୍ଡା ନାମକ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଏହି ଚଢଉ କରାଯାଇଥିବା ବେଳେ ଗିରଫ ମହିଳାଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ସମ୍ବଲପୁର ସଦର ୧ ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଟ୍ରେନ ଦୁର୍ଘଟଣାରେ ଯୁବକ ମୃତ

**ସମ୍ବଲପୁର, ୧୯।୩(ସମିସ):** ବରଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଖଣ୍ଡତା ଗ୍ରାମର ମିଥୁନ କୁମ୍ବାର(୪୦)ଙ୍କ ଆଜି ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ସମ୍ବଲପୁର ଜିଆରପି ପକ୍ଷରୁ ସୂଚନା ଦିଆଯାଇଛି। ହଟିଆ ଏର୍ନାକୁଲମ ଟ୍ରେନ ଗତ କାଲି ରାତି ୨ ଟା ବେଳେ ଦେଓବାହାଲ ପାଖରେ ଧକ୍କା ଦେଇଥିବା ଲୋକୋ ପାଇଲଟ ଜିଆରପିକୁ ସୂଚନା ଦେଇଛନ୍ତି।

# ସମ୍ବଲପୁରରେ ନୂତନ ଡିଏଭି ସ୍କୁଲର ଶୁଭାରମ୍ଭ

**ସମ୍ବଲପୁର, ୧୯।୩(ସମିସ):** ସ୍ଥାନୀୟ ବୁଦ୍ଧିଜୀବୀ, ଅଭିଭାବକଙ୍କ ଦୀର୍ଘ ଦିନର ଦାବି ମୁତାବକ ଆଜି ସମ୍ବଲପୁର ଧନୁପାଲି ଠାରେ ନୂତନ ଡ଼ିଏଭି ବିଦ୍ୟାଳୟର ଶୁଭାରମ୍ଭ ହୋଇଯାଇଛି। ଡ଼ିଏଭି ବିଦ୍ୟାଳୟର ମୂଳମନ୍ତ୍ର, ସନାତନ ସଂସ୍କୃତି, ଭାରତୀୟ ଆଧାତ୍ମିକତା, ବିଶ୍ୱଭ୍ରାତୃତ୍ୱ, ମାନବିକତା ଆଦି ମୂଳମନ୍ତ୍ରରେ ଦୀକ୍ଷିତ କରି ଆଗାମୀ ଭବିଷ୍ୟତମାନଙ୍କୁ ଦାୟିତ୍ୱ ସମ୍ପନ୍ନ ସୁନାଗରିକ କରି ଗଢି ତୋଳିବା ଲକ୍ଷ୍ୟ ନେଇ ଏହାକୁ ପ୍ରାରମ୍ଭ କରାଯାଇଛି। ଆଜି ସକାଳୁ ବୈଦିକ ଯଜ୍ଞାନୁଷ୍ଠାନ ସମ୍ପ୍ରତି ଅସ୍ଥାୟୀ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟର ମୁଖ୍ୟ ତଥା ଡ଼ିଏଭି ବୁର୍ଲାର ଅଧ୍ୟକ୍ଷା ରଶ୍ମି ମିଶ୍ର, ଡ଼ିଏଭି ଝାରସୁଗୁଡାର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଡ଼ିଏଭି ବ୍ରଜରାଜନଗରର ଅଧ୍ୟକ୍ଷ ଚିନ୍ମୟ ମିଶ୍ର ଐତିହାସିକ ଶୁଭ ମୁହୂର୍ତ୍ତର ପ୍ରାରମ୍ଭ କରିଥିଲେ। ପ୍ରକାଶ ଆଉକି ଏହାର ଅସ୍ଥାୟୀ କ୍ୟାମ୍ପସ୍ ଏବେ ଧନୁପାଲିରେ ପରିଚାଳିତ ହେବ। ଏହାର ସ୍ଥାୟୀ କ୍ୟାମ୍ପସ୍ ଗୋଶାଳା, ବସନ୍ତପୁର, ଆଇଆଇଏମ୍ ନିକଟରେ ନିର୍ମିତ ହେଲେ ସେଠାକୁ ସ୍ଥାନାନ୍ତରିତ ହେବ। ଏପରି ଅନୁଷ୍ଠାନର ପ୍ରାରମ୍ଭ ଯୋଗୁଁ ସ୍ଥାନୀୟ ଅଞ୍ଚଳର ବହୁଦିନର ଆଶା ପୂରଣ ହେବା ସହିତ ଉତ୍କର୍ଷ, ଗୁଣାତ୍ମକ ଶିକ୍ଷା ପ୍ରଦାନ ସ୍ଥାନୀୟ ଅଞ୍ଚଳର ମାନବିକ ସମ୍ବଳକୁ ନୂତନ ଦିଗ୍‌ଦର୍ଶନ ଦେବ।



## କମଲାପଡ଼ା ସମସ୍ୟା ନେଇ ଆଲୋଚନା

**ସମ୍ବଲପୁର, ୧୯।୩ (ସମିସ):** ସମ୍ବଲପୁର ମହାନଗର ୱାର୍ଡ ନମ୍ବର ୩୩ର କମଲାପଡ଼ାରେ ପୂର୍ବତନ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ତଥା ବର୍ତ୍ତମାନର ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଇଂ.ସିଦ୍ଧାର୍ଥ ଦାସ ସ୍ଥାନୀୟ ବାସିନ୍ଦା ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଗୁଡିକ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଶ୍ରୀ ଦାସ ସ୍ଥାନୀୟ ବାସିନ୍ଦାଙ୍କ କିଛି ସମସ୍ୟାର ତତ୍କାଳିକ ସମାଧାନ ନିମନ୍ତେ ସମ୍ବଲପୁର ମହାନଗର ନିଗମର କମିଶନରଙ୍କ ସହ ଆଲୋଚନା କରି ଶୀଘ୍ର ପାଇପ ପାଣିର ବ୍ୟବସ୍ଥା ଓ ଶୌଚାଳୟର ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକଙ୍କ ସହ ସମ୍ବଲପୁର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦିଲୀପ ଦାଶ, ବରିଷ୍ଠ ନେତା ନାସିର ଫରାଜ, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ଇଂ.ଦୀନେଶ ସେଠ, ଯୁବ ନେତା ଲିଙ୍ଗରାଜ ତ୍ରିପାଠୀ, ନରେଶ ଭରଦ୍ୱାଜ, ବବଲୁ ଶୁକ୍ଲା, ନନ୍ଦିନୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ନିଖୋଜ ନେଇ ଏତଲା

**ବୁର୍ଲା, ୧୯।୩ (ସମିସ):** ବୁର୍ଲା ଥାନା କ୍ରସରପଡ଼ା ଅଞ୍ଚଳର ଜଣେ ନାବାଳିକା(୧୫) ନିଖୋଜ ହୋଇଥିବା ନେଇ ବୁର୍ଲା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ପରିବାର ଲୋକେ ଆଜି ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ବୁର୍ଲା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ଘରେ ପରିବାର ଲୋକ କେହି ନଥିବା ବେଳେ ନାବାଳିକା ଜଣକ ତାଙ୍କ ଘରୁ କୁଆଡ଼େ ନିଖୋଜ ହୋଇଥିବା ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି।

## ୧୭ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ସମ୍ବଲପୁର, ୧୯।୩(ସମିସ):** ସମ୍ବଲପୁର କ୍ଷେତରାଜ ପୁର ରେଳ ଷ୍ଟେସନରୁ ଆଜି ୧୭ କେଜି ଗଞ୍ଜେଇ ଜବତ କରାଯାଇ ଜଣକୁ ଗରିଫ କରାଯାଇଥିବା ଜିଆରପି ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଉତ୍ତରପ୍ରଦେଶ ଲକ୍ଷ୍ନୌର ଇନ୍ଦ୍ରା ନଗର ଥାନା ଅନ୍ତର୍ଗତ ୨୧ ବର୍ଷିୟ ସୂରଜ କଶ୍ୟପ। ଜିଆରପି ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।



## ଏସ୍‌ୟୁରେ ଦୁଇଦିନିଆ ଆଲୋଚନାଚକ୍ର

**ବୁର୍ଲା, ୧୯।୩ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଦୁଇ ଦିନିଆଁ ଆର୍ନ୍ତଜାତୀୟ ସମ୍ମିଳନି ପରିଚୟ ଏବଂ ନାଗରିକତା ଦାବି" ଉପରେ ମିନି ଅଡ଼ିଟୋରିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନି ସମାରୋହରେ କୁଳପତି ପ୍ରଫେସର ବିଧୁଭୁଷଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ବିଷୟବସ୍ତୁ ଉପରେ ନିଜର ମତ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ନାତକୋର ସମୁହ ଅଧ୍ୟକ୍ଷା ପ୍ରଫେସର ସଂଯୁକ୍ତା ଦାସ ଓ କୁଳସଚିବ ଡ ନୃପରାଜ ସାହୁ ଉପସ୍ତିତ ରହି ନିଜର ମତାମତ ରଖିଥିଲେ। ବକ୍ତା ଭାବରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସମାଜିକ ବିଜ୍ଞାନ ବିଭାଗର ପ୍ରଫେସର ଏନ ପୁର୍ଣ୍ଣେନ୍ଦ୍ର ପ୍ରସାଦ ଯୋଗଦାନ ପୁର୍ବକ ଅଳ, ପରିଚୟ ଏବଂ ନାଗରିକତା ଦାବି ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଏହା ପୁର୍ବରୁ ସମ୍ମିଳନିର ସଂଯୋଜିକ ଡ.ମଧୁମିତା ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥଲେ। ସହ ସଂଯୋଜକ ଅହମଦାବାଦ ବିଶ୍ୱବିଦ୍ୟାଳୟର ଡ ମେରି ଆନ ଚାକୋ ସମ୍ମିଳନିର ବିଷୟବସ୍ତୁ ଉପରେ ସମ୍ୟକ ସୁଚନା ପ୍ରଦାନ କରିଥିଲେ। ସାମାଜିକ ବିଜ୍ଞାନ ବିଭାଗୀୟ ମୁଖ୍ୟ ତଥା ସମ୍ମିଳନିର ଅଧ୍ୟକ୍ଷା ପ୍ରଫେସର ଦ୍ୱମାସୀ ପାଲଟାସିଂ ନିଜର ମତ ରଖିଥିଲେ। ଏହି ଦୁଇଦିନ ଧରି ଚାଲିଥିବା ଆର୍ନ୍ତଜାତୀୟ ସମ୍ମିଳନିରେ ଦେଶ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷକ ତଥା ପ୍ରତିନିଧି ଦଳ ଆସି ଅଂଶଗ୍ରହଣ କରି ନିଜ ନିଜ ରେ ଉପସ୍ଥାନା କରିଥିଲେ। ଶେଷରେ ସାଙ୍ଗଠନିକ ସମ୍ପାଦକ ଡ ଶାଶ୍ୱତ ଚନ୍ଦ୍ର ପୁଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।




## ଟେଣ୍ଡର ପାସ୍ ହେଲା, ରାସ୍ତା ହେଲାନି

# ଖରାଦିନରେ ବି ଡେଙ୍ଗସର୍ଗି ରାସ୍ତା କର୍ଦ୍ଦମାକ୍ତ

ସମ୍ବଲପୁର, ୧୯।୩(ସମିସ)

ବରେଇପାଲିରୁ ଡେଙ୍ଗସର୍ଗି ଗାଁକୁ ରାସ୍ତା ଆଜି ପର୍ଯ୍ୟନ୍ତ ହେଇପାରିଲା ନାହିଁ। ଲୋକଙ୍କ ବାରମ୍ବାର ଅଭିଯୋଗ ହେଉଥିବା ସତ୍ତ୍ୱେ ପ୍ରଶାସନ ଅଣଦେଖା କରି ଆସୁଛି। ନାହିଁ ନଥିବା କେତେ ଅଭିଯୋଗ ହୋଇଛି ବାରମ୍ବାର ପ୍ରଶାସନ ପ୍ରତିଶ୍ରୁତ ମଧ୍ୟ ଦେଇଛି। ହେଲେ ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ନାଁ ଧରୁନି। ପ୍ରଶାସନିକ ସ୍ତରରେ ରାସ୍ତା ପାଇଁ ଟେଣ୍ଡର ପାସ ହୋଇସାରିଛି ହେଲେ ଏହା କାଗଜ କଲମରେ ବୋଲି ଲୋକେ କହୁଛନ୍ତି।

ସମ୍ବଲପୁର ଦେଇ ଯାଇଥିବା ଜାତୀୟ ରାଜପଥ ୫୩କୁ ଲାଗି ରହିଛି ବରେଇପାଲିରୁ ବୁଢାକଟା ଆଡ଼କୁ ରାସ୍ତା। ରାସ୍ତା ଆରମ୍ଭ ହେବା ସହ ଖାଲଢିପ ବି ଆରମ୍ଭ ହୋଇଥାଏ। ଉକ୍ତ ରାସ୍ତା ଉପରେ ୧୨ରୁ ୧୩ ଖଣ୍ଡ ଗ୍ରାମ ନିର୍ଭର କରିଥାନ୍ତି। କିନ୍ତୁ ରାସ୍ତାର ଅବସ୍ଥା ଏତେ ବିପର୍ଯ୍ୟୟ ହୋଇପଡ଼ିଛି ଯେ କେତେବେଳେ ଆଖିପିଛୁଳାକେ ଦୁର୍ଘଟଣା ଘଟିପାରେ ତାହା କହି ହେବନାହିଁ। ସତର୍କତା ସହ ଚାଲିକି ଯିବା ପାଇଁ ପଡେ ବୋଲି ଅଞ୍ଚଳବାସୀ କୁହନ୍ତି। ଟିକେ ବର୍ଷା ହେଲେ ଆରମ୍ଭ ହୋଇଯାଏ ସଂଘର୍ଷମୟ ଜୀବନ, ଯାତ୍ରୀମାନଙ୍କ ମନରେ ରାସ୍ତା ଓ ପୋଖରୀ ଚିହ୍ନିବାରେ ଭ୍ରମ ସୃଷ୍ଟି ହୁଏ। କାରଣ ଅଳ୍ପ ବର୍ଷାରେ ରାସ୍ତା ଖାଲ ସବୁ ଏକାକାର ହୋଇଯାଏ। ଏ ରାସ୍ତା ଉପରେ ୧୫୦୦ ରୁ ୧୬୦୦ ଲୋକ ନିର୍ଭର କରିଥାନ୍ତି ସେମାନଙ୍କ ପାଇଁ ଅନ୍ୟ ବିକଳ୍ପ କିଛି ବି ନାହିଁ। ପୂର୍ବରୁ ଅନେକ ଅଭିଯୋଗ ପରେ ରାସ୍ତା ଅଧା ନିର୍ମାଣ ସରିଛି। ଯଥାପୂର୍ବଂ ତଥାପରମ ରିତୀରେ ଲୋକମାନେ ପ୍ରଶାସନକୁ ଦାୟୀ କରୁଛନ୍ତି କିନ୍ତୁ ପ୍ରଶାସନ ଶୁଣିବା ନା ଧରୁନି। ଗତ ବର୍ଷ ପ୍ରଶାସନ ପକ୍ଷରୁ ଖରିଫ ଧାନ କିଣାବିକା ଆରମ୍ଭ ହେବା ପୂର୍ବରୁ ରାସ୍ତା ମରାମତି ହେବ ବୋଲି କୁହାଯାଇଥିଲା। ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ପାଉଁଶ ଗୁଣ୍ଡ ପକାଇ ପ୍ରଶାସମ କାମ ଶେଷ କରିଦେଇଥିଲା। କିଛି ଦିନ ପରେ ପାଉଁଶ ଗୁଣ୍ଡ ଧୋଇ ହୋଇଯାଇଥିଲା। ଏବେ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଛି। ରାସ୍ତାରେ ଥିବା ଖାଲ ଏବେ ଛୋଟ ଛୋଟ ପୋଖରିରେ ପରଣିତ ହୋଇଛି। ଏହି ରାସ୍ତାରେ ଗଲେ ବହୁ ସତର୍କତା ସହ ଯିବାକୁ ପଡ଼ିବ। ନହେଲେ କେତେବେଳେ ଖାଲ ଭିତରେ ପଡ଼ିଯିବ ତାହା ନିଜେ ମଧ୍ୟ ଜାଣି ପାରିବେନି।

